# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୦/୨୦୨୪ (୧୪ ପୃଷ୍ଠା) | Bhubaneswar, Wednesday, July 10/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 226 | ମୂଲ୍ୟ ₹୭/-




**ବହୁବାର ଧୋକା ଖାଇଛନ୍ତି ଶ୍ୱେତା**

ଟିଭି ଅଭିନେତ୍ରୀ ଶ୍ୱେତା ତିୱାରୀ ତାଙ୍କ ବ୍ୟକ୍ତିଗତ ଜୀବନରେ ବହୁବାର ଧୋକା ଖାଇଛନ୍ତି ବୋଲି ମଙ୍ଗଳବାର ଏକ ସାକ୍ଷାତ୍କାରରେ କହିଛନ୍ତି।

୦୮

୧୨

**ୱିମ୍ବଲଡନ ସେମିରେ ଭେକିକ୍**

କ୍ରୋଏସିଆର ଡୋନା ଭେକିକ୍ ପ୍ରଥମଥରପାଇଁ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।



## ହତ୍ୟାକାରୀ ପୁଟିନ୍‌ଙ୍କୁ ମୋଦିଙ୍କ ଆଲିଙ୍ଗନ ଦୁଃଖଦ: ଜେଲେନ୍‌ସ୍କି

କିଭ୍/ମସ୍କୋ,୯।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ଦିନିଆ ମସ୍କୋ ଗସ୍ତରେ ଯାଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍‌ପୁଟିନ୍‌ଙ୍କୁସାକ୍ଷାତ୍‌କରିବା ଘଟଣାରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୋମବାର ରୁଷିଆ ୟୁକ୍ରେନ ରାଜଧାନୀ କିଭ୍‌ସ୍ଥିତ ଏକ ଶିଶୁ ହସ୍ପିଟାଲ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିବାରୁ ୩ ଛୋଟ ପିଲାଙ୍କ ସମେତ ୩୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣରେ ସ୍କୁଲ୍, ମାର୍ଟେର୍ନିଟି ହସ୍ପିଟାଲ ସମେତ ପ୍ରାୟ ୧୦୦ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଏଭଳି ଦିନରେ ମସ୍କୋରେ ବିଶ୍ୱର ସବୁଠୁ ହତ୍ୟାକାରୀ ଅପରାଧୀଙ୍କୁ ସର୍ବବୃହତ୍ ଗଣତନ୍ତ୍ରର ନେତା ଆଲିଙ୍ଗନ କରିବା ଅତ୍ୟନ୍ତ ଦୁଃଖଦାୟକ ଏବଂ ଶାନ୍ତି ଉଦ୍ୟମ ପ୍ରତି ବଡ଼ ଧକ୍କା ବୋଲି ଜେଲେନ୍‌ସ୍କି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ରୁଷିଆ ରାଷ୍ଟ୍ରପତିଙ୍କୁ ସୋମବାର ତାଙ୍କ ବାସଭବନରେ ସାକ୍ଷାତ୍ କରିବା ସମୟରେ ଉଭୟ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହି ଫଟୋ ଅନ୍‌ଲାଇନରେ ବିପୁଳ ଭାବେ ଶେୟାର କରାଯାଇଛି। ମୋଦି-ପୁଟିନ୍‌ଙ୍କ



ଭୋଲୋଡିମିର ଜେଲେନ୍‌ସ୍କି

ସାକ୍ଷାତ୍ ପରେ ଜେଲେନ୍‌ସ୍କି ଏକ୍ସରେ ଉପରୋକ୍ତ ପ୍ରତିକ୍ରିୟା ପୋଷ୍ଟ କରିଛନ୍ତି।

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠୁ ଚାଲିଥିବା ଯୁଦ୍ଧରେ ଉଭୟ ପକ୍ଷର ଅନେକ ନୀରିହ ଲୋକ ନିହତ ହେଲେଣି। ୟୁକ୍ରେନ୍ ସହ ରୁଷିଆର ଯୁଦ୍ଧ ଲାଗିରହିଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ପୁଣେ ପରେ ମୁମ୍ବାଇ

# ବଡ଼ଠାକୁରଙ୍କୁ ପକାଇଦେଲେ

ପୁରୀ, ୯।୭(ଅଜିତ୍ ମହାନ୍ତି)

ଶ୍ରୀବିଗ୍ରହମାନଙ୍କ ମଙ୍ଗଳବାର ସନ୍ଧ୍ୟାରେ ଆଡ଼ପ ମଣ୍ଡପ ପହଣ୍ଡି ଅନୁଷ୍ଠିତ ହୋଇଛି। ତେବେ ପହଣ୍ଡି ସମୟରେ ରଥ ଉପରେ ଏକ ବଡ଼ଧରଣର ଅଘଟଣ ଘଟିଛି। ବଡ଼ଠାକୁର ବଳଭଦ୍ରଙ୍କୁ ରଥରୁ ପହଣ୍ଡି କରି ଅଣାଯାଉଥିବାବେଳେ ଚାରମାଳ ଉପରେ ସେବାୟତମାନେ ପକାଇ ଦେଇଥିଲେ। କିଛି ସମୟ ପରେ ଠାକୁରଙ୍କୁ ଉଠାଯାଇ ପୁଣି ପହଣ୍ଡି କରି ଜନ୍ମବେଦୀ ବା ଆଡ଼ପ ମଣ୍ଡପକୁ ନିଆଯାଇଛି। ବଡ଼ଠାକୁରଙ୍କ ସେନାପଟା ଲାଗୁଥିବା ପାଟଡୋର ଖସିଯିବାରୁ ଏପରି ଅଘଟଣ ହୋଇଥିବା କୁହାଯାଉଥିବାବେଳେ ଏହାକୁ ନେଇ ଭକ୍ତମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାରେ ୯ ସେବାୟତ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ମଙ୍ଗଳବାର ମୁହିରସ୍ତ ତିନି ରଥରେ ମଙ୍ଗଳାର୍ପଣ କରିବା ପରେ ଆଡ଼ପ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ରାମକୃଷ୍ଣ ଓ ଶ୍ରୀମଦନମୋହନ ମହାଜନ ସେବକଙ୍କ ହସ୍ତରେ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ପରେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ଶେଷ ହେବା ପରେ ବଡ଼ଠାକୁର ବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ବଡ଼ଠାକୁରଙ୍କୁ ଟାହିଆ ଲାଗିବା ପରେ ପତି ମହାପାତ୍ର ଜଳ ଲାଗି ସହ ବନ୍ଦାପନା ନୀତି ସମ୍ପାଦନ କରିଥିଲେ। ନୀତି ସମ୍ପନ୍ନ ସରିବା ପରେ ପହଣ୍ଡି ଆରମ୍ଭ ହୋଇଥିଲା। ଏହି ସମୟରେ ଠାକୁର ଚାରମାଳ ତଳକୁ ମୁହଁ କରି ଖସି ପଡ଼ିଥିଲେ। ସଙ୍ଗେ ସଙ୍ଗେ ଅନ୍ୟ ସେବକ ମାନେ ଡୋର ଲଗାଇବା ସହ ଠାକୁରଙ୍କୁ ଚାରମାଳ ଉପରେ ଠିଆ କରିଥିଲେ। କିଛି ସମୟ ପରେ ପୁନର୍ବାର ପହଣ୍ଡି ଆରମ୍ଭ ହୋଇଥିଲା। ତେବେ ଏହି ଅଘଟଣରେ ଅନେକ ସେବାୟତ ଆହାତ ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଅଘଟଣ ଘଟିବା ପରେ ଅନ୍ୟ ସେବାୟତମାନେ ବଳଭଦ୍ରଙ୍କୁ ପହଣ୍ଡି କରି ଭିତରକୁ ନେଇଛନ୍ତି। ଆଇନମନ୍ତ୍ରୀ ଘଟଣାସ୍ଥଳକୁ ଆସୁଛନ୍ତି। ୭ ରୁ ୯ ଜଣ ସେବାୟତ ଆହତ ହୋଇଛନ୍ତି। ଆହତଙ୍କ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି। ଏନେଇ ପହଣ୍ଡିରେ ସମ୍ପୃକ୍ତ ଥିବା ଜଣେ ସେବାୟତ କହିଛନ୍ତି,ଏଭଳି କେବେ ଘଟି ନ ଥିଲା। ପ୍ରଥମ ଥର ପାଇଁ ଏପରି ଘଟିଛି। ସେନାପଟାରେ ଲାଗିଥିବା ପାଟ ଡୋର ଖସିଯିବାରୁ ଅଘଟଣ ଘଟିଛି। ତେବେ ବଡ଼ ଠାକୁରଙ୍କୁ ଯେଉଁଠାରେ ଟାହିଆ ଲାଗିବା କଥା ତା'ଠାରୁ ଟିକେ ଆଗକୁ ଠାକୁର ଚାଲି ଆସିଥିଲେ, ତେଣୁ ଏଭଳି ଅଘଟଣ ଘଟିଥାଇପାରେ। ସମସ୍ତ ଅଭିଜ୍ଞ ସେବାୟତ ରହିଥିଲେ। ଏହି ଘଟଣା ଅଗଣିତ ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି। ଏପରି ଅଘଟଣ ଆଉ ଯେପରି ☞ପୃଷ୍ଠା-୨









SHOWROOMS: ODISHA: RENAULT SAMBALPUR Ph: 8448890323. RENAULT BHUBANESWAR Ph: 8860076082, RENAULT BHUBANESWAR NORTH Ph: 7428190232. RENAULT BHAWANIPATNA Ph: 9438395880. RENAULT CUTTACK Ph: 9311772648. RENAULT JEYPORE Ph: 9311596618. RENAULT ROURKELA Ph: 8860875802. RENAULT SUNDERGARH Ph: 9311529949.

# ରୁଷିଆ ଭାରତର ସବୁଦିନିଆ ବନ୍ଧୁ: ମୋଦି



ମସ୍କୋ,୯।୭(ପି.ଟି.)

ରୁଷିଆ ସହ ଭାରତର ସମ୍ପର୍କକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ହୃଦୟଭରା ସମର୍ଥନ ଜଣାଇଛନ୍ତି। ରୁଷିଆ ଭାରତର ସବୁଦିନିଆ ବନ୍ଧୁ ବୋଲି ମୋଦି କହିଛନ୍ତି। ଗତ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନେତୃତ୍ୱରେ ଦୁଇଦେଶର ସମ୍ପର୍କ ସୁଦୃଢ଼ ହୋଇଛି। ସେଥିପାଇଁ ମୋଦି ପୁଟିନ୍‌ଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ମସ୍କୋରେ ପ୍ରବାସୀ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ପାରସ୍ପରିକ ଆସ୍ଥା ଓ ସମ୍ମାନର ଦୃଢ଼ ପିଲାର ଉପରେ ଭାରତ-ରୁଷିଆ ସମ୍ପର୍କ ଗଢ଼ିଉଠିଛି। ଏହି ସମ୍ପର୍କ ବହୁବାର ସମୟର କଷଟିରେ ପରୀକ୍ଷିତ ହେବା ସହ ପ୍ରତିଥର ଅଧିକ ସୁଦୃଢ଼ ହୋଇଛି। ୟୁକ୍ରେନ୍ ଯୁଦ୍ଧକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ରୁଷୀୟ ନେତାଙ୍କୁ ଏକଘରକିଆ କରିବାକୁ ଉଦ୍ୟମ ଚଳାଇଥିବାବେଳେ ରୁଷିଆ ସହ ବନ୍ଧୁତ୍ୱ ଓ ପୁଟିନ୍‌ଙ୍କ ନେତୃତ୍ୱକୁ ମୋଦିଙ୍କ ଉଚ୍ଚ ପ୍ରଶଂସା ଚର୍ଚ୍ଚାର ବିଷୟ ହୋଇଛି। ଏବେ ବିଶ୍ୱ ପ୍ରଭାବ ନୁହେଁ ଏକତ୍ର ହେବା ଆବଶ୍ୟକ କରେ, ଯେଉଁ ବାର୍ତ୍ତା ଭାରତଠାରୁ କେହି ଅଧିକ ଭଲ ଭାବେ ଦେଇପାରିବେ ନାହିଁ ବୋଲି ମୋଦି କହିଛନ୍ତି।

ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ଗଣମାଧ୍ୟମକୁ ସମ୍ବୋଧନ କଲାବେଳେ ଭାରତ-ରୁଷିଆ ବାଣିଜ୍ୟିକ ସମ୍ପର୍କ ବିଶେଷ କରି ଇନ୍ଧନ ଟ୍ରେଡ୍‌କୁ ମୋଦି ପ୍ରଶଂସା କରିଥିଲେ। ବିଶ୍ୱ ଇନ୍ଧନ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ରୁଷିଆ ଭାରତର ଏହି ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହୋଇଛି। ଏହା ଭାରତୀୟଙ୍କୁ ଇନ୍ଧନ ଅଭାବ ଓ ଦରଦାମ୍ ବୃଦ୍ଧିରୁ ରକ୍ଷା କରିଛି। ପାଶ୍ଚାତ୍ୟ ଚାପ ସତ୍ତ୍ୱେ ଭାରତ ରୁଷିଆରୁ କ୍ରମାଗତ ଭାବେ ତୈଳ କିଣିଚାଲିଛି। ଭାରତ-ରୁଷିଆ ଇନ୍ଧନ ଚୁକ୍ତି ଅନ୍ତର୍ଜାତୀୟ ବଜାରରେ ସ୍ଥିରତା ଆଣିବାରେ ବଡ଼ ଭୂମିକା ନେଇଥିବା ବିଶ୍ୱ ଗ୍ରହଣ କରିବା ଆବଶ୍ୟକ ବୋଲି ମୋଦି କହିଛନ୍ତି।

## ସେନାରେ ନିୟୋଜିତ ଭାରତୀୟଙ୍କୁ ମୁକ୍ତ କରିବ ରୁଷିଆ

ମସ୍କୋ,୯।୭(ପି.ଟି.)

ରୁଷିଆ ସେନାରେ ସହାୟକ କର୍ମଚାରୀ ଭାବେ ନିୟୋଜିତ ଥିବା ସମସ୍ତ ଭାରତୀୟଙ୍କୁ ମୁକ୍ତ କରାଯିବ। ଯେଉଁ ଭାରତୀୟମାନେ ରୁଷିଆ ସେନାରେ ରହିଯାଇଛନ୍ତି, ସେମାନଙ୍କୁ ଖୁବ୍‌ଶୀଘ୍ର ସ୍ୱଦେଶ ପଠାଇଦିଆଯିବ। ଭାରତୀୟମାନଙ୍କୁ ସେନାରେ ନିଯୁକ୍ତି ଦେବା ବନ୍ଦ କରିବାକୁ ନୂଆଦିଲ୍ଲୀ ଆହ୍ୱାନ ଦେଇଥିବାବେଳେ ମସ୍କୋ ଏଥିରେ ସହମତ ହୋଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗ ଉଠାଇଥିଲେ। ଗତ ମାସରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ରୁଷିଆ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଇଥିଲା। ସେନାରେ କାର୍ଯ୍ୟରତ ଭାରତୀୟମାନଙ୍କୁ ଫେରାଇଦେବା ଲାଗି ମନ୍ତ୍ରଣାଳୟ ଅନୁରୋଧ କରିଥିଲା।

ସୂଚନାଯୋଗ୍ୟ, ରୁଷିଆ ସେନାରେ ନିୟୋଜିତ ୨ ଜଣ ଭାରତୀୟ ଜୁନ୍ ୧୧ରେ ୟୁକ୍ରେନ୍ ଯୁଦ୍ଧରେ ପ୍ରାଣ ହରାଇଥିଲେ। ଏହାକୁ ମିଶାଇ ରୁଷିଆ ସେନାରେ ନିୟୋଜିତ ଥିବା ୪ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଲାଣି। ତେଣୁ ରୁଷିଆ ସେନାରେ ଭାରତୀୟଙ୍କ ନିଯୁକ୍ତି ତୁରନ୍ତ ବନ୍ଦ କରିବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାବି କରିଥିଲା।

## ମୋଦିଙ୍କୁ ରୁଷିଆର ସର୍ବୋଚ୍ଚ ରାଷ୍ଟ୍ରୀୟ ପୁରସ୍କାର

ଭାରତ-ରୁଷିଆ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ଅବଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରୁଷର ସର୍ବୋଚ୍ଚ ରାଷ୍ଟ୍ରୀୟ ପୁରସ୍କାର 'ଦ ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ରିୟୁ ଦ ଆପୋଷ୍ଟଲ'ରେ ସମ୍ମାନିତ କରାଯାଇଛି। କ୍ରେମ୍‌ଲିନର ସେଣ୍ଟ ଆଣ୍ଡ୍ରିୟୁ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ଭାରତବାସୀ ଏବଂ ଭାରତ ଓ ରୁଷ୍ ମଧ୍ୟରେ ଥିବା ପାରମ୍ପରିକ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଉତ୍ସର୍ଗ କରିଛନ୍ତି। ସେ ଆହୁରି କହିଛନ୍ତି, ଏହି ସମ୍ମାନ ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ଏବଂ ବିଶେଷାଧିକାର ପ୍ରାପ୍ତ ରଣନୀତିକ ଭାଗିଦାରୀକୁ ପ୍ରଦର୍ଶିତ କରୁଛି। ୩୦୦ ବର୍ଷ ପୂର୍ବେ ଏହି ପୁରସ୍କାର ଆରମ୍ଭ ହୋଇଥିଲା। ମୋଦି ପ୍ରଥମ ଭାରତୀୟ ନେତା ଭାବେ ଏହି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

## ସଂକ୍ଷେପରେ

### କେଜରିୱାଲଙ୍କୁ ଦିଲ୍ଲୀ କୋର୍ଟଙ୍କ ୱାରେଣ୍ଟ

**ବଡ଼ ଷଡ଼ଯନ୍ତ୍ର: ଆପ୍**

ନୂଆଦିଲ୍ଲୀ, ୯।୭

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିରୋଧରେ ଇଡି ଦାଏର କରିଥିବା ଚାର୍ଜଶିଟ୍‌କୁ ଭିତ୍ତିକରି ମଙ୍ଗଳବାର ତାଙ୍କ ବିରୋଧରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ପ୍ରଡକ୍ସନ ୱାରେଣ୍ଟ ଜାରି କରିଛନ୍ତି। ସ୍ୱତନ୍ତ୍ର ଜଜ୍ କାବେରୀ ବାଓ୍ୱେଜାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି କେଜରିୱାଲ ଓ ଆମ୍ ଆଦମୀ ପାର୍ଟି (ଆପ୍) ବିରୋଧରେ ଏହି ୱାରେଣ୍ଟ ଜାରି କରିଛନ୍ତି। ସେହିପରି ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଆସନ୍ତା ୧୨ରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଇଡି ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ଆପ୍‌କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଥିବାରୁ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଆପ୍ ରାଷ୍ଟ୍ରୀୟ ସମ୍ପାଦକ ପଙ୍କଜ ଗୁପ୍ତା। ଭାଜପା ଯେନତେନ ପ୍ରକାରେ ଷଡ଼ଯନ୍ତ୍ର କରି ଆପ୍‌କୁ ଶେଷ କରିବାକୁ ଚାହୁଁଛି। ଏହି ମାମଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତରେ ଇଡିକୁ ଗୋଟିଏ ବି ପଇସା ମିଳି ନ ଥିବା ପଙ୍କଜ କହିଛନ୍ତି।

### '୧୪ ଉତ୍ପାଦର ବିକ୍ରି ବନ୍ଦ କରିଛୁ'

**ସୁପ୍ରିମକୋର୍ଟଙ୍କୁ ଜଣାଇଲା ପତଞ୍ଜଳି**

ନୂଆଦିଲ୍ଲୀ, ୯।୭

ଯୋଗଗୁରୁ ବାବା ରାମଦେବଙ୍କ କମ୍ପାନୀ ପତଞ୍ଜଳି ନିଜର ୧୪ଟି ଉତ୍ପାଦର ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇଥିବା ନେଇ ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ଜଣାଇଛି। ଗତ ଏପ୍ରିଲରେ କମ୍ପାନୀର ଯେଉଁ ଯେଉଁ ଉତ୍ପାଦର ଲାଇସେନ୍ସକୁ ଉତ୍ତରାଖଣ୍ଡ ରାଜ୍ୟ ଲାଇସେନ୍ସ ପ୍ରାଧିକରଣ ଦ୍ୱାରା ରଦ୍ଦ କରାଯାଇଥିଲା, ସେଗୁଡ଼ିକର ବିକ୍ରି ବନ୍ଦ କରାଯାଇଥିବା ନେଇ ପତଞ୍ଜଳି ସର୍ବୋଚ୍ଚ କୋର୍ଟଙ୍କୁ ସୂଚନା ଦେଇଛି। ଏହି ୧୪ଟି ଉତ୍ପାଦକୁ ପ୍ରତ୍ୟାହାର କରିବାକୁ କମ୍ପାନୀ ନିଜର ୫,୬୦୬ ଫ୍ରାଞ୍ଚାଇଜ୍ ଷ୍ଟୋର୍‌କୁ ନିର୍ଦ୍ଦେଶ ଦେଇଥିବା ଜଷ୍ଟିସ୍ ହିମା କୋହଲି ଓ ସନ୍ଦିପ ମେହଟ୍ଟାଙ୍କ ଗଠିତ ଖଣ୍ଡପୀଠଙ୍କୁ ଜଣାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩୦ରେ ହେବ।

## ଆପରାଧିକ ଆଇନରେ ସଂଶୋଧନ କରିପାରିବ ରାଜ୍ୟ



ପି. ଚିଦାମ୍ବରମ୍

ନୂଆଦିଲ୍ଲୀ,୯।୭(ପି.ଟି.)

ଆପରାଧିକ ଆଇନ କେନ୍ଦ୍ର ଏବଂ ରାଜ୍ୟର ଯୌଥ ତାଲିକାରେ ରହିଥିବାରୁ ଏଥିରେ ସଂଶୋଧନ କରିବା କ୍ଷମତା ରାଜ୍ୟ ବିଧାନସଭାର ରହିଛି ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ମଙ୍ଗଳବାର କହିଛନ୍ତି। କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିବା ୩ ନୂଆ ଆପରାଧିକ ଆଇନରେ ରାଜ୍ୟ ପାଇଁ ଉଦ୍ଦିଷ୍ଟ ସଂଶୋଧନ ଆଣିବା ନିମନ୍ତେ ପ୍ରସ୍ତାବ ଦେବା ପାଇଁ ତାମିଲନାଡୁ ସରକାର କମିଟି ଗଠନ ନିଷ୍ପତ୍ତି ନେଇଥିବାରୁ ଚିଦାମ୍ବରମ୍ ଏହାକୁ ସ୍ୱାଗତ କରିଛନ୍ତି। ଚଳିତ ମାସ ୧ ତାରିଖରେ କାର୍ଯ୍ୟକାରୀ ହୋଇଥିବା ନୂଆ ଆପରାଧିକ ଆଇନକୁ କେବଳ ତାମିଲନାଡୁ ନୁହେଁ ବିଭିନ୍ନ ରାଜ୍ୟରେ ଦୃଢ଼ ବିରୋଧ କରାଯାଇଛି। ଏହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଷୟ ହୋଇଥିବାରୁ ରାଜ୍ୟ ବିଧାନସଭା ଏଥିରେ ସଂଶୋଧନ ଆଣିବାକୁ ସକ୍ଷମ। ତାମିଲନାଡୁ ସରକାର ଗଠନ କରିଥିବା କମିଟି ଏଥିପାଇଁ ବିଚାରପତି, ଆଇନଜୀବୀ, ପୋଲିସ, ଆଇନ ଶିକ୍ଷକ, ବିଦ୍ୱାନ ଓ ମାନବାଧିକାର କର୍ମୀଙ୍କ ସହ ପରାମର୍ଶ କରିବାକୁ ଚିଦାମ୍ବରମ୍ ପରାମର୍ଶ ଦେଇଛନ୍ତି।



ଉତ୍ତରପ୍ରଦେଶର ପିଲିଭିଟ୍‌ରେ ବନ୍ୟା ଯୋଗୁ ରାସ୍ତାରେ ଅଣ୍ଟାଏ ପାଣିର ସୁଅ ଛୁଟିଛି। ଲୋକେ ପାଣିରେ ବୁଡ଼ିଥିବା ରାସ୍ତାରେ ଯାତାୟତ କରୁଛନ୍ତି।

## ହାଥ୍‌ରସ୍ ଦଳାଚକଟା ଆୟୋଜକଙ୍କ ପରିଚାଳନାଗତ ତ୍ରୁଟି: ଏସ୍‌ଆଇଟି

ଲକ୍ଷ୍ନୌ,୯।୭

ଉତ୍ତରପ୍ରଦେଶର ହାଥ୍‌ରସ୍ ଜିଲା ଫୁଲରାଇ ଗ୍ରାମରେ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଦଳାଚକଟା ଘଟି ୧୨୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଆୟୋଜକଙ୍କ ପରିଚାଳନାଗତ ତ୍ରୁଟିରୁ ଦଳାଚକଟା ଘଟିଲା ବୋଲି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଏହାର ରିପୋର୍ଟରେ କହିଛି। ଉକ୍ତ ରିପୋର୍ଟ ଆଧାରରେ ୟୁପି ସରକାର ଏସ୍‌ଡିଏମ୍, ସର୍କଲ ଅଫିସର, ତହସିଲଦାରଙ୍କ ସମେତ ୬ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ତେବେ ଦଳାଚକଟା ଘଟଣା ପଛରେ ଷଡ଼ଯନ୍ତ୍ର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଏସ୍‌ଆଇଟି କହିଛି। ଦଳାଚକଟା ପାଇଁ ଆୟୋଜକଙ୍କୁ ଦାୟୀ କରାଯାଇଛି।

## ଭିନ୍ନକ୍ଷମ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇ ନ ଥିବାରୁ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୯।୭

ଭିନ୍ନକ୍ଷମ ଆଇନର ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ବିଫଳତାକୁ ନେଇ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ୨୦୦୯ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଶତ ପ୍ରତିଶତ ଦୃଷ୍ଟିହୀନ ପ୍ରାର୍ଥୀଙ୍କୁ ୩ ମାସ ମଧ୍ୟରେ ନିଯୁକ୍ତି ଦେବାକୁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ପିଡବ୍ଲ୍ୟୁଡି ଆଇନ, ୧୯୯୫ର ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରା ନ ଯିବା ଭାରତ ସରକାରଙ୍କ ବଡ଼ ତ୍ରୁଟି ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ପଙ୍କଜ ମିଥଲଙ୍କ ଖଣ୍ଡପୀଠ କହିଛନ୍ତି। ଫଳରେ ଆଇନର ଲକ୍ଷ୍ୟ ପୂରଣ ହୋଇପାରି ନାହିଁ ଏବଂ ଯୋଗ୍ୟ ଭିନ୍ନକ୍ଷମ ପ୍ରାର୍ଥୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଯଦି ଆଇନ କାର୍ଯ୍ୟକାରୀ କରିଥାନ୍ତେ, ତେବେ ଆବେଦନକାରୀଙ୍କୁ ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ପଡ଼ି ନ ଥାନ୍ତା ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ୧୦୦% ଭିନ୍ନକ୍ଷମ ପ୍ରାର୍ଥୀ ପଙ୍କଜ କୁମାର ଶ୍ରୀବାସ୍ତବ ୨୦୦୮ରେ ସିଭିଲ ସର୍ଭିସ ପରୀକ୍ଷା ଦେଇଥିଲେ। ସେ ଲିଖିତ ପରୀକ୍ଷା ଓ ସାକ୍ଷାତ୍‌କାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏବଂ ସ୍ୟାଟ୍‌ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କୁ ନିଯୁକ୍ତି ନିଆଯାଇ ନ ଥିଲା।

## ମୁମ୍ବାଇ ହିଟ୍ ଆଣ୍ଡ୍ ରନ୍: ଅଭିଯୁକ୍ତ ମିହିର ଗିରଫ

ମୁମ୍ବାଇ, ୯।୭



ମିହିର ଶାହ

ମୁମ୍ବାଇର ୱର୍ଲି ହିଟ୍ ଆଣ୍ଡ୍ ରନ୍ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଶିବସେନା ନେତା ରାଜେଶ ଶାହାଙ୍କ ପୁଅ ମିହିର ଶାହା(୨୪) ମଙ୍ଗଳବାର ଗିରଫ ହୋଇଛନ୍ତି। ଫେରାର ହେବାର ୭୨ ଘଣ୍ଟା ପରେ ମିହିରଙ୍କୁ ୱର୍ଲି ପୋଲିସ ମୁମ୍ବାଇଠାରୁ ୬୫ କି.ମି. ଦୂର ପାଲଘର ଜିଲା ବୀରାର ସହରର ଏକ ଆପାର୍ଟମେଣ୍ଟରୁ ଗିରଫ କରିଛି। ସେହିପରି ଏହି ମାମଲାରେ ମିହିରଙ୍କ ମା' ଓ ୨ ଭଉଣୀଙ୍କ ସହ ସମୁଦାୟ ୧୨ ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ୭୨ ଘଣ୍ଟା ଧରି ମିହିରଙ୍କୁ ଲୁଚାଇ ରଖିବାରେ ତାଙ୍କ ମା' ଓ ୨ ଭଉଣୀଙ୍କର ହାତ ଥିବା ପୋଲିସ ସନ୍ଦେହ କରୁଛି। ମିହିରଙ୍କ ବିରୋଧରେ ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୫,୧୨୫-ବି,୨୩୮, ୩୨୪(୪) ଅନୁଯାୟୀ ମାମଲା ରୁଜୁ କରିଛି। ସେହିପରି ତାଙ୍କ ବିରୋଧରେ ମୋଟର ଭେଇକିଲ୍ ଆକ୍ଟର ୧୮୪, ୧୩୧ଏ, ୧୩୪ବି, ୧୮୭ ଅନୁଯାୟୀ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇବା ପୂର୍ବରୁ ମିହିର ମଦ ପିଇଥିବା ଜୁହୁର ଗ୍ଲୋବାଲ ଟୋପାସ୍ ବାର୍‌କୁ ମଙ୍ଗଳବାର ସିଲ୍ କରାଯାଇଛି। ଅବକାରୀ ବିଭାଗର ନିୟମ ଉଲ୍ଲଂଘନ ହୋଇଥିବା ମାମଲା ସାମ୍ନାକୁ ଆସିବା ପରେ ଉକ୍ତ ବାର୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନାଯୋଗ୍ୟ, ରବିବାର ମୁମ୍ବାଇର ୱର୍ଲିରେ ମିହିର ତାଙ୍କ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଇ ଏକ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲେ। ସ୍କୁଟିରେ ଥିବା ଦମ୍ପତି ରାଜେଶ ପ୍ରଦିପ ନକ୍‌ଭା ଓ ତାଙ୍କ ସ୍ତ୍ରୀ କାବେରୀ ନକ୍‌ଭା ଗୁରୁତର ଭାବେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲରେ କାବେରୀଙ୍କର ମୃତ୍ୟୁ ଘଟିଥିଲା।

**ଜୁହୁସ୍ଥିତ ଭାଇସ୍ ଗ୍ଲୋବାଲ ଟୋପାସ୍ ବାର୍ ସିଲ୍**

## ଉତ୍ତର ଭାରତରେ କମୁଛି ଭୂତଳ ଜଳ

ହାଇଦ୍ରାବାଦ, ୯।୭

୨୦୦୨ରୁ ୨୦୨୧ ପର୍ଯ୍ୟନ୍ତ ଉତ୍ତର ଭାରତରେ ୪୫୦ ଘନ କି.ମି. ଭୂତଳ ଜଳ କମ୍ ହୋଇଥିବା ନେଇ ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ଜିଓଫିଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍(ଏନ୍‌ଜିଆର୍‌ଆଇ)ର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଛି। ଉତ୍ତର ଭାରତରେ ହ୍ରାସ ପାଇଥିବା ଏହି ଭୂତଳ ଜଳ ଦେଶର ବୃହତ୍ତମ ଜଳ ଭଣ୍ଡାର ଇନ୍ଦିରା ସାଗର ଡ୍ୟାମର କ୍ଷମତାଠାରୁ ୩୭ ଗୁଣା ଅଧିକ ଥିବା ଅଧ୍ୟୟନର ମୁଖ୍ୟ ଗବେଷକ ବିମଳ ମିଶ୍ରା କହିଛନ୍ତି। ସେହିପରି ଜଳବାୟୁ ପରିବର୍ତ୍ତନ ଯୋଗୁ ଆଗାମୀ ବର୍ଷଗୁଡ଼ିକରେ ଭାରତରେ ଭୂତଳ ଜଳର ସ୍ତର ଆହୁରି ହ୍ରାସ ପାଇବ ବୋଲି ଏହି ଅଧ୍ୟୟନ କହିଛି।



୧୯୫୧ରୁ ୨୦୨୧ ମଧ୍ୟରେ ମୌସୁମୀ ଋତୁ(ଜୁନ୍‌ରୁ ସେପ୍ଟେମ୍ବର) ସମୟରେ ଉତ୍ତର ଭାରତରେ ହୋଇଥିବା ବର୍ଷାର ପରିମାଣରେ ୮.୫% ହ୍ରାସ ଘଟିଛି। ସେହିପରି ଏହି ଅବଧି ମଧ୍ୟରେ ଶୀତ ଋତୁ(ନଭେମ୍ବରରୁ ଫେବୃଆରୀ)ର ହାରାହାରି ତାପମାତ୍ରା ୦.୩ ଡିଗ୍ରୀ ବୃଦ୍ଧି ପାଇଛି। ମୌସୁମୀ ଋତୁରେ କମ୍ ବର୍ଷା ଓ ଶୀତ ଋତୁରେ ତାପମାତ୍ରା ବୃଦ୍ଧି କାରଣରୁ ଉତ୍ତର ଭାରତରେ ଜଳସେଚନର ଆବଶ୍ୟକତା ବୃଦ୍ଧି ପାଇଛି, ଯାହାଦ୍ୱାରା ଭୂତଳ ଜଳର ପରିମାଣରେ ହ୍ରାସ ଘଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷାର ପରିମାଣରେ ବୃଦ୍ଧି ଘଟୁଥିଲେ ମଧ୍ୟ ଏହାର ଅଧିକାଂଶ ଭାଗ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ନଷ୍ଟ ହୋଇଯାଉଛି। ଫଳରେ ଏହା ଭୂତଳ ଜଳ ଭରିବାରେ ସହାୟକ ହୋଇପାରୁ ନ ଥିବା ଅଧ୍ୟୟନର ମୁଖ୍ୟ ଗବେଷକ ବିମଳ ମିଶ୍ରା କହିଛନ୍ତି। ତେଣୁ ଆଗାମୀ ସମୟରେ ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକ ଜଳ ସଙ୍କଟ ପରିସ୍ଥିତିକୁ ସାମ୍ନା କରିବାର ସମ୍ଭାବନା ଥିବା ସେ କହିଛନ୍ତି।

**୨ ଦଶନ୍ଧିରେ ୪୫୦ ଘନ କି.ମି.**

## ଫୁର୍‌ସତ୍

## ୭୫ ଲକ୍ଷର ସବୁଠୁ ଦାମୀ କୀଟ

ଲଣ୍ଡନ

ଲୋକମାନେ ସାଧାରଣତଃ ନିଜ ଘରୁ କୀଟଙ୍କୁ ମାରିବା ପାଇଁ ଅନେକ ପଦ୍ଧତି ଆପଣାଇଥାନ୍ତି। କିନ୍ତୁ ଷ୍ଟାଗ୍ ବିଟଲ ନାମକ ଏକ କୀଟକୁ ଅନେକ କେବଳ ନିଜ ଘରେ ରଖିବାକୁ ଚାହୁଁ ନାହାନ୍ତି ବରଂ ଏହାକୁ ଅଧିକ ମୂଲ୍ୟରେ କିଣିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରୁଛନ୍ତି। ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ କିଣା ଯାଉଥିବା ଷ୍ଟାଗ୍ ବିଟଲ ବିଶ୍ୱର ସବୁଠାରୁ ଦାମୀ କୀଟ ହୋଇପାରିଛି। କେତେକ ବିଶେଷତା ଯୋଗୁ ଲୋକମାନେ ଏହି କୀଟକୁ ମହଙ୍ଗା ମୂଲ୍ୟରେ କିଣିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି।

ଉଷ୍ମ ଜଳବାୟୁରେ ବଢୁଥିବା ଏହି



ବିରଳ ପ୍ରଜାତିର କୀଟଙ୍କୁ ଭାଗ୍ୟର ପ୍ରତୀକ ଭାବରେ ବିବେଚନା କରାଯାଏ। କେତେକ ବିଶ୍ୱାସ କରନ୍ତି ଯେ, ଏହି କୀଟକୁ ରଖିବା ଦ୍ୱାରା ଘରେ ରାତାରାତି ଧନ ବୃଦ୍ଧି ପାଇଥାଏ। ସେହିପରି ଷ୍ଟାଗ୍ ବିଟଲ ପ୍ରଜାତିର କୀଟଙ୍କୁ ଔଷଧ ପ୍ରସ୍ତୁତିରେ ମଧ୍ୟ ବ୍ୟବହାର କରାଯାଇଥାଏ। ତେଣୁ ଏହି କୀଟକୁ ଲୋକମାନେ ଅତ୍ୟଧିକ ମୂଲ୍ୟରେ କିଣିବାକୁ କୁଣ୍ଠାବୋଧ କରନ୍ତି ନାହିଁ।

ଲଣ୍ଡନର ପ୍ରାକୃତିକ ଇତିହାସ ସଂଗ୍ରହାଳୟର ତଥ୍ୟ ଅନୁଯାୟୀ, 'ଷ୍ଟାଗ୍ ବିଟଲ'ର ଓଜନ ୨ରୁ ୬ ଗ୍ରାମ୍ ହୋଇଥିବାବେଳେ ସେମାନଙ୍କର ହାରାହାରି ଆୟୁ ୩ରୁ ୭ ବର୍ଷ ହେବ। ପୁରୁଷ ଷ୍ଟାଗ୍ ବିଟଲଗୁଡିକର ଲମ୍ବ ୩୫ରୁ ୭୫ ମିଲିମିଟର ହୋଇଥିବାବେଳେ ମହିଳା ଷ୍ଟାଗ୍ ବିଟଲଙ୍କର ଲମ୍ବ ୩୦ରୁ ୫୫ ମିଲିମିଟର ହେବ। ସାଧାରଣତଃ ଷ୍ଟାଗ୍ ବିଟଲ ପ୍ରଜାତିର କୀଟ ଗରମ ପରିବେଶ ସହ ଖାପ ଖାଇପାରୁଥିବାବେଳେ ଏହା ଥଣ୍ଡା ଜଳବାୟୁ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ରହିଥାଏ। ଏହି କୀଟଗୁଡ଼ିକୁ ସାଧାରଣତଃ ଜଙ୍ଗଲରେ ଦେଖିବାକୁ ମିଳିଥାଏ। ତେବେ ସେମାନଙ୍କୁ ସହରାଞ୍ଚଳରେ ପ୍ରଚୁର ଶୁଖିଲା କାଠ ମହଜୁଦ ଥିବା ପାରମ୍ପରିକ ବଗିଚା ଓ ପାର୍କରେ ମଧ୍ୟ ଦେଖିବାକୁ ମିଳିଥାଏ। ଯେହେତୁ ଏହି ପ୍ରଜାତିର କୀଟ କେବଳ ମୃତ କାଠ ଖାଇଥାନ୍ତି, ତେଣୁ ଏହା କୌଣସି ଜୀବନ୍ତ ଗଛ ପାଇଁ ବିପଦ ସୃଷ୍ଟି କରି ନ ଥାନ୍ତି। 'ଷ୍ଟାଗ୍ ବିଟଲ'ର ବିରଳତା, ଏହାର ପରିବେଶଗତ ଗୁରୁତ୍ୱ ଓ ସେମାନଙ୍କୁ ନେଇ ରହିଥିବା ସାଂସ୍କୃତିକ ବିଶ୍ୱାସର ମିଶ୍ରଣ ଯୋଗୁ ଏହି ପ୍ରଜାତିର କୀଟଙ୍କୁ ଅତ୍ୟନ୍ତ ମୂଲ୍ୟବାନ ମନେ କରାଯାଇଥାଏ, ଯାହାର ବଜାର ମୂଲ୍ୟ ୭୫ ଲକ୍ଷ ଟଙ୍କାରେ ପହଞ୍ଚିବାକୁ ସକ୍ଷମ ହୋଇଛି।

## ସୁରଟ୍‌ର ସିଙ୍ଗର ଚା' ବାଲା



ସୁରଟ

ସୁରଟ୍‌ର ବିଜୟଭାଇ ପଟେଲ ନାମକ ଜଣେ ଚା' ବିକ୍ରେତା ସ୍ଥାନୀୟ ଅଞ୍ଚଳରେ 'ସିଙ୍ଗର ଚା' ବାଲା' ଭାବରେ ବେଶ୍ ପରିଚିତ। ଅନେକ ବର୍ଷ ଧରି ବିଜୟଭାଇ ଚା' ବିକ୍ରି କରୁଥିବାବେଳେ ମାଇକ୍ ଲଗାଇ କିଶୋର କୁମାରଙ୍କ ଗୀତଗୁଡ଼ିକୁ ନିଜ ସୁମଧୁର ସ୍ୱରରେ ଗାଇବା ସହ ତାଙ୍କ ଷ୍ଟଲ୍‌ରେ ଉପସ୍ଥିତ ଥିବା ଗ୍ରାହକଙ୍କୁ ମନୋରଞ୍ଜନ ଯୋଗାଇଆସୁଛନ୍ତି।

## ବାଲ୍‌କୋନି ଭଡ଼ା ୮୧ ହଜାର

ସିଡନୀ

ଫେସ୍‌ବୁକ୍ ମାର୍କେଟପ୍ଲେସ୍ ପ୍ଲାଟ୍‌ଫର୍ମରେ, ଅଷ୍ଟ୍ରେଲିଆର ସିଡ୍‌ନୀ ସହରର ହେୟମାର୍କେଟ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟର ବାଲ୍‌କୋନିକୁ ବିକ୍ରି କରିବା ପାଇଁ ସମ୍ପୃକ୍ତ ଆପାର୍ଟମେଣ୍ଟ ମାଲିକ ଏକ ବିଜ୍ଞାପନ ଜାରି କରିଛନ୍ତି। ସବୁ ପାର୍ଶ୍ୱରେ କାଚ ଦ୍ୱାରା ଘେରି ରହିଥିବା ଏହି ବାଲ୍‌କୋନିକୁ ଏକ ସ୍ୱତନ୍ତ୍ର କୋଠରି ଭାବରେ ଏହି ବିଜ୍ଞାପନରେ ଦର୍ଶାଯାଇଛି। ଆପାର୍ଟମେଣ୍ଟ ମାଲିକ ଏହି ବିଜ୍ଞାପନରେ ଲେଖିଛନ୍ତି, ବାଲ୍‌କୋନିଟି ସମ୍ପୂର୍ଣ୍ଣ ଭାବେ ଏକ କୋଠରି ରୂପେ ପ୍ରସ୍ତୁତ ହୋଇ ସାରିଛି। ଜଣେ ବ୍ୟକ୍ତି ଆରାମରେ ରହିବା ପାଇଁ ଏହି ସ୍ୱତନ୍ତ୍ର କୋଠରୀ ଉପଯୁକ୍ତ ହୋଇଥିବା ସେ କହିଛନ୍ତି। ବିଜ୍ଞାପନଟି ସୋସିଆଲ ମିଡିଆ



ପ୍ଲାଟ୍‌ଫର୍ମ ଏକ୍ସ'ରେ ଭାଇରାଲ ହେବାରେ ଲାଗିଛି ଯାହା ଅନେକ ୟୁଜର୍ସଙ୍କୁ ଚକିତ କରିଛି। ବିଜ୍ଞାପନରେ ଉକ୍ତ ଆପାର୍ଟମେଣ୍ଟ ମାଲିକ ଏହି ବାଲ୍‌କୋନିର ଭଡା ମାସିକ ୯୬୯ ଡଲାର(ପ୍ରାୟ ୮୧ ହଜାର ଟଙ୍କା) ହୋଇଥିବା ଦର୍ଶାଇଛନ୍ତି। ଏଥିପାଇଁ ଗ୍ରାହକଙ୍କୁ ସାପ୍ତାହିକ ଭଡା ଦେବାକୁ ପଡିବ ବୋଲି ସେ କହିଛନ୍ତି ।

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୦/୨୦୨୪ | Bhubaneswar, Wednesday, July 10/2024 | ପୃଷ୍ଠା-୧


# ଦାରା ସିଂ: ସୁପ୍ରିମକୋର୍ଟ ମାଗିଲେ ରାଜ୍ୟର ମତ

**ଗ୍ରାହାମ୍ ଷ୍ଟେନ୍ସ ହତ୍ୟା ମାମଲାରେ କ୍ଷମା ଆବେଦନ**

ନୂଆଦିଲ୍ଲୀ,୯।୭

ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ୍ ଷ୍ଟେନ୍ସ ଓ ତାଙ୍କ ୨ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡାଦେଶ ଭୋଗୁଥିବା ରବୀନ୍ଦ୍ର କୁମାର ପାଲ୍ ଓରଫ ଦାରା ସିଂ ଜେଲରୁ ଆଗୁଆ ମୁକୁଳିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ୨୪ ବର୍ଷ ପୂର୍ବେ ଘଟାଇଥିବା ନିଜ ଅପରାଧ ପାଇଁ ଦାରା ସିଂ 'ଅନୁତପ୍ତ'। ତେଣୁ ଦାରାଙ୍କୁ ରେମିଶନ୍ (ଜେଲରୁ ଆଗୁଆ ମୁକ୍ତି) ସୁଯୋଗ ଦିଆଯାଉ ବୋଲି ତାଙ୍କ ଓକିଲ ବିଷ୍ଣୁଶଙ୍କର ଜୈନ ସର୍ବୋଚ୍ଚ ଅଦାଲତରେ ଏକ ରିଟ୍ ପିଟିଶନ ଦାଖଲ କରିଛନ୍ତି। ଜଷ୍ଟିସ୍ ହୃଷୀକେଶ ରାୟ ଏବଂ ଏସ୍‌ଭିଏନ୍ ଭଟ୍ଟି ଏନେଇ ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ମଙ୍ଗଳବାର ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୧୯୯୯ ଜାନୁୟାରୀ ୨୨ରେ ଖ୍ରୀଷ୍ଟିଆନ୍ ଧର୍ମପ୍ରଚାରକ ଗ୍ରାହାମ୍ ଷ୍ଟେନ୍ସ ମୟୂରଭଞ୍ଜ ଓ କେନ୍ଦୁଝର ସୀମାନ୍ତ ଜଙ୍ଗଲରେ ଆୟୋଜିତ ଏକ ଶିବିରରେ ଯୋଗଦେଇଥିଲେ। ଗ୍ରାହାମ୍‌ଙ୍କ ସ୍ତ୍ରୀ ଗ୍ଲାଇଡିସ୍ ଓ ଝିଅ ଏଷ୍ଟେର ବାରିପଦାରେ ଥିଲେ। କିନ୍ତୁ ଛୁଟି କାଟିବାକୁ ଉଟିରୁ ଆସିଥିବା ନିଜ ୨ ପୁଅ ଫିଲିପ୍ (୧୦) ଓ ଟିମୋଥି (୬) ବାପାଙ୍କ ସହ ଯାଇଥିଲେ। ୩ ଜଣ ସେଠାରୁ ଫେରିବାବେଳେ ଶୀତ ହେଉଥିବାରୁ କେନ୍ଦୁଝର ଜିଲା ମନୋହରପୁରରେ ଗାଡ଼ି ଭିତରେ ରାତ୍ରିଯାପନ କରିଥିଲେ। ସେମାନେ ଷ୍ଟେଶନ ୱାଗନ୍ ଗାଡ଼ିରେ ଶୋଇଥିବାବେଳେ କେତେଜଣ ବ୍ୟକ୍ତି ବର୍ଚ୍ଛା, କୁରାଢ଼ି ଓ ଅନ୍ୟ ମାରଣାସ୍ତ୍ର ଧରି ଗାଡ଼ି ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏତିକିରେ ଥମି ନ ଥିଲା ବର୍ବରତା। ସେମାନେ ଗାଡ଼ିରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଗ୍ରାହାମ୍ ଓ ତାଙ୍କ ୨ ପୁଅ ଜୀବନ ବଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଉତ୍ୟକ୍ତ ଆକ୍ରମଣକାରୀମାନେ 'ଜୟ ବଜରଙ୍ଗୱଲୀ' ସ୍ଲୋଗାନ ଦେଇ ସେମାନଙ୍କୁ ବାହାରିବାକୁ ଦେଇ ନ ଥିଲେ। ଫଳରେ ୩ ଜଣଯାକ ଜଳିଯାଇ ପ୍ରାଣ ହରାଇଥିଲେ। ଏକ ହିନ୍ଦୁବାଦୀ ସଙ୍ଗଠନରେ ସାମିଲ ଥିବା ଉତ୍ତର ପ୍ରଦେଶ ଇଟାୱା ଜିଲାର ଦାରା ସିଂ ଏହି ଆକ୍ରମଣକାରୀଙ୍କ ନେତୃତ୍ୱ ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସେତେବେଳେ ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ଅନ୍ତର୍ଜାତୀୟ ସମୁଦାୟ ଓ ମାନବ ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ଏହାର ଦୃଢ଼ ନିନ୍ଦା କରିଥିଲେ। ୨୦୦୦ ମସିହା ଜାନୁୟାରୀ ୩୧ରେ ଦାରା ସିଂ ଗିରଫ ହୋଇଥିଲେ। ମୟୂରଭଞ୍ଜ ଜିଲା ☞ପୃଷ୍ଠା-୨



ଗ୍ରାହାମ୍ ଷ୍ଟେନ୍ସଙ୍କ ସହ ପୁଅ ଫିଲିପ୍ ଓ ଟିମୋଥି।



ଦାରା ସିଂ

# ଆଜି କ୍ୟାବିନେଟ୍

ଭୁବନେଶ୍ୱର,୯।୭(ଅନିଲ ଦାସ)

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଲୋକସେବା ଭବନରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମୋଟ ୫ଟି ପ୍ରସ୍ତାବ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅର୍ଥାତ୍ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବାକୁ ଘୋଷଣା କରିଛନ୍ତି। କ୍ୟାବିନେଟ୍‌ରେ ସୁଭଦ୍ରା ଯୋଜନା ପାଇଁ ପ୍ରସ୍ତୁତ ଗାଇଡ୍‌ଲାଇନକୁ ଅନୁମୋଦନ ମିଳିପାରେ। ଏହାଛଡ଼ା ଜଳସମ୍ପଦ, ସଂସଦୀୟ ବ୍ୟାପାର, ମହିଳା ଓ ଶିଶୁ ବିକାଶ, କୃଷି ବିଭାଗ ସମେତ ଅନ୍ୟ କିଛି ବିଭାଗର ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ତେବେ କ୍ୟାବିନେଟ୍‌ରେ ଉପସ୍ଥାପନ ହେବାକୁ ଥିବା ପ୍ରସ୍ତାବଗୁଡ଼ିକୁ ଗୁପ୍ତ ରଖାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାଜପା ଓଡ଼ିଶାରେ କ୍ଷମତାକୁ ଆସିବା ପରେ ଜୁନ୍ ୧୨ ତାରିଖରେ ପ୍ରଥମ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସୁଭଦ୍ରା ଯୋଜନା ସମେତ କୃଷକ ସମୃଦ୍ଧି ଯୋଜନା, ଶ୍ରୀଜଗନ୍ନାଥ ମନ୍ଦିର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ ଗଠନ ଏବଂ କୃଷକମାନଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ବୋନସ ଦେବା ଆଦି ୪ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା।

# ୧୪ରେ ରତ୍ନଭଣ୍ଡାର ଖୋଲିପାରେ

## ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ମଙ୍ଗଳବାର ରତ୍ନଭଣ୍ଡାର ଯାଞ୍ଚ କମିଟି ବୈଠକରେ ଆପାତତଃ ନିଷ୍ପତ୍ତି ନିଆଯାଇଛି ଯେ, ଆସନ୍ତା ରବିବାର ଜୁଲାଇ ୧୪ରେ ରତ୍ନଭଣ୍ଡାର ଖୋଲାଯିବ। କମିଟିର ଏହି ସୁପାରିସ ରାଜ୍ୟ ସରକାରଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯିବ। ଯଦି ଏହା ଗୃହୀତ ହୁଏ, ତେବେ ୩ ଠାକୁରଙ୍କ ଅନୁପସ୍ଥିତିରେ ତାଙ୍କ ରତ୍ନଭଣ୍ଡାର ଖୋଲାଯିବାର ସମ୍ଭାବନା ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ବର୍ଷ ବାହୁଡ଼ା ଆସନ୍ତା ସୋମବାର ୧୫ ତାରିଖ ଦିନ ଅନୁଷ୍ଠିତ ହେବ।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ହାଇକୋର୍ଟର ପୂର୍ବତନ ବିଚାରପତି ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ ଜଣିଆ ସଦସ୍ୟ ଉପସ୍ଥିତ ରହି ରତ୍ନଭଣ୍ଡାର ଖୋଲିବା ନେଇ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାୟ ଦୁଇଘଣ୍ଟାର ରୁଦ୍ଧଦ୍ୱାର ବୈଠକରେ ରତ୍ନଭଣ୍ଡାର ଖୋଲିବା, ରତ୍ନ ଅଳଙ୍କାର ଗଣତିମଣତି କରିବା ଓ ରତ୍ନଭଣ୍ଡାର ମରାମତି କରିବା ଦିଗରେ ବିସ୍ତୃତ ଆଲୋଚନା କରାଯାଇ ଏସ୍‌ଓପି ପ୍ରସ୍ତୁତ ହୋଇଛି। ଏହାକୁ ପରିଚାଳନା କମିଟି ଏବଂ ପରେ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ। ତେବେ ଡୁପ୍ଲିକେଟ୍ ଚାବି ଦ୍ୱିତୀୟ ବୈଠକରେ ଉପସ୍ଥାପନ କରାଯିବାକୁ ପ୍ରଥମ ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଚାବି ଉପସ୍ଥାପନ ହୋଇପାରି ନ ଥିଲା। ଏହାସତ୍ତ୍ୱେ ଆସନ୍ତା ୧୪ ତାରିଖରେ ରତ୍ନଭଣ୍ଡାର ଖୋଲାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବୃତ୍ତାନ୍ତ ସମସ୍ତ ଏସଓପିକୁ ପରିଚାଳନା କମିଟି ମୋହର ମାରି ରାଜ୍ୟ ସରକାରଙ୍କ ଅନୁମୋଦନ ଲୋଡ଼ିବାପରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଆସନ୍ତା ୧୯ତାରିଖରେ ମହାପ୍ରଭୁ ନୀଳାଦ୍ରିବିଜେ ପୂର୍ବକ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପରେ ଯେପରି ନୀତିକାନ୍ତିରେ ବ୍ୟାଘାତ ନ ହେବ ଓ ଭକ୍ତଙ୍କ ଦର୍ଶନରେ ଅସୁବିଧା ନ ହେବ ସେନେଇ ମଧ୍ୟ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ୧୯୭୮ ମସିହାରେ ରତ୍ନଗଣତି ରିପୋର୍ଟ ଆଧାରରେ ରତ୍ନଗଣତି ହେବା ସହ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ରତ୍ନ ଅଳଙ୍କାର ଗଣତିମଣତି କରାଯିବ। ସେହିପରି ୨୦୧୮ରୁ ରତ୍ନଭଣ୍ଡାରସ୍ଥିତି ବିପଦଜ୍ଜନକ ରହିଥିବାରୁ ଏଏସ୍‌ଆଇ ଅଧିକାରୀଙ୍କ ସହ ମରାମତି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରି ସ୍ୱତନ୍ତ୍ର ଏସ୍‌ଓପି ଯାଞ୍ଚ କମିଟି ପ୍ରସ୍ତୁତ କରିଛି। ☞ପୃଷ୍ଠା-୨

# ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆ କୋଚ୍

ନୂଆଦିଲ୍ଲୀ,୯।୭(ପି.ଟି.)



ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଗୌତମ ଗମ୍ଭୀରଙ୍କୁ ମଙ୍ଗଳବାର ନିଯୁକ୍ତି ମିଳିଛି। ବିସିସିଆଇ ସମ୍ପାଦକ ଜୟ ଶାହା ତାଙ୍କ ନିଯୁକ୍ତି ସମ୍ପର୍କରେ ସୋସିଆଲ ମିଡିଆ ସାଇଟ ଏକ୍ସରେ ପୋଷ୍ଟ କରି ସ୍ପଷ୍ଟ କରିଛନ୍ତି। 'ଅତ୍ୟନ୍ତ ଖୁସିର ସହିତ ମୁଁ ଗୌତମ ଗମ୍ଭୀରଙ୍କୁ ଭାରତୀୟ କ୍ରିକେଟ ଦଳର ନୂତନ ମୁଖ୍ୟ କୋଚ୍ ଭାବରେ ସ୍ୱାଗତ କରୁଛି। ଆଧୁନିକ କ୍ରିକେଟ ଦ୍ରୁତ ଗତିରେ ବଦଳୁଥିବା ବେଳେ ଗୌତମ ଏହି ବଦଳୁଥିବା ରୂପରେଖ ସହ ପରିଚିତ। ନିଜ କ୍ୟାରିୟରର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଦାୟିତ୍ୱକୁ ସେ ସଫଳତାର ସହିତ ସମ୍ପାଦନ କରିଛନ୍ତି। ତାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଆହୁରି ଉର୍ଦ୍ଧ୍ୱମୁଖୀ ହେବା ନେଇ ମୁଁ ଆଶା କରୁଛି'। ଭାରତୀୟ କ୍ରିକେଟକୁ ଆଗକୁ ନେବା ପାଇଁ ଗମ୍ଭୀରଙ୍କ ଭିଜନ ଓ ତାଙ୍କ ନିକଟରେ ଥିବା ଅଭିଜ୍ଞତା କାରଣରୁ ସେ ଏହି ପଦ ପାଇଁ ଉପଯୁକ୍ତ ବୋଲି ଶାହା କହିଛନ୍ତି। ବିସିସିଆଇ ଆଗାମୀ ଦିନରେ ☞ପୃଷ୍ଠା-୨

# ଚାମ୍ବରରେ ହେବ ସମଲିଙ୍ଗୀ ବିବାହ ରାୟର ସମୀକ୍ଷା

ନୂଆଦିଲ୍ଲୀ,୯।୭(ପି.ଟି.)

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବା ଆବେଦନକୁ ସୁପ୍ରିମକୋର୍ଟ ଗତବର୍ଷ ଅଗ୍ରାହ୍ୟ କରିଦେଇଥିଲେ। ଉକ୍ତ ରାୟର ସମୀକ୍ଷା ଖୋଲା ଅଦାଲତରେ କରିବା ନିମନ୍ତେ ଅନୁମତି ପାଇଁ ହୋଇଥିବା ଆବେଦନକୁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଗତବର୍ଷ ଅକ୍ଟୋବର ୧୭ରେ ସମଲିଙ୍ଗୀ ବିବାହକୁ ଆଇନଗତ ସମର୍ଥନ ଦେବାକୁ ମନା କରିବାରୁ ସମଲିଙ୍ଗୀ ଅଧିକାରୀ କର୍ମୀମାନଙ୍କୁ ଶକ୍ତ ଝଟ୍‌କା ଲାଗିଥିଲା। ତେବେ ସମଲିଙ୍ଗୀମାନେ ଯେପରି ଦ୍ରବ୍ୟ ଓ ସେବା ଆଦି ସୁବିଧା ପାଇବାରୁ ପକ୍ଷପାତର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ସେମାନଙ୍କ ଅଧିକାର ନିମନ୍ତେ ସର୍ବୋଚ୍ଚ ଅଦାଲତ ଜୋର୍ ଦେଇଥିଲେ। ଉତ୍ପୀଡ଼ନ ଏବଂ ହିଂସାର ସମ୍ମୁଖୀନ ହେଉଥିବା ଏହି ସମ୍ପ୍ରଦାୟର ଲୋକମାନଙ୍କୁ ଆଶ୍ରୟ ଯୋଗାଇଦେବା ନିମନ୍ତେ ନିରାପଦ 'ଗରିମା ଗୃହ' ସବୁ ଜିଲାରେ ନିର୍ମାଣ ପାଇଁ କୁହାଯାଇଥିଲା। ଅସୁବିଧାରେ ପଡ଼ିଥିବା ସମଲିଙ୍ଗୀଙ୍କ ବ୍ୟବହାର ପାଇଁ ହଟ୍‌ଲାଇନ ନମ୍ବର ଜାରି କରାଯାଇଥିଲା। ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ହିମା କୋହଲି, ବି.ଭି. ନାଗରତ୍ନା ଏବଂ ପି.ଏସ୍. ନରସିଂହାଙ୍କ ପୀଠ ବୁଧବାର ଚାମ୍ବରରେ ସମଲିଙ୍ଗୀ ବିବାହ ରାୟର ସମୀକ୍ଷା କରିବାକୁ ସ୍ଥିର ହୋଇଛି। ଖୋଲା ଅଦାଲତରେ ସମୀକ୍ଷା ଆବେଦନର ଶୁଣାଣି ପାଇଁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଙ୍ଘଭି ଏବଂ ଏନ୍.କେ. କୌଲ କରିଥିବା ଆବେଦନକୁ ସିଜେଆଇ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ରିଭ୍ୟୁ ଆବେଦନଗୁଡ଼ିକ ବିଚାରପତିଙ୍କ ଦ୍ୱାରା ଚାମ୍ବରରେ ହୋଇଥାଏ ବୋଲି ସିଜେଆଇ କହିଛନ୍ତି।

# କେନ୍‌ଜା ଲେଲି ପ୍ରଥମ 'ମିସ୍ ଏଆଇ'

ରବାତ, ୯।୭



ମରକ୍କୋର ଲାଇଫ୍‌ଷ୍ଟାଇଲ ଇନ୍‌ଫ୍ଲୁଏନ୍ସର ତଥା ଏଆଇ ଜେନେରେଟେଡ୍ ମଡେଲ କେନ୍‌ଜା ଲେଲି ବିଶ୍ୱର ପ୍ରଥମ 'ମିସ୍ ଏଆଇ' ମୁକୁଟ ପିନ୍ଧିଛନ୍ତି। ସେ ୧,୫୦୦ରୁ ଅଧିକ କମ୍ପ୍ୟୁଟରାଇଜଡ୍ ପ୍ରତିଯୋଗୀଙ୍କୁ ପରାସ୍ତ କରି ଏହି ଟାଇଟଲ ହାସଲ କରିଛନ୍ତି। ଜଣେ ଲାଇଫ୍‌ଷ୍ଟାଇଲ ଏଆଇ ବ୍ଲଗର୍ ଭାବେ ଲେଲିଙ୍କର ଇନ୍‌ଷ୍ଟାଗ୍ରାମରେ ୧ ଲକ୍ଷ ୯୦ ହଜାରରୁ ଅଧିକ ଫଲୋଅର୍ସ ଥିବା ସହ ସେ ଫୁଡ୍, ଫ୍ୟାଶନ୍, ଟ୍ରାଭେଲ, ସଂସ୍କୃତି, ସୌନ୍ଦର୍ଯ୍ୟ ଆଦି କଣ୍ଟେଣ୍ଟକୁ ନେଇ ଭିଡିଓ କରିଥାନ୍ତି। ଏହି ପ୍ରତିଯୋଗିତାରେ ବିଜୟ ହାସଲ କରି ଲେଲି କହିଛନ୍ତି, ଯଦିଓ ସେ ମଣିଷଙ୍କ ପରି ଭାବନାକୁ ଅନୁଭବ କରିପାରନ୍ତି ନାହିଁ, ତେବେ ମଧ୍ୟ ସେ ଏହି ସଫଳତା ପାଇ ଉତ୍ସାହିତ ଅଛନ୍ତି। ପ୍ରଥମ 'ମିସ୍ ଏଆଇ' ମୁକୁଟ ପିନ୍ଧିଥିବାରୁ ଲେଲିଙ୍କ କ୍ରିଏଟର ମେରିୟମ ବେସାଙ୍କୁ ୨୦ ହଜାର ଡଲାରର ପୁରସ୍କାର ରାଶି ମିଳିଛି। ଲେଲିଙ୍କ ଏହି ବିଜୟରେ ଉତ୍ସାହିତ ହୋଇ 'ଫୋନିକ୍ସ ଏଆଇ' ସିଇଓ ମେରିୟମ କହିଛନ୍ତି, ପୂରା ମରକ୍କୋ ଆଜି ଗୌରବାନ୍ୱିତ ହୋଇଛି। ଲେଲିଙ୍କ ଏହି ବିଜୟ ବୈଷୟିକ କ୍ଷେତ୍ରରେ ମରକ୍କୋର ମୁସଲମାନ ମହିଳାଙ୍କ ସଶକ୍ତୀକରଣକୁ ଦର୍ଶାଉଛି। ଏହି ପ୍ରତିଯୋଗିତାରେ ଫ୍ରାନ୍ସର ଏଆଇ ମଡେଲ ଲାଲିନା ଭାଲିନା ☞ପୃଷ୍ଠା-୨

# ସ୍କୁଲରେ ୧୨ ଛାତ୍ରୀ ଅସୁସ୍ଥ

ରାମଚନ୍ଦ୍ରପୁର (ଗଣେଶ୍ୱର ସା)/ ଆନନ୍ଦପୁର (ଉମେଶ ଚନ୍ଦ୍ର ପାଢ଼ୀ)/ ଘସିପୁରା (ନିରଞ୍ଜନ ସାହୁ),୯।୭

ସ୍କୁଲରେ ପାଠପଢ଼ା ଚାଲିଥିଲା। ହଠାତ୍ ଏକାଥରେ ଅସୁସ୍ଥ ହୋଇପଡ଼ିଲେ ୯ମ ଓ ଦଶମ ଶ୍ରେଣୀର ୧୨ ଛାତ୍ରୀ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରି ଏକାସାଙ୍ଗରେ କାନ୍ଦି ଉଠିଲେ ସେମାନେ। ବିଦ୍ୟାଳୟ ଶିକ୍ଷକମାନେ ସେମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ପାଇଁ ☞ପୃଷ୍ଠା-୨







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଚିତ୍ରକଳା ପ୍ରଦର୍ଶନୀ 'ମୋ ମନର ଜଗନ୍ନାଥ', ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଧାରଣା, ସ୍ଥାନ: କେଇସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରୋଟାରି କ୍ଲବର ୪ର୍ଥ ଇନଷ୍ଟାଲେଶନ ସେରିମନି, ସ୍ଥାନ: ହୋଟେଲ ଏକ୍ସିଲେନ୍ସି, ସମୟ: ସନ୍ଧ୍ୟା ୬ଟା।
- ରଥଯାତ୍ରା ଉପଲକ୍ଷେ ସ୍ୱତନ୍ତ୍ର-ଭାକ୍ତିକ -ସତ୍ତ୍ର, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଶିଷ୍ଟ ନୃତ୍ୟଗୁରୁ ପଦ୍ମଶ୍ରୀ ଗଙ୍ଗାଧର ପ୍ରଧାନଙ୍କ ୭୬ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ରକ୍ତଦାନ ଶିବିର, ସ୍ଥାନ: ଡାକବଙ୍ଗଳା ପରିସର, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଡ଼ପ ମଣ୍ଡପ ଜାଗୁଳିପାଟଣା, ଖୋର୍ଦ୍ଧା ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଡ଼ ସମ୍ମୁଖ ଆଡ଼ପ ମଣ୍ଡପ, ଖୋର୍ଦ୍ଧାଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଇନ୍‌ଷ୍ଟାଲେଶନ ସେରିମନି, ସ୍ଥାନ: ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଗୃହ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ମତ୍ସ୍ୟକୂର୍ମ ବେଶ,ସ୍ଥାନ: ମାଉସୀ ମା' ମନ୍ଦିର, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ଅଙ୍କୁରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦନପୁର, ବେତଡ଼ା, ବାସୁଦେବପୁର, ସମୟ: ସକାଳ ୯ଟା।
- ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଜଗନ୍ନାଥ ମନ୍ଦିରରେ ଭଜନ, ସଂକୀର୍ତ୍ତନ, ସ୍ଥାନ: ବଂଚୋ, ହାଟଡିହୀ, ସମୟ: ସନ୍ଧ୍ୟା ୬ଟା।
- ଶିବ ମନ୍ଦିରରେ ଭଜନ କୀର୍ତ୍ତନ, ସ୍ଥାନ: ପଞ୍ଚୁଗୋଛିଆ, ହାଟଡିହୀ,
- ସମୟ: ସନ୍ଧ୍ୟା ୭ଟା।
- ତାରିଣୀ ମନ୍ଦିରରେ ଭଜନ ଓ ନାମ ସଂକୀର୍ତ୍ତନ, ସ୍ଥାନ: ମରେଇଗାଁ, ଛେନାପଦୀ, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ନର୍ମଦେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଆସିକା ବ୍ଲକ୍ ଗହଙ୍ଗୁପଟଣା, ସମୟ: ସକାଳ ୯ଟା।
- ଅଖିଳ ଭାରତୀୟ କିଶାନ ମଜଦୂର ସଭା, ସ୍ଥାନ: ସୋରଡା ତହସିଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ ଟା।

## କନ୍ଧମାଳ
- ଜିଲା ନାଏବ ସରପଞ୍ଚ ଓ ୱାର୍ଡ ମେମ୍ବର ସଙ୍ଘ ପକ୍ଷରୁ ଫୁଲବାଣୀ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ :ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଗଜପତି
- ଜିଲାସ୍ତରୀୟ ମତ୍ସ୍ୟ ଦିବସ ପାଳନ,ସ୍ଥାନ: ପାରଳାଖେମୁଣ୍ଡି ସ୍ଥିତ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଶ୍ରୀଜୀଉଙ୍କ ବରାହ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ଟା।
- ପଠାଣି ସାମନ୍ତ ଛାତ୍ର ବୃତ୍ତି ପରୀକ୍ଷା, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ଦାସ ହାଇସ୍କୁଲ, ଲୋକନାଥପୁର, ଗୁଡାରି, ସମୟ: ସକାଳ ୮ରୁ ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆୟୋଜିତ ଏନ୍‌ବିଏ କର୍ମଶାଳା, ସ୍ଥାନ: ଭିସୁଟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମପୁରା ଠାକୁରଙ୍କ ବାମନ ଓ ପର୍ଶୁରାମ ଅବତାର, ସ୍ଥାନ: ଝାଡୁଆପଡାସ୍ଥିତ ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଭଜନ ସମାରୋହ, ସ୍ଥାନ: ସାକ୍ଷୀଗୋପିନାଥ ପଡା ସ୍ଥିତ ରାଧାମଦନ ଗୋପାଳ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଗୋବିନ୍ଦତୋଲ ମାଉସୀ ମା' ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ପାଟଣେଶ୍ୱରୀ ମନ୍ଦିର ଦର୍ଶନ, ସ୍ଥାନ: ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୮ଟା।
- ୮୪ ଘର ଅଘରିଆ ସମାଜ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜଗନ୍ନାଥପଡା ଜଗନ୍ନାଥ ମନ୍ଦିର ଗଳି, ବଲାଙ୍ଗୀର,ସମୟ: ସକାଳ ୯ଟା।
- ଉପମୁଖ୍ୟମନ୍ତ୍ରୀଙ୍କ ରୋଡ଼ ଶୋ' ସ୍ଥାନ: ବଲାଙ୍ଗୀର ସହର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବ୍ଲକ ଭାଜପା ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ,ସ୍ଥାନ: ଲୋଇସିଂହା ବାବାମଠ,ସମୟ: ମଧ୍ୟାହ୍ନ ୧୨ଟା।
- ଉପମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ପଞ୍ଚାୟତ ଗସ୍ତ, ସ୍ଥାନ: ଆଗଲପୁର ବ୍ଲକ, ସମୟ: ଅପରାହ୍ନ ୧ଟା।

## ରାଉରକେଲା
- ସ୍ୱାସ୍ଥ୍ୟ ଯାଞ୍ଚ କମିଟି ଗସ୍ତ, ସ୍ଥାନ: ରାଉରକେଲା ସରକାରୀ ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୦ଟା।
- ଗୁଣ୍ଡିଚା ଯାତ୍ରା, ସ୍ଥାନ : ଜଗଦା ବାଟ ମଙ୍ଗଳା ମନ୍ଦିର, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କୌଶଳୀ), ସ୍ଥାନ: ସରକାରୀ ହାଇସ୍କୁଲ, କମଗାଁ, ଭଟଲି। ସୂର୍ଯ୍ୟମଣି ଜନତା ହାଇସ୍କୁଲ, ଭେଡ଼େନ। ସରକାରୀ ବାଳିକା ହାଇସ୍କୁଲ, ବରଗଡ଼। ୟୁ.ଜି ହାଇସ୍କୁଲ, କନାପାଲି, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ବୋଡ଼ାସମ୍ବର ମୁହୁରୀ ଉତ୍ସବ, ସ୍ଥାନ: ରାଜାଜୀ ଟାଉନ ହଲ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ନବନିର୍ବାଚିତ ଏମ୍‌ପି, ବିଧାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ୟୁଥ୍ କ୍ଲବ ପରିସର, ଗାଇସିଲେଟ୍, ସମୟ: ଅପରାହ୍ନ ୨ଟା।
- ପୁରାତନ ଛାତ୍ରୀଛାତ୍ରଙ୍କ(ଆଲୁମିନି) ବୈଠକ, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦ଟା।
- ରଥଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି
- ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନେଇ ସଚେତନତା ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଚଳିତ ଖରିଫ ଋତୁ ପାଇଁ ଇନ୍ଦ୍ରାବତୀରୁ ଛଡାହେବ ଜଳ, ସ୍ଥାନ: ମଙ୍ଗଳପୁର ହାତୀ ବ୍ୟାରେଜ, ଜୟପାଟଣା ବ୍ଲକ, ସମୟ: ପୂର୍ବାହ୍ନ ୯ଟା।
- ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଧର୍ମଗଡ଼ ଏସ୍‌ଡିଓ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ବ୍ୟବସାୟିକ ଛତୁ ଚାଷ ସମ୍ପର୍କରେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷତା ବୃଦ୍ଧି ନିମନ୍ତେ ସମସ୍ତ ବର୍ଗଙ୍କ ପାଇଁ ପୁଷ୍ଟିକର ଚାଉଳର ଆବଶ୍ୟକତା ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲା ସ୍ୱାସ୍ଥ୍ୟ ସମିତି ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ରକ୍ତଦାନ ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଡୁଙ୍ଗୁରିପାଲିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ଡୁଙ୍ଗୁରିପାଲି ଆରଏମ୍‌ସି ପରିସର, ସମୟ: ଅପରାହ୍ନ ୩ଟା।
- ସ୍କୁଲ କ୍ୟାବିନେଟ ଗଠନ, ସ୍ଥାନ: ଅମରପାଲି ସରକାରୀ ୟୁପି ସ୍କୁଲ, ସମୟ: ଅପରାହ୍ନ ୩ଟା।
- ବରାହ ନୃସିଂହ ବେଶ, ସ୍ଥାନ: ସୁବଳୟା ମାଉସୀ ମା' ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜୀଉଙ୍କ ବରାହ ନୃସିଂହ ବେଶ, ସ୍ଥାନ: ପାତାଳୀ ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ: ଅପରାହ୍ନ ୫ଟା।
- ସୋନପୁରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ବଲାଙ୍ଗୀର ଏମ୍‌ପିଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।
- ସୋନପୁର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ବାମନ ପର୍ଶୁରାମ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଜଳସେଚନ କଲୋନି ରାଧାମୋହନ ମନ୍ଦିର ପ୍ରାଙ୍ଗଣ, ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ମାଉସୀ ମା' ମନ୍ଦିର, ସମୟ: ସକାଳ ୭ଟା।
- ଆଗାମୀ ଗଣେଶ ପୂଜା ନେଇ ବୈଠକ, ସ୍ଥାନ: ସହରସ୍ଥିତ ବୁଡାପଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ସତନାମୀ ସମାଜର ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ
- ଶ୍ରୀଗୁଣ୍ଡିଚା ଭଜନ ସମାରୋହର ୪ର୍ଥ ଦିବସ, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ସନ୍ଧ୍ୟା ୬ଟା୩୦।

## ଜଗତ୍‌ସିଂହପୁର
- ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ, ନାଉଗାଁ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ନାଉଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପେଟ୍ରୋକେମିକାଲ ପ୍ରକଳ୍ପ ନିମନ୍ତେ ଜନଶୁଣାଣି, ସ୍ଥାନ: ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଭାରତ ବିକାଶ ପରିଷଦ ନୟାଗଡ଼ ଶାଖାର ପ୍ରତିଷ୍ଠା ଦିବସ, ସ୍ଥାନ:ନୟାଗଡ଼ ସର୍କିଟ ହାଉସ ନିକଟ ପରିଷଦର ନିଜସ୍ୱ ଗୃହ, ସମୟ:ପୂର୍ବାହ୍ନ ୧୦ଟା।
- ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପମିନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଡ୍ୟାନ୍ସ ଧମାକା, ସ୍ଥାନ ଦଶପଲ୍ଲା ସହରର ସାତପାଟଣା, ସମୟ: ସନ୍ଧ୍ୟା ୭ଟା ୩୦।

## କେନ୍ଦ୍ରାପଡ଼ା
- ବ୍ଲକସ୍ତରୀୟ ମିଶନ ଶକ୍ତି ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ ପରିସର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ : ଯାଜପୁର ରୋଡ ସିଏଚ୍‌ସି ରକ୍ତଭଣ୍ଡାର, ସମୟ : ସକାଳ ୮ଟା।
- ସଫେଇ ଅପ୍‌ନାଓ, ବିମାରୀ ଭଗାଓ କାର୍ଯ୍ୟକ୍ରମ,ସ୍ଥାନ : ବ୍ୟାସନଗର ମ୍ୟୁନିସିପାଲିଟ, ସମୟ : ସକାଳ ୯ଟା।
- ଶ୍ରୀ ଶିରିଡି ସାଇ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ:ଯାଜପୁରରୋଡ଼ସ୍ଥିତ ମୁଣ୍ଡମାଳ ମନ୍ଦିର ପରିସର, ସମୟ:ପୂର୍ବାହ୍ନ୧୦ଟା।
- ଚେତନା ପରିଷଦ ପକ୍ଷରୁ ଭଜନ ସନ୍ଧ୍ୟା,ସ୍ଥାନ : ଯାଜପୁର ଜଗନ୍ନାଥ ମନ୍ଦିର ପରିସର,ସମୟ : ସନ୍ଧ୍ୟା ୬ଟା।
- ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ମୟୂର ଡ୍ୟାନ୍ସ ଗ୍ରୁପର ନୃତ୍ୟ ପରିବେଷଣ, ସ୍ଥାନ: ଧର୍ମଶାଳା ହାଟପଡିଆସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ,ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ ଓ ପ୍ରତ୍ୟେକ କାମରେ ସଫଳତା ମିଳିବ। ଅର୍ଥ, ସମ୍ମାନ, ପ୍ରତିଷ୍ଠା ପ୍ରାପ୍ତ ହେବ। ଘରର କେତେକ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ ସକାଶେ ଚିନ୍ତା କରିପାରନ୍ତି। କିଣାକିଣି, ସଭାସମିତିରେ ବନ୍ଧୁ ମିଳନ ଓ ଆନୁଷ୍ଠାନିକ କାର୍ଯ୍ୟରେ ସହଯୋଗ, ମାଲି ମକଦ୍ଦମାରେ ସଫଳତା ହେତୁ ମନ ଖୁସୀ ରହିବ।

**ବୃଷ** କର୍ମକ୍ଷେତ୍ରରେ ଚାପ ବଢ଼ିବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ। କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଭୁଲ୍ ବୁଝାମଣାରୁ ଘରୋଇ କଳହକୁ ନେଇ ମନରେ ଅଶାନ୍ତି ଲାଗିରହିବ।

**ମିଥୁନ** ଶାରୀରିକ ଓ ମାନସିକ ସ୍ଥିତି ଭଲ ରହିବ ଏବଂ କାମ ହାସଲ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଆନୁଷ୍ଠାନିକ କର୍ମାରମ୍ଭରେ ଉତ୍ସାହିତ ହେବା ସହିତ ସଫଳତା ହାସଲ କରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ସହକର୍ମୀଙ୍କ ସହ ଫଳପ୍ରଦ ଆଲୋଚନାରୁ ସନ୍ତୋଷଲାଭ କରିପାରନ୍ତି।

**କର୍କଟ** ଦୈହିକ ସ୍ୱାସ୍ଥ୍ୟ ଭଲ ରହିବ ଓ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ସଭାସମିତିରେ କିମ୍ବା ଅଫିସରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ସମସ୍ୟା ଭିତର ଦେଇ ଗତି କରିବେ।

**ସିଂହ** ପରିସ୍ଥିତିବଶତଃ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ତଥା ନିର୍ମାଣ କ୍ଷେତ୍ର ସମସ୍ୟାବହୁଳ ରହିବ। ସ୍ନାୟବିକ ଦୁର୍ବଳତା ହେତୁ ମାନସିକ ଅସ୍ଥିରତା ଓ ବିସ୍ମରଣଜନିତ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**କନ୍ୟା** ସମ୍ପର୍କୀୟଙ୍କ ସାହାଯ୍ୟରୁ ସାମଗ୍ରିକ ସୁବିଧା, ସୁଯୋଗ ଦ୍ୱାରା କାମ ହାସଲ କରାଇବେ। ଆଲୋଚନା ସମୟରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ହାନି ହୋଇପାରେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସୁଧାରି ନେବା ସକାଶେ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ କାମ ହାସଲ କରିବାରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବାଣିଜ୍ୟ ଓ ବ୍ୟବସାୟରେ ଅଭୁତପୂର୍ବ ସଫଳତା ହାସଲ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନଚେତ୍ ନୂଆ ସମସ୍ୟା ସୃଷ୍ଟି ହୋଇପାରେ। ବିଶାଖା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳ ହେବେ। ରାଜନୀତି, ସଂଗଠନ, ଗବେଷଣା, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହେବ। ଈର୍ଷାପରାୟଣତା କାରଣରୁ ନିଜ ଲୋକଙ୍କଠାରୁ ଆସ୍ଥା ହରାଇପାରନ୍ତି। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବ।

**ଧନୁ** ଆଜି ପାରିବାରିକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହେବାର ଆଶା ରହିଛି। ଆଲୋଚନା ପରିସରରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣାର ପୋଷଣ କରିବେ। ପରିବହନ, ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ଉନ୍ନତି ଘଟିବାରୁ ଖୁସୀ ହେବେ।

**ମକର** ନିଜ ଲୋକ ଶତ୍ରୁତା ସୃଷ୍ଟି କଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କରି ଚାଲିଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି। ଆର୍ଥିକ ଅଭିବୃଦ୍ଧି ପାଇଁ ଚେଷ୍ଟା କରି ସଫଳ ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବା ସଙ୍ଗକୁ ଦୂରଯାତ୍ରାର ମଧ୍ୟ ସୁଯୋଗଲାଭର ଆଶା ରହିଛି।

**କୁମ୍ଭ** ଆଜି ସକାଳୁ ବନ୍ଧୁଙ୍କ ସହ ଭ୍ରମଣ ସକାଶେ ମନ ବଳାଇବେ ଏବଂ ଆଶା ପୂରଣ କରିପାରିବେ। ଦୀର୍ଘ ଦିନର ବକେୟା ଆଦାୟରେ ସକ୍ଷମ ହେବେ। ପୂର୍ବଭାଦ୍ର ନକ୍ଷତ୍ରର ପରିବାରରେ ମତାନ୍ତରଜନିତ କଳହ ସୃଷ୍ଟିର ଆଶଙ୍କା ରହିଛି। କେତେକ ମିଥ୍ୟାଭିଯୋଗକୁ କେନ୍ଦ୍ରକରି କିମ୍ବା ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସଫଳତା ଅବଶ୍ୟ ପାଇବେ କିନ୍ତୁ ଏଥିପାଇଁ ବହୁତ ମେହନତ କରିବାକୁ ପଡ଼ିପାରେ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସାମ୍ବାଦିକତା ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

ଆଜି ଜୁଲାଇ ୧୦ ତାରିଖ, ଆଷାଢ଼ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ବୁଧବାର, ରାଶିନକ୍ଷତ୍ର-ମଘା/ସିଂହ, ଦିବା ୧୦.୧୫ମି. ଗତେ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୫୫ମି. ଗତେ ଘ.୦୮.୩୫ମି. ମଧ୍ୟେ, ଘ.୧୦.୧୩ମି. ଗତେ ଘ.୧୧.୨୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ବଡ଼ଠାକୁରଙ୍କୁ ପକାଇଦେଲେ...

ନ ହେଉ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି। ଅପରପକ୍ଷରେ ଖବରପାଇ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମେଡିକାଲ ଯାଇ ଆହତଙ୍କ ଅବସ୍ଥା ବୁଝିବା ସହ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଆହତ ସେବାୟତମାନେ ହେଉଛନ୍ତି ଜଗଦୀଶ ଦାସ ମହାପାତ୍ର, ଅଜୟ ଦାସ ମହାପାତ୍ର, ରାମ କୁମାର ଦାସ ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ଆର୍ତ୍ତତ୍ରାଣ ଦାସ ମହାପାତ୍ର, ଅବକାଶ ପୂଜାପଣ୍ଡା, ମାଧବ ଦାସ ମହାପାତ୍ର, ନୂତନ ଦାସ ମହାପାତ୍ର, ଆର୍ତ୍ତତ୍ରାଣ ପତି ମହାପାତ୍ର। ସୂଚନାଯୋଗ୍ୟ ଗତବର୍ଷ ଆଡ଼ପ ପହଣ୍ଡି ସମୟରେ ମହାପ୍ରଭୁ ଶ୍ରୀଜଗନାଥ ଚାରମାଳ ଉପରେ ଗୋଟିଏ ପଟକୁ ଅଣେଇ ହୋଇ ଖସି ପଡ଼ିଥିଲେ।

## ଦୁଃଖପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୭(ଅନିଲ ଦାସ)**

ପୁରୀରେ ମଙ୍ଗଳବାର ସନ୍ଧ୍ୟାରେ ଆଡ଼ପ ମଣ୍ଡପ ବିଜେ ପହଣ୍ଡି ସମୟରେ ବଡ଼ଠାକୁର ଶ୍ରୀବଳଭଦ୍ର ଚାରମାଳରେ ଖସିପଡ଼ିବା ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିଛନ୍ତି। ସେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତୁରନ୍ତ ପୁରୀ ଯାଇ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହତ ସେବାୟତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ପୁରୀ ଯାଇଛନ୍ତି।

## ହତ୍ୟାକାରୀ ପୁଟିନ୍‌ଙ୍କୁ ମୋଦିଙ୍କ...

ପ୍ରଥମ ଥର ପାଇଁ ମସ୍କୋ ଗସ୍ତରେ ଯାଇଛନ୍ତି। ହିଂସାର ସମାଧାନ ଯୁଦ୍ଧ କ୍ଷେତ୍ରରେ ମିଳିପାରିବ ନାହିଁ ବୋଲି ସେ ପୁଟିନ୍‌ଙ୍କୁ ସାକ୍ଷାତ୍ ସମୟରେ କହିଛନ୍ତି। ଆଞ୍ଚଳିକ ସଂହତି, ସାର୍ବଭୌମତ୍ୱ ସମେତ ଜାତିସଂଘର ନିୟମାବଳୀକୁ ସମ୍ମାନ ଦେବା ପାଇଁ ଭାରତ ସବୁବେଳେ ଆହ୍ୱାନ ଦେଇଆସିଛି। ଯୁଦ୍ଧକ୍ଷେତ୍ରରେ କୌଣସି ସମାଧାନ ନାହିଁ। ଆଲୋଚନା ଏବଂ କୂଟନୈତିକ ମାଧ୍ୟମରେ ସମାଧାନ ପନ୍ଥା ବାହାର କରାଯାଇପାରିବ ବୋଲି ମୋଦି ପୁଟିନ୍‌ଙ୍କୁ କହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଜି୭ ସମିଟ୍ ସମେତ ବିଭିନ୍ନ ସମୟରେ ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଏକାଧିକ ଥର ଭେଟି ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମାଧାନ ହୋଇପାରିବ ନାହିଁ ବୋଲି କହିଥିଲେ। ଶାନ୍ତି ଉଦ୍ୟମରେ ସହଯୋଗ କରିବାକୁ ଭାରତ ପ୍ରସ୍ତୁତ ବୋଲି ମୋଦି ଜେଲେନ୍‌ସ୍କିଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ମସ୍କୋରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାଷ୍ଟ୍ରପତି ପୁଟିନ୍‌ଙ୍କ ମଧ୍ୟରେ ଆଲୋଚନା ବେଳେ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ସେମାନେ ସ୍ୱୀକାର କରିଛନ୍ତି। ଏହା ପରେ ୟୁକ୍ରେନ୍ ଯୁଦ୍ଧକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଯଦି ନିରୀହ ଶିଶୁଙ୍କୁ ହତ୍ୟା କରାଯାଉଥାଏ ଓ ଯଦି ସେମାନଙ୍କ ମୃତ୍ୟୁ ଘଟୁଥାଏ, ତାହା ହୃଦୟ ବିଦାରକ ବୋଲି ମୋଦି କହିଛନ୍ତି। କିଭ୍‌ରେ ଶିଶୁ ହସ୍ପିଟାଲ ଉପରେ ରୁଷିଆର କ୍ଷେପଣାସ୍ତ୍ର ଆକ୍ରମଣ ଘଟଣା ପରେ ମୋଦି ଏଭଳି ମନ୍ତବ୍ୟ ଦେଇଛନ୍ତି। ଗ୍ଲୋବାଲ ସାଉଥ୍ ଶାନ୍ତି ଓ ସ୍ଥିରତା ଆଶାକରେ। ଶାନ୍ତିପୁନଃ ପ୍ରତିଷ୍ଠା ପାଇଁ ଭାରତ ସମସ୍ତ ସମ୍ଭାବ୍ୟ ସହଯୋଗ କରିବାକୁ ପ୍ରସ୍ତୁତ ଅଛି। ଭାରତ ସବୁବେଳେ ଶାନ୍ତି ପକ୍ଷରେ ରହିଆସିଛି ବୋଲି ମୋଦି ପୁଟିନ୍ ଏବଂ ବିଶ୍ୱ ସମୁଦାୟକୁ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି। ନୂଆ ପିଢ଼ି ଆଗରେ ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଏଥିପାଇଁ ଶାନ୍ତି ଅପରିହାର୍ଯ୍ୟ। ବୋମା, ବନ୍ଧୁକ ଓ ଗୁଳି ମଧ୍ୟରେ ଶାନ୍ତି ଆଲୋଚନା ସଫଳ ହୁଏ ନାହିଁ ବୋଲି ମୋଦି କହିଥିବା ଜଣାଯାଇଛି।

## ଦାରା ସିଂ:...

ସେସନ୍ସ କୋର୍ଟ ୩ ଜଣଙ୍କ ହତ୍ୟା ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ୨୦୦୫ରେ ଓଡ଼ିଶା ହାଇକୋର୍ଟ ଏହାକୁ ଆଜୀବନ କାରାଦଣ୍ଡାଦେଶରେ ପରିବର୍ତ୍ତିତ କରିଥିଲେ। ୨୦୧୧ ଜାନୁୟାରୀ ୨୧ରେ ସୁପ୍ରିମକୋର୍ଟ ଏହି ଦଣ୍ଡାଦେଶକୁ ବଳବତ୍ତର ରଖିଥିଲେ। ୨୦୦୦ ପରଠୁ ଏଯାଏ ଦାରା ସିଂଙ୍କୁ ଦିନେ ମଧ୍ୟ ପାରୋଲ ମିଳିନାହିଁ। ଏପରି କି ତାଙ୍କ ମାଆଙ୍କ ଶେଷକୃତ୍ୟରେ ଯୋଗଦେବା ପାଇଁ ମଧ୍ୟ କୋର୍ଟ ଦାରାଙ୍କୁ ଛାଡ଼ି ନ ଥିଲେ। ତେଣୁ ତାଙ୍କୁ ଜେଲରୁ ମୁକ୍ତ କରିବାକୁ ଓକିଲ ବିଷ୍ଣୁ ଜୈନ ଆବେଦନ କରିଛନ୍ତି। ଓକିଲ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି, ଦାରା ଯୁବସୁଲଭ କ୍ରୋଧର ବଶବର୍ତ୍ତୀ ହୋଇ ଅପରାଧ କରିଥିଲେ ଏବଂ ସେହି କାର୍ଯ୍ୟ ପାଇଁ ଏବେ ଅନୁତପ୍ତ। ଦଣ୍ଡବିଧାନର ସୁଧାରମୂଳକ ସିଦ୍ଧାନ୍ତ ଅନୁଯାୟୀ ତାଙ୍କୁ ଅବଧି ଶେଷ ହେବା ପୂର୍ବରୁ ଜେଲରୁ ମୁକ୍ତ କରାଯିବାକୁ ଦାରା ନିବେଦନ କରିଛନ୍ତି। ମୁକ୍ତି ସୁଯୋଗ ମିଳିଲେ ସେ ଜଣେ ସଂସ୍କାରୀ ବ୍ୟକ୍ତି ଭାବେ ସମାଜକୁ ଫେରିଯାଇପାରିବେ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ଅପରାଧୀମାନଙ୍କୁ ଅବଧି ପୂର୍ବରୁ ମୁକ୍ତ କରିଦେବା ନିମନ୍ତେ ସୁପ୍ରିମକୋର୍ଟ ୨୦୨୨ରେ ଦେଇଥିବା ରାୟ ତାଙ୍କ କ୍ଷେତ୍ରରେ ଲାଗୁ କରାଯାଉ ବୋଲି ଦାରା ପିଟିଶନରେ ଦର୍ଶାଇଛନ୍ତି।

## ୧୪ରେ ରତ୍ନଭଣ୍ଡାର...

ଶ୍ରୀମନ୍ଦିର ଭିତରେ ଅସ୍ଥାୟୀ ରତ୍ନଭଣ୍ଡାର କରାଯିବା ସହ ପରିଚାଳନା କମିଟି ଏହାର ଦାୟିତ୍ୱ ନେବ ବୋଲି ଗତ ବୈଠକରେ ଆଲୋଚନା ହୋଇଛି। ବୈଠକ ପରେ କମିଟି ଅଧ୍ୟକ୍ଷ ଜଷ୍ଟିସ ରଥ କହିଛନ୍ତି ରତ୍ନଭଣ୍ଡାର ଖୋଲିବା ବେଳେ ଭକ୍ତଙ୍କ ଦର୍ଶନ ବନ୍ଦ ହେବନି। କିନ୍ତୁ ଭକ୍ତମାନଙ୍କୁ ସାମାନ୍ୟ ଦୂରରୁ ଦର୍ଶନ କରିବାକୁ ପଡ଼ିପାରେ। ଏନେଇ ଭକ୍ତମାନେ ସହଯୋଗ କରିବେ ବୋଲି ଆଶା କରାଯାଉଛି। ରଥଯାତ୍ରାରେ ବ୍ୟସ୍ତ ଥିବାରୁ ପ୍ରଶାସନ ପକ୍ଷରୁ ଚାବି ଉପସ୍ଥାପନ ହୋଇପାରିନି। ଆସନ୍ତା ୧୪ ତାରିଖରେ ତଦାରଖ କମିଟି ଆଗରେ ମୁଖ୍ୟ ପ୍ରଶାସକ ରତ୍ନଭଣ୍ଡାର ଚାବି ଉପସ୍ଥାପନ କରିବେ। ସରକାରଙ୍କ ଅନୁମତି ମିଳିବା ପରେ ୧୪ ତାରିଖ ଦିନ ଯେକୌଣସି ପ୍ରକାର ହେଉ ରତ୍ନଭଣ୍ଡାର ଖୋଲାଯିବ। ସେହିପରି ରତ୍ନଭଣ୍ଡାର ଖୋଲାଯିବା ପରେ ଏହାର ମରାମତି ହେବ। ମରାମତି ବେଳେ ରତ୍ନଭଣ୍ଡାର ଅଳଙ୍କାର ରଖିବା ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ପରିଚାଳନା କମିଟି ମନ୍ଦିର ଭିତରେ ସ୍ଥାନ ଚିହ୍ନଟ କରିଛନ୍ତି। ଅଳଙ୍କାର ସବୁ ଅସ୍ଥାୟୀ ଭଣ୍ଡାର ଭିତରେ ୩ପ୍ରକାର ରହିବ। ତେଣୁ ଅଳଙ୍କାରଗୁଡ଼ିକୁ ସିଡ୍ୟୁଲ ଅନୁସାରେ ରଖାଯିବ। ଗଣତି ପକ୍ରିୟା ଏକ ଲମ୍ବା ପ୍ରୋସେସ। ଅଳଙ୍କାରଗୁଡ଼ିକୁ ଚିହ୍ନଟ କରିବା ଆବଶ୍ୟକ। କାରଣ ବହୁ ବର୍ଷ ତଳର ଅଳଙ୍କାର ରହିଛି। ଅଳଙ୍କାରଗୁଡ଼ିକୁ ପ୍ରଥମେ ସ୍ଥାନାନ୍ତର କରାଯିବ ବୋଲି ରଥ କହିଛନ୍ତି। ଏହି ଘୋଷଣା ପରେ ଜଗନ୍ନାଥପ୍ରେମୀଙ୍କ ମହଲରେ ଉତ୍ସାହ ଦେଖାଯାଇଛି।

## ସ୍କୁଲରେ ୧୨ ଛାତ୍ରୀ...

ଭର୍ତ୍ତି କରିଥିଲେ। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ଘସିପୁରା ବ୍ଲକର କେଶଦୁରାପାଳ ଜନମଙ୍ଗଳ ହାଇସ୍କୁଲରେ। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ କ୍ଲାସ୍ ଚାଲିଥିବା ବେଳେ ୯ମ ଓ ୧୦ମ ଶ୍ରେଣୀର ୧୨ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ନିକଟସ୍ଥ କେଶଦୁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ଧନେଶ୍ୱର ସେଠୀଙ୍କୁ ପଚାରିବାରୁ ଚିକିତ୍ସା ଚାଲିଛି। ଅସୁସ୍ଥ ଛାତ୍ରୀମାନଙ୍କର ସେଭଳି କିଛି ସ୍ୱାସ୍ଥ୍ୟଗତ ସମସ୍ୟା ନ ଥିବା ସେ କହିଛନ୍ତି। ତେବେ ଏହା ଭୌତିକ କାଣ୍ଡ କିମ୍ବା ଭୂତପ୍ରେତ ସବାର ହେବା କାରଣରୁ ହୋଇଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଶନିବାର ଠିକ୍ ଏହିଭଳି ୨/୩ ଜଣ ଛାତ୍ରୀ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେମାନେ ସୁସ୍ଥ ହୋଇ ଘରକୁ ଫେରିବା ପରେ ମଙ୍ଗଳବାର ୧୨ ଛାତ୍ରୀ ଅସୁସ୍ଥ ହେବା ନେଇ ଅଭିଭାବକମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

## ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର...

ତାଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ ଯୋଗାଇଦେବ ବୋଲି ଶାହା କହିଛନ୍ତି। ତେବେ ଦ୍ରାବିଡଙ୍କ ସହିତ କାମ କରୁଥିବା ବର୍ତ୍ତମାନର ସପୋର୍ଟ ଷ୍ଟାଫଙ୍କୁ ନେଇ ବିସିସିଆଇ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ। ବିକ୍ରମ ରାଠୋଡ ବର୍ତ୍ତମାନ ବ୍ୟାଟିଂ କୋଚ୍ ଦାୟିତ୍ୱରେ ଥିବା ବେଳେ ପାରସ ମାହାମ୍ବ୍ରେ ବୋଲିଂ ଓ ଟି. ଦିଲୀପ ଫିଲ୍ଡିଂ କୋଚ୍ ଦାୟିତ୍ୱରେ ଅଛନ୍ତି। ଏହା ସହ ଜୟ ଶାହା ବିଦାୟୀ କୋଚ୍ ରାହୁଲ ଦ୍ରାବିଡଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଦ୍ରାବିଡଙ୍କ ଅଧୀନରେ ଭାରତ ଟି୨୦ ବିଶ୍ୱକପରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ରଣନୀତି ପ୍ରସ୍ତୁତି ସହିତ ଯୁବ ଖେଳାଳିଙ୍କୁ ବିକଶିତ କରିବାରେ ଦ୍ରାବିଡଙ୍କ ଭୂମିକା ସର୍ବଦା ପ୍ରଶଂସନୀୟ ରହିବ ବୋଲି ସେ କହିଛନ୍ତି।

ଆସନ୍ତା ସାଢେ ତିନ ବର୍ଷ ଅର୍ଥାତ ଡିସେମ୍ବର ୨୦୨୭ ଯାଏ ଗମ୍ଭୀରଙ୍କୁ ମୁଖ୍ୟ କୋଚ ଭାବରେ ନିଯୁକ୍ତି ମିଳିଛି। ଶ୍ରୀଲଙ୍କା ବିପକ୍ଷ ଦିନିକିଆ ଓ ଟି୨୦ ସିରିଜ୍ କୋଚ୍ ଭାବରେ ଗମ୍ଭୀରଙ୍କ ପାଇଁ ପ୍ରଥମ ଦାୟିତ୍ୱ ରହିବ। ଭାରତୀୟ ଦଳ ବର୍ତ୍ତମାନ ସଫଳତାର ଶୀର୍ଷରେ ରହିଥିବା ବେଳେ ୪୨ ବର୍ଷୀୟ ଗମ୍ଭୀରଙ୍କୁ ମୁଖ୍ୟ କୋଚ୍ ଦାୟିତ୍ୱ ପ୍ରଦାନ କରାଯାଇଛି। ଦୁଇ ଦୁଇ ଥର ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହି ସାରିଥିବା ଗମ୍ଭୀର ଦୁଇଟି ଆଇପିଏଲ ଫ୍ରାଞ୍ଚାଇଜ ପାଇଁ ମେଣ୍ଟର ଭୂମିକାରେ ରହି ସାରିଛନ୍ତି। ୨୦୦୭ ଟି୨୦ ବିଶ୍ୱକପ ଓ ୨୦୧୧ ଦିନିକିଆ ବିଶ୍ୱକପ ଫାଇନାଲରେ ଟପ୍ ସ୍କୋରର ରହିଥିବା ଗମ୍ଭୀରଙ୍କ ଅଧିନାୟକତ୍ୱରେ କୋଲକାତା ନାଇଟ ରାଇଡର୍ସ ୨ ଥର ଆଇପିଏଲ ଟାଇଟଲ ମଧ୍ୟ ହାତେଇଥିଲା। ୨୦୨୨ ଓ ୨୦୨୩ ଆଇପିଏଲରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ମେଣ୍ଟର ଥିବା ବେଳେ ଏହା ପ୍ଲେ ଅଫ୍ ପ୍ରବେଶ କରିଥିଲା। ଅନ୍ୟ ପକ୍ଷରେ ନଭେମ୍ବର ୨୦୨୩ରେ କୋଲକାତା ନାଇଟ ରାଇଡର୍ସର ମେଣ୍ଟର ଭୂମିକାରେ ରହିବା ସହ ଦଳକୁ ଚାମ୍ପିୟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଇପିଏଲ ୨୦୨୪ ସମୟରେ ହିଁ ଗମ୍ଭୀରଙ୍କୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଭୂମିକା ଅଫର ଦିଆଯାଇଥିଲା। ଭାରତ ପାଇଁ ୫୮ ଟେଷ୍ଟ, ୧୪୭ ଦିନିକିଆ ଓ ୩୭ ଟି୨୦ ମ୍ୟାଚ୍ ଖେଳିଥିବା ଏହି ବାମହାତୀ ଷ୍ଟାଇଲିସ୍ ଓପନର ୧୦ ହଜାରରୁ ଅଧିକ ରନ୍ କରିଛନ୍ତି। ୫୮ ଟେଷ୍ଟର ୧୦୪ ଇନିଂସରୁ ୨୦୬ର ସର୍ବାଧିକ ସ୍କୋର ସହିତ ସେ ୪୧୫୪ ରନ୍ କରିଛନ୍ତି। ଏହା ମଧ୍ୟରେ ୯ ଶତକ ଓ ୨୨ ଅର୍ଦ୍ଧଶତକ ସାମିଲ ଅଛି। ଅନ୍ୟ ପକ୍ଷରେ ୧୪୭ ଦିନିକିଆରେ ୧୪୩ ଇନିଂସରୁ ୧୫୦ର ସର୍ବାଧିକ ସ୍କୋର ସହ ସେ ୫୨୩୮ ରନ୍ କରିଛନ୍ତି। ଏହା ମଧ୍ୟରେ ୧୧ ଶତକ ଓ ୩୪ ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ଭାରତ ପାଇଁ ୩୭ ଅନ୍ତର୍ଜାତୀୟ ଟି୨୦ ଖେଳି ୭ ଅର୍ଦ୍ଧଶତକ ଓ ୭୫ ରନ୍‌ର ସର୍ବାଧିକ ସ୍କୋର ସହ ସେ ୯୩୨ ରନ୍ ସ୍କୋର କରିଛନ୍ତି।

## କେନ୍‌ଜା ଲେଲି ପ୍ରଥମ...

ଓ ପର୍ତ୍ତୁଗାଲର ଓଲିଭିଆ ସି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଭାରତର ଏଆଇ ଜେନେରେଟେଡ୍ ମଡେଲ ଜରା ଶତାୱରୀ ଏହି ପ୍ରତିଯୋଗିତାର ଶୀର୍ଷ ୧୦ ଫାଇନାଲିଷ୍ଟଙ୍କ ମଧ୍ୟରେ ପ୍ରବେଶ କରିବାକୁ ସକ୍ଷମ ହୋଇଛନ୍ତି। ତାଙ୍କୁ ଏକ ଭାରତୀୟ ମୋବାଇଲ ବିଜ୍ଞାପନ ଏଜେନ୍ସିର ସହ ପ୍ରତିଷ୍ଠାତା ରାହୁଲ ଚୌଧୁରୀ କ୍ରିଏଟ୍ କରିଥିଲେ।

ଏଆଇ ଜେନେରେଟେଡ ମଡେଲମାନଙ୍କ ପାଇଁ 'ମିସ୍ ଏଆଇ' ହେଉଛି ବିଶ୍ୱର ପ୍ରଥମ ସୌନ୍ଦର୍ଯ୍ୟ ପ୍ରତିଯୋଗିତା। ଫାନ୍‌ଭ୍ୟୁ ଏଆଇ କ୍ରିଏଟର ଆୱାର୍ଡ୍ସ (ଡବ୍ଲ୍ୟୁଏଆଇସିଏ) ପକ୍ଷରୁ ଗତ ଏପ୍ରିଲରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରୁ ଏଆଇ କ୍ରିଏଟରମାନଙ୍କୁ ସେମାନଙ୍କ ପ୍ରୋଗ୍ରାମିଂ କୌଶଳ ପ୍ରଦର୍ଶନ କରିବାକୁ ଆମନ୍ତ୍ରିତ କରାଯାଇଥିଲା। ପ୍ରତିଯୋଗୀମାନଙ୍କୁ ସେମାନଙ୍କ ଚେହେରା, ଅନଲାଇନ୍ କମାଣ୍ଡ, ସେମାନଙ୍କୁ ସୃଷ୍ଟି କରିବାରେ ବ୍ୟବହୃତ ହୋଇଥିବା ଯାନ୍ତ୍ରିକ କୌଶଳ ଆଦିକୁ ବିଚାରକୁ ନେଇ ଫଳାଫଳ ଘୋଷିତ ହୋଇଥିବା ଡବ୍ଲ୍ୟୁଏଆଇସିଏର ସହ ପ୍ରତିଷ୍ଠାତା ୱିଲ୍ ମୋନଜ କହିଛନ୍ତି।

## ସୁକିନ୍ଦାରେ ରଥଯାତ୍ରାବେଳେ ୨ ସେବାୟତ ଗୋଷ୍ଠୀ ପିଟାପିଟି




# ନିଜ ଭିତରେ ଅନୁସନ୍ଧାନ ଭାବନା ବଜାୟ ରଖ: ରାଷ୍ଟ୍ରପତି

**ଭୁବନେଶ୍ୱର,୯।୭ (ଅସମାପିକା ସାହୁ)**

ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି କହିଥିଲେ, ନାଇଜରର ଯାତ୍ରା ଅଳ୍ପ କିଛି ବର୍ଷ ତଳୁ ଆରମ୍ଭ ହୋଇଛି। କିନ୍ତୁ କମ୍ ସମୟ ମଧ୍ୟରେ ଏହା ଶିକ୍ଷା ଜଗତରେ ନିଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସୃଷ୍ଟି କରିଛି। ବିଜ୍ଞାନର ଯଥାର୍ଥତା ଓ ପରମ୍ପରାର ମୂଲ୍ୟବୋଧକୁ ସମନ୍ୱିତ କରି ଏହି ଅନୁଷ୍ଠାନ ଆଗକୁ ବଢ଼ୁଥିବାରୁ ସେ ଖୁସି ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ, ଅର୍ଥପୂର୍ଣ୍ଣ ଶିକ୍ଷା ଏବଂ ଜ୍ଞାନ ହିଁ ମାନବିକତାର ଉନ୍ନତି ଓ ପ୍ରଗତି ପାଇଁ ବ୍ୟବହୃତ ହୁଏ। ସେମାନେ ଯେଉଁଠି କାମ କରିବେ, ନିଜ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ନିଜ କର୍ମକ୍ଷେତ୍ରରେ ସଫଳତା ସାଙ୍ଗକୁ ସେମାନେ ନିଜର ସାମାଜିକ କର୍ତ୍ତବ୍ୟକୁ ମଧ୍ୟ ସମ୍ପୂର୍ଣ୍ଣ ଉତ୍ତରଦାୟିତ୍ୱ ସହ ନିର୍ବାହ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ। ସର୍ବଦା ନିଜ ଭିତରେ ନମ୍ରତା ଓ ଅନୁସନ୍ଧାନ ଭାବନା ବଜାୟ ରଖିବାକୁ ରାଷ୍ଟ୍ରପତି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେମାନେ ନିଜ ଜ୍ଞାନକୁ ଏକ ସାମାଜିକ ଉଦ୍ୟୋଗ ଭାବେ ବିଚାର କରି ସମାଜ ଓ ଦେଶର ବିକାଶ ପାଇଁ ବ୍ୟବହାର କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ। ରାଷ୍ଟ୍ରପତି କହିଥିଲେ, ବିଜ୍ଞାନର ବରଦାନ ସାଙ୍ଗକୁ ଏହାର ଅଭିଶାପର ବିପଦ ସବୁବେଳେ ରହିଥାଏ। ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ନୂତନ ବୈଷୟିକ ବିକାଶ ମାନବ ସମାଜକୁ ସାମର୍ଥ୍ୟ ପ୍ରଦାନ କରୁଛି, କିନ୍ତୁ ଏଥିସହ ଏହା ମାନବିକତା ପାଇଁ ନୂତନ ଆହ୍ୱାନ ମଧ୍ୟ ସୃଷ୍ଟି କରୁଛି। ସିଆର୍ଆଇଏସ୍‌ପିଆର୍-ସିଏଏସ୍-୯ ଭଳି ଜିନ ଏଡିଟିଂକୁ ବହୁତ ସହଜ କରିଛି। ଅନେକ ଦୁରାରୋଗ୍ୟ ରୋଗର ସମାଧାନ ଦିଗରେ ଏହି ଟେକ୍ନୋଲୋଜି ଏକ ବଡ଼ ପଦକ୍ଷେପ। ତେବେ ଏହି ଜ୍ଞାନକୌଶଳର ବ୍ୟବହାର ଯୋଗୁ ନୈତିକ ଓ ସାମାଜିକ ସମସ୍ୟା ଉପୁଜୁଥିବା ବେଳେ ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଉନ୍ନତି ଯୋଗୁ ଅବିକଳ ନକଲ ବା ଡିପ୍ ଫେକ୍ ସମସ୍ୟା ଏବଂ ଅନେକ ନିୟାମକ ଆହ୍ୱାନ ସାମ୍ନାକୁ ଆସୁଛି। ରାଷ୍ଟ୍ରପତି କହିଥିଲେ, ମୌଳିକ ବିଜ୍ଞାନ କ୍ଷେତ୍ରରେ ପରୀକ୍ଷଣ ଏବଂ ଗବେଷଣା ଫଳାଫଳ ପାଇବା ପାଇଁ ଅନେକ କ୍ଷେତ୍ରରେ ବହୁତ ସମୟ ଲାଗିଥାଏ। ଦୀର୍ଘ ବର୍ଷ ଧରି ନିରାଶର ସମ୍ମୁଖୀନ ହେବା ପରେ ଅନେକ ଥର ସଫଳତା ମିଳିଛି। ସେ ଛାତ୍ରୀଛାତ୍ରଙ୍କୁ କହିଥିଲେ, ସେମାନେ ଏପରି ଏକ ପର୍ଯ୍ୟାୟ ଦେଇ ଗତି କରିପାରନ୍ତି, ଯେତେବେଳେ ସେମାନଙ୍କ ଧୈର୍ଯ୍ୟର ପରୀକ୍ଷା ଦେବାକୁ ହେବ। କିନ୍ତୁ ସେମାନେ କେବେ ବି ନିରୁତ୍ସାହିତ ହେବା ଉଚିତ ନୁହେଁ। ମୌଳିକ ଗବେଷଣାର ଉନ୍ନତି ଅନ୍ୟ କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହୁଏ ବୋଲି ସର୍ବଦା ମନେରଖିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ସମାରୋହରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନାଇଜର ନିର୍ଦ୍ଦେଶକ ହୀରେନ୍ଦ୍ର ନାଥ ଘୋଷ ପ୍ରମୁଖ ମଞ୍ଚାସୀନ ଥିଲେ।




ନାଇଜରର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ କୃତୀ ଛାତ୍ରୀଙ୍କୁ ଉପାଧି ପ୍ରଦାନ କରୁଛନ୍ତି।

## ବଜ୍ରପାତରେ ଦମ୍ପତିଙ୍କ ମୃତ୍ୟୁ

**ବୈପାରିଗୁଡା,୯।୭ (କଳ୍ପତରୁ ମହାନ୍ତି)**

କୋରାପୁଟ ଜିଲା ବୈପାରିଗୁଡା ଥାନା ଅନ୍ତର୍ଗତ ମହୁଲି ପଞ୍ଚାୟତର ପାରଲ ଗ୍ରାମରେ ବଜ୍ରପାତରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ରବି ମଦୁଲି ଓ ତାଙ୍କ ସ୍ତ୍ରୀ ବତୀ ମୁଦୁଲି। ସୋମବାର ରବି ଓ ବତୀ ମାଣ୍ଡିଆ ବିହନ ବୁଣିବାକୁ ନିକଟସ୍ଥ ଡଙ୍ଗରକୁ ଯାଇଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ସେମାନେ ଘରକୁ ନ ଫେରିବାରୁ ସେମାନଙ୍କ ପରିବାର ଲୋକେ ଡଙ୍ଗରକୁ ଖୋଜିବାକୁ ଯାଇଥିଲେ। ଡଙ୍ଗରର ଏକ ସ୍ଥାନରେ ବତୀଙ୍କ ମୃତଦେହ ପଡିଥିବା ବେଳେ ରବିଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜୟପୁର ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ୱାର୍ଡମେମ୍ବର ସଦନ କିର୍ଷାନି ମଙ୍ଗଳବାର ବୈପାରିଗୁଡା ଥାନାରେ ଏତଲା ଦେବା ପରେ ପୋଲିସ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଛି। ଥାନାରେ ୨ଟି (୨୦/୨୧/୨୪) ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ କହିଛନ୍ତି।

# ଓଡ଼ିଶାରେ ଲାଗୁହେଲା ପିଏମ୍ ଶ୍ରୀ ସ୍କୁଲ

### ଶିକ୍ଷା ମନ୍ତ୍ରଣାଳୟ- ଓଡ଼ିଶା ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)**

ଓଡ଼ିଶାରେ ପିଏମ୍ ଶ୍ରୀ ଯୋଜନା କ୍ରିୟାନ୍ୱୟନ ପାଇଁ ବର୍ତ୍ତମାନ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଏବଂ ଓଡ଼ିଶା ରାଜ୍ୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର ସରକାର, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାର, ସ୍ଥାନୀୟ ସଂସ୍ଥା, କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତି ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି, ଗୁଣବତ୍ତା ବୃଦ୍ଧି କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଏବଂ ଓଡ଼ିଶାର ଶିକ୍ଷା ସଚିବଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉକ୍ତ ସ୍କୁଲଗୁଡ଼ିକ ଜାତୀୟ ଶିକ୍ଷାନୀତିର ପୂର୍ଣ୍ଣ ଭାବନାକୁ ନେଇ କାର୍ଯ୍ୟ କରିବ ତଥା ସମସ୍ତ ମୌଳିକ ଉପାଦାନକୁ ପ୍ରଦର୍ଶିତ କରିବ। ଏହା ସବୁ ବିଦ୍ୟାଳୟ ପାଇଁ ଏକ ଉଦାହରଣ ଭାବେ କାର୍ଯ୍ୟ କରିବ। ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କ ବୈଜ୍ଞାନିକ ମନୋଭାବକୁ ବଢ଼ାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢ଼ାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦକ୍ଷତା ବଢ଼ାଇବା ଦିଗରେ ପିଏମ୍ ଶ୍ରୀର ଯୋଜନା। ଏହି ସ୍କୁଲଗୁଡିକ ଜାତୀୟ ଶିକ୍ଷାନୀତିର ପରାମର୍ଶ ଅନୁସାରେ ହୋଇଥିବା ପାଠ୍ୟକ୍ରମ ଓ ପାଠପଢ଼ାର ପଦ୍ଧତି, ଶିକ୍ଷକମାନଙ୍କ ପରିବର୍ଦ୍ଧିତ ଦକ୍ଷତାକୁ ଗୋଟିଏ ସ୍କୁଲରେ ପରିପ୍ରକାଶ କରିବ। ବର୍ତ୍ତମାନ ସୁଦ୍ଧା ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ(କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି(ଏନ୍‌ଭିଏସ୍) ମୋଦି ସରକାରଙ୍କ ଯୋଜନା ପିଏମ୍ ଶ୍ରୀ ସ୍କୁଲ ଅଧୀନରେ ସେମାନଙ୍କ ବିଦ୍ୟାଳୟଗୁଡ଼ିକର ଉନ୍ନତୀକରଣ ପାଇଁ ଶିକ୍ଷା ମନ୍ତ୍ରଣାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଯୋଜନାରେ ଓଡ଼ିଶାର ପ୍ରତ୍ୟେକ ବ୍ଲକ୍ ଏବଂ ପୌରାଞ୍ଚଳରେ ୨ଟି ଲେଖାଏ ସ୍କୁଲକୁ ପିଏମ୍ ଶ୍ରୀ ସ୍କୁଲରେ ବିକଶିତ କରାଯିବ। ଓଡ଼ିଶାରେ ପ୍ରାୟ ୮୦୦ଟି ସ୍କୁଲ ପିଏମ୍ ଶ୍ରୀ ସ୍କୁଲରେ ବିକଶିତ ହେବା ଯୋଜନା ରହିଛି। ପିଏମ୍‌ଶ୍ରୀ ସ୍କୁଲଗୁଡିକ ଉତ୍ସାହଭରା ପରିବେଶରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲଗୁଡ଼ିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହ ସାମଗ୍ରିକ ବ୍ୟକ୍ତି ସୃଷ୍ଟି କରିବା ଦିଗରେ ସହାୟକ ହେବ। ସମଗ୍ର ଭାରତବର୍ଷରେ ବିକଶିତ ଓ ନବୀକରଣ ହେବାକୁ ଥିବା ପିଏମ୍ ଶ୍ରୀ ସ୍କୁଲ ଦେଶର ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିବେଚିତ ହେବ।

## ପୋଲିସ ଗୁଳିରେ ମହିଳା ମାଓବାଦୀ ନିହତ

**ମାଲକାନଗିରି,୯।୭(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ରେ ପୋଲିସ ସହ ଗୁଳି ବିନିମୟରେ ମଙ୍ଗଳବାର ଜଣେ ମହିଳା ମାଓବାଦୀ ନିହତ ହୋଇଥିବା ବେଳେ ଅନେକ ମୃତାହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ,ଛତିଶଗଡ଼ କାଙ୍କେର ଜିଲା ଛୋଟେବେଟିଆ ଥାନା ଅନ୍ତର୍ଗତ ବିନାଗୁଣ୍ଡା ଜଙ୍ଗଲରେ ମାଓବାଦୀ ଦମନ ଲାଗି ଡିଆର୍‌ଜି, ବସ୍ତରଫାଇଟର ଓ ବିଏସ୍‌ଏଫ୍ ପକ୍ଷରୁ ମିଳିତ ତଲାସି ଅଭିଯାନ କରାଯାଇଥିଲା। ଜଙ୍ଗଲରେ ଯବାନ-ମାଓବାଦୀ ମୁହାଁମୁହିଁ ହେବା ସହ ଦୀର୍ଘ ସମୟ ଧରି ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା। ଫଳରେ ମାଓବାଦୀମାନେ ଯବାନଙ୍କ ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ତେବେ ଏହା ପରେ ଯବାନମାନେ ଉକ୍ତ ଅଞ୍ଚଳରେ ପୁନର୍ବାର ତଲାସି କରିବା ବେଳେ ଜଣେ ମହିଳା ମାଓବାଦୀଙ୍କ ମୃତଦେହ ଜବତ ସହ ଘଟଣାସ୍ଥଳରୁ ଗୋଟିଏ ଥ୍ରୀ ନଟ୍ ଥ୍ରୀ ବନ୍ଧୁକ ଓ ୩୧୫ ବୋର୍ ବନ୍ଧୁକ ଏବଂ ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଥିବା ସୂଚନା ମିଳିଛି। ତେବେ ଗୁଳି ବିନିମୟରେ ଆହୁରି ଅନେକ ମାଓବାଦୀ ମୃତାହତ ହୋଇଥିବା ଅନୁମାନ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ସହଯୋଗୀ ଶିକ୍ଷା ବ୍ୟବସ୍ଥା ପାଇଁ ମିଳିତ ଭାବେ କାର୍ଯ୍ୟ କରନ୍ତୁ ରାଜ୍ୟ: ଧର୍ମେନ୍ଦ୍ର



**ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ସହ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ସମୀକ୍ଷା ବୈଠକର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ସମଗ୍ର ଭାରତବର୍ଷରେ ବିଦ୍ୟାଳୟ ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ଆଗାମୀ ୫ ବର୍ଷର ରୋଡ୍‌ମ୍ୟାପ୍ ଉପରେ ମତ ରଖିଛନ୍ତି। ସେ କହିଛନ୍ତି, ଶିକ୍ଷା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ପରିକଳ୍ପନାର ଏକ ପ୍ରମୁଖ ସ୍ତମ୍ଭ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ହେଲେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ଜାତୀୟ ଶିକ୍ଷାନୀତିର ପାଖାପାଖି ୪ ବର୍ଷ ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅଗ୍ରଗତି ହୋଇଛି। ଭାରତକୁ ଏକ ଜ୍ଞାନ ମହାଶକ୍ତିରେ ପରିଣତ କରିବା ପାଇଁ ଗୁଣାତ୍ମକ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଶିକ୍ଷାକୁ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରିବା ଦିଗରେ ଜାତୀୟ ଶିକ୍ଷାନୀତିର କ୍ରିୟାନ୍ୱୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ଭାଷାରେ ଶିକ୍ଷା ପ୍ରଦାନ ଉପରେ ଧର୍ମେନ୍ଦ୍ର କହିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ରେ ମାତୃଭାଷା ଏବଂ ସମସ୍ତ ଭାରତୀୟ ଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜାତୀୟ ଶିକ୍ଷାନୀତିର ସୁପାରିସ ଅନୁସାରେ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ସହ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ହେବ। ଭାରତ ହେଉଛି ଏକ ଯୁବବର୍ଗଙ୍କ ଦେଶ। ବିଶେଷ ଭାବେ ବିଶ୍ୱ ଯେତେବେଳେ ଦ୍ରୁତଗତିରେ ପରିବର୍ତ୍ତନ ହେଉଛି ଏବଂ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ହେଉଛି ସେହି ସମୟରେ ଯୁବକଙ୍କୁ ଏକବିଂଶ ଶତାବ୍ଦୀରେ ବୈଶ୍ୱିକ ନାଗରିକ କରିବା ଆମର ଆହ୍ୱାନ। ଆମକୁ ମିଳିତ ଉଦ୍ୟମରେ ଏପରି ଏକ ଶିକ୍ଷା ବ୍ୟବସ୍ଥା କରିବା ପାଇଁ ପଡ଼ିବ ଯେଉଁ ଶିକ୍ଷା ଉଭୟ ରୁଟେଡ୍ ଏବଂ ଭବିଷ୍ୟତବାଦୀ ହେବ। ସାମଗ୍ରିକ ଆଭିମୁଖ୍ୟ ସହିତ ବିଦ୍ୟାଳୟଗୁଡ଼ିକରେ ବୈଷୟିକ ଜ୍ଞାନକୌଶଳ ପ୍ରସ୍ତୁତ କରିବା ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରିଟିକାଲ ଚିନ୍ତାଧାରାକୁ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହାବ୍ୟତୀତ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧିର ଗୁରୁତ୍ୱ, ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଦକ୍ଷତାଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି।

# ଗୋଟିଏ ଦିନେ ରାଜ୍ୟରେ ବଣ୍ଟାଗଲା ମାଟ୍ରିକ୍ ସାର୍ଟିଫିକେଟ୍

**କଟକ,୯।୭ (କାର୍ତ୍ତିକ ସାହୁ)**

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅରିଜିନାଲ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟ ରାଜ୍ୟରେ ଏକ ସଙ୍ଗେ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଧାର୍ଯ୍ୟ ସୂଚୀ ଅନୁଯାୟୀ, ଏହି କାର୍ଯ୍ୟ ଜିଲା ଶିକ୍ଷାଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର କରାଯାଇଛି। ପ୍ରତ୍ୟେକ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକ ବୋର୍ଡ ନିର୍ଦ୍ଦେଶନାମା ଅନୁସାରେ ଏହି କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ତେବେ ବଳି ପଡ଼ିଥିବା ସାର୍ଟିଫିକେଟଗୁଡ଼ିକୁ ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କୁ ବୁଧବାର ବଣ୍ଟନ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସାର୍ଟିଫିକେଟ ବଣ୍ଟନ ପରେ ଏ ସଂକ୍ରାନ୍ତୀୟ ତଥ୍ୟ ବୋର୍ଡକୁ ପ୍ରଦାନ କରିବା ନିମନ୍ତେ ଜିଲା ଶିକ୍ଷାଧିକାରୀମାନଙ୍କୁ ଅବଗତ କରାଯାଇଥିବା ଜଣାପଡିଛି।

# ଚିନ୍ତା ବଢ଼ାଉଛି ମ୍ୟାଲେରିଆ, ହଷ୍ଟେଲ ଛାତ୍ରୀଛାତ୍ର ଆକ୍ରାନ୍ତ

**ରାୟଗଡ଼ା, ୯।୭ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାର ବିଭିନ୍ନ ଆଶ୍ରମ, ସେବାଶ୍ରମ ଓ ଉଚ୍ଚ ବିଦ୍ୟାଳୟରେ ଥିବା ହଷ୍ଟେଲରେ ମ୍ୟାଲେରିଆ ବ୍ୟାପିବାରେ ଲାଗିଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଅଧୀନରେ ପରିଚାଳିତ ଆବାସିକ ବିଦ୍ୟାଳୟରେ ବହୁ ଛାତ୍ରୀଛାତ୍ର ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହା ଅଭିଭାବକଙ୍କ ଚିନ୍ତା ବଢାଇଛି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ବିଭିନ୍ନ ବିଦ୍ୟାଳୟରେ ପିଲାଙ୍କ ରକ୍ତ ନମୁନା ପରୀକ୍ଷା ପରେ ମ୍ୟାଲେରିଆ ରହିଥିବା ଜଣାପଡ଼ିଛି। ରାୟଗଡ଼ା ବ୍ଲକ୍ କେରେଡ଼ା ଉଚ୍ଚ ବିଦ୍ୟାଳୟରେ ୧୦ ଓ ବିଲେସୁ ଉଚ୍ଚବିଦ୍ୟାଳୟରେ ୧୧ ଜଣ, ରାୟଗଡ଼ା ସହର ଉପକଣ୍ଠ ଅନ୍ୱେଷା ହଷ୍ଟେଲରେ ୯ ଛାତ୍ରୀଛାତ୍ର ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେମାନଙ୍କ ଚିକିତ୍ସା ଚାଲିଛି। ସେହିପରି କଲ୍ୟାଣସିଂହପୁର ବ୍ଲକ୍ ପାରସାଲି ବାଳିକା ଉଚ୍ଚବିଦ୍ୟାଳୟର ୨୪୮ ଜଣ ଛାତ୍ରୀଛାତ୍ରଙ୍କ ରକ୍ତ ପରୀକ୍ଷଣ ହୋଇଥିଲା। ସେଥିରୁ ୫୫ ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ପୋଲମା ଉଚ୍ଚ ବିଦ୍ୟାଳୟର ୫୧ ଜଣଙ୍କ ମଧ୍ୟରୁ ୨୪ ଜଣ ମ୍ୟାଲେରିଆ ଆକ୍ରାନ୍ତ ଅଛନ୍ତି। ପୂର୍ବରୁ ତଳଅଞ୍ଚଳବାଡ଼ି ବିଦ୍ୟାଳୟର ୧୦୩ ଓ ବେଲକଣା ବିଦ୍ୟାଳୟର ୧୫ ଜଣ ଚିହ୍ନଟ ହୋଇଥିଲେ। ଏତଦ୍‌ବ୍ୟତୀତ କୋଲନରା ବ୍ଲକ୍‌ର ବହୁ ବିଦ୍ୟାଳୟ ଗୁଡ଼ାରି ଉଚ୍ଚ ବିଦ୍ୟାଳୟ, ବିଷମକଟକ ବ୍ଲକ୍ ଗଡିଗୁଡା ଉଚ୍ଚ ବିଦ୍ୟାଳୟ, ମୁନିଗୁଡ଼ା ବ୍ଲକ୍ ମୁନିଖୋଲ ଉଚ୍ଚବିଦ୍ୟାଳୟରେ ଅନେକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବିଭିନ୍ନ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍କ୍ରିନିଂ କରାଯାଉଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷଣ ଦ୍ୱାରା ଏବେ ମ୍ୟାଲେରିଆ ପରୀକ୍ଷଣ କିଟ୍ ସମଗ୍ର ଜିଲାରେ ଅଭାବ ଥିବା ଜଣାପଡିଛି। ତେଣୁ ଏବେ ସମସ୍ତଙ୍କ ରକ୍ତ ପରୀକ୍ଷା ବଦଳରେ କେବଳ ଜ୍ୱର ଓ ଲକ୍ଷଣ ରହୁଥିବା ଛାତ୍ରୀଛାତ୍ରଙ୍କ ମ୍ୟାଲେରିଆ ପରୀକ୍ଷା ହେଉଛି; ଯାହାକି ଚିନ୍ତାର କାରଣ ପାଲଟିଛି। ଅପରପକ୍ଷରେ ୨୦୨୦ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହଷ୍ଟେଲରେ ଛାତ୍ରୀଛାତ୍ରଙ୍କୁ ମଶାରି ପ୍ରଦାନ ହୋଇ ନ ଥିବା ଅଭିଯୋଗ ହୋଇଛି। ଏଣେ ମ୍ୟାଲେରିଆ ଆକ୍ରାନ୍ତଙ୍କୁ ଉଚିତ ଚିକିତ୍ସା ଦେବା ପରିବର୍ତ୍ତେ ଆଶ୍ରମ, ସେବାଶ୍ରମ ଓ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମେତ ହଷ୍ଟେଲ ପରିଚାଳକ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମଙ୍ଗଳବାର ଜଣେ ଷଷ୍ଠଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଆଉ କେତେଜଣ ବ୍ରହ୍ମପୁର ଏମ୍‌କେସିଜି ଓ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଲାଲମୋହନ ରାଉତରାୟ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍କ୍ରିନିଂ କରାଯାଇ ଆକ୍ରାନ୍ତଙ୍କୁ ଔଷଧ ପ୍ରଦାନ କରାଯାଉଛି। ମୋବାଇଲ ସ୍ୱାସ୍ଥ୍ୟସେବା ଟିମ୍ ଯାଇ ପରିଦର୍ଶନ କରୁଛନ୍ତି। ମ୍ୟାଲେରିଆ ପରୀକ୍ଷଣ କିଟ୍ ଅଭାବ ନାହିଁ ବୋଲି କହିଛନ୍ତି ଡା. ରାଉତରାୟ। ମଙ୍ଗଳବାର ସନ୍ଧ୍ୟାରେ ରାୟଗଡ଼ା ଆସିଥିବା ଅନୁସୂଚିତ ଜନଜାତି ଓ ଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରିବାରୁ ସମସ୍ତ ବିଭାଗକୁ ସଚେତନ କରାଯିବା ସହ ଏଥିପ୍ରତି ଗୁରୁତର ସହିତ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ମଶାରୀ ବଣ୍ଟନ ବିଷୟରେ ପଚାରିବାରୁ ଏ ନେଇ ତଦନ୍ତ କରି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**LEPRA SOCIETY**
Requires M&E-cum -Accountant for Target Intervention (IDU) Project, Bhubaneswar. Qualification: B.Com. or above with minimum 2Yr. experience with Social Development. Salary: Rs.16,000/- (P.M.). Apply to: hrd@leprahealthinaction.in by 16.07.2024. For apply detail visit: www.leprasociety.in.
(Apply with reference number mention in website).

**REQUIREMENT**
For a Construction Site
(Experienced Only)
SITE SUPERVISOR
Mob.: 8338905555
sitekhorda@gmail.com

**WANTED**
Urgently required for Jagatsinghpur District, Cuttack District and Bhubaneswar :
Sales and Marketing Representative for FMCG products. Only serious candidates apply through
WhatsApp- 9778863000

**WANTED**
CIVIL LABOUR CONTRACTOR
WANTED CIVIL LABOUR CONTRACTOR FOR CENTRAL GOVERNMENT WORK AT PHIRINGIA NEAR PHULBANI, ODISHA. INTERESTED PARTIES MAY CONTACT IN THE BELOW MENTIONED NUMBER IMMEDIATELY.
Contact : 9437063233

**WANTED**
ଧରିତ୍ରୀ DHARITRI Oriya daily
is looking for
CLASSIFIED EXECUTIVES
- Candidates must have minimum 3-5 years experience in Classified Space Selling for Print Media.

Roles and Responsibilities -
- Responsible for classified space selling.
- Well versed with Media Clients and Agencies.
- Drive new client acquisition.
- Capable to aggressively chase sales targets.
- Proficiency in MS Office will be an added advantage.

Apply immediately to :
recruitment@dharitri.com
Attractive salary commensurate with experience

Chilika
**CHILIKA DEVELOPMENT AUTHORITY**
Plot No. 493(P), Pallaspalli, Pokhariput Road, BBSR-20
WALK-IN-INTERVIEW
No. 926 Dated: 04.07.2024
No. CAD-502: Walk-in-Interview for different posts in CDA will be conducted on 19.07.2024 at 9 A.M. in CDA Office. For detail and application procedure visit advertisement section http://www.chilika.com/advertisement.php.
Sd./- Addl. Chief Executive
Chilika Development Authority
OIPR-08138/11/0001/2425

OFFICE OF THE PRINCIPAL
**GOVT. WOMEN'S HIGHER SECONDARY SCHOOL, SAMBALPUR**
No. 2145/GWC Date: 09.07.2024
A Walk-in-Interview for the engagement of Guest Faculty in Information Technology (+2 Stream) will be held for the academic session 2024-25 as per date and time mentioned below. Candidates who have secured at least 50% marks in their Post Graduate (PG) studies or equivalent degree in the relevant subject, with good academic career should report on the date with original and attested copies of the mark sheets and certificates. Honorarium as prescribed by the Govt. will be paid for engagement of classes. The engagement is purely temporary and terminable at any time without prior notice. No TA, DA will be paid for attending the interview. For detials, please visit the College website: https://gwcsbp.in.

| | Date | Reporitng Time | Subject |
|---|---|---|---|
| 1 | 19.07.2024 | 10.00 A.M. | Information Technology (+2 Stream) |

Sd./- Principal
Govt. Women's Higher Secondary School, Sambalpur

See Career Appointment on every Wednesday & Saturday

**Fusion Microfinance**
ପୋଷ୍ଟ: RO/SR. RO
(ପୁରୁଷ / ମହିଳା)
ଯୋଗ୍ୟତା: ଦ୍ୱାଦଶ ପାସ୍ / ସ୍ନାତକ, ବୟସ: 18-35 ବର୍ଷ
ଦରମା: 14000/- ରୁ 15000/-, ପେଟ୍ରୋଲ୍: 4000/- + ପ୍ରୋତ୍ସାହନ 2000/- ରୁ 9500/- + ମାଗଣା ଆବାସ ଏବଂ ମେସ୍ ସୁବିଧା ଉପଲବ୍ଧ
ଡକ୍ୟୁମେଣ୍ଟ: ପାନ୍, ଆଧାର, ସ୍ମାର୍ଟ ଫୋନ୍, ଡ୍ରାଇଭିଂ ଲାଇସେନ୍ସ, ବାଇକ ଅନିବାର୍ଯ୍ୟ
ସାକ୍ଷାତକାର: 13-14 ଜୁଲାଇ 2024, ସମୟ -10 ରୁ 5 ଟା
ଫ୍ୟୁଜନ୍ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍
HIG (B-42), ଅନନ୍ତ ବିହାର, ଦ୍ୱିତୀୟ ପର୍ଯ୍ୟାୟ, ଆୟଶା ଲେଡିଜ୍ ଟେଲର୍ ନିକଟରେ, PO: ପୋଖରୀପୁଟ, ବିବିଏସ୍‌ଆର୍, ଖୋର୍ଦ୍ଧା, ଓଡିଶା - 751020
ମୋବାଇଲ୍: 9599236900
ଗୌତମ ନଗର, ପ୍ରଥମ ଲାଇନ, ମହିଳା କଲେଜ ନିକଟରେ, ପୋ/ଜିଲ୍ଲା-ରାୟଗଡା ଓଡିଶା-765001
ମୋବାଇଲ୍: 9667993072
ରାଜନପାଲି, ବଟୁପାଲି HN-169/263, କଲେଜ ରୋଡ୍, ବୌଦ୍ଧ-762014
ମୋବାଇଲ୍: 9599612051
୨ୟ ମହଲା, ରୟାଲ୍ ଗ୍ରୀନ୍ କୋଣଳ, ପାଲେସ ଲାଇନ, ସ୍ପେସ୍ ଲାଇନ, ଇଣ୍ଡସ୍ ଇଣ୍ଡଷଇଣ୍ଡ ବ୍ୟାଙ୍କ, ବଲାଙ୍ଗୀର, ଓଡିଶା -767001
ମୋବାଇଲ୍: 9599612051
ତୁଳସୀଚଉରା ପୋ-ତୁଳାସିଚୁରା PS-ବାରିପଦା, ମୟୂରଭଞ୍ଜ ଓଡିଶା-757001
ମୋବାଇଲ୍: 9205089473
ସାକ୍ଷାତକାର: 14 ଜୁଲାଇ 2024, ସମୟ -10 ରୁ 5 ଟା
ହୋଟେଲ HCB
ଜାନାନା ହସ୍ପିଟାଲ୍ ରୋଡ, ତୁଳସୀ ନାଗର, ବ୍ରହ୍ମପୁର,ଓଡିଶା -760001
ମୋବାଇଲ୍: 8448698842
ହୋଟେଲ କେସି ପ୍ୟାଲେସ୍
ପଞ୍ଚାଗୋଟିଆ, ସମ୍ବଲପୁର, ସିଙ୍ଘାପାଲି, ଓଡିଶା-768001
ମୋବାଇଲ୍: 7428659625
ହୋଟେଲ ଭିମସେନ୍ ପ୍ରାସାଦ
ଗୋପବନ୍ଧୁ ଛକ, ପାଖ ପେଟ୍ରୋଲ ପମ୍ପ, ବ୍ୟାସନଗର, ଯାଜପୁର ରୋଡ, ଓଡିଶା
ମୋବାଇଲ୍: 9205682106
ହୋଟେଲ । ନାମ୍ରା
ସପ୍ତମ ଗଳି, ଅମାଲାପଡା, ଅନୁଗୁଳ, ଓଡିଶା 759122
ମୋବାଇଲ୍: 6372918670

ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି । ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ । ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି । ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ । ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ । **–ଶ୍ରୀଅରବିନ୍ଦ**



# ପୁଣେ ପରେ ମୁମ୍ବାଇ

କୌଣସି ଅସ୍ୱାଭାବିକ ଘଟଣା ଘଟିଲେ ଅଭିଯୁକ୍ତଙ୍କୁ ତତ୍‌କ୍ଷଣାତ୍ ଗିରଫ କରିବା ଓ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ମୁମ୍ବାଇ ପୋଲିସର ଗୋଟେ ନାଁ ରହିଆସିଥିଲା । ହେଲେ ଦେଖାଯାଉଛି ଦେଶର ଅନ୍ୟାନ୍ୟ ପ୍ରାନ୍ତ ଭଳି ଏହି ପୋଲିସ ତା'ର ମୂଳ ପୋଲିସିଆ ଚରିତ୍ର ପ୍ରଦର୍ଶନ କଲାଣି । ଜୁଲାଇ ୭ ଭୋର ସମୟରେ ଶିବସେନା (ଏକନାଥ ଶିନ୍ଦେ ଗୋଷ୍ଠୀ)ର ବରିଷ୍ଠ ନେତା ରାଜେଶ ଶାହାଙ୍କ ପୁଅ ୨୪ ବର୍ଷୀୟ ମିହିର ଶାହା ନିଜ ବିଏମ୍‌ଡବ୍ଲ୍ୟୁ କାର୍‌ରେ ଦ୍ରୁତଗତିରେ ଯାଉଥିବା ବେଳେ ମୁମ୍ବାଇର ୱର୍ଲିଠାରେ ଏକ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲେ । ଦୁର୍ଘଟଣା ଏତେ ଜୋରରେ ଥିଲା ଯେ, ସ୍କୁଟିର ଆରୋହୀ ମତ୍ସ୍ୟଜୀବୀ ଦମ୍ପତି ବିଏମ୍‌ଡବ୍ଲ୍ୟୁର ବନେଟ୍ ଉପରେ ପଡ଼ି କିଛି ବାଟ ଗଲା ପରେ ଛିଟିକି ପଡ଼ିଯାଇଥିଲେ । ଏହାର ପରିଣତି ସମ୍ପୃକ୍ତା ମହିଳା କାବେରୀ ନକ୍‌ଭାଙ୍କ ଜୀବନ ଯାଇଥିବା ବେଳେ ସ୍ୱାମୀ ପ୍ରଦୀପ ଗୁରୁତର ଆହତ ହୋଇଥିଲେ । ପରେ ଜଣାପଡ଼ିଥିଲା ମିହିର ନିଶାସକ୍ତ ଥିଲେ । ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପୁଅ ଏଭଳି ଅପରାଧ ଘଟାଇବା ପରେ ତାଙ୍କୁ କେଉଁଭଳି ଭାବେ ସୁରକ୍ଷା ଦିଆଯାଇପାରିବ ସେଥିଲାଗି ସମ୍ଭବତଃ ଭିତିରି ଯୋଜନା ଚାଲିଥିଲା । ମିହିର ବିଏମ୍‌ଡବ୍ଲ୍ୟୁ ଚଲାଇବାକୁ ଇଚ୍ଛା କରିବାରୁ ଡ୍ରାଇଭର ତାଙ୍କୁ ଷ୍ଟିୟରିଂ ଛାଡ଼ିଦେଇଥିଲେ । ତେଣୁ ଡ୍ରାଇଭରଙ୍କ ମୁଣ୍ଡ ଉପରେ ଦୋଷ ଦେବା ଲାଗି ମିହିରଙ୍କ ପିତା ସବୁ ବନ୍ଦୋବସ୍ତ କରିଥିଲେ । ହେଲେ ସିସିଟିଭି ତାଙ୍କ ଯୋଜନାକୁ ପଣ୍ଡ କରିଥିଲା । ଅବଶ୍ୟ ଦୁର୍ଘଟଣାକୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଦୁର୍ଭାଗ୍ୟଜନକ କହିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ତଥାପି ଦୁର୍ଘଟଣାର ୩ ଦିନ ପରେ ଜୁଲାଇ ୯ରେ ମିହିରଙ୍କୁ ଗିରଫ କରାଯିବାର ମାନେ ଆଇନଗତ ଦିଗକୁ ବିଚାର କରାଯାଇ ଏତକ ସମୟ ନିଆଯାଇଥିବା ବୁଝାପଡ଼ିଯାଉଛି । ସବୁବେଳେ କୁହାଯାଇଥାଏ ଆଇନ ତା' ନିଜ ବାଟରେ ଯିବ । ବାସ୍ତବତା ହେଉଛି ଆଇନ କୌଣସି ଜୀବନ୍ତ ପ୍ରକ୍ରିୟା ନୁହେଁ । ବହି ମଲାଟ ମଧ୍ୟରେ ଲିପିବଦ୍ଧ ହୋଇଥିବା ଆଇନକୁ ସଚ୍ଚୋଟ ଭାବେ କାର୍ଯ୍ୟକାରୀ କରିବାକୁ ହେଲେ ସେହିଭଳି ସଚ୍ଚୋଟ ମଣିଷର ଆବଶ୍ୟକତା ରହିଛି । ମୁମ୍ବାଇ ପୋଲିସର ବିଳମ୍ବ କାର୍ଯ୍ୟାନୁଷ୍ଠାନ ପ୍ରମାଣ କରୁଛି ଯେ, ଭାରତବର୍ଷରେ ଆଇନ କେବେହେଲେ ନିଜ ବାଟରେ ନିଜେ ଯାଇପାରେ ନାହିଁ । ଯେଉଁ ବ୍ୟକ୍ତି, ପୋଲିସ ହେଉ କିମ୍ବା ବିଚାରପତି, ତାଙ୍କର କାର୍ଯ୍ୟକୁ ନିଷ୍ଠାର ସହିତ କରିବେ ସେତିକିବେଳେ ସେହି ଆଇନର ବାସ୍ତବତା ଜଣାପଡ଼େ ।

ଏବର ମୁମ୍ବାଇ ହିଟ୍–ଆଣ୍ଡ–ରନ୍ ବିଷୟରେ ଆଲୋଚନା କଲାବେଳେ ଗତ ମେ' ୧୯ ତାରିଖରେ ପୁଣେର ୧୭ ବର୍ଷୀୟ ବେଦାନ୍ତ ଅଗ୍ରୱାଲ ମଦ୍ୟପାନ କରି ପୋର୍ସେ କାର୍ ଚଳାଇ ଦୁର୍ଘଟଣା ଘଟାଇବା କଥା ମନେ ପକାଇଦିଆଯାଇପାରେ । ଧନଶାଳୀ ବ୍ୟକ୍ତିଙ୍କ ପୁଅ ବେଦାନ୍ତଙ୍କ ଗାଡ଼ି ଧକ୍କାରେ ଦୁଇ ଜଣ ଆଇଟି ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିଲା । କୌତୂହଳର କଥା ଯେ, ବେଦାନ୍ତଙ୍କ ପାଇଁ ୩୦୦ ଶବ୍ଦ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ପ୍ରବନ୍ଧ ଲେଖିବା ପାଇଁ ସେତେବେଳେ କୁହାଯାଇ ଜାମିନ ଦିଆଯାଇଥିଲା । କୋର୍ଟ, ପୋଲିସ ଏପରିକି ଡାକ୍ତର ବେଦାନ୍ତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ । ହେଲେ ଗଣମାଧ୍ୟମରେ ଏସବୁ ବିଷୟ ପ୍ରଚାର ହେବା ପରେ ତାଙ୍କ ପିତା, ଜେଜେ ଗିରଫ ହୋଇଥିବା ବେଳେ ସେ ପର୍ଯ୍ୟବେକ୍ଷଣ ଗୃହରେ ଅଟକ ରହିଥିଲେ । ସଦ୍ୟ ଖବର ହେଲା ସମ୍ପୃକ୍ତ ନାବାଳକ ପର୍ଯ୍ୟବେକ୍ଷଣ ଗୃହରୁ ମୁକ୍ତ ହୋଇଥିବା ବେଳେ ଏବେ ସେ ସଡ଼କ ସୁରକ୍ଷା ଉପରେ ୩୦୦ ଶବ୍ଦର ଏକ ପ୍ରବନ୍ଧ ଲେଖି ତାହାକୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (ଜେଜେବି) ନିକଟରେ ଦାଖଲ କରିଛନ୍ତି । ଏହା ତାଙ୍କ ଜାମିନ ପାଇବାର ଅନ୍ୟତମ ସର୍ତ୍ତ ମଧ୍ୟ ରହିଥିଲା ।

କେନ୍ଦ୍ର ସରକାର ଜୁଲାଇ ପହିଲାରୁ ନୂତନ ଭାବେ ୩ଟି ଆପରାଧିକ ଆଇନ କାର୍ଯ୍ୟକାରୀ କରିଛନ୍ତି । ଏହାର ପ୍ରଭାବ ଅପରାଧକୁ ହ୍ରାସ କରିବାରେ ସହାୟକ ହେବ ବୋଲି କୁହାଯାଉଛି । ଏହି ଆଇନ ଆସିବା ପୂର୍ବରୁ ପୁଣେ ଘଟଣା ଘଟିଥିବାରୁ ସମ୍ଭବତଃ ନାବାଳକ ଡ୍ରାଇଭରଙ୍କ ଦୋଷକୁ ସର୍ବନିମ୍ନ ସ୍ତରରେ ଛାଡ଼ି ଦିଆଯାଇଛି । ତେବେ ସାବାଳକ ମିହିରଙ୍କ ପାଇଁ ଦଣ୍ଡ କିଭଳି ରହିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଧାରା ୧୦୬ ଅନୁଯାୟୀ ବେପରୁଆ ଭାବେ ଗାଡ଼ି ଚାଳନା ଯୋଗୁ ଯଦି କାହାର ମୃତ୍ୟୁ ଘଟେ ଓ ତା'ର ଚାଳକ କାହାକୁ ନ ଜଣାଇ ଉଭାନ ହେବାକୁ ଚେଷ୍ଟା କଲେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୧୦ ବର୍ଷ ଯାଏ କାରାଦଣ୍ଡ ଭୋଗିବାର ବ୍ୟବସ୍ଥା ରହିଛି । କିନ୍ତୁ ସେହି ପୁରୁଣା ପ୍ରଶ୍ନ ଉଠାଯାଇପାରେ ଯେ ଏହି ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାକୁ କିଏ ତଦାରଖ କରିବେ ।

ଦେଖିବାକୁ ଗଲେ ଭାରତରେ ବିଦେଶୀ ଗାଡ଼ିର ଆମଦାନୀ ବଢ଼ିଲାଣି । ସ୍ୱାଭାବିକ ଭାବେ ଅଶୋକ ଲିଲାଣ୍ଡ ଓ ଟାଟା ଟ୍ରକ୍‌ର ଗତି ଯାହା ହେବ, ତା'ଠାରୁ ଭଲ୍‌ଭୋର ଗତି ଯଥେଷ୍ଟ ଅଧିକ ହେବ । ଭିତ୍ତିଭୂମି ନାମରେ ଚାରି କିମ୍ବା ୬ ଚିକିଆ ରାଜପଥ ଯେତେବେଳେ ତିଆରି କରାଯାଉଛି ସେଗୁଡ଼ିକ ଗ୍ରାମାଞ୍ଚଳ ମଧ୍ୟ ଦେଇ ଯାଉଛି । ଗ୍ରାମବାସୀ ଏଯାବତ ଆଧୁନିକ ଗାଡ଼ିର ଗତି ସହିତ ଖାପ୍ ଖୁଆଇ ନିଜକୁ ସୁରକ୍ଷିତ ରଖିବା ଦରକାର ବୋଲି ଭାବୁନାହାନ୍ତି । ନିଜ ଗ୍ରାମ ସମ୍ମୁଖରେ ଥିବା ବିରାଟକାୟ ରାଜପଥକୁ ବାଡିଆଡ଼ ଭାବି ବ୍ୟବହାର କରୁଛନ୍ତି, ଯାହାଫଳରେ ଅନେକ ଦୁର୍ଘଟଣା ଘଟୁଛି । ଅବଶ୍ୟ ପୁଣେ ଓ ମୁମ୍ବାଇ ସହର ମଧ୍ୟରେ ହୋଇଥିବା ଦୁର୍ଘଟଣା ସମ୍ପୂର୍ଣ୍ଣ ଭିନ୍ନ । ଉଭୟ ଚାଳକ ଯୁବକ ଓ ଅତ୍ୟଧିକ ମାତ୍ରାରେ ନିଶାସକ୍ତ ଥିଲେ । ସେହିଭଳି ଭାବରେ କିଛି ଦଶନ୍ଧି ପୂର୍ବେ ଦିଲ୍ଲୀର ନନ୍ଦା ପରିବାରର ଯୁବକ ଏକାଥରକେ କେତେଜଣ ପୋଲିସବାଲାଙ୍କ ଉପରେ ଗାଡ଼ି ଚଢ଼ାଇ ମାରିଦେଇଥିଲେ । ସମସ୍ତେ ସଲ୍‌ମାନ୍ ଖାନ୍‌ଙ୍କ ଭଳି ଭାଗ୍ୟବାନ୍ ନୁହନ୍ତି । ଅନ୍ୟପଟେ ବିଶ୍ୱବ୍ୟାପୀ ହିଟ୍ ଆଣ୍ଡ୍ ରନ୍ ବା ଧକ୍କା କରି ଲୁଚି ପଳାଇଯାଉଥିବା ଅପରାଧୀଙ୍କୁ ଅତ୍ୟନ୍ତ କଠୋର ଦଣ୍ଡ ଦିଆଯାଇଥାଏ । ତେବେ ଧକ୍କା ହୋଇଗଲେ ଯଦି ପୀଡ଼ିତଙ୍କୁ ଗାଡ଼ିଚାଳକ ସାହାଯ୍ୟ କରିଥାଏ, ତାହାପ୍ରତି ଆଇନ କୋହଳ ହୋଇଥାଏ । କିନ୍ତୁ ଭାରତବର୍ଷରେ ତାହା କରିବା କଷ୍ଟକର । କାରଣ ରାସ୍ତାକଡ଼ରେ ଦେଖଣାହାରୀ ଘେରିଗଲେ ସେହିସ୍ଥାନରେ ଚାଳକଙ୍କୁ ପିଟି ପିଟି ମାରିଦେବା ଏକ ସୁନିଶ୍ଚିତ ଘଟଣା ବୋଲି ସମସ୍ତେ ଜାଣନ୍ତି । ଏହାବ୍ୟତୀତ ନୂତନ ଭାରତରେ ମଣିଷ ଜୀବନଠାରୁ ଗୋମାତାଙ୍କ ଜୀବନ ଅଧିକ ମୂଲ୍ୟବାନ ପ୍ରମାଣିତ ହେବା ପରେ ଅନେକ ଡ୍ରାଇଭର ଗାଈଙ୍କୁ ଧକ୍କା ଦେବା ପରିବର୍ତ୍ତେ ଏପାଖସେପାଖ ହୋଇ ଦୁଇଚକିଆ ଚାଳକଙ୍କୁ ଧକ୍କା ଦେଉଛନ୍ତି । ଏଠାରେ ଦୁଇଚକିଆ ଗାଡ଼ିର ଚାଳକଙ୍କ ବେପରୁଆ ଚାଳନା ସମ୍ପର୍କରେ ମଧ୍ୟ ବଖାଣିବାର ପ୍ରୟୋଜନ ନାହିଁ । ସେମାନେ ବି ଅନେକ ସମୟରେ ଚାରିଚକିଆ ଚାଳକଙ୍କୁ ସମସ୍ୟାରେ ପକାଇ ଦୁର୍ଘଟଣା ଘଟାଇଥାଆନ୍ତି । ଏଭଳି ପରିପ୍ରେକ୍ଷୀରେ ଦେଖିବାକୁ ହେବ ନୂଆ ଆଇନ ମୁମ୍ବାଇରେ ଘଟାଇଥିବା ଦୁର୍ଘଟଣାର ଆସାମୀ ମିହିର ଶାହାଙ୍କୁ କେଉଁଭଳି ଦଣ୍ଡ ଦେଇପାରୁଛି ଏବଂ ସେହି ଦଣ୍ଡ ସମ୍ପର୍କିତ ରାୟ କେତେ ଦଶନ୍ଧି ପରେ ପ୍ରକାଶ ପାଉଛି ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | 6 | | 1 |
| 5 | | | 4 | 1 | | | | |
| | | | | | 2 | | 8 | |
| | | | 2 | | | | | 9 |
| 6 | 4 | | | | | | 2 | 8 |
| 9 | 5 | | | | | 1 | | |
| | | | | | | 7 | | |
| | | 7 | | | 5 | | 3 | |
| | 9 | | | 8 | 4 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 9 | 5 | 8 | 6 | 7 | 2 | 1 |
| 6 | 2 | 5 | 4 | 1 | 7 | 9 | 3 | 8 |
| 1 | 8 | 7 | 3 | 2 | 9 | 4 | 5 | 6 |
| 9 | 7 | 2 | 1 | 6 | 4 | 3 | 8 | 5 |
| 5 | 4 | 3 | 8 | 7 | 2 | 1 | 6 | 9 |
| 8 | 1 | 6 | 9 | 5 | 3 | 2 | 7 | 4 |
| 7 | 6 | 4 | 2 | 9 | 8 | 5 | 1 | 3 |
| 3 | 5 | 8 | 7 | 4 | 1 | 6 | 9 | 2 |
| 2 | 9 | 1 | 6 | 3 | 5 | 8 | 4 | 7 |

ଗତକାଲିର ଉତ୍ତର

# ଓଡ଼ିଶା ପ୍ରଗତିରେ ମତ୍ସ୍ୟକ୍ଷେତ୍ର



ପ୍ରକାଶ ତ୍ରିପାଠୀ

୧୯୫୭ ଜୁଲାଇ ୧୦ରେ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା । ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡ. କେ. ଏଚ୍. ଆଲିକୁନି ଏବଂ ଡ. ହୀରାଲାଲ ଚୌଧୁରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ତତ୍କାଳୀନ ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା । ଏହି ମହତ୍ତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇଥାଏ । ଦେଶର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଅବଦାନକୁ ସ୍ମରଣ କରାଯିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳ ଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଓ ଏକ ଉନ୍ନତ ରାଜ୍ୟ । ୭.୩୪ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୪୮୦ କିମି ଉପକୂଳ ଅଞ୍ଚଳକୁ ନେଇ ଓ ମତ୍ସ୍ୟ ସମ୍ପଦ ସମୃଦ୍ଧ । ଏବେ ପ୍ରାୟ ଦଶଟି ପ୍ରଜାତିର ମାଛ ଚାଷ ହେଉଥିବା ବେଳେ ତିନି ଦଶନ୍ଧି ପୂର୍ବରୁ ମାଛଚାଷ କହିଲେ କେବଳ ରୋହି, ଭାକୁର ଓ ମିରିକାଳୀ ମାଛଚାଷକୁ ବୁଝାଯାଉଥିଲା । ଏହି ତିନି ପ୍ରଜାତିର ମାଛକୁ ସାଧାରଣତଃ କାର୍ପ ମାଛ କୁହାଯାଇଥାଏ । କୃତ୍ରିମ ପ୍ରଜନନ ମାଧ୍ୟମରେ ମାଛ ଯାଆଁଳ ଉତ୍ପାଦନ ହେବା ପୂର୍ବରୁ ନଦୀ ସ୍ରୋତରୁ ମାଛ ଯାଆଁଳ ସଂଗ୍ରହ କରାଯାଇ ଚାଷୀମାନଙ୍କୁ ମାଛଚାଷ ନିମନ୍ତେ ଯୋଗାଇ ଦିଆଯାଉଥିଲା । ସାଧାରଣତଃ କାର୍ପ ଜାତୀୟ ମାଛମାନେ ସ୍ଥିର ଜଳରେ ଅଣ୍ଡା ଦିଅନ୍ତି ନାହିଁ । ପ୍ରବହମାନ ନଦୀର ଧାରରେ ସେମାନେ ବର୍ଷାଋତୁ ଆଗମନରେ ପ୍ରଜନନ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି । ଗ୍ରୀଷ୍ମର ଉତ୍ତାପ ହ୍ରାସ କରି ବର୍ଷା ଯେତେବେଳେ ପ୍ରକୃତିକୁ ଶାନ୍ତ ଶୀତଳ କରିବା ଆରମ୍ଭକରେ ସେ ସମୟରେ ନଦୀବକ୍ଷରେ ବୟଃପ୍ରାପ୍ତ ଅଣ୍ଡିରା ଓ ମାଈମାଛର ମିଳନ ଆରମ୍ଭ ହୁଏ । ବାହ୍ୟ ଗର୍ଭାଧାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାପରେ ଅଣ୍ଡାଗୁଡ଼ିକ ନଦୀଜଳର ସ୍ରୋତରେ ଭାସିବୁଲନ୍ତି ଓ କ୍ରମେ ଏଥିରୁ ମାଛ ଯାଆଁଳଗୁଡ଼ିକ ସୃଷ୍ଟି ହୋଇଥାନ୍ତି । ଏହି କ୍ଷୁଦ୍ର ମାଛ ଯାଆଁଳକୁ ସଂଗ୍ରହ କରାଯାଇ ମତ୍ସ୍ୟଚାଷୀଙ୍କୁ ବିତରଣ କରାଯାଉଥିଲା । ନଦୀଜଳରୁ ସଂଗୃହୀତ ଏହି ମାଛ ଯାଆଁଳକୁ ନେଇ ଚାଷ କରୁଥିବା ଚାଷୀମାନେ ବିଶେଷ ଲାଭବାନ ହେଉ ନ ଥିଲେ । କାରଣ ଏଥିରେ ବିଭିନ୍ନ ପ୍ରଜାତିର ମାଛ ଯାଆଁଳ ରହୁଥିଲା ଓ ସବୁଯାଆଁଳ ଉନ୍ନତ ବା ରୋଗମୁକ୍ତ ନ ଥିଲେ । ମାଛଚାଷୀମାନଙ୍କୁ କିପରି ଭାବରେ ଉନ୍ନତ, ସ୍ୱାସ୍ଥ୍ୟକର ଓ ନୀରୋଗ

### ଜାତୀୟ ମତ୍ସ୍ୟଚାଷୀ ଦିବସ ଉପଲକ୍ଷେ



ଯାଆଁଳ ପ୍ରଦାନ କରାଯାଇପାରିବ ସେଥିପାଇଁ ମତ୍ସ୍ୟବିଜ୍ଞାନୀମାନେ ଗବେଷଣା ଆରମ୍ଭ କରିଥିଲେ । ଯାଆଁଳ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ(ହାଚେରି) ପ୍ରଭାବିତ ପ୍ରଜନନ ପ୍ରକ୍ରିୟାରେ ଅଧିକ ଅମଳକ୍ଷମ ଓ ଲୋକପ୍ରିୟ ମାଛ ରୋହି, ଭାକୁର ଓ ମିରିକାଳୀ ମାଛ ଯାଆଁଳ ଉତ୍ପାଦନ ପାଇଁ ଗବେଷଣାକୁ ତ୍ୱରାନ୍ୱିତ କରାଯାଇଥିଲା । କୃତ୍ରିମ ପ୍ରଜନନ ହେଉଛି ମାଛଙ୍କ ଦେହରେ ଏକ ନିର୍ଦ୍ଦିଷ୍ଟ ହରମୋନ ପ୍ରୟୋଗ କରାଯାଇ କୃତ୍ରିମ ଉପାୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଜନନ ଅନୁକୂଳ ପରିବେଶ ସୃଷ୍ଟିକରି ଅଣ୍ଡାଦାନ ପ୍ରକ୍ରିୟାକୁ ସମ୍ପନ୍ନ କରିବା । ଏକ ନିର୍ଦ୍ଦିଷ୍ଟ ଉତ୍ତାପ, ଆଲୋକ, ଜଳର କୃତ୍ରିମ ସ୍ରୋତ ଓ ବର୍ଷା ମାଧ୍ୟମରେ ଏହା ସମ୍ପନ୍ନ ହୁଏ ।

ମାଛମାନଙ୍କଠାରେ ପିଟୁଇଟାରୀ ଗ୍ରନ୍ଥିରୁ ସଂଗୃହୀତ ରସ ମାଧ୍ୟମରେ କୃତ୍ରିମ ପ୍ରଜନନ ପରୀକ୍ଷା ଆରମ୍ଭ ହୁଏ ଆର୍ଜେଣ୍ଟିନାରେ ୧୯୩୦ ମସିହାରେ ଜୀବବିଜ୍ଞାନୀ ବି. ଏ. ହୁସେଙ୍କ ଦ୍ୱାରା । ପରେ ୧୯୩୪ରେ ଏହା ଉପରେ ସଫଳତା ମିଳେ ବ୍ରାଜିଲକୁ । ଭାରତରେ କୃତ୍ରିମ ପ୍ରଜନନ କାର୍ଯ୍ୟ ବୈଜ୍ଞାନିକ ହାମିଦ ଖାନଙ୍କ ଦ୍ୱାରା ଆରମ୍ଭହୁଏ ୧୯୩୭ରେ । ୧୯୫୫ରେ ଡ. ହୀରାଲାଲ ଚୌଧୁରୀ ଦଣ୍ଡକିରି ମାଛରେ ଏହା ପ୍ରୟୋଗ କରିଥିଲେ । ଏହି ବର୍ଷ ମାଗୁର ମାଛରେ କୃତ୍ରିମ ପ୍ରଜନନ ପ୍ରକ୍ରିୟା କରିଥିଲେ ରାମସ୍ୱାମୀ ଓ ସୁନ୍ଦରରାଜ । ଇତିମଧ୍ୟରେ ଅନେକ ଦଶକ ବିତିଯାଇଛି ଓ ମାଛର କୃତ୍ରିମ ପ୍ରଜନନରେ ଅନେକ ଉନ୍ନତୀକରଣ ଓ ପାରଦର୍ଶିତା ହାସଲ କରାଯାଇପାରିଛି । ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ପର୍ଯ୍ୟାପ୍ତ ଉନ୍ନତ ମାଛ ଯାଆଁଳର ଆବଶ୍ୟକତା ରହିଛି ଓ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । କେବଳ ବର୍ଷାଋତୁ ନୁହେଁ, ତା' ପୂର୍ବରୁ ଓ ବର୍ଷ ସାରା ସରକାରୀ ତଥା ଘରୋଇ ଫାର୍ମରୁ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ ପୂର୍ବକ ମାଛ ଯାଆଁଳ ଉତ୍ପାଦନ କରାଯାଇ ମାଛଚାଷୀଙ୍କୁ ଯୋଗାଇ ଦିଆଯାଉଛି । ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ସହ ରାଜ୍ୟକୁ ମତ୍ସ୍ୟ ଉତ୍ପାଦନରେ ସାବଲମ୍ବୀ କରିବାପାଇଁ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି । ବିଗତ ପାଞ୍ଚ ବର୍ଷ ମଧ୍ୟରେ ମାଛ ଯାଆଁଳ ଉତ୍ପାଦନ ୯୪.୭୨ କୋଟିରୁ ୩୧୦ କୋଟିରେ ପହଞ୍ଚିଛି । ଆମ ରାଜ୍ୟରେ ମାଛ ଉତ୍ପାଦନ ବିଗତ ୫ ବର୍ଷରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇ ୨୦୨୩ –୨୪ରେ ୧୧.୨୪ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି । ୨୦୦୧ରେ ମତ୍ସ୍ୟ ଉତ୍ପାଦନରେ ଅଷ୍ଟମ ସ୍ଥାନରେ ଥିବା ଓଡ଼ିଶା ଏବେ ସାରା ଦେଶରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଛି । ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ । ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରୋତ୍ସାହନ ତଥା ମତ୍ସ୍ୟଚାଷୀଙ୍କ ସଫଳ ଉଦ୍ୟମ ଓ ନିଷ୍ଠାପର ମନୋଭାବ ଯୋଗୁ ଆମ ରାଜ୍ୟ ମାଛ ଉତ୍ପାଦନରେ କ୍ରମାଗତ ପ୍ରଗତି ହାସଲ କରିଚାଲିଛି । ଖାଦ୍ୟ ନିରାପତ୍ତା, ଜୀବିକା ସୁରକ୍ଷା, ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ନିଯୁକ୍ତି ସୃଷ୍ଟିପାଇଁ ଜଳକୃଷିର ବିକାଶ ଓ ମତ୍ସ୍ୟ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ନିଜକୁ ପ୍ରତିଷ୍ଠିତ କରିପାରିଛି । ଆମ ରାଜ୍ୟରେ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ଜାତୀୟ ହାରଠାରୁ ଢେର ଅଧିକ । ଜାତୀୟ ସ୍ତରରେ ଏହା ବାର୍ଷିକ ୬.୩୧ କିଲୋଗ୍ରାମ ଥିଲାବେଳେ ଆମ ରାଜ୍ୟରେ ୧୮.୩୩ କିଲୋଗ୍ରାମ ଅଛି । ବୈଦେଶିକ ମୁଦ୍ରା ଅର୍ଜନରେ ମଧ୍ୟ ଓ ମତ୍ସ୍ୟ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି । ବିଦେଶକୁ ସାମୁଦ୍ରିକ ଖାଦ୍ୟ ରପ୍ତାନି ଗତ ୫ ବର୍ଷ ମଧ୍ୟରେ ୩୩ % ବୃଦ୍ଧି ପାଇ ୨୦୧୮–୧୯ ରେ ୨୯୬୯ କୋଟି ଟଙ୍କାରୁ ୨୦୨୩ –୨୪ରେ ୩୯୫୪. ୬୦ କୋଟି ଟଙ୍କାରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ୨୭% ବୃଦ୍ଧି ପାଇ ୦.୬୬ ଲକ୍ଷ ମେଟ୍ରିକ ଟନ୍‌ରୁ ୦.୮୪ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି ।

ନୂତନ ପୋଖରୀ ଖନନ କରି ଉଭୟ ମଧୁରଜଳ ମାଛ ଓ ଖାରିଜଳ ମାଛ/ଚିଙ୍ଗୁଡ଼ି ଚାଷ ନିମନ୍ତେ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀକୁ ଦୀର୍ଘମିଆଦୀ ସୂତ୍ରରେ ଲିଜ ପ୍ରଦାନ ପୂର୍ବକ ମାଛ ଚାଷ ପାଇଁ ସୁଯୋଗ ଦିଆଯାଉଛି । ଏହାଦ୍ୱାରା ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଗ୍ରାମାଞ୍ଚଳରେ ଅପପୁଷ୍ଟି ଦୂର ଓ ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରାଯାଇପାରୁଛି । ଉନ୍ନତ ଜ୍ଞାନକୌଶଳ ଯୁକ୍ତ ଜଳଭଣ୍ଡାରରେ ପଞ୍ଜୁରି ମଧ୍ୟରେ ମାଛଚାଷ, ବାୟୋଫ୍ଲକ ପଦ୍ଧତିରେ ମାଛଚାଷ, ପୁନଃ ସଂଚାଳନ ପଦ୍ଧତିରେ ମାଛ ଚାଷ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଏଥିରେ ସାବଲମ୍ବୀ ହେବାର ଦୃଢ଼ ସମ୍ଭାବନା ସୃଷ୍ଟି କରିଛି । ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀଙ୍କ କଲ୍ୟାଣ ପାଇଁ ସେମାନଙ୍କ ପରିବାରଙ୍କୁ ବୀମାଭୁକ୍ତ କରିବା, ସେମାନଙ୍କ ପୁଅ ଝିଅଙ୍କ ଉଚ୍ଚତର ଶିକ୍ଷାପାଇଁ ମେଧା ବୃତ୍ତି ପ୍ରଦାନ, ମାଛଧରା କଟକଣା ସମୟରେ ଜୀବିକା ସହାୟତା ପ୍ରଦାନ, ମତ୍ସ୍ୟ ପରିବହନ ପାଇଁ ଭିତ୍ତିଭୂମି ଯୋଗାଣ, ଡଙ୍ଗା ଓ ଜାଲ ନିମନ୍ତେ ସହାୟତା, ବରଫକଳ ପ୍ରତିଷ୍ଠା, ମାଛ/ଚିଙ୍ଗୁଡି ହାଚେରି ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ, ମତ୍ସ୍ୟଜୀବୀ ସୋସାଇଟିର ଦୃଢ଼ୀକରଣ, ମତ୍ସ୍ୟ ଅବତରଣ କେନ୍ଦ୍ର/ମତ୍ସ୍ୟ ବନ୍ଦରଗୁଡ଼ିକର ଆଧୁନିକୀକରଣ, ଆଧୁନିକ ମତ୍ସ୍ୟ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା, ନଦୀ ଓ ଜଳଭଣ୍ଡାରଗୁଡ଼ିକରେ ମାଛ ବଂଶ ବୃଦ୍ଧି ତଥା ଏହା ଉପରେ ନିର୍ଭର କରିଚାଲୁଥିବା ମତ୍ସ୍ୟଜୀବୀଙ୍କ ରୋଜଗାର ବୃଦ୍ଧି ପାଇଁ ଅଙ୍ଗୁଳିକା ମାଛ ଯାଆଁଳ ଛାଡ଼ିବା ଆଦି ସରକାରଙ୍କର ବିଭିନ୍ନ ପଦକ୍ଷେପ ରାଜ୍ୟର ମତ୍ସ୍ୟସମ୍ପଦ କ୍ଷେତ୍ରକୁ ସୁଦୃଢ଼ କରିଛି । ରାଜ୍ୟର ଅଗଣିତ ମତ୍ସ୍ୟ ଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀମାନଙ୍କ ପ୍ରଗାଢ଼ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ରାଜ୍ୟ ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁ ରାଜ୍ୟକୁ ମତ୍ସ୍ୟସମ୍ପଦ ଅଭିବୃଦ୍ଧିରେ ମିଳିଛି ସାମଗ୍ରିକ ସଫଳତା ।

ମୋ– ୯୪୩୭୨୩୨୪୬୩

# ସାର୍ଥକ ଜୀବନ



ଡ. ମନୋରଞ୍ଜନ ପ୍ରଧାନ

ବିଶାଳ ସୈନ୍ୟବାହିନୀର ଜୟଧ୍ୱନିର ପ୍ରଚଣ୍ଡ କୋଳାହଳରେ ନିଦ ଭାଙ୍ଗିଗଲା ପ୍ରଖ୍ୟାତ ଗ୍ରୀକ୍ ଦାର୍ଶନିକ ଦାଓଜେନ୍‌ସଙ୍କର । ବିଜୟ ଉଲ୍ଲାସରେ ଆଗକୁ ମାଡ଼ି ଚାଲିଥିବା ବିଶ୍ୱ ବିଜୟୀ ଗ୍ରୀକ୍ ସମ୍ରାଟ ଆଲେକ୍‌ଜାଣ୍ଡାରଙ୍କ ସେନାକୁ ଆଡ଼େଇ ସମ୍ରାଟଙ୍କ ସମ୍ମୁଖରେ ଠିଆହୋଇ ହାତରେ ଧରିଥିବା ମୁଦ୍ରାଟିକୁ ବଢ଼େଇ ଦାର୍ଶନିକ ଦାଓଜେନ୍‌ସ କହିଲେ– ସମ୍ରାଟ କିଛିଦିନ ତଳେ କେହି ଜଣେ ଧନିକ ବ୍ୟକ୍ତି ମୋତେ ଭିକାରି ଭାବି ମୋ କୁଡ଼ିଆ ଭିତରକୁ ଫୋପାଡ଼ି ଦେଇଥିଲେ ଏହି ମୁଦ୍ରାଟିକୁ । ସେହିଦିନଠାରୁ ଏହାକୁ ସଂରକ୍ଷିତ ଓ ସୁରକ୍ଷିତ ରଖିଥିଲି କୌଣସି ଏକ ବଡ଼ ଭିକାରିକୁ ଦେବାପାଇଁ । ସୌଭାଗ୍ୟବଶତଃ ଆଜି ବିଶ୍ୱର ସବୁଠାରୁ ବଡ଼ ଭିକାରିକୁ ପାଇଗଲି । ଏହାକୁ ଗ୍ରହଣ କରନ୍ତୁ । କ୍ରୋଧ ଜର୍ଜରିତ ଆଲେକ୍‌ଜାଣ୍ଡାର ନିଜ ପାରିଷଦ ଓ ସୈନ୍ୟବାହିନୀଙ୍କ ଗହଣରେ ଏଭଳି ଧୃଷ୍ଟତା ଦେଖି କଡ଼ା ଶବ୍ଦରେ କହିଲେ– ଜାଣିଛ, ତୁମେ କାହା ସମ୍ମୁଖରେ ଠିଆ ହୋଇଛ ଓ କାହାକୁ କ'ଣ କହୁଛ ? ମୁଁ ହେଉଛି ମହା ପରାକ୍ରମୀ ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାର ଯାହାଙ୍କ ପାଖରେ ବିଶ୍ୱର ସକଳ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ପଦାନତ । ତୁମର ଏଭଳି ଧୃଷ୍ଟତା ପାଇଁ ଶିରଚ୍ଛେଦ ହିଁ ଏକମାତ୍ର ବିକଳ୍ପ । ଆଲେକ୍‌ଜାଣ୍ଡାରଙ୍କ ଧମକରେ ତିଳେ ହେଁ ବିଚଳିତ ନ ହୋଇ ସହାସ୍ୟ ବଦନରେ ମହାଜ୍ଞାନୀ ଦାଓଜେନ୍‌ସ କହିଲେ– ବିଶ୍ୱର ସବୁ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ଥାଇ ମଧ୍ୟ ଯାହା ପାଖରେ ପାଇବାର ଭୋକ ମେଣ୍ଟି ନାହିଁ,ସେ ସବୁଠାରୁ ବଡ଼ ଭିକାରି ନୁହେଁ ତ ଆଉ କ'ଣ ! ଦାର୍ଶନିକଙ୍କ ଏହି ଦର୍ଶନର ମର୍ମ ସେଦିନ ହୁଏତ ବୁଝି ପାରି ନ ଥିଲେ ଆଲେକ୍‌ଜାଣ୍ଡାର । କିନ୍ତୁ ଅକାଳ ବିୟୋଗ ପୂର୍ବରୁ ଜୀବନର ବାସ୍ତବତା ଓ ଧନ ସମ୍ପତ୍ତିର ପ୍ରାସଙ୍ଗିକତା ସମ୍ବନ୍ଧରେ ନିଜ ପାଖାପାଖି ଲୋକଙ୍କୁ ଡାକି କହିଥିଲେ –ମୋ ଶବାଧାରକୁ ସମାଧି ସ୍ଥଳକୁ ନେବାବେଳେ ମୋ ହାତଯୋଡ଼ିକୁ ଦୁଇପଟକୁ ଝୁଲାଇ ଦେଇଥିବ, ଯେମିତି ସମସ୍ତ ବିଶ୍ୱବାସୀ ଦେଖିବେ ଯେ ଆଲେକ୍‌ଜାଣ୍ଡାର ଶୂନ୍ୟହସ୍ତରେ ଆସିଥିଲା ଆଉ ମୃତ୍ୟୁ ପରେ ଖାଲିହାତରେ ଫେରିଗଲା । ଏହାକୁ କବିବର ରାଧାନାଥ ଅତି ମାର୍ମିକ ଭାବରେ ଲେଖିଛନ୍ତି– ମଲା ବେଳେ ବିଶ୍ୱ ବିଜୟୀ ସ୍କନ୍ଦର କି କହିଥିଲେ ତା' ହୃଦେ ଠାରେ ଧର, ଯେତେବେଳେ ପିଣ୍ଡୁ ଯିବ ପ୍ରାଣ ଛାଡ଼ି,ନେବ ଯେବେ ମୋତେ କୋକେଇରେ କାଢ଼ି,ଦେଇଥିବ ତହିଁ ମୋ ଶବ ଶୁଆଇ,ବେନି ପାଶେ ବେନି କରକୁ ଝୁଲାଇ । ଯା ଦେଖି ଜାଣିବେ ଜଗତେ ସମସ୍ତେ, ଆସିଥିଲି ଫେରିଗଲି ଶୂନ୍ୟହସ୍ତେ ।

ସେଦିନ ଶ୍ରେଣୀରେ ଶିକ୍ଷକ ପ୍ରଶ୍ନକଲେ ପୃଥିବୀର ସର୍ବପ୍ରଥମ ରାଜଚକ୍ରବର୍ତ୍ତୀ କିଏ ? ଜଣେ ଉତ୍ତର ଦେଲା– ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାର । ଶିକ୍ଷକ କହିଲେ– ନା, ଗୌତମ ବୁଦ୍ଧ । ଛାତ୍ର ପଚାରିଲେ– ଘରଦ୍ୱାର, ଧନସମ୍ପତ୍ତି, ପରିବାର ପରିହାରକରି ତମାମ ଜୀବନ ଭିକ୍ଷୁକ ସାଜିଥିବା ଗୌତମ କିପରି ରାଜଚକ୍ରବର୍ତ୍ତୀ ହୋଇପାରିବେ ? ଗୁରୁଜୀ କହିଲେ– ଦେଖ, ଆଲେକ୍‌ଜାଣ୍ଡାର ସାରା ବିଶ୍ୱ ଜୟକରି ଆଜି ପୃଥିବୀର କେତେ ଅଂଶର ସମ୍ରାଟ ? ହେଲେ



ସର୍ବତ୍ୟାଗୀ ଭିକ୍ଷୁକ ଗୌତମଙ୍କ ବାଣୀ ଓ ଦର୍ଶନ ଆଜି ବିଶ୍ୱର କୋଣ ଅନୁକୋଣରେ ଆଦୃତ । ତେବେ କିଏ ରାଜଚକ୍ରବର୍ତ୍ତୀ ? ବୁଝିଗଲା ଛାତ୍ରଟି ସାର୍ଥକ ଜୀବନର ପ୍ରକୃତ ରହସ୍ୟ । ତେଣୁ ସରଳ ଜୀବନ, ଉତ୍କୃଷ୍ଟ ଚିନ୍ତନ ହିଁ ମାନବ ଜୀବନର ବାସ୍ତବତା ଓ ବିଶେଷତା । ଅନ୍ୟଠୁ ଛଡ଼େଇ ନିଜ ପାଇଁ ବା ନିଜ ସପ୍ତପୁରୁଷ ପାଇଁ ସମ୍ପଦ ଓ ସମ୍ପତ୍ତି ଠୁଳକରିବା ମଣିଷ ଜୀବନର ସାର୍ଥକତା ନୁହେଁ ବରଂ ଅଳ୍ପରେ ସନ୍ତୁଷ୍ଟ ହୋଇ ଅନ୍ୟ ପାଇଁ କିଛି କରିବା ହିଁ ଜୀବନର ସୁନ୍ଦରତା । ତେଣୁ ଆଚାର୍ଯ୍ୟ ଚାଣକ୍ୟ କହନ୍ତି –ଆବଶ୍ୟକତା ଠାରୁ ଅଧିକ ମିଳୁଥିବା ପ୍ରତ୍ୟେକ ଜିନିଷ ବିଷ । ଏହା କ୍ଷମତା, ସ୍ୱାଭିମାନ, ଧନ, କ୍ଷୁଧା, ଲୋଭ,ଆଳସ୍ୟ,ପ୍ରେମ,ଘୃଣା ବା ଅନ୍ୟ କିଛି ବି ହୋଇପାରେ ।

ବିଶିଷ୍ଟ ଦାର୍ଶନିକ ପ୍ଲାଟୋ ମଧ୍ୟ ଏକଦା ଯଥାର୍ଥରେ କହିଥିଲେ, ଅଳ୍ପରେ ସନ୍ତୁଷ୍ଟ ରହିବା ହେଉଛି ସର୍ବଶ୍ରେଷ୍ଠ ସମ୍ପତ୍ତି । ସତକଥା କହିବାକୁ ଗଲେ ଏହା କେବଳ ଦାର୍ଶନିକ, ପଣ୍ଡିତ ତଥା ଜ୍ଞାନୀ ଗୁଣୀ ମହାପୁରୁଷମାନଙ୍କ ଦର୍ଶନ ବା ଅମରବାଣୀ ନୁହେଁ । ଭାରତୀୟ ସମାଜର ସାଧାରଣ ଗାଁରେ ରହୁଥିବା ଅପାଠୁଆ, ଅଶିକ୍ଷିତ ଗ୍ରାମବାସୀ,ଗିରିକନ୍ଦରବାସୀଙ୍କ ବିଚାର ମଧ୍ୟ ଏଭଳି । ପିଲାବେଳୁ ଜେଜେମା ଜେଜେବାପାମାନଙ୍କ ଭଳି ବୟୋବୃଦ୍ଧମାନଙ୍କଠାରୁ ଶୁଣିଛୁ ସାର୍ଥକ ଜୀବନ କଥା । ସେମାନେ ସଦାବେଳେ ସରଳ ଜୀବନ ପାଇଁ ବିଭିନ୍ନ ଉଦାହରଣ ଦେଇ ବୁଝାଉଥିଲେ । ରାତାରାତି କୋଟିପତି ହୋଇ ଜୀବନର ଅସଲ ରହସ୍ୟ ସମ୍ବନ୍ଧରେ ନ ଜାଣି କେବଳ ଭୌତିକ ଐଶ୍ୱର୍ଯ୍ୟର ଅନ୍ଧାନୁକରଣକୁ ସେମାନେ କେବେ ମଧ୍ୟ ପ୍ରଶ୍ରୟ ଦେଉ ନ ଥିଲେ । ଏପରିକି ନିଜ ଆଶାଠାରୁ ଅଧିକ ଶସ୍ୟ ଉତ୍ପାଦନ ହେଲେ ତୁରନ୍ତ ଧାର୍ମିକସ୍ଥଳ ବା ଦୁଃଖୀରଙ୍କୁ ଦାନ କରିଦେଉଥିଲେ । ସେଥିପାଇଁ ସେମାନେ ଆଜି ଭଳି ଭୌତିକ ସୁଖ ପାଉ ନ ଥିଲେ ମଧ୍ୟ ଆନନ୍ଦ ଓ ଆତ୍ମତୃପ୍ତିରେ ରହୁଥିଲେ । ହେଲେ ଆଜି ମଣିଷ କେବଳ ଟଙ୍କା ପଛରେ ଗୋଡ଼େଇ ସ୍ୱାସ୍ଥ୍ୟ ରୂପୀ ଅମୂଲ୍ୟ ସମ୍ପଦକୁ ହଜେଇ ଦେଇ ଡାକ୍ତରଙ୍କ ପ୍ରସ୍ତାବିତ ବଟିକା ଖାଇ ଆଜୀବନ ବଞ୍ଚିବାକୁ ଉଚିତ ମଣୁଛି । ଧର୍ମରାଜ ଯୁଧିଷ୍ଠିରଙ୍କୁ ଏକ ଚମତ୍କାର ପ୍ରଶ୍ନ କରିଥିଲେ ଯକ୍ଷ । ଏ ସଂସାରରେ ସବୁଠାରୁ ଆଶ୍ଚର୍ଯ୍ୟ କ'ଣ ? ଯଥାର୍ଥ ଉତ୍ତର ଦେଇ ଜ୍ୟେଷ୍ଠ ପାଣ୍ଡବ କରିଥିଲେ– ପ୍ରତିଦିନ ଶହ ଶହ ମଣିଷ ଯମାଳୟ ଯାତ୍ରା କରୁଛନ୍ତି, ତଥାପି ମଣିଷ ଅମର ହୋଇ ଏ ସଂସାରରେ ରାଜ୍ କରିବାର ଦିବାସ୍ୱପ୍ନ ଦେଖୁଛି । ଏହା ହିଁ ଆଶ୍ଚର୍ଯ୍ୟ ଓ ବିଡ଼ମ୍ବନାର ବିଷୟ । ତେବେ ଜୀବନର ଶ୍ରେଷ୍ଠତ୍ୱ କ'ଣ ? ଟଙ୍କାର ପାହାଡ଼ ଉପରେ ଠିଆହୋଇ ଶୂନ୍ୟହସ୍ତରେ ଫେରୁଥିବା ମଣିଷ ନା ଆଣ୍ଠୁ ଯାଏଁ ଦେଶୀ ଲୁଗାଟିଏ ପିନ୍ଧି ଦେଶର ରାଷ୍ଟ୍ରପିତା ଓ ବିଶ୍ୱରେ ଅହିଂସାର ପୂଜାରୀ ଭାବରେ କୋଟି କୋଟି ଜନତାଙ୍କ ହୃଦୟରେ ବିରାଜମାନ ଥିବା ଜଣେ ସରଳ ମଣିଷ ! ସତ କହିଲେ ଆଜି ମଣିଷ ପାଖରେ ଭରପୂର ସମ୍ପଦ ଅଛି, ମାତ୍ର ଭୋକ ନାହିଁ । ସୁକୋମଳ ଗଦି ଅଛି, ନିଦ ନାହିଁ । ସମ୍ପତ୍ତି ଅଛି, ସମ୍ପର୍କ ନାହିଁ । ମଣିଷ ଏକ ପ୍ରକାର ନିଃସଙ୍ଗ ଓ ନିଃସ୍ୱ । ଦୁନିଆରେ କେବଳ ଭାଗ୍ୟବାନ୍ ସେହି – ଯାହା ପାଖରେ 'ଭୋଜନ' ସହ 'ଭୋକ' ଅଛି । 'ଶଯ୍ୟା' ସହ 'ନିଦ୍ରା' ଅଛି । ଆଉ 'ଧନ' ସହ 'ଧର୍ମ' ବି ଅଛି । ତେଣୁ ହେ ଜୀବଶ୍ରେଷ୍ଠ ମଣିଷ ଜୀବନର ବାସ୍ତବତାକୁ ଉପଲବ୍ଧିକରି ସାର୍ଥକ ଜୀବନ ଜିଇଁବାର ସଂକଳ୍ପବଦ୍ଧ ହୁଅ ।

ମୋ–୯୪୩୭୯୧୪୮୧୮

## ଏଇ ଭାରତରେ

ଏମିତି ଘର, ଯାହା ମାଟିରେ ରହିବ ପୁଣି ପାଣିରେ ଭାସିବ । ଏଭଳି ଏକ ଆମ୍ଫିବିୟସ (ଉଭୟ ମାଟି ଓ ପାଣିରେ ରହି ପାରୁଥିବା) ଘର ନିର୍ମାଣ କରିଛନ୍ତି କେରଳର ଦୁଇ ବନ୍ଧୁ ନନ୍ମା ଗିରିଶ ଏବଂ ବେନ୍ କେ. ଜର୍ଜ । ୨୦୧୮ରେ କେରଳରେ ପ୍ରଳୟଙ୍କରୀ ବନ୍ୟା ପରେ ଏମାନେ ଏଭଳି ଘର ନିର୍ମାଣ ଲାଗି ଯୋଜନା କରିଥିଲେ । ସେହି ବର୍ଷ 'ନେଷ୍ଟ ଆବିଡ୍' ଷ୍ଟାର୍ଟ ଅପ୍ ପ୍ରତିଷ୍ଠା କରି ୨୦୨୨ ସେପ୍ଟେମ୍ବରରେ ଏହାର ପ୍ରଥମ ପ୍ରତିକୃତି ନିର୍ମାଣ କରିଥିଲେ । ଏବେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଛନ୍ତି । ଏକ ଭାସମାନ କଂକ୍ରିଟ ଢାଞ୍ଚା ଉପରେ ଏହାକୁ ନିର୍ମାଣ କରାଯାଇଛି । ଏହି ଘରର ନାମ ରଖିଛନ୍ତି 'ଆମ୍ଫିବି ନେଷ୍ଟ' । ଏଭଳି ଆମ୍ଫିବିୟସ ଘର ଭାରତରେ ପ୍ରଥମେ ନିର୍ମାଣ କରିଥିବା ଏହି ଦୁଇବନ୍ଧୁ ଥିରୁଭାନନ୍ତପୁରର ବାର୍ଟନ ହିଲ୍ ଗଭର୍ନମେଣ୍ଟ ଇଞ୍ଜିନିୟରିଂ କଲେଜରୁ ଟ୍ରାନ୍ସଲେଶନାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ସେମାନେ ଏଭଳି ଘର ଅଧିକ ନିର୍ମାଣ କରିବା ଲାଗି ୧୦ ଜଣଙ୍କୁ ପୂର୍ଣ୍ଣକାଳୀନ ନିଯୁକ୍ତି ଦେବା ସହ ୩୩ ଜଣଙ୍କୁ କଲ୍ କନ୍‌ସଲଣ୍ଟାଟ ଭାବେ ରଖିଛନ୍ତି । ନନ୍ମା ଓ ବେନ୍ ଏବେ ଦିଲ୍ଲୀ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିରେ ପିଏଚ୍.ଡି. କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଜୁଲାଇ ୧୯୭୫

- ସହରାଞ୍ଚଳ ସମ୍ପତ୍ତି ଉପରେ ସୀମା ନିର୍ଦ୍ଧାରଣ ସଂକ୍ରାନ୍ତରେ ପ୍ରସ୍ତୁତ ଏକ ଚିଠା ବିଲ୍‌କୁ ରାଜନୈତିକ ବ୍ୟାପାର ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟିର ଅନୁମୋଦନ ।
- କଲେଜଗୁଡ଼ିକରେ ପୁସ୍ତକ ବ୍ୟାଙ୍କ ଗଠନ ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ପକ୍ଷରୁ ୫୦ ଲକ୍ଷ ଟଙ୍କାର ବ୍ୟବସ୍ଥା ।

## ଚିରନ୍ତନୀ

ମୁକତିର ଗତି ଏକ ଅପରକୁ ଜାଣେ
ଏକ ବିନେ ଆନର ମୁକତି
ସେ ଯେ ମହା ଅସମ୍ଭବ
କ୍ଳାନ୍ତିହୀନ ମିଳନ ବିଭବ ।
ଚିର ଆକାଙ୍‌କ୍ଷାର ଧନ
ଏକ ଯେ ଆନର ତହିଁ ମୁକତି–ସାଧନ ।
–(ଯୁଗଳ ପ୍ରୟାଣେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ର ସରକାରଙ୍କ ପ୍ରାଥମିକତା

ମହାଶୟ,

ନରେନ୍ଦ୍ର ମୋଦି ୩ୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ଲୋକ ସଭା ଅଧିବେସନର ପ୍ରଥମ ଦିନରେ ଘୋଷଣା କରିଛନ୍ତି ଯେ, ତାଙ୍କ ସରକାର ତୃତୀୟ ପାଳିରେ ତିନିଗୁଣା କାମ କରିବ । ଏହା ସ୍ୱାଗତଯୋଗ୍ୟ, ତେବେ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ, ଖାଲି ପଦବୀ ପୂରଣ, ଧନୀ–ଗରିବଙ୍କ ମଧ୍ୟରେ ଥିବା ଆର୍ଥିକ ବୈଷମ୍ୟ ହ୍ରାସକୁ ପ୍ରାଥମିକତା ଦେବା ଉଚିତ । ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରିବା ସହ ଖାଦ୍ୟ ପଦାର୍ଥ ଉପରୁ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ କରିବା ଆବଶ୍ୟକ ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରସାଦ ପାଇଁ ଧାଡ଼ିରେ ଛିଡ଼ା ହେଲେ ବିଧାୟକ



**ଟିଟିଲାଗଡ,୯।୭(ଶରତ ମିଶ୍ର)**

ଶ୍ରୀ ଶ୍ରୀ ଦଧିବାମନ ଓ ଶ୍ରୀ ଧବଳେଶ୍ୱର ବାବା ଟ୍ରଷ୍ଟ ଟିଟିଲାଗଡ ପକ୍ଷରୁ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଭକ୍ତଙ୍କ ମେଳରେ ରଥରେ ଟଣା ହୋଇ ତିନି ଠାକୁର ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛନ୍ତି । ଏଥିପାଇଁ ଗୁଣ୍ଡିଚା ମନ୍ଦିରରେ ସେବାୟତଙ୍କ ଦ୍ୱାରା ସ୍ୱତନ୍ତ୍ର ନୀତିକାନ୍ତି, ଦଶାବତାର ବେଶ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କୁ ଅନ୍ନ ଭୋଗ ଲାଗି ପରେ ମଙ୍ଗଳବାର ଠାରୁ ଭକ୍ତଙ୍କୁ ପ୍ରସାଦ ବଣ୍ଟନ ଆରମ୍ଭ ହୋଇଛି । ପ୍ରଥମ ଦିନରେ ଟିଟିଲାଗଡ ବିଧାୟକ ନବୀନ ଜୈନଙ୍କ ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ହୋଇଥିଲା । ମନ୍ଦିର ସମ୍ମୁଖରେ ସାଧାରଣ ଜନତାଙ୍କୁ ଅନ୍ନ ପ୍ରସାଦ ବଫେ ବ୍ୟବସ୍ଥାରେ ଦିଆଯାଉଛି । ମନ୍ଦିର ଭିତରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ପ୍ରସାଦ ଦିଆଯାଇଥାଏ । ତେବେ ବିଧାୟକ ନବୀନ ମନ୍ଦିର ଭିତରେ ବସି ପ୍ରସାଦ ଗ୍ରହଣ କରିବାକୁ ଟ୍ରଷ୍ଟ ବୋର୍ଡ ସଦସ୍ୟ କରିଥିବା ଅନୁରୋଧକୁ ନମ୍ରତାର ସହ ମନା କରିଦେଇ ସାଧାରଣ ଜନତାଙ୍କ ଭଳି ଧାଡି ବାନ୍ଧି ଛିଡା ହୋଇ ପ୍ରସାଦ ନେବା ଚର୍ଚ୍ଚାର ବିଷୟ ହୋଇଛି । ଏପରି କି ଏଥର ଟ୍ରଷ୍ଟ ସଦସ୍ୟ ତଥା ଉପସ୍ଥିତ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ଉତ୍ସାହିତ ହୋଇ ସାଧାରଣ ଜନତାଙ୍କ ସହ ଲାଇନରେ ଛିଡା ହୋଇ ପ୍ରସାଦ ଗ୍ରହଣ କରିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟର ଟ୍ରଷ୍ଟି ସଞ୍ଜୀବ ପାଢ଼ୀ, କମ୍ବୁପାଣି ପାଢ଼ୀ, ଭବାନୀ ପ୍ରସାଦ ହୋତା, ଅଲେଖ ଦଳବେହେରା, ରାଜୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବଣ୍ଟନ ହୋଇ ନ ପାରି ପଞ୍ଚାୟତରେ ପଡ଼ିରହିଛି ମାଣ୍ଡିଆ

**ଦେଓଗାଁ,୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୨୬ଟି ପଞ୍ଚାୟତରେ ଆଜିକୁ ୩ ମାସରୁ ଉର୍ଦ୍ଧ୍ୱ ହେବ ମାଣ୍ଡିଆ ବଣ୍ଟନ ହୋଇ ନ ପାରି ଖତ ଖାଉଛି। ମାଣ୍ଡିଆ ଏକ ପୃଷ୍ଟିକର ଖାଦ୍ୟ ହୋଇଥିବାରୁ ତତ୍କାଳୀନ ରାଜ୍ୟ ସରକାର ଏହାକୁ ଏକ ମିଶନ ଭାବେ ନେଇ ମାଣ୍ଡିଆ ଚାଷ ପ୍ରତି ଗୁରୁତ୍ୱ ଦେବା ସହ ଏହାର ବ୍ୟବହାର ପାଇଁ ପ୍ରତି ଗାଁରେ ସଚେତନତା ସୃଷ୍ଟି କରାଇଥିଲେ। ଏହାସହ ପଞ୍ଚାୟତ ମାଧ୍ୟମରେ ରାଶନ ହିତାଧିକାରୀଙ୍କୁ ଚାଉଳ ସହ ମାଣ୍ଡିଆ ମଧ୍ୟ ବଣ୍ଟନ କରିବାର ଯୋଜନା କରିଥିଲେ। ତେବେ ଚଳିତ ସାଧାରଣ ନିର୍ବାଚନ ଆରମ୍ଭରୁ ଏହି ମାଣ୍ଡିଆ ବଣ୍ଟନ ହୋଇପାରୁନାହିଁ। ଫଳରେ ହିତାଧିକାରୀମାନେ ମାଣ୍ଡିଆ ପାଇବାରୁ ବଞ୍ଚିତ ରହିଛନ୍ତି। ବର୍ତ୍ତମାନ ନୂତନ ସରକାର ଗଠନ ପରେ ମାଣ୍ଡିଆ ବଣ୍ଟନ ଅନିଶ୍ଚିତତାରେ ରହିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଦେଓଗାଁ ବ୍ଲକର ୨୬ଟି ପଞ୍ଚାୟତରେ ପ୍ରାୟ ୫୦ କୁଇଣ୍ଟାଲ ହିସାବରେ ୧୨.୬୭ କୁଇଣ୍ଟାଲ ମାଣ୍ଡିଆ ପଡିରହିଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଶାନ୍ତ କୁମାର ପଧାନଙ୍କୁ ପଚାରିବାରେ ମାଣ୍ଡିଆ ବଣ୍ଟନ କରିବା ପାଇଁ ସରକାରୀ ସୂଚନା ଆସି ନ ଥିବାରୁ ବଣ୍ଟନ କରାଯାଇପାରୁନାହିଁ ବୋଲି କହିଥିଲେ। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବାଇକ୍ ଦୁର୍ଘଟଣାରେ ୨ ମୃତ

**ପାଟଣାଗଡ,୯।୭(ସଚ୍ଚିଦାନନ୍ଦ ମହାକୁର)**

ରଥଯାତ୍ରା ଦେଖି ଘରକୁ ଫେରିବା ବେଳେ ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅଧୀନ ଧୁବଲପଡା ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗୀର ସଦର ବ୍ଲକ ଡୁଲୁସର ଗ୍ରାମର ଦୀପକ ବେହେରା ଓ ନବୀନ କୁଅଁର। ପ୍ରକାଶ ଯେ, ସୋମବାର ରାତିରେ ପାଟଣାଗଡରୁ ରଥଯାତ୍ରା ଦେଖି ଦୀପକ ଓ ନବୀନଙ୍କ ସହ ଅନ୍ୟ ଜଣେ ଯୁବକ ଏକ ବାଇକ୍‌ରେ ବସି ଘରକୁ ଫେରୁଥିଲେ। ଧୁବଲପଡାଠାରେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଦୀପକ ଓ ନବୀନଙ୍କ ମୃତ୍ୟୁ ଘଟିଥିବା ବେଳେ ବିକାଶ ସାହୁ ଗୁରୁତର ଆହତ ହୋଇଥିଲେ। ବିକାଶଙ୍କୁ ପ୍ରଥମେ ପାଟଣାଗଡ ଓ ପରେ ବଲାଙ୍ଗୀର ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ତେବେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଖବରପାଇ ପାଟଣାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# ଖୁସି କଲ୍‌ଚରାଲ, ରିସର୍ଚ୍ଚ ଏକାଡେମୀର ବାର୍ଷିକୋତ୍ସବ




ମୁଖ୍ୟଅତିଥି ବିଧାୟକ କଲିକେଶ ନାରାୟଣ ସିଂଦେଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ବଲାଙ୍ଗୀର,୯।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ସାଂସ୍କୃତିକ ଅନୁଷ୍ଠାନ ଖୁସି କଲଚରାଲ ଓ ରିସର୍ଚ୍ଚ ଏକାଡେମୀର ବାର୍ଷିକୋତ୍ସବ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ବାଳିକା ଉଚ୍ଚବିଦ୍ୟାଳୟ ମୁକ୍ତମଞ୍ଚରେ ଅନୁଷ୍ଠିତ ହୋଇଥିଲା । ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ବଲାଙ୍ଗୀରର ସମୃଦ୍ଧ କଳା, ସଂସ୍କୃତି ଓ ପରମ୍ପରା ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ସଙ୍ଗୀତ, ନୃତ୍ୟରେ ବଲାଙ୍ଗୀରର ବିଶେଷତ୍ୱ ଓ କଳାକାରମାନଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନ ସମ୍ପାଦିକା ଜ୍ୟୋତିରେଖା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। କବି ରତ୍ନମୟ ତ୍ରିପାଠୀଙ୍କ ସଂଯୋଜନାରେ ସଭା କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁଷ୍ଠାନର ଛାତ୍ରୀମାନେ ଓଡିଶୀ, ଲୋକନୃତ୍ୟ ଓ ଆଧୁନିକ ଫ୍ୟୁଜନ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକ ମାନଙ୍କୁ ବିଭୋର କରି ଦେଇଥିଲେ। ଶେଷରେ ଦେବାଶିଷ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିତ କୃଷକ ସଂଘର୍ଷ ସମିତିର ବୈଠକ

**ଲୋଇସିଂହା,୯।୭(ସୁଶାନ୍ତ ବାରିକ)**

ଲୋଇସିଂହା ଥାନା ଅନ୍ତର୍ଗତ ଗୁରୁଡିଖାଲ ରାମମନ୍ଦିର ପରିସରରେ ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁଧିଷ୍ଠିର ପଧାନ ଅଧ୍ୟକ୍ଷତା କରିଥିଲେ। ସମିତିର ସକ୍ରିୟ ସଦସ୍ୟ ଉପସ୍ଥିତ ରହିଥିଲେ। କାର୍ଯ୍ୟକାରୀ କମିଟିର ସଦସ୍ୟ ରହିଥିଲେ ସୁଦ୍ଧା ବିଭିନ୍ନ କାର୍ଯ୍ୟକ୍ରମରେ ଅନେକ ଯୋଗ ଦେଉନାହାନ୍ତି। ଏଣୁ କାର୍ଯ୍ୟକାରୀ କମିଟିକୁ ଭାଙ୍ଗି ସକ୍ରିୟ ସଭ୍ୟଙ୍କୁ ନେଇ ନୂତନ ପୂର୍ଣ୍ଣାଙ୍ଗ କମିଟି ଖୁବଶୀଘ୍ର ଗଠନ କରିବାକୁ ମତପ୍ରକାଶ ପାଇଥିଲା । କମିଟିରେ ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା । ବୁଧବାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଲୋଇସିଂହା ଓ ଆଗଲପୁର ବ୍ଲକ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବାରୁ କୃଷକ ସଂଘର୍ଷ ସମିତି ପକ୍ଷରୁ ସମ୍ବର୍ଦ୍ଧନା ଜଣାଇବାକୁ ସ୍ଥିରୀକୃତ ହୋଇଛି । ସମିତି ପକ୍ଷରୁ ଉପ ମୁଖ୍ୟମନ୍ତ୍ରୀଙ୍କୁ ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନରୁ ବାଦ ପଡିଥିବା ଅଞ୍ଚଳକୁ ଜଳସେଚନ ନେଇ ଦାବିପତ୍ର ଦିଆଯିବ । ସୁବାଷ ବହିଦାର, ଶ୍ୟାମସୁନ୍ଦର ବିଶ୍ୱାଳ, କୃଷ୍ଣଚନ୍ଦ୍ର ନାଏକ, ଆନନ୍ଦ ବିଶ୍ୱାଳ ଉପସ୍ଥିତ ଥିଲେ ।

# ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ସ୍ୱାଗତ

## ପଦବୀ ପାଇଁ ଅଞ୍ଚଳବାସୀଙ୍କୁ ଦେଲେ ଶ୍ରେୟ

**ଖପ୍ରାଖୋଲ,୯।୭(ଅଭୟ ତ୍ରିପାଠୀ)**

ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବଲାଙ୍ଗୀର ଜିଲା ତଥା ପାଟଣାଗଡ ନିର୍ବାଚନମଣ୍ଡଳୀ ମଙ୍ଗଳବାର ଗସ୍ତ କରିଛନ୍ତି। ଏହି ଅବସରରେ ଖପ୍ରାଖୋଲ ବ୍ଲକ ଅଞ୍ଚଳ ଗସ୍ତ କରିଥିଲେ। ପ୍ରଥମେ ତାଙ୍କୁ ଓଡ଼ିଆପାଲି ଗାଁରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ କପସିପାଲି ଠାରେ ଗ୍ରାମବାସୀ ସ୍ୱାଗତ କରିଥିଲେ। ଖପ୍ରାଖୋଲ ବ୍ଲକ ସମ୍ମୁଖରୁ ହଜାର ହଜାର ସମର୍ଥକ, ଦଳୀୟ କର୍ମୀ ବାଦ୍ୟର ତାଳେ ତାଳେ ସ୍ୱାଗତ କରି ପାଛୋଟି ନେଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ସ୍ୱାଗତ କରାଯାଇଥିଲା। ପରେ ଦଳୀୟ କାର୍ଯ୍ୟାଳୟ ଠାରେ ଭାରତ ମାତା, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ଡାକ୍ତର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦଳୀୟ କର୍ମୀମାନେ ଉପ ମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଝିଅ ନିବୃତ୍ତି କୁମାରୀ ମେବୱାଡ଼ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆୟୋଜିତ ପଥପ୍ରାନ୍ତ ସଭାରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଅଞ୍ଚଳର ଭୋଟର, ସମର୍ଥକ ଓ ଦଳୀୟ କର୍ମୀଙ୍କୁ ତାଙ୍କ ବିଜୟ ଓ ଉପ ମୁଖ୍ୟମନ୍ତ୍ରୀ ପଦ ମିଳିଥିବାରୁ କୃତଜ୍ଞତା ଜଣାଇଥିଲେ। ପ୍ରବୋଧା ନନ୍ଦ ପାଣିଗ୍ରାହୀ, ଫକିର ପ୍ରଧାନ, ସୀତାରାମ ବାଗ, ସତ୍ୟାନନ୍ଦ ସେଣ୍ଡ଼ିଆ, ଦେବକାନ୍ତ ପାଣିଗ୍ରାହୀ, ଶଶି ପୁଝାରୀ, ଉପେନ୍ଦ୍ର ଭୋଇ, ଅଭୟ କୁମାର ତ୍ରିପାଠୀ, ଉମାକାନ୍ତ ପ୍ରଧାନ, ପ୍ରଶାନ୍ତ ମେହେର, ପଦ୍ମକୁମାର୍ ସିଂ ବରିହା, ହରିବୋଲ ପୋଡ଼, ନାରାୟଣ ଦଣ୍ଡସେନା ସମେତ ଭାଜପା କର୍ମୀ ଉପସ୍ଥିତ ଥିଲେ। ବ୍ୟାପକ ପୋଲିସ ମୁତୟନ ହୋଇଥିବା ବେଳେ ପ୍ରଶାସନ ତରଫରୁ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଉପମୁଖ୍ୟମନ୍ତ୍ରୀ ଖପ୍ରାଖୋଲରୁ ଲାଠୋର ଗସ୍ତ କରିଥିଲେ। ରାସ୍ତାରେ ଯିବା ବେଳେ ବଡ଼ଗୁର୍ଜିଭଟା, ଫୁଲ୍ଲିମୁଣ୍ଡା, ଜାମଗୁଆଁ ପ୍ରମୁଖ ଗାଁରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।


**ପୂର୍ବ ତଟ ରେଳପଥ**

Tender Notice No.: eTM-LM-GRIV-PUI-24-2024 ତା.02.07.2024 ରିଖ

| | |
|---|---|
| କାର୍ଯ୍ୟର ନାମ : | ଦୁଇ ବର୍ଷର ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର ଟ୍ରେନ୍ ନଂ.୧୨୮୦୧/୧୨୮୦୨, ୧୨୮୧୫/୧୨୮୧୬, ୧୨୮୭୫/୧୨୮୭୬, ୨୦୮୧୩/୨୦୮୧୪, ୧୮୪୧୭/୧୮, ୧୮୪୫୧/୧୮୪୫୨, ୧୮୪୯୭/୧୮୪୯୮, ୧୨୮୯୧/୧୨୮୯୨ପାଇଁ ଏବଂ ଏସି କୋଚ୍ (PUI GROUP-IV)ଗୁଡିକର ସେଲୁନ୍ ଓ କର୍ଟେନ୍‌ଗୁଡିକ ପାଇଁ ବେଡ୍‌ରୋଲ୍ ଲିନେନ୍‌ଗୁଡିକର ମେକାନାଇଜଡ୍ ଧୁଆଁଇବା |
| ବିଜ୍ଞାପିତ ମୂଲ୍ୟ : | ଟ.12,53,24,481.71, EMD: ଟ. 7,76,600/- |
| ଟେଣ୍ଡର କାଗଜାତ୍ ମୂଲ୍ୟ: | ଟ.11800/- |
| କାର୍ଯ୍ୟସମାପ୍ତିର ଅବଧି: | 24 (ଚବିଶ) ମାସ |
| ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : | ତା.20.07.2024 ରିଖ 1100 ଘଟିକାରେ |

ଟେଣ୍ଡର କାଗଜାତ୍ର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ।

PR-285/P/24-25 ବରିଷ୍ଠ କୋଚିଂ ଡିପୋ ଅଧିକାରୀ ପୁରୀ


# ପାଟଣାଗଡ଼ରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସ୍ୱାଗତ କରାଯାଉଛି।

**ପାଟଣାଗଡ,୯।୭(ସଚ୍ଚିଦାନନ୍ଦ ମହାକୁର)**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ୩ ଦିନିଆ ବଲାଙ୍ଗୀର ଗସ୍ତରେ ଆସିଥିବା ବେଳେ ମଙ୍ଗଳବାର ତାଙ୍କ ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ନିର୍ବାଚନରେ ବିଜୟ ଲାଭ କରିବା ପରେ ସିଂଦେଓ ନିର୍ବାଚନ ମଣ୍ଡଳୀକୁ ପ୍ରଥମ କରି ଗସ୍ତ କରିଛନ୍ତି। ଗସ୍ତ ଅବସରରେ ବଲାଙ୍ଗୀର ଜିଲା ପାଟଣଗଡ ବ୍ଲକ ବାନ୍ଧନଭା ଗ୍ରାମରେ ପହଞ୍ଚିବା ପରେ ଉପ ମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ସେଠାରେ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ସେଠାରୁ ଏକ ବାଇକ୍ ରାଲିରେ ବାହାରି ପାଟଣାଗଡ଼ ଏନ୍‌ଏସିସ୍ଥିତ ରାମପୁରରେ ପହଞ୍ଚିବା ପରେ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେଠାରୁ ରୋଡଶୋରେ କର୍ମୀମାନଙ୍କ ଗହଣରେ ପାଟଣାଗଡରେ ପହଞ୍ଚି ପ୍ରଥମେ ରାଜଖମାରଠାରେ ଥିବା ଦଶମତୀ ମନ୍ଦିରକୁ ଯାଇ ଦର୍ଶନ କରି ସାରିବା ପରେ ସହରରେ ଥିବା ବିଭିନ୍ନ ମନ୍ଦିରକୁ ଯାଇ ଠାକୁର ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କ ସହିତ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ନିର୍ବାଚନ ସମୟରେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ। ସେ ଉପମୁଖ୍ୟମନ୍ତ୍ରୀ ସହ କୃଷି ଓ ଶକ୍ତି ମନ୍ତ୍ରୀ ପଦ ପାଇ ଥିବାରୁ ପାଟଣାଗଡ଼ ଜନସାଧାରଣ ତଥା କର୍ମୀମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା।

# ଜିଲା ଓକିଲ ସଂଘ ପକ୍ଷରୁ ବିଧାୟକ କଲିକେଶଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର,୯।୭(ବୀରେନ୍ଦ୍ର କୁମାର ଝାଙ୍କର)**




ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ବିଧାୟକ କଲିକେଶ ନାରାୟଣ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ନବନିର୍ବାଚିତ ବିଧାୟକ କଲିକେଶ ନାରାୟଣ ସିଂଦେଓଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ମଙ୍ଗଳବାର ଅପରାହ୍ଣରେ ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲ୍‌ଠାରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ବିଧାୟକ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଧାୟକ ସିଂଦେଓ ବଲାଙ୍ଗୀର ଜିଲାର ସାମୂହିକ ଉନ୍ନତି ଦିଗରେ ଜିଲାର ଓକିଲମାନଙ୍କ ଗଠନମୂଳକ ଦିଗଦର୍ଶନ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ବାର୍‌ର ଓକିଲମାନେ ରାଜ୍ୟ ତଥା ରାଜ୍ୟ ବାହାରେ ନିଜକୁ ପ୍ରତିଷ୍ଠା କରିଥିବାରୁ ଏହା ବାସ୍ତବିକ ବଲାଙ୍ଗୀର ମାଟି ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଜିଲା ଓକିଲ ସଂଘର କୌଣସି ଆବଶ୍ୟକତା ପୂରଣ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ବିଧାୟକ ସିଂଦେଓ ସଭାରେ ପ୍ରତିଶ୍ରୁତି ଦେଇଥିଲେ। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ଓ ହାଇକୋର୍ଟ ବେଞ୍ଚ ସ୍ଥାପନର ଆବଶ୍ୟକତା ରହିଛି। ରାଜ୍ୟ ମନ୍ତ୍ରୀମଣ୍ଡଳରେ ଏହି ଜିଲାରୁ ଜଣେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ଜଣେ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ସ୍ଥାନ ପାଇଥିବାରୁ ଜିଲାର ଦାବିଗୁଡିକ ପୂରଣ କରିବା ଦିଗରେ ମନ୍ତ୍ରୀମାନେ ଯତ୍ନବାନ ହେବେ ବୋଲି କହିଥିଲେ। ଜିଲା ଓକିଲ ସଂଘ ସଭାପତି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାନ୍ତି ବିଧାୟକ କଲିକେଶଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସଂଘ ସମ୍ପାଦକ ପ୍ରମୋଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ଓକିଲ ସଂଘ ଉପସଭାପତି ସରୋଜ କୁମାର ଗୁପ୍ତା ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘର ସମସ୍ତ ସଭ୍ୟ ଯୋଗ ଦେଇଥିଲେ।


**ADVERTISEMENT FOR SUPPLY OF ORTHOPEDIC IMPLANTS TO BHIMA BHOI MEDICAL COLLEGE & DHH / HOSPITAL, BALANGIR FOR THE YEAR OF 2024-25**

No. E-110: Sealed tenders is invited from the Organization/ Firms/Agencies for supply of Orthopaedic Implants to BBMC &H/DHH Balangir. The tender paper completed in all respect should be submitted separately for the service to the undersigned on or before **Dt.12.08.2024 upto 5.00 P.M.** in the office of the superintendent BBMC&H, Balangir. The details and term & condition can be downloaded from **www.bbmchbalangir.nic.in & www.balangir.odisha.gov.in.**

**Superintendent**
**Bhima Bhoi Medical College & Hospital, Balangir**

OIPR-10141/11/0008/2425


# ମହିଳା ଏସ୍‌ଏଚ୍‌ଜିଙ୍କୁ ଚାରା ବଣ୍ଟନ

**ଲୋଇସିଂହା,୯।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବନ ବିଭାଗ ପକ୍ଷରୁ କରକଟିଆ ନର୍ସରୀଠାରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲୋଇସିଂହା ବ୍ଲକର ବିଭିନ୍ନ ଏସଏଚଜିଙ୍କୁ ୫ ଶହ ଶାଗୁଆନ ଚାରା ପ୍ରଦାନ କରାଯାଇଛି। ବନାଞ୍ଚଳ ଅଧିକାରୀ ପାଉଲ ହରପାଲଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋଇସିଂହା ବିଡିଓ ଅକ୍ଷୟପାଣି ଉଦ୍ଗୁ, ବ୍ଲକ ସହକାରୀ ଯନ୍ତ୍ରୀ ସଦ୍ଧାର୍ଥ ପାଢୀ ଅତିଥି ଭାବେ ଯୋଗ ଦେଇଥିଲେ। ଏଠାରେ ବ୍ଲକ ମିଶନ ଶକ୍ତି ସଂଯୋଜିକା ମଧୁସ୍ମିତା ବିଶ୍ୱାଳ, ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ବିଏଲଓ,ସିଆରପି ଏବଂ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ରହିଥିଲେ। ଜଳବାୟୁ ପରିବର୍ତ୍ତନକୁ ନେଇ ବିଡିଓ ଉଦ୍ଗୁ ଚିନ୍ତା ପ୍ରକଟ କରି କହିଥିଲେ ଜଙ୍ଗଲ ବୃଦ୍ଧି ହିଁ ଏହାର ଏକମାତ୍ର ନିରାକରଣ। ଏଣୁ ଖାଲି ସ୍ଥାନରେ ବ୍ୟାପକ ଚାରାରୋପଣ କରିବାକୁ ମହିଳାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଅନୁଯାୟୀ ଏକ ପେଡ଼ଁ ମା' କେ ନାମରେ ମହିଳା ଏସଏଚଜଙ୍କୁ ପ୍ରାୟ ୫୦୦ ଚାରା ବଣ୍ଟନ କରାଯାଇଥିଲା। ବନାଞ୍ଚଳ ଅଧିକାରୀ ହରପାଲ ଚାରାରୋପଣ କରି ଏହାର ଯତ୍ନ ନେବାକୁ ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଫରେଷ୍ଟର ବାବୁଲା ଦାସ ସଂଯୋଜନା କରିଥିଲେ।



ଚାରା ବଣ୍ଟନ ଅବସରରେ ବିଡିଓ ମହିଳାଙ୍କୁ ପରାମର୍ଶ ଦେଉଛନ୍ତି।

# ରୋଡ୍ ଶୋ' କଲେ, ଲୋକଙ୍କ ଅଭିଯୋଗ ଶୁଣିଲେ




ଲାଠୋର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ଉପମୁଖ୍ୟମନ୍ତ୍ରୀ, ଏମ୍‌ପି ଓ ଅନ୍ୟମାନେ।

**ଲାଠୋର,୯।୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମଙ୍ଗଳବାର ରୋଡ଼ ଶୋ' କରିବା ସହ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ତାଙ୍କ ସହ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏବଂ ଝିଅ ନିବୃତ୍ତି ମଧ୍ୟ ରହିଥିଲେ। ପ୍ରଥମେ ତାଙ୍କୁ ଲାଠୋର ରାଧାକୃଷ୍ଣ ମନ୍ଦିରଠାରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଦଳୀୟ କର୍ମୀ ଝାସିରାମ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ତାଙ୍କ ସହ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ ମଧ୍ୟ ମଞ୍ଚାସୀନ ଥିଲେ।

ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ଅଞ୍ଚଳର ଜନସାଧାରଣଙ୍କୁ ଧନ୍ୟବାଦ ଜ୍ଞାପନ କଲା ପରେ ସରପଞ୍ଚ ଜୟଶ୍ରୀ ଅଞ୍ଚଳର ବିକାଶ ପାଇଁ ଲାଠୋର ଗ୍ରାମରେ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ, ରେଳ ଫାଟକ ଠାରେ ଓଭର ବ୍ରିଜ ନିର୍ମାଣ ସହ ଏକ ବାଇପାସ ରାସ୍ତାର ବ୍ୟବସ୍ଥା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପ୍ରଦାନ, ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ସ୍ଥାୟୀ ଚିକିତ୍ସକ ନିଯୁକ୍ତି, ଗ୍ରୀଡ଼ରେ ଏକ ସେକ୍ସନାଲ ଅଫିସର ନିଯୁକ୍ତି, ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ପୁରୀ–ଅହମ୍ମଦାବାଦ ଏବଂ ପୁରୀ–ଅଜମେର ଏକ୍ସପ୍ରେସ ରହଣି ତଥା ଗ୍ରାମକୁ ସରସ ସୁନ୍ଦର କରିବା ପାଇଁ ଏକ ସୁନ୍ଦର ପାର୍କ ନିର୍ମାଣ ପାଇଁ ଜନସାଧାରଣଙ୍କ ତରଫରୁ ଦାବି କରିଥିଲେ। ସେହିପରି ଟଙ୍କପାଣି ଅଞ୍ଚଳକୁ ଲାଠୋର ଗ୍ରୀଡ଼ରୁ ବିଦ୍ୟୁତ ସଂଯୋଗ ଦିଆଯାଉ ବୋଲି ମଧ୍ୟ କିଛି ଲୋକ ଦାବି କରିଥିଲେ। ଜବାବରେ ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ଲୋକଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

ସେଠାରୁ ଉପମୁଖ୍ୟମନ୍ତ୍ରୀ ଏବଂ ଏମ୍‌ପି ଏକ ରୋଡ଼ ଶୋ ଗ୍ରାମର ହନୁମାନ ମନ୍ଦିର ପର୍ଯ୍ୟନ୍ତ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ପୂର୍ବତନ ସରପଞ୍ଚ ସନ୍ତୋଷ ଭଇଁଷାଲ କରିଥିଲେ। ଏହି ଅବସରରେ ପ୍ରବୀଣ ଅଗ୍ରୱାଲ,କାଶୀନାଥ ମେହେର,ଦଶରଥ ପାଣିଗ୍ରାହୀଙ୍କ ସହ ଦଳୀୟ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।


**ZILLA SWASTHYA SAMITI, BALANGIR**
(Department of Health & FW, Govt.of Odisha)

**TENDER CALL NOTICE**

Advt.No. 2339 Date:06.07.2024

**No.E-109**:Sealed tenders in prescribed format are invited from the registered Travel Agencies/Tour Operators/ Individuals/ Private Organisations for providing vehicles on daily hiring basis for different official use of DPMU, NHM, O/o. CDM & PHO, Balangir. Sealed tender documents should reach to the undersigned on or before 25.07.2024 till 05.00 P.M. by registered post/ Speed Post/ Courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website (www.balangir.nic.in). The undersigned reserves the right to cancel any or all tenders without assigning any reason thereof.

OIPR-10019/11/0001/2425 **Sd./- CDM & PHO, Balangir**

**Bhubaneswar Municipal Corporation**

Notice No. 27672 Date: 06.07.2024
(File No. BMC/Mechanical/XXX-VI-62-2024/2024/54)

**CORRIGENDUM - 1**

**REVISED REQUEST FOR PROPOSAL FOR ANNUAL RATE CONTRACT FOR HIRING OF VARIOUS TYPE OF HEAVY VEHICLES, EARTH MOVING MACHINERIES, ENFORCEMENT VEHICLE AND OFFICIAL VEHICLE FOR BHUBANESWAR MUNICIPAL CORPORATION (BMC)**

(Notice No. 23657/BMC / Dt.07.06.2024)

No.C-175: Bhubaneswar Municipal Corporation (BMC) hereby issues this notice for the attention of all potential bidders that the last date for submission of proposals shall be till 04.00 P.M. on 16.07.2024. The technical proposal shall be opened at 05.00 P.M. on 16.07.2024. The detailed Revised Request for Proposal document with the response to Pre-Bid queries can be downloaded from BMC website i.e. **bmc.gov.in**. Bids shall be submitted through Registered/Speed Post or Courier service at the address mentioned in the revised RFP. Please refer to the revised RFP documents for further details.

BMC reserves the right to cancel this invitation and/or invite fresh RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

Sd./- Deputy Commissioner (Vehicle & IT)
OIPR-13002/11/0032/2425 Bhubaneswar Municipal Corporation

**୧୦ ଦଫା ଦାବିପତ୍ର ପ୍ରଦାନ**

ବାଉଁଶୁଣୀ,(ଦେବାଶିଷ ନେପାକ)-ସୋମବାର ଅପରାହ୍ନରେ ବୌଦ୍ଧ ବ୍ଲକ ରକ୍ସା ଗ୍ରାମ ପଞ୍ଚାୟତ ଅମୁର୍ଡାସ୍ଥିତ କନ୍ଧମାଳ ବିଧାୟକଙ୍କ ବାସଭବନଠାରେ ଓଡିଶା ଗ୍ରାମ ପଞ୍ଚାୟତ ପିଅନ ମହାସଂଘ ବୌଦ୍ଧ ଜିଲା ଶାଖା ପକ୍ଷରୁ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ପ୍ରଦତ୍ତ ଦାବିପତ୍ରରେ ପଞ୍ଚାୟତଗୁଡିକରେ କାର୍ଯ୍ୟରତ ପିଅନମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ନିୟମିତ ଦରମା ପ୍ରଦାନ ଆଦି ଦାବି ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ମହାସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।


ବୀରମହାରାଜପୁର ମାଉସୀ ମା' ମନ୍ଦିରରେ ଜୀଉମାନଙ୍କ ବରାହ ଅବତାର ବେଶ ।


ସୁବଳୟା ମାଉସୀ ମା' ମନ୍ଦିରରେ ଶ୍ରୀଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର ବେଶ ।


ସୋନପୁର ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ବରାହ ନୃସିଂହ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

## ସଂକ୍ଷେପରେ

### କନ୍ଧମାଳ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବାଉଁଶୁଣୀ,୯।୭ (ଦେବାଶିଷ ନେପାକ)**

ସୋମବାର ସନ୍ଧ୍ୟାରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଡ଼ିମିରିପାଲି ଛକ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ମଣ୍ଡପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି କନ୍ଦର୍ପ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କନ୍ଧମାଳର ନବ ନିର୍ବାଚିତ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ତାଙ୍କୁ କମିଟି ପକ୍ଷରୁ ଶୁଭେଚ୍ଛା ଜଣାଇବା ସହିତ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହାସହିତ ବାଉଁଶୁଣୀ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ଅନ୍ୟତମ ଅତିଥି ଭାବେ ୪ନଂ ଜିଲା ପରିଷଦ ସଭ୍ୟ ଇଂ ରାକେଶ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ସଭା, ମତଦାତା ସମ୍ପର୍କ ଅଭିଯାନ

**ବାଉଁଶୁଣୀ,୯।୭(ଦେବାଶିଷ ନେପାକ)**

ମଙ୍ଗଳବାର ଅପରାହ୍ନରେ ବାଉଁଶୁଣୀସ୍ଥିତ ଏକ କଲ୍ୟାଣମଣ୍ଡପଠାରେ କନ୍ଧମାଳ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ ମତଦାତା ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଲୋକସଭା ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, କନ୍ଧମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ପୂର୍ବତନ ରାଜ୍ୟ ବୟନିକା ସଭାପତି ଶେଷ କୁମାର ମେହେର, ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି, ଜଲା ପରିଷଦ ସଦସ୍ୟ ଇଂ ରାକେଶ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏମ୍‌ପି ଓ ବିଧାୟକମାନଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ସମବେତ କର୍ମୀମାନଙ୍କୁ ଏମ୍‌ପି ପାଣିଗ୍ରାହୀ ଓ ବିଧାୟକ ଡାଙ୍ଗ ଉଦ୍‌ବୋଧନ ଦେବା ସହିତ ସମବେତ କର୍ମୀ ଓ ଜନସାଧାରଣଙ୍କୁ ସମର୍ଥନ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ପ୍ରେମାନନ୍ଦ ମିଶ୍ର, ଗୁଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂହ, ମଣ୍ଡଳ ସଭାପତି ଯୀଶୁ ପ୍ରଧାନ, ନିରଞ୍ଜନ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ ।

### ଡାକ୍ତର ଲେଖୁଥିବା ଔଷଧ ଡାକ୍ତରଖାନାରେ ମିଳୁ ନ ଥିବା ଅଭିଯୋଗ

**ଅମରପାଲି,୯।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ଅନେକ ଅତ୍ୟାବଶ୍ୟକ ଔଷଧ ମିଳୁ ନ ଥିବାର ଅଭିଯୋଗ ହୋଇଛି। ବହିର୍ବିଭାଗ (ଓପିଡି)ରେ ଡାକ୍ତର ଲେଖୁଥିବା ଔଷଧ ମଧ୍ୟରୁ କେତେକ ଔଷଧ ଡାକ୍ତରଖାନାରେ ମିଳୁ ନ ଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଅନେକ ମାନସିକ ରୋଗୀ ଡାକ୍ତରଖାନାରୁ ସବୁ ଔଷଧ ନ ପାଇ ନିରାଶରେ ଫେରିଥିବା ଜଣାପଡ଼ିଛି। ଡାକ୍ତରଖାନାରେ ଜରୁରୀ ଔଷଧ ନ ମିଳିବା ଯୋଗୁଁ ସାଧାରଣରେ ମଧ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପୂର୍ବରୁ ଅନେକ ମାନସିକ ରୋଗୀଙ୍କ ତତ୍ତ୍ୱାବଧାରକ ଉପରିସ୍ଥ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏଥିରେ କିଛି ସୁଫଳ ମିଳି ନ ଥବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସାମାଜିକ କର୍ମୀ ସୁଦାମ ଗାଇଗରିଆ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସହ ଶୀଘ୍ର ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବାକୁ ଅନୁରୋଧ କରିଛନ୍ତି। ଅଭିଯୋଗର ନକଲ ସେ ଜିଲାପାଳଙ୍କ ନିକଟକୁ ମଧ ପ୍ରେରଣ କରିଥିବା ସୂଚନା ଦେଇଛନ୍ତି।

# ହେଉଛି ଚାରା ରୋପଣ, କରାଯାଉନି ରକ୍ଷଣାବେକ୍ଷଣ

**ବୀରମହାରାଜପୁର ଉପଖଣ୍ଡ**

■ବଞ୍ଚୁନି ଗଛ, ଫଟୋ ଉଠାରେ ସୀମିତ ବନମହୋତ୍ସବ

**ଅମରପାଲି,୯।୭(ପୀତାମ୍ବର ସାହୁ)**

ବିଭିନ୍ନ ସ୍ଥାନରେ ଥିବା ଖାଲି ପଡିଆ, ରାସ୍ତାର ପାର୍ଶ୍ୱ ଆଦି ସ୍ଥାନରେ ହେଉଛି ଚାରା ରୋପଣ। ମାତ୍ର ରୋପଣ ପରେ ଫଟୋ ଉଠାଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ନିଜର ପ୍ରଚାର ପ୍ରସାର ପରେ ଆଉ କେହି ଲଗାଯାଇଥିବା ଗଛର ରକ୍ଷଣା ବେକ୍ଷଣ କରୁ ନାହାନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ବନ ମହୋତ୍ସବ ପାଳିତ ହୋଇଛି। ଏହି କ୍ରମରେ ଉପଖଣ୍ଡର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କ୍ଲବ, ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନ, ସରକାରୀ କାର୍ଯ୍ୟାଳୟ, ବନ ବିଭାଗ ଆଦି ତରଫରୁ ପ୍ରତ୍ୟହ କେଉଁଠି ନା କେଉଁଠି ବନ ମହୋତ୍ସବ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗ ଦେଇ ବୃକ୍ଷ ଉପକାରିତା ବିଷୟରେ ଲମ୍ବା ଭାଷଣ ଦେବା ସହିତ ବୃକ୍ଷ ରୋପଣ ପାଇଁ ପରାମର୍ଶ ଦେଉଛନ୍ତି। ପ୍ରତ୍ୟେକ ଚାରା ରୋପଣ କରିବା ପାଇଁ ଶପଥ ପାଠ ମଧ କରୁଛନ୍ତି। ସଭାପରେ ସ୍କୁଲ, କଲେଜର ଖେଳ ପଡିଆ ଚାରି ପଟେ, ବିଭିନ୍ନ ଖୋଲା ଜମିରେ, ରାସ୍ତାର ଉଭୟ ପାର୍ଶ୍ୱରେ ଚାରା ରୋପଣ କରୁଛନ୍ତି। ଚାରା ରୋପଣ ପରେ କିନ୍ତୁ ଫଟୋ ଉଠାଇବାକୁ କେହି ଭୁଲୁ ନାହାନ୍ତି। ସେହି ଫଟୋକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବୃକ୍ଷ ରୋପଣର ପ୍ରମାଣ ମଧ ଦେଉଛନ୍ତି। ମାତ୍ର ତା 'ପର ଠାରୁ ଆଉ ସେହି ଚାରା ପାଖକୁ ମଧ କେହି ଯାଉ ନାହାନ୍ତି କି ତାହାର ରକ୍ଷଣାବେକ୍ଷଣ ମଧ କରୁଥିବା ଦେଖିବାକୁ ମିଳୁ ନାହିଁ। ଏପରି କି ବର୍ଷା ପରେ ସେହି ଗଛରେ କେହି ପାଣି ଟିକିଏ ମଧ ଦେଉ ନାହାନ୍ତି। ଫଳରେ ଉକ୍ତ ଚାରାଗୁଡ଼ିକ ମରି ଯାଉଥିବା ଦେଖିବାକୁ ମିଳୁଛି। ବନ ବିଭାଗ ତରଫରୁ ମଧ ପ୍ରତି ବର୍ଷ ଲକ୍ଷ ଲକ୍ଷ ଚାରା ରୋପଣ କରାଯାଉଛି।


ସୁବଳୟା କଲେଜରେ ବୃକ୍ଷ ରୋପଣ କରାଯାଉଛି।

**ସେମାନେ କହନ୍ତି...**

"ବନ ମହୋତ୍ସବରେ ଅନେକ ଚାରା ରୋପଣ କରୁଥିଲେ ମଧ ଅଧିକାଂଶ ଏହାର ରକ୍ଷଣାବେକ୍ଷଣ କରୁ ନାହାନ୍ତି। ତେଣୁ ସେହି ବୃକ୍ଷଗୁଡ଼ିକ ମରି ଯାଉଛି। ଚାରା ରୋପଣ କେବଳ ଫଟୋ ଉଠାରେ ସୀମିତ ରହୁଛି।

**ଆଶ୍ରୟ ମହାନନ୍ଦ, ପରିବେଶବିତ୍, ବୀରମହାରାଜପୁର**



"ଅଧିକାଂଶ ବ୍ୟକ୍ତି ବା ଅନୁଷ୍ଠାନ ବୃକ୍ଷ ରୋପଣ ପରେ ଆଉ ତାହାର ଯତ୍ନ ନେଉ ନାହାନ୍ତି। ସରକାରୀ ଭାବେ ଯଦି ବୃକ୍ଷର ଯତ୍ନ ନେବା ପାଇଁ ସହାୟତା ପ୍ରଦାନ କଲେ ଲୋକେ ଏହାର ଯତ୍ନ ନେବା ପାଇଁ ଆଗ୍ରହ ପ୍ରକାଶ କରନ୍ତେ।

**ଦୁର୍ଯ୍ୟୋଧନ ମେହେର(ରାମ), ସ୍ୱେଚ୍ଛାସେବୀ, ବୀରମହାରାଜପୁର**



ବିଭିନ୍ନ ସଙ୍ଗଠନକୁ ମାଗଣାରେ ଚାରା ଦିଆ ଯାଇଛି। ହେଲେ ଚାରାର ଯତ୍ନ କେହି ନେଉ ନାହାନ୍ତି। ବନ ବିଭାଗ ତରଫରୁ କରାଯାଇଥିବା ଚାରା ରୋପଣରେ ବିଭାଗ କାଁଭାଁ କେବେ କେମିତି ପାଣି ଦେଉଛି। ମାତ୍ର ଅନ୍ୟ କୌଣସି ସ୍ଥାନରେ ହେଉଥିବା ଚାରା ରୋପଣରେ ପାଣି ଟିକିଏ ମଧ ଦିଆଯାଉ ନାହିଁ। ସମ୍ପ୍ରତି ଏହି ଅଞ୍ଚଳରେ ଚାରା ରୋପଣ ଏକ ପ୍ରହେଳିକା ହେଉଛି ବୋଲି ପରିବେଶବିତ ପ୍ରକାଶ କରୁଛନ୍ତି। ଚଳିତବର୍ଷ ବୀରମହାରାଜପୁର ରେଞ୍ଜ ଅଧିନରେ ସରକାରୀ ଭାବେ ପ୍ରାୟ ୧୫ ରୁ ୨୦ ହଜାର ଚାରା ରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ବିଭିନ୍ନ ସ୍କୁଲ,କଲେଜ,ସାମାଜିକ ସଙ୍ଗଠନ ଆଦିଙ୍କୁ ଚାରା ରୋପଣ ପାଇଁ ଚାରା ଯୋଗାଇ ଦିଆଯାଉଛି। ସବୁଠି ଚାରା ରୋପଣ ହେଉଥିଲେ ମଧ ବହୁ କମ ସ୍ଥାନରେ ଲଗାଯାଉଥିବା ଚାରାର ଯତ୍ନ ନିଆଯାଉଛି। ଅଧିକାଂଶ ସ୍ଥାନରେ ଚାରାର ଯତ୍ନ ନିଆଯାଉନାହିଁ। ପରିବେଶ ପାଇଁ ଅଧିକ ବୃକ୍ଷର ଆବଶ୍ୟକୀୟ ଥିବା ବେଳେ ଚାରା ରୋପଣ ପରେ ସମସ୍ତେ ସେଗୁଡିକର ଯତ୍ନ ନେବାର ଆବଶ୍ୟକ ରହିଛି।

# ପ୍ରତାପପୁରରେ ବନ ମହୋତ୍ସବ ପାଳିତ


ବନମହୋତ୍ସବ ପାଳନ ଅବସରରେ ଅତିଥିମାନେ ।

**ସୋନପୁର,୯।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ପ୍ରତାପପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରକୃତି ବନ୍ଧୁ ସନ୍ତୋଷିନୀ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୋନପୁର ବନକ୍ଷେତ୍ରାଧିକାରୀ ସୁବାସ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ବନପାଳ ଉକ୍ତବନ୍ଧୁ ମିଶ୍ର ଏବଂ ମୁଖ୍ୟବକ୍ତା ଭାବରେ ବେସରକାରୀ ଅନୁଷ୍ଠାନ ଗ୍ରାମୋତ୍ଥାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ନିଜ ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ଜନ୍ମ ଦିନରେ, ବିବାହ ବର୍ଷିକୀ ଆଦି ପାଳନ ବେଳେ ଗଛ ଲଗାଇବା ଓ ଏହାର ଯତ୍ନ ନେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏବଂ ବିଦ୍ୟାଳୟ ନିକଟସ୍ଥ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଥିଲା। ଯେଉଁମାନେ ଏହି ଉପଲକ୍ଷେ ଲଗାଯାଇଥିବା ବୃକ୍ଷର ଯତ୍ନ ନେବେ ତାଙ୍କୁ ଗୋଟିଏ ଲେଖାଏ କିଟ ଗ୍ରାମୋତ୍ଥାନ ତରଫରୁ ଯୋଗାଇ ଦିଆଯିବ ବୋଲି ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ । ଅଭିଭାବିକା ଯଶୋବନ୍ତୀ ଆଡଯୁଆଡି ତାଙ୍କ ଝିଅ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ରୀ ରାକ୍ଷୀ ଆଡଯୁଆଡ଼ିଙ୍କ ଉଦ୍ଦେଶ୍ୟରେ ଏକ ପଙ୍ଖା ମୋ ସ୍କୁଲ ଅଭିଯାନ ପାଣ୍ଠିକୁ ପ୍ରଦାନ କରିଥିଲେ। ରେଡ୍‌କ୍ରସ ପରାମର୍ଶଦାତା ଶିକ୍ଷକ ପ୍ରକୃତି ବନ୍ଧୁ ଗୋପେଶ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ଜେନା ଏବଂ ଶିକ୍ଷୟିତ୍ରୀ ମହେନ୍ଦ୍ରୀ ପଣ୍ଡା, ଗ୍ରାମର ବହୁସଂଖ୍ୟକ ଭଦ୍ରମହିଳା ତଥା ମା'ମାନେ ବୃକ୍ଷ ରୋପଣ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**
Tender Notice No.: eTM-LM-GRIV-PUI-24-2024
ତା.02.07.2024 ରିଖ
କାର୍ଯ୍ୟର ନାମ : ଦୁଇ ବର୍ଷର ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର ଟ୍ରେନ୍ ନଂ.୧୨୮୦୧/୧୨୮୦୨, ୧୨୮୧୫/୧୨୮୧୬, ୧୨୮୭୫/୧୨୮୭୬, ୨୦୮୧୩/୨୦୮୧୪, ୧୮୪୧୭/୧୮, ୧୮୪୨୧/୧୮୪୨୨, ୧୮୪୨୭/୧୮୪୨୮, ୧୨୮୨୧/୧୨୮୨୨ପାଇଁ ଏବଂ ଏସି କୋଚ୍ (PUI GROUP-IV)ଗୁଡ଼ିକର ସେଲ୍ଫ ଓ କର୍ଟେନ୍‌ଗୁଡ଼ିକ ପାଇଁ ବେଡ୍‌ରୋଲ୍ ଲିନେନ୍‌ଗୁଡ଼ିକର ମେକାନାଇଜଡ୍ ୱାଶିଙ୍ଗ୍
ବିଜ୍ଞାପିତ ମୂଲ୍ୟ : ଟ.12,53,24,481.71, EMD: ଟ. 7,76,600/-
ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.11800/-
କାର୍ଯ୍ୟସମାପ୍ତିର ଅବଧି: 24 (ଚବିଶ) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.20.07.2024 ରିଖ 1100 ଘଟିକାରେ
ଟେଣ୍ଡର କାଗଜାତର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ।
ବରିଷ୍ଠ କୋଚିଂ ଡିପୋ ଅଧିକାରୀ ପୁରୀ
PR-285/P/24-25

# ହରଭଙ୍ଗା ବ୍ଲକରେ ଜନଶୁଣାଣି ଶିବିର

**ବୌଦ୍ଧ,୯।୭(ଅଜିତ କୁମାର ବାରିକ)**

ନୂତନ ସରକାର ଗଠନ ପରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ମଙ୍ଗଳବାର ଦିନ ଜିଲାପାଳଙ୍କ ପ୍ରଥମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ଦିଲିପ କୁମାର ମହାପାତ୍ର, ଏସଡିପିଓ କୁଲଦୀପ ମିନା, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର, ବ୍ଲକ ଅଧକ୍ଷା ସ୍ନେହଲତା ପ୍ରଧାନ, ହରଭଙ୍ଗା ବିଡିଓ ଶରତ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଅଭିଯୋଗ ଶୁଣାଣି କରିଥିଲେ।


ଜନଶୁଣାଣି ଶିବିରରେ ଅଧିକାରୀ ଓ ଅଭିଯୋଗକାରୀ ।

ସମୁଦାୟ ୧୨୧ ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୧୨ ଗୋଟି ରହିଥିବା ବେଳେ ସାମୁହିକ ଅଭିଯୋଗ ୯ ଗୋଟି ରହିଥିଲା। ଶିବିରରେ ୨୨ ଗୋଟି ଅଭିଯୋଗ ଶୁଣାଣିର ଫଇସଲା କରାଯାଇଥିଲା। ଶିବିରରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ମାନେ ସାମିଲ ଥିଲେ।

### ଏଟିଏମରୁ ଚୋରି ଉଦ୍ୟମ ପଣ୍ଡ: ୩ ଜଣ ଥାନାରେ ଅଟକ

**ବୌଦ୍ଧ,୯।୭( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ବଜାରଠାରେ ଥିବା ଏସବିଆଇ ଏଟିଏମ୍‌ରୁ ଗତ ସୋମବାର ରାତିରେ ଚୋରି ଉଦ୍ୟମ ପଣ୍ଡ ହୋଇଛି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ପ୍ରକାଶ ଯେ, ତିଳେଶ୍ୱର ବଜାରରେ ଥିବା ଏସବିଆଇ ଏଟିଏମ୍‌ରୁ ଚୋରି କରିବାକୁ ଚୋରମାନେ ଏଟିଏମ୍ ଭାଙ୍ଗୁଥିବା ଜଣାପଡିଥିଲା । ସ୍ଥାନୀୟ ଲୋକେ ଏହା ଦେଖି ଦେବାରୁ ଚୋରମାନେ ଛାଡି ପଳାଇଥିଲେ । ଏନେଇ ଏଟିଏମ୍ ପରିଚାଳନା କରୁଥିବା କମ୍ପାନୀ ପକ୍ଷରୁ ମଙ୍ଗଳବାର ଦିନ ପୁରୁଣାକଟକ ଥାନାରେ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ ୧୦୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ସିସିଟିଭି ଆଧାରରେ ୩ଜଣଙ୍କୁ ଆଣି ଥାନାରେ ଅଟକ ରଖିଥିବା ଜଣାପଡିଛି । ପୋଲିସ ଘଟଣାର ଅଧିକ ତଦନ୍ତ କରୁଥିବା ଜଣାପଡିଛି ।

# ୧୩୫ କେଜି ଗଞ୍ଜେଇ ଜବତ: ଅଭିଯୁକ୍ତ ଫେରାର

**କନ୍ଧମାଳ,୯।୭(ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ମଙ୍ଗଳବାର ୧୩୫ କେଜି ଗଞ୍ଜେଇ ଓ ଏକ ପିକ୍‌ଅପ ବୋଲେରୋ ଜବତ କରିଛି। ତେବେ ଗଞ୍ଜେଇ ଚୋରା ଚାଲାଣକାରୀମାନେ ଫେରାର ହୋଇ ଯାଇଛନ୍ତି। ମିଳିଥିବା ସୂଚନା ମୁତାବକ, ମନମୁଣ୍ଡା ଅଞ୍ଚଳରୁ ଗଞ୍ଜେଇ ଚୋରା ଚାଲାଣ ଖବର ପାଇ ମନମୁଣ୍ଡା ଥାନା ଅଧିକାରୀ ପାଟ୍ରୋଲିଂ କରିବାକୁ ଥାନା କର୍ମଚାରୀଙ୍କୁ ପଠାଇଥିଲେ। ଏହି ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମସିଣାପଡା ନିକଟରେ ପୋଲିସ ସନ୍ଦେହରେ ଏକ ବୋଲେରୋ ପିକ୍‌ଅପକୁ ଅଟକାଇଥିଲା । କିନ୍ତୁ, ଚାଳକ ଗାଡି ଛାଡି ଫେରାର ହୋଇ ଯାଇଥିଲା। ପୋଲିସ ଉକ୍ତ ଗାଡିରୁ ( ନଂ ଓଡି-୦୭- ଏୟୁ ୦୭୧୬) ୧୩୫ କେଜି ଗଞ୍ଜେଇ ଜବତ କରିଥିଲା । ଚୋରା ଚାଲାଣରେ ବ୍ୟବହୃତ ଗାଡିକୁ ମଧ ଜବତ କରାଯାଇଛି। ଏନେଇ ମନମୁଣ୍ଡା ଥାନାରେ ନଂ ୨୨୭/୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।


ଜବତ ଗଞ୍ଜେଇ ଓ ଗାଡ଼ି।

### ଆଇନ ସଚେତନତା ଶିବିର

**ଅମରପାଲି/ଉଲୁଣ୍ଡା,୯।୭ (ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଜାଲୋଏ ସ୍ଥିତ ଜବାହାର ଏକାଡେମୀରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜେଜେ (ସିପିସି) ଆକ୍ଟ -୨୦୧୫, ରାଇଟ ଟୁ ଏଜୁକେଶନ -୨୦୦୯ ବିଷୟରେ ସଚେତନତା କରାଯାଇଥିଲା। ଉକ୍ତ ଶିବିରରେ ବୀରମହାରାଜପୁର ତାଲୁକ ଆଇନ ସେବା ସମିତିର ଅଧକ୍ଷ ସରୋଜିନୀ ସାହୁ ମୁଖ୍ୟ ଅତିଥି ଏବଂ ଏସଡିଜେଏମ ରାଜଶ୍ରୀ ପଟ୍ଟନାୟକ, ଆଇନଜୀବି ସଞ୍ଜୀବ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର କାର୍ଯ୍ୟକ୍ରମର ଆବାହକ ହୋଇଥିବା ବେଳେ ଶିକ୍ଷକ କାଳିଆ ପଣ୍ଡା ସଭା ପରିଚାଳନା ଓ ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜିବ ବାରିକ ଓ ସୁଜିତ ନାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋହ କରିଥିଲେ। ଶେଷରେ ବନପାଳ ପ୍ରଦୀପ କୁମାର ଜେନାଙ୍କ ସହାୟତାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା।

# ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଚେତନତା ଶିବିର

**ସୋନପୁର,୯।୭ (ମୃତ୍ୟୁଞ୍ଜୟ ଶତପଥୀ )**

**ଡାକଘରେ ସୁରକ୍ଷିତ ସଞ୍ଚୟ କରିବାକୁ ପରାମର୍ଶ**

ସୁବର୍ଣ୍ଣପୁର ଜିଲାସ୍ତରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଚେତନତା ଶିବିର ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ ତପସ୍ୱିନି ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଲୋକମାନେ ଅଧିକ ସୁଧ ଆଶାରେ ଘରୋଇ ସଂସ୍ଥା ମାନଙ୍କରେ ଅର୍ଥ ଜମାକରି ଶେଷରେ ମୂଳ ଟଙ୍କା ପାଇପାରୁନାହାଁନ୍ତି। ଏଣୁ ଡାକଘରେ ଥିବା ବିଭିନ୍ନ ଯୋଜନାରେ ଅର୍ଥ ଜମାକରି ନିଜ ଟଙ୍କାକୁ ସୁରକ୍ଷିତ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନ ଡାକଘରେ ସ୍ୱଳ୍ପ ସଞ୍ଚୟ ଯୋଜନାର ସମସ୍ତ ଯୋଜନା ଉପରେ ଆଲୋକପାତ କରିଥିଲେ। ଗତବର୍ଷ ସୁବର୍ଣ୍ଣପୁର ଜିଲାକୁ ରାଜ୍ୟ ସ୍ୱଳ୍ପ ସଞ୍ଚୟ ବିଭାଗ ତରଫରୁ ୪୭ କୋଟି ଟଙ୍କାର ଜମା କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଜିଲାର ଏଜେଣ୍ଟ ମାନଙ୍କ ତରଫରୁ ୫୮ କୋଟି ୬୩ ଲକ୍ଷ ଟଙ୍କାରୁ ଅଧିକ ଜମା କରାଯାଇଛି। ସେହିଭଳି ଭାବରେ ସ୍ୱଳ୍ପ ସଞ୍ଚୟ ଲଟେରୀ ପାଇଁ ଦୁଇ ଲକ୍ଷ କୁପନ କାଟିବାକୁ ବିଭାଗ ତରଫରୁ କୁହା ଯାଇଥିବା ବେଳେ ୨ଲକ୍ଷ ୪ ହଜାର ୩୩୪ ଲଟେରୀ କୁପନ କଟା ଯାଇଥିଲା। ଚଳିତବର୍ଷ ଜିଲା ପାଇଁ ୬୨ କୋଟି ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଏହା ବ୍ୟତୀତ ସ୍ୱଳ୍ପ ସଞ୍ଚୟ ବିଭାଗ ତରଫରୁ ଆସିଥିବା ପାଞ୍ଚସୂତ୍ରୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ପର୍ଯ୍ୟାୟକ୍ରମେ ଜିଲାର ସମସ୍ତ ବ୍ଲକରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଧାନ କହିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲାର ୫୦ରୁ ଅଧିକ ଏଜେଣ୍ଟ ଯୋଗ ଦେଇ ବିଭିନ୍ନ ଅଭାବ ଅସୁବିଧା ଉପରେ ଆଲୋଚନା କରିଥିଲେ। ସ୍ୱଳ୍ପ ସଞ୍ଚୟ ବିଭାଗର କର୍ମଚାରୀ ଆଶିଷ କୁମାର ସାହୁ ଓ ସଞ୍ଜୟ କୁମାର ବାରିକ ପ୍ରମୁଖ ସହାୟତା କରିଥିଲେ।

**ADVERTISEMENT FOR SUPPLY OF ORTHOPEDIC IMPLANTS TO BHIMA BHOI MEDICAL COLLEGE & DHH / HOSPITAL, BALANGIR FOR THE YEAR OF 2024-25**

No. E-110: Sealed tenders is invited from the Organization/ Firms/Agencies for supply of Orthopaedic Implants to BBMC &H/DHH Balangir. The tender paper completed in all respect should be submitted separately for the service to the undersigned on or before **Dt.12.08.2024 upto 5.00 P.M.** in the office of the superintendent BBMC&H, Balangir. The details and term & condition can be downloaded from **www.bbmchbalangir.nic.in & www.balangir.odisha.gov.in.**

**Superintendent**
**Bhima Bhoi Medical College & Hospital, Balangir**
OIPR-10141/11/0008/2425

**ZILLA SWASTHYA SAMITI, BALANGIR**
(Department of Health & FW, Govt.of Odisha)
**TENDER CALL NOTICE**
Advt.No. 2339 Date:06.07.2024
**No.E-109:** Sealed tenders in prescribed format are invited from the registered Travel Agencies/Tour Operators/ Individuals/ Private Organisations for providing vehicles on daily hiring basis for different official use of DPMU, NHM, O/o. CDM & PHO, Balangir. Sealed tender documents should reach to the undersigned on or before 25.07.2024 till 05.00 P.M. by registered post/ Speed Post/ Courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website (www.balangir.nic.in). The undersigned reserves the right to cancel any or all tenders without assigning any reason thereof.
OIPR-10019/11/0001/2425 **Sd./- CDM & PHO, Balangir**

**Bhubaneswar Municipal Corporation**
Notice No. 27672 Date: 06.07.2024
(File No. BMC/Mechanical/XXX-VI-62-2024/2024/54)
**CORRIGENDUM - 1**
**REVISED REQUEST FOR PROPOSAL FOR ANNUAL RATE CONTRACT FOR HIRING OF VARIOUS TYPE OF HEAVY VEHICLES, EARTH MOVING MACHINERIES, ENFORCEMENT VEHICLE AND OFFICIAL VEHICLE FOR BHUBANESWAR MUNICIPAL CORPORATION (BMC)**
(Notice No. 23657/BMC / Dt.07.06.2024)
No.C-175: Bhubaneswar Municipal Corporation (BMC) hereby issues this notice for the attention of all potential bidders that the last date for submission of proposals shall be till 04.00 P.M. on 16.07.2024. The technical proposal shall be opened at 05.00 P.M. on 16.07.2024. The detailed Revised Request for Proposal document with the response to Pre-Bid queries can be downloaded from BMC website i.e. **bmc.gov.in**. Bids shall be submitted through Registered/Speed Post or Courier service at the address mentioned in the revised RFP. Please refer to the revised RFP documents for further details.
BMC reserves the right to cancel this invitation and/or invite fresh RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.
**Sd./- Deputy Commissioner (Vehicle & IT)**
OIPR-13002/11/0032/2425 **Bhubaneswar Municipal Corporation**

## ସଂକ୍ଷେପରେ

### ଶ୍ରମ ବିଭାଗରେ ଭିଜିଲାନ୍ସ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ରାଉରକେଲା, ୯।୭(ସଙ୍ଗୀତା ଜେନା): ରାଜ୍ୟ ଶ୍ରମ ବିଭାଗରେ ଦୁର୍ନୀତି ହେଉଛି। ଏହାର ତଦନ୍ତ ଆବଶ୍ୟକ ରହିଛି। ଏ ନେଇ ଜୁନ୍ ୨୪ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ପ୍ରଦାନ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳିନାହିଁ। ତେଣୁ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଉ ଏକ ପତ୍ର ପ୍ରେରଣ କରି ନ୍ୟାୟ ଦାବି କରିଛି ଅସଂଗଠିତ ନିର୍ମାଣ ଶ୍ରମିକ ସଂଘ। ଏହାର ସାଧାରଣ ସମ୍ପାଦକ ରମେଶ ସାହୁ ଏହି ପତ୍ର ପ୍ରେରଣ କରିଛନ୍ତି। ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ସମ୍ପାଦକ ସାହୁ ପତ୍ରରେ ଉଲ୍ଲେଖ କରିଛନ୍ତି।

### ସୁଇମିଂପୁଲରେ ବୁଡି ନାବାଳିକା ମୃତ ଘଟଣା: ୨ଗିରଫ

ରାଉରକେଲା,୯।୭(ଦିନେଶ ମିଶ୍ର): ରାଉରକେଲା ହକି ଭିଲେଜରେ ଥିବା ସୁଇମିଂପୁଲରେ ବୁଡି ଗତ ୬ରେ ଜଣେ ୪ବର୍ଷିୟା ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଛେଣ୍ଡ ପୋଲିସ ଉକ୍ତ ସୁଇମିଂପୁଲରେ କାର୍ଯ୍ୟରତ ଟ୍ରେନର ଓ ଲାଇଫ୍‌ଗାର୍ଡଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ, ଟ୍ରେନର ଆଲୋକ ଡୁଙ୍ଗଡୁଙ୍ଗ(୨୦) ଓ ଲାଇଫଗାର୍ଡ ସୁରଜ ବାଗୋ(୨୫) ।

# ରାଉରକେଲାରେ ହିଂସ୍ର ହେଉଛନ୍ତି ବୁଲା କୁକୁର

## ବର୍ଷକରେ ଆସିଛି ୭୩୦୦ କୁକୁର କାମୁଡା ମାମଲା
### ବନ୍ଧ୍ୟାକରଣ ସାଜୁଛି କାରଣ

ରାଉରକେଲା,୯।୭(ବିପ୍ଲବ ରଞ୍ଜନ ଦାଶ)



ରାଉରକେଲା ସହରର ରାସ୍ତାଘାଟ, ଗଳିକନ୍ଦି ସବୁଠି ମାଳମାଳ କୁକୁର ବୁଲୁଛନ୍ତି। କୁକୁରଙ୍କ ବଂଶବୃଦ୍ଧି ସହିତ ଦୌରାତ୍ମ୍ୟ ମଧ୍ୟ ବୃଦ୍ଧି ପାଇବାକୁ ଲାଗିଛି। ରାଉରକେଲା ସରକାରୀ ଡାକ୍ତରଖାନାରୁ ମିଳିଥିବା ସୂଚନା ମୁତାବକ, ୨୦୨୩ ମାର୍ଚ୍ଚରୁ ଚଳିତ ଜୁନ ଯାଏ ୭୩୦୦ ବ୍ୟକ୍ତି ବୁଲା କୁକୁରଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ବିଶେଷ ଭାବେ ସହରର କୋଏଲ ନଗର, ଶକ୍ତି ନଗର, ଛେଣ୍ଡ କଲୋନୀ, ଉଦିତ ନଗର, ପାନପୋଷ ପ୍ରମୁଖ ଅଞ୍ଚଳରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ବହୁ ମାସ ଆଗରୁ ବୁଲା କୁକୁର ବନ୍ଧ୍ୟାକରଣ ଯୋଜନା ନିୟମାବଳୀରେ ଅବମାନନା, ପରିଚାଳନାଗତ ତ୍ରୁଟିଜନିତ ଯାଞ୍ଚ ନେଇ ରାଜ୍ୟସ୍ତରୀୟ କମିଟି ଗଠନ ହୋଇ ନ ଥିବା ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ପିଆଇଏଲ ଫାଇଲ କରିଥିଲା ଏକ ସ୍ୱେଚ୍ଛାସେବୀ କୁକୁର ସୁରକ୍ଷା ସଂଗଠନ। ରାଜ୍ୟରେ ଏବିସି ଉପରେ ରହିତାଦେଶ ଜାରି କରିବା ସହିତ ବିଭାଗ ତରଫରୁ ଏବିସିର ସୁ-ପରିଚାଳନା ପ୍ରାମାଣିକ ତଥ୍ୟ ପ୍ରଦାନ ପାଇଁ ସମସ୍ତ ପ୍ରାଣୀବିଭାଗକୁ ନୋଟିସ ଜାରି କରାଯାଇଛି। କୋର୍ଟଙ୍କ ଦ୍ୱାରା ପ୍ରେରିତ ନୋଟିସ ପ୍ରାୟ ୨ ମାସ ଆଗରୁ ରାଉରକେଲା ପ୍ରାଣୀଧନ ବିଭାଗକୁ ହସ୍ତଗତ ହୋଇସାରିଛି। ମାତ୍ର ପ୍ରାଣୀଧନ ବିଭାଗ ପକ୍ଷରୁ ଠିକ ତଥ୍ୟ କୋର୍ଟରେ ଉପସ୍ଥାପନା କରିବାରେ ବିଳମ୍ବ କରୁଥିବାରୁ ଶୁଣାଣି ତାରିଖ ଗଡି ଚାଲିଛି। ରାଉରକେଲାରେ ଏବିସି ଯୋଜନା ୨୦୧୨ ନଭେମ୍ବର ୯ରେ କାର୍ଯ୍ୟକାରୀ ହେଲା। ଯୋଜନା ମୁତାବିକ ବୁଲା କୁକୁରଙ୍କ ବନ୍ଧ୍ୟାକରଣ(ଏବିସି) କରାଇ ଶୃଙ୍ଖଳିତ ପରିସୀମା ମଧ୍ୟରେ କୁକୁରଙ୍କ ଅଭିବୃଦ୍ଧି ଘଟାଇବା ନ୍ୟସ୍ତ ରହିଥିଲା। ବୁଲାକୁକୁରଙ୍କ ଜନ୍ମହାର ନିୟନ୍ତ୍ରଣ ପାଇଁ ଏବିସି ଯୋଜନା ସଫଳ ରୂପାୟନ ନିମନ୍ତେ ୧୫ଲକ୍ଷ ଟଙ୍କା ବ୍ୟୟବରାଦରେ ଏବିସି କେନ୍ଦ୍ର ଅସ୍ତ୍ରୋପଚାର ଓଟି ଓ ୪୦ କେନେଲ ନିର୍ମାଣ ହେଲା। ଏଥିସହିତ ପ୍ରତି ଅସ୍ତ୍ରୋପଚାର ପାଇଁ ୫ଶହ ଟଙ୍କା ସରକାରୀ ଆର୍ଥିକ ଅନୁଦାନ ମଧ୍ୟ ପ୍ରାଣୀ ବିଭାଗକୁ ପ୍ରଦାନ ହେବା ଆରମ୍ଭ ହେଲା। ଗତ ୧୦ ବର୍ଷ ଭିତରେ ୪ ହଜାର ୫ଶହ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ହୋଇଥିଲା। ଉଚ୍ଚନ୍ୟାୟାଳୟ ଏବିସି ଉପରେ ରହିତାଦେଶ ଲଗାଇଥିବାରୁ ରାଉରକେଲାରେ ଏହି ଯୋଜନା ଏବେ ବନ୍ଦ ରହିଛି। ଏନେଇ ରାଉରକେଲା ଏସ୍‌ଡିଭିଓ ପ୍ରସନ୍ନ କୁମାର ମହାରଣା କହିଛନ୍ତି, ହାଇକୋର୍ଟଙ୍କ ନିକଟରେ ଏକ ସଙ୍ଗଠନ ତରଫରୁ ସାରା ରାଜ୍ୟରେ ଚାଲିଥିବା ଏବିସି ଉପରେ ଏକ ପିଆଇଏଲ ଫାଇଲ ହୋଇଥିଲା। ତେଣୁ ଏବେ ଏବିସି ଯୋଜନା ସ୍ଥଗିତ ରହିଛି। ରହିତାଦେଶ ଉଠିଲା ପରେ ଏବିସି ମାଧ୍ୟମରେ ବୁଲାକୁକୁରଙ୍କ ଜନ୍ମ ନିୟନ୍ତ୍ରଣ ପ୍ରକ୍ରିୟା ଚାଲିବ ବୋଲି ସେ କହିଥିଲେ। ଏନେଇ ରାଉରକେଲା ସରକାରୀ ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ଗଣେଶ ପ୍ରସାଦ ଦାଶ କହିଛନ୍ତି, ସହରରେ ବୁଲାକୁକୁର ଦିନକୁ ଦିନ ହିଂସ୍ର ହେଉଛନ୍ତି। ଏହାର ପ୍ରମୁଖ କାରଣ ହେଉଛି କୁକୁର ସଂଖ୍ୟା ଅନିୟନ୍ତ୍ରିତ ହେବା। ଏଥିସହ କୁକୁର ହେଉଛି ଏକ ସାମାଜିକ ପ୍ରାଣୀ। ମଣିଷ ସହିତ ତା'ର ବଞ୍ଚିବା ଅଧିକାର ରହିଛି। ମଣିଷଙ୍କ ଦୁର୍ବ୍ୟବହାର କୁକୁରଙ୍କୁ ହିଂସ୍ର କରୁଛି ବୋଲି ସେ କହିଥିଲେ।

# ପୋଲିସ କରାଟେରେ ଅଭିଷେକ ଚାମ୍ପିୟନ




ଅଭିଷେକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୯।୭(ଦିନେଶ ମିଶ୍ର)

ଆସାମ ରାଜ୍ୟ ଦ୍ୱାରା ଗୌହାଟିଠାରେ ଅଲ ଇଣ୍ଡିଆ ପୋଲିସ ଜୁଡୋକ୍ଲଷ୍ଟର ଅନ୍ତର୍ଗତ ଅଲ ଇଣ୍ଡିଆ ପୋଲିସ କରାଟେ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଉରକେଲା ପୋଲିସ ଜିଲାରେ କାର୍ଯ୍ୟରତ ଅଭିଷେକ ପଟ୍ଟନାୟକ ସଫଳତା ହାସଲ କରିଛନ୍ତି। ଅଭିଷେକ ଏହି ଚାମ୍ପିୟାନଶିପ୍‌ରେ ଓଡିଶା ପୋଲିସକୁ ପ୍ରତିନିଧିତ୍ୱ କରି ପୁରୁଷ ବ୍ୟକ୍ତିଗତ କାରାଟାରେ ସ୍ୱର୍ଣ୍ଣ ପଦକ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଓଡିଶା ପୋଲିସ ଦଳ ୫ଟି ସ୍ୱର୍ଣ୍ଣ ପଦକ ସାଙ୍ଗକୁ ୬ଟି କାଂସ୍ୟ ସହ ମୋଟ ୧୬ଟି ପଦକ ହାସଲ କରିଛନ୍ତି। ରାଉରକେଲା ଫେରିବା ପରେ ଏସ୍‌ପି ବ୍ରିଜେଶ କୁମାର ରାୟ ଚାମ୍ପିୟନ ଅଭିଷେକଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଭିଷେକ ଉତ୍କଳ କରାଟେ ସ୍କୁଲ ଅଫ ରାଉରକେଲାଠାରେ ଜାତୀୟ କୋଚ୍ ରାଜୀବ ସିଂଙ୍କ ଠାରୁ ଛୋଟବେଳୁ ପ୍ରଶିକ୍ଷଣ ନେଉଛନ୍ତି। ଅଭିଷେକଙ୍କ ଏହି ସଫଳତା ପାଇଁ ଓଡିଶା ରାଜ୍ୟ କରାଟେ ଆସୋସିଏଶନ ଓସ୍କାର ସଭାପତି ହାଂଶୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଡକ୍ଟର ଗୌରୀ ମହାନ୍ତି, ରାଉରକେଲା କରାଟେ ଆସୋସିଏଶନର ସଭାପତି ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସହ ବାସନ୍ତୀ ସାଂସ୍କୃତିକ ପାଠାଗାରର ସମସ୍ତ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତା ଆସାମ ରାଜ୍ୟ ପୋଲିସ ଦ୍ୱାରା ଆୟୋଜିତ ହୋଇଥିଲା। ସିଆରପିଏଫ, ବିଏସଏଫ ଭଳି ବିଭିନ୍ନ ପୋଲିସ ବାଟାଲିୟନର ମୋଟ ୪୫ଟି ପୋଲିସ ସଙ୍ଗଠନରୁ ୨୬୫ ଜଣ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।

# ଆର୍‌ଏସପିର ଅବସର କର୍ମଚାରୀ ସଶକ୍ତୀକରଣ କର୍ମଶାଳା

ରାଉରକେଲା,୯।୭(ବିପ୍ଲବ ରଞ୍ଜନ ଦାଶ)

ଆରଏସପିର ଅବସର କର୍ମଚାରୀ ସଶକ୍ତିକରଣ କର୍ମଶାଳା ରୋଶନି ସିପିଟିଆଇଠାରେ ଆୟୋଜିତ ହୋଇଯାଇଛି। କର୍ମଶାଳାର ଉଦଘାଟନୀ ଅଧିବେଶନରେ ମାନବସମ୍ବଳ କାର୍ଯ୍ୟ ବିଭାଗ ଜିଏମ ଇନଚାର୍ଜ ଧିରେନ୍ଦ୍ର କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜୁନ୍‌ରେ ଅବସର ଗ୍ରହଣ କରିଥିବା ସମୁଦାୟ ୪୧ଜଣ କର୍ମଚାରୀ ଓ ଅଧିକାରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରୁ ଭାବରେ କିଭଳି ଅତିବାହିତ କରିହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଓଏଚଏସଏସସିର ଏଡିଏମଓ ଡକ୍ଟର ସିଭଲକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ଅବସର ପରବର୍ତ୍ତୀ ଜୀବନ ସ୍ୱାସ୍ଥ୍ୟବାନ ନେଇ ଆଲୋଚନା କରିଥିଲେ। ସି ଆଣ୍ଡ ଆଇଟି ବିଭାଗ ଡିଜିଏମ ଭି.ପି ଆର୍ଯ୍ୟା ଡିଜିଟାଲ ଯୁଗରେ ଇଣ୍ଟରନେଟର ମହତ୍ତ୍ୱ, ସାଇବର ବିପଦ ଓ ସୁରକ୍ଷା ବିଷୟିକ ତଥ୍ୟମାନ ଉପସ୍ଥାପନା କରିଥିଲେ। ବିତ ଓ ଲେଖା ବିଭାଗର ଡେପୁଟି ମ୍ୟାନଜର ଡି.କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ନିମନ୍ତେ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିଥିଲେ। ବିତ ଓ ଲେଖା ବିଭାଗର ଏଜିଏମ ପପୁ କୁମାର ଅବସର ପରବର୍ତ୍ତୀ ସମୟରେ ଅତି ଜରୁରୀ ଥିବା ଆର୍ଥିକ ବନ୍ଦୋବସ୍ତ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସିପି-୨ ବିଭାଗର ଏଜିଏମ ବାବୁଲା ନାହାକ ତାତ୍ପର୍ଯ୍ୟପୂର୍ଣ୍ଣ ତଥା ସକ୍ରିୟ ଜୀବନ ଧାରଣ ପାଇଁ ସକରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। ଏଚଆର ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଜ୍ୟୋତି ଓରେୟା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରମ ନିରୀକ୍ଷକ ଖଗେଶ୍ୱର ପଣ୍ଡା କର୍ମଶାଳାର ସମସ୍ତ ଅଧିବେଶନ ଗତ ଆଲୋଚନାଚକ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ଜୀବନକୁ ସକାରାତ୍ମକ,ଉତ୍ସାହ କରିବା ଲକ୍ଷ୍ୟନେଇ କର୍ମଶାଳା ଆୟୋଜିତ ହୋଇଥିଲା।



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

# ରାଜ୍ୟ ଉଷୁ ପ୍ରତିଯୋଗିତା ଉଦ୍‌ଯାପିତ




ଅତିଥିଙ୍କ ଗହଣରେ ଚାମ୍ପିୟନ ହୋଇଥିବା

## ବରିଷ୍ଠରେ ସୁନ୍ଦରଗଡ଼, କନିଷ୍ଠରେ ଖୋର୍ଦ୍ଧା ଚାମ୍ପିୟନ

ରାଉରକେଲା,୯।୭(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ମଧୁସୂଦନ ମଣ୍ଡପଠାରେ ୩୦ତମ ରାଜ୍ୟ ଉଷୁ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରଜ୍ୟର ୨୨ ଜିଲାରୁ ୩ଶହ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ୨ଦିନିଆ ପ୍ରତିଯୋଗିତାକୁ ଆରଏମ୍‌ସି ଉପଆୟୁକ୍ତ ଅନୀତା ମିଞ୍ଜ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଉଷୁ ପ୍ରତିଯୋଗୀମାନେ କିଭଳି ଆଗକୁ ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶର ନାମ ରଖିବେ ସେନେଇ ଅତିଥି ନାୟକ ଖେଳାଳିମାନଙ୍କୁ ଆହ୍ୱାନ ଦେଇଥିଲେ। ଓଡିଶା ଉଷୁ ସଂଘର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଇଞ୍ଜିନିୟର ସୁଧାଂଶୁ ଶେଖର ହରିଚନ୍ଦନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ସୁନ୍ଦରଗଡ ଉଷୁ ଦଳ ୯ଗୋଲ୍ଡ, ୨ସିଲଭର ଓ ୨ ବ୍ରୋଞ୍ଜ ପଦକ ପାଇ ଚାମ୍ପିୟନ ହୋଇଥିଲା। ସେହିଭଳି କନିଷ୍ଠ ବର୍ଗରେ ଖୋର୍ଦ୍ଧା ଉଷୁ ଦଳ ୪ ଗୋଲ୍ଡ ପଦକ ସହ ୪ ସିଲଭର ପାଇ ରନର୍ସଅପ ହୋଇଥିଲା। ମୟୂରଭଞ୍ଜ ଦଳ ୩ ଗୋଲ୍ଡ, ୩ ସିଭଲର ସହ ଗୋଟିଏ ବ୍ରୋଞ୍ଜ ପାଇ ତୃତୀୟ ସ୍ଥାନରେ ରହିଥିଲା। ଏହି ପ୍ରତିଯୋଗିତାକୁ ସ୍ପୋର୍ଟସ୍ ଉଷୁ ସୁନ୍ଦରଗଡ ଆସୋସିଏଶନର ସଭାପତି ବିରଞ୍ଚି ନାରାୟଣ ପଟ୍ଟନାୟକ, ଉପସଭାପତି ଟିକା ବାହାଦୂର, ରିତିକ ପଣ୍ଡା, ରାଜୀବ କଂସଲ, ସାଧାରଣ ସମ୍ପାଦକ ସୁଜନ ରଥ, ଅଜୟ ଲାକ୍ରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୨ ଡେଙ୍ଗୁ ରୋଗୀ ଚିହ୍ନଟ

ବନ୍ଧମୁଣ୍ଡା,୯।୭(ସୁବ୍ରତ ଡେ): ବନ୍ଧମୁଣ୍ଡା ରେଳବାଇ କଲୋନିରେ ରହୁଥିବା ୨ ଜଣ ସଦସ୍ୟ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ମିଶାଇ ଅଞ୍ଚଳରେ ମୋଟ ୬ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସମସ୍ତେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ରେଳବାଇ କଲୋନିରେ ୧୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ।

**ପୂର୍ବ ତଟ ରେଳପଥ**
Tender Notice No.: eTM-LM-GRIV-PUI-24-2024
ତା.02.07.2024 ରିଖ

| | |
|---|---|
| କାର୍ଯ୍ୟର ନାମ : | ଦୁଇ ବର୍ଷର ଅବଧି ନିମନ୍ତେ ପୁରୀ କୋଚିଙ୍ଗ ଡିପୋର ଟ୍ରେନ୍ ନଂ.୧୨୮୦୧/୧୨୮୦୨, ୧୨୮୧୫/୧୨୮୧୬, ୧୨୮୭୫/୧୨୮୭୬, ୨୦୮୧୩/୨୦୮୧୪, ୧୮୪୧୭/୧୮, ୧୮୪୨୧/୧୮୪୨୨, ୧୮୪୨୭/୧୮୪୨୮, ୧୨୮୯୧/୧୨୮୯୨ପାଇଁ ଏବଂ ଏସି କୋଚ୍ (PUI GROUP-IV)ଗୁଡ଼ିକର ସେଲୁନ୍ ଓ କର୍ଟେନ୍‌ଗୁଡ଼ିକ ପାଇଁ ବେଡ୍‌ରୋଲ୍ ଲିନେନ୍‌ଗୁଡ଼ିକର ମେକାନାଇଜଡ୍ ୱାଶିଙ୍ଗ |
| ବିଜ୍ଞାପିତ ମୂଲ୍ୟ : | ଟ.12,53,24,481.71, EMD: ଟ. 7,76,600/- |
| ଟେଣ୍ଡର କାଗଜାତ୍ ମୂଲ୍ୟ: | ଟ.11800/- |
| କାର୍ଯ୍ୟସମାପ୍ତିର ଅବଧି: | 24 (ଚବିଶ) ମାସ |
| ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : | ତା.20.07.2024 ରିଖ 1100 ଘଟିକାରେ |

ଟେଣ୍ଡର କାଗଜାତ୍‌ର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ।
ବରିଷ୍ଠ କୋଚିଂ ଡିପୋ ଅଧିକାରୀ ପୁରୀ
PR-285/P/24-25

**ADVERTISEMENT FOR SUPPLY OF ORTHOPEDIC IMPLANTS TO BHIMA BHOI MEDICAL COLLEGE & DHH / HOSPITAL, BALANGIR FOR THE YEAR OF 2024-25**

No. E-110: Sealed tenders is invited from the Organization/ Firms/Agencies for supply of Orthopaedic Implants to BBMC &H/DHH Balangir. The tender paper completed in all respect should be submitted separately for the service to the undersigned on or before **Dt.12.08.2024 upto 5.00 P.M.** in the office of the superintendent BBMC&H, Balangir. The details and term & condition can be downloaded from **www.bbmchbalangir.nic.in & www.balangir.odisha.gov.in.**

Superintendent
Bhima Bhoi Medical College & Hospital, Balangir
OIPR-10141/11/0008/2425

**ZILLA SWASTHYA SAMITI, BALANGIR**
(Department of Health & FW, Govt.of Odisha)
**TENDER CALL NOTICE**
Advt.No. 2339 Date:06.07.2024
**No.E-109:**Sealed tenders in prescribed format are invited from the registered Travel Agencies/Tour Operators/ Individuals/ Private Organisations for providing vehicles on daily hiring basis for different official use of DPMU, NHM, O/o. CDM & PHO, Balangir. Sealed tender documents should reach to the undersigned on or before 25.07.2024 till 05.00 P.M. by registered post/ Speed Post/ Courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website (www.balangir.nic.in). The undersigned reserves the right to cancel any or all tenders without assigning any reason thereof.
OIPR-10019/11/0001/2425 Sd./- CDM & PHO, Balangir

**Bhubaneswar Municipal Corporation**
Notice No. 27672 Date: 06.07.2024
(File No. BMC/Mechanical/XXX-VI-62-2024/2024/54)
**CORRIGENDUM - 1**
**REVISED REQUEST FOR PROPOSAL FOR ANNUAL RATE CONTRACT FOR HIRING OF VARIOUS TYPE OF HEAVY VEHICLES, EARTH MOVING MACHINERIES, ENFORCEMENT VEHICLE AND OFFICIAL VEHICLE FOR BHUBANESWAR MUNICIPAL CORPORATION (BMC)**
(Notice No. 23657/BMC / Dt.07.06.2024)
No.C-175: Bhubaneswar Municipal Corporation (BMC) hereby issues this notice for the attention of all potential bidders that the last date for submission of proposals shall be till 04.00 P.M. on 16.07.2024. The technical proposal shall be opened at 05.00 P.M. on 16.07.2024. The detailed Revised Request for Proposal document with the response to Pre-Bid queries can be downloaded from BMC website i.e. **bmc.gov.in**. Bids shall be submitted through Registered/Speed Post or Courier service at the address mentioned in the revised RFP. Please refer to the revised RFP documents for further details.
BMC reserves the right to cancel this invitation and/or invite fresh RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.
Sd./- Deputy Commissioner (Vehicle & IT)
Bhubaneswar Municipal Corporation
OIPR-13002/11/0032/2425

# ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ, ଜଣେ ଗିରଫ

ରାଉରକେଲା, ୯।୭(ସଙ୍ଗୀତା ଜେନା)

ଉଦିତନଗର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରଘୁନାଥପାଲି ଥାନା ନ୍ୟୁ ଏଏଆଇସି କଲୋନୀର ସୁନୀଲ ବାରିକ(୩୨)।ଏନେଇ ପୋଲିସ ମାମଲା (ନଂ.୧୭୫/୨୪ ) ରୁଜୁ କରିଛି। ସୂଚନାଯୋଗ୍ୟ, ସୁନୀଲ ୬ ବର୍ଷ ଧରି ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ବିବାହ କରିବାକୁ ଯୁବତୀ କହିବାରୁ ଯୁବକ ଜଣକ ତାଙ୍କୁ ଗାଳିଗୁଲଜ କରୁଥିଲେ। ଏପରି କି ସେ ଯୁବତୀଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ମଧ୍ୟ ନେଇଥିଲେ। ଏଥିରେ ଅତିଷ୍ଠ ହୋଇ ଯୁବତୀ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଅର୍ବାନ ବ୍ୟାଙ୍କ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ

ରାଉରକେଲା/ବନ୍ଧମୁଣ୍ଡା, ୯।୭
(ସଙ୍ଗୀତା ଜେନା/ସୁବ୍ରତ ଡେ)

ଜୁଲାଇ ୨୪ରେ ହେବାକୁ ଥିବା ରେଳବାଇ ଅର୍ବାନ ବ୍ୟାଙ୍କ ନିର୍ବାଚନ ପାଇଁ ରାଉରକେଲା ଏବଂ ବନ୍ଧମୁଣ୍ଡା ଅଞ୍ଚଳର ସମସ୍ତ ରେଳବାଇ ବିଭାଗର ବିଭିନ୍ନ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ କଂଗ୍ରେସ ସଂଗଠନ ସମସ୍ତ ବିଭାଗରେ ପ୍ରାର୍ଥୀ ଛିଡା କରିଛି। ଏହିକ୍ରମରେ ମଙ୍ଗଳବାର ନିଜ ବିଭାଗୀୟ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ରାଉରକେଲା ରନିଂ ବ୍ରାଞ୍ଚ ପାଇଁ ମନୋଜ କୁମାର ପ୍ରଧାନ ଓ ପି. ପାଢ଼ୀ ନାମାଙ୍କନ କରିଛନ୍ତି। ସେହିପରି ବନ୍ଧମୁଣ୍ଡା ରନିଂ ବ୍ରାଞ୍ଚ ପାଇଁ ଆଦିତ୍ୟ କୁମାର, ବନ୍ଧମୁଣ୍ଡା ଇଞ୍ଜିନିୟରିଂ ବିଭାଗ ପାଇଁ ପ୍ରତାପ ମଲ୍ଲିକ, ରାଉରକେଲା ଇଞ୍ଜିନିୟରିଂ ବିଭାଗ ପାଇଁ ବିଭୂତି ଭୂଷଣ, ବିଦ୍ୟୁତ ବିଭାଗ ପାଇଁ ପ୍ରକାଶ ଦାଶ, କ୍ୟାରେଜ ଏବଂ ୱାଗନ ପାଇଁ ଦିଲ୍ଲୀପ କୁମାର, ଇଲେକ୍ଟ୍ରିକ ଶେଡ୍ ପାଇଁ କେଏନ୍ ପ୍ରଧାନ, ବନ୍ଧମୁଣ୍ଡା ସିଗନାଲ୍ ଓ ଟେଲିକମ୍ ପାଇଁ ପି. ମଦନ କୁମାର, ଡୁମେରର୍ତ୍ତା ଇଞ୍ଜିନିୟରିଂ ବିଭାଗ ପାଇଁ ଶ୍ରୀନିବାସ ରାଓ, ବନ୍ଧମୁଣ୍ଡା ଅପରେଟିଂ ପାଇଁ ସତେନ୍ଦ୍ର କୁମାର ଶର୍ମା, କ୍ୟାରେଜ ଓ ୱାଗନ ପାଇଁ ଆଶିଷ ଆନନ୍ଦ ପାଣ୍ଡେ, ବାବୁ କୁମାର ପ୍ରମୁଖ ନାମାଙ୍କନ ଦାଖଲ କରିଛନ୍ତି।

# ସ୍ୱେରେଜ ଟ୍ରିଟ୍‌ମେଣ୍ଟ ସୁବିଧା ପ୍ରକଳ୍ପର ଦ୍ରୁତ ଅଗ୍ରଗତି

ରାଉରକେଲା, ୯।୭(ବିପ୍ଲବ ରଞ୍ଜନ ଦାଶ)



ପ୍ରକଳ୍ପ କାମ ଜାରି ରହିଛି।

ଆର୍‌ଏସ୍‌ପି ଦ୍ୱାରା ସ୍ଥାପିତ ହୋଇଥିବା ଅତ୍ୟାଧୁନିକ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ସୁବିଧା ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଅଗ୍ରଗତି ହେଉଛି। ଏହି ଅତ୍ୟାଧୁନିକ ସୁବିଧା ଦୈନିକ ୩୦ନିୟୁତ ଲିଟର ସିଭେଜ ଜଳ ପ୍ରବନ୍ଧନର କ୍ଷମତା ବହନ କରୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରାମର୍ଶ ଅନୁଯାୟୀ, ଗ୍ରହଣ ହୋଇଥିବା ଏହି ପ୍ରମୁଖ ପଦକ୍ଷେପ ଇସ୍ପାତ ସହରାଞ୍ଚଳରେ ପରିବେଶ ସମସ୍ୟାକୁ ସମାଧାନ କରିବା ସହିତ ଜୀବନ ଧାରଣ ମାନରେ ଉନ୍ନତି ଆଣିବାର ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପର ମୂଲ୍ୟ ପ୍ରାୟ ୯୬କୋଟି ଟଙ୍କା ରହିଛି। ଉଲ୍ଲେଖଯୋଗ୍ୟ, ଆର୍‌ଏସ୍‌ପି ଉପରୋକ୍ତ ପ୍ରକଳ୍ପ ପାଇଁ ୨୦୨୩ ଜୁନ୍‌ରେ ମେସର୍ସ ବି.ଜି ପଟେଲ ଏବଂ ମେସର୍ସ ଓଆସିସ୍ ଇପିସି ସଲ୍ୟୁଶନକୁ ନେଇ ଗଠିତ ଏକ କନ୍‌ସୋର୍ଟିୟମ ସହିତ ଏକ ବିସ୍ତୃତ ଚୁକ୍ତିନାମା କରିଥିଲା। ଅତ୍ୟାଧୁନିକ ବ୍ୟବସ୍ଥାରେ ଜଳ ବିଶୋଧନ ପାଇଁ ମୁଭିଙ୍ଗ ବେଡ୍ ବାୟୋଫିଲ୍ମ ରିଆକ୍ଟର ଜ୍ଞାନକୌଶଳ ବ୍ୟବହାର ହେବ। ଏହି ପ୍ରକଳ୍ପ ୨୦୨୫ ମେ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି। ଇସ୍ପାତ ସହରାଞ୍ଚଳରେ ଉତ୍ପନ୍ନ ସମସ୍ତ ସ୍ୱରେଜ ଜଳକୁ ଏହି ନୂତନ ବ୍ୟବସ୍ଥାଦି ପରିଚାଳନା କରିବ। ସୂଚନାଯୋଗ୍ୟ, ଇସ୍ପାତ ସହରାଞ୍ଚଳର ସମସ୍ତ ବାସିନ୍ଦାଙ୍କ ପାଇଁ ଏକ ନିରାପଦ ତଥା ସୁସ୍ଥ ପରିବେଶ ନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାକୁ ଦୋହରାଇ ବିଶୋଧନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣଭାବେ ମରାମତି କରିବାକୁ ଆର୍‌ଏସ୍‌ପି ପଦକ୍ଷେପ ନେଇଛି। ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏବଂ ପ୍ରକଳ୍ପ ବିଭାଗର ଅତିରିକ୍ତ ଭାର ବହନ କରୁଥିବା ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ନେତୃତ୍ୱ କ୍ରମେ କାର୍ଯ୍ୟକାରୀ ହେଉଛି। ମେସର୍ସ ମେକନ୍ ଲିମିଟେଡ୍ ପ୍ରକଳ୍ପର ପରାମର୍ଶଦାତା ହୋଇଥିବା ବେଳେ ସହର ଇଞ୍ଜିନିୟରିଂ ଏବଂ ସହର ସେବା ବିଭାଗ ଏହାର ଉପଭୋକ୍ତା ରହିଛନ୍ତି। ପ୍ରକଳ୍ପ ବିଭାଗର ସିଜିଏମ୍ ଏ.ଏନ୍. ମିଶ୍ର, ଜିଏମ୍ ଏସ୍.କେ ଦାସ, ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନଚାର୍ଜ ବି.କେ. ଜୋଜୋ, ସହର ଇଞ୍ଜିନିୟରିଂ ଜଳ ଯୋଗାଣ ବିଭାଗର ଜିଏମ୍ ମଙ୍ଗଳ ଓରାମ, ପ୍ରକଳ୍ପ ବିଭାଗର ଡିଜିଏମ୍ ଭିକେ ଯାଦବ ଏବଂ ସହରସେବା ବିଭାଗର ଜିଏମ ବି.ମଲ୍ଲିକଙ୍କୁ ନେଇ ଗଠିତ ଉତ୍ସର୍ଗୀକୃତ ଦଳଙ୍କ ଦ୍ୱାରା ଏହା କାର୍ଯ୍ୟକାରୀ ହେଉଛି। ଏହି ଉଚ୍ଚାଭିଳାଷୀ ପ୍ରୟାସ ନିରନ୍ତର ବିକାଶ ଓ ପରିବେଶ ପରିଚାଳନା ପାଇଁ ସେଲ୍‌ର ପ୍ରତିବଦ୍ଧତାକୁ ସୂଚିତ କରୁଛି। ନବୀକରଣ ଜଳ ନିଷ୍କାସନ ଭିତ୍ତିଭୂମି ଜଳ ଉତ୍ସ ଗୁଣବତ୍ତା ବୃଦ୍ଧି, ପ୍ରଦୂଷଣ ହ୍ରାସ ଏବଂ ଇସ୍ପାତ ସହରାଞ୍ଚଳ ବାସିନ୍ଦାଙ୍କ ପାଇଁ ଏକ ସୁସ୍ଥ ଏବଂ ଉନ୍ନତମାନ ପରିବେଶ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

**ସଂକ୍ଷେପରେ**

## କମ୍ପ୍ୟୁଟର କକ୍ଷ ଉଦ୍‌ଘାଟନକଲେ ଏମ୍‌ପି

ବ୍ରଜରାଜନଗର,୯।୭(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିରରେ କମ୍ପ୍ୟୁଟର କକ୍ଷ ଉଦଘାଟନ କଲେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ଠାକୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିଜୟ ସାହୁ, ସାହେବ ରାଓ, ଜୟନ୍ତ ବାରିକ, ସଭ୍ୟା ପ୍ରିୟଙ୍କା ସରାଫ ସହାୟତା ପ୍ରଦାନ କରିଥିଲେ। ଆଗାମୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଝାରସୁଗୁଡା ଜିଲାରେ ଏକ ନମ୍ବର ଶିକ୍ଷାନୁଷ୍ଠାନ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁ ବୋଲି ଏମ୍‌ପି ପ୍ରକାଶ କରିବା ସହିତ ସେ ସର୍ବଦା ସହାୟତା ସହାୟତା ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ।

## ଜିଲାସ୍ତରୀୟ ଓଜନ ଏବଂ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ

ଦେବଗଡ଼,୯।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଓଜନ ଏବଂ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଏବଂ ସମନ୍ୱିତ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଶିଶୁଙ୍କ୍ ଓଜନ ଏବଂ ଉଚ୍ଚତା ଯେମିତି ନିର୍ଭୁଲ ଭାବରେ କରାଯାଇ ପାରିବ ସେଥି ନେଇ ତାଲିମ ପ୍ରଦାନ କରାଯାଇଥିଲା। ଜିଲା ପୋଷଣ ସଂଯୋଜକ ମନୋଜ କୁମାର ଆଚାର୍ଯ୍ୟଙ୍କ ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଶିଶୁଙ୍କ ଓଜନ ଏବଂ ଉଚ୍ଚତା ନିରୀକ୍ଷଣ କ୍ଷେତ୍ରରେ ଦେବଗଡ ଜିଲାକୁ ପ୍ରଥମ ସ୍ଥାନରେ ରଖିବାର ସଙ୍କଳ୍ପ ନେଇ କାମ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ୟୁନିସେଫର ରାଜ୍ୟ ସଂଯୋଜକ ପ୍ରିୟବ୍ରତ ଦାଶ, ପୋଷଣ ଓ ପୁଷ୍ଟି ରାଜ୍ୟ ସଂଯୋଜକ ସୁରଜିତ ପଟ୍ଟନାୟକ, ପ୍ରୋଟେକ୍ସନ ଅଫିସର ବନ୍ଦିତା ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ଜିଲାର ତିନୋଟି ବ୍ଲକର ସିଡିପିଓ, ଆଇସିଡିଏସ ସୁପରଭାଇଜର, ମିଶନ ଶକ୍ତିର ବିପିସି ଏବଂ ବିପିଏମ ଓ ପୋଷଣ ପ୍ରକଳ୍ପ ସଂଯୋଜକ ପ୍ରମୁଖ ଅଶଂ ଶଗ୍ରହଣ କରିଥିଲେ।

## ମହାତ୍ମା ଗାନ୍ଧୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୯।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାର ଲଖନପୁର ବ୍ଲକ ଅନ୍ତର୍ଗତ କଦମଡିହି ମହାତ୍ମା ଗାନ୍ଧୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏକ ସଚେତନତା ସଭା ଆୟୋଜନ ହୋଇଥିଲା। ଏହି ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଦୀପିକା ଟୁଟି ଅଧ୍ୟକ୍ଷତା କରିଥିଲେ। ସଭାରେ ଆଖପାଖ ଅଞ୍ଚଳର ଶିକ୍ଷାବିଦ, ପୂର୍ବତନ ଶିକ୍ଷକ, କଦମ ଡିହି ସରପଞ୍ଚ, ସମିତି ସଭ୍ୟ, ତଥା ଅଞ୍ଚଳର ମାନ୍ୟଗନ୍ୟ ବ୍ୟକ୍ତି ତଥା ପୂର୍ବତନ ଛାତ୍ରମାନେ ଉପସ୍ଥିତ ଥିଲେ। ଏହି ସଭାରେ ନୂତନ କରି ସରକାରଙ୍କ ଦ୍ୱାରା ଅନୁମତିପ୍ରାପ୍ତ ଯୁକ୍ତ ୨ ପାଇଁ କିଭଳି ଭାବେ ଗାଁ ଗାଁରେ ଆଗ୍ରହୀ ଛାତ୍ରୀଛାତ୍ରମାନଙ୍କ ପାଖକୁ ଖବର ପହଞ୍ଚି ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଉପସ୍ଥିତ ଥିବା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ନିଜ ମତ ରଖିବା ସହିତ କିଭଳି ଭାବେ ସ୍କୁଲକୁ ଅଧିକରୁ ଅଧିକ ଛାତ୍ରୀଛାତ୍ର ଆସିବେ ଓ କମ ଖର୍ଚ୍ଚରେ ପାଠପଢି ପାରିବେ ଓ ସ୍କୁଲର ଉନ୍ନତି ଦିଗରେ ମତ କରିଥିଲେ। ଶେଷରେ ସ୍କୁଲ ହିନ୍ଦୀ ଶିକ୍ଷକ ଦିବ୍ୟରଞ୍ଜନ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ପକ୍ଷରୁ ଏକ ବନ ମହୋତ୍ସବର ଆୟୋଜନ କରାଯାଇ ଅତିଥିମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ ଦମ୍ପତି

ଦେବଗଡ଼,୯।୭(ଶଶାଙ୍କ ଶେଖର ଝାଙ୍କର)



**ଅଭିଯୋଗର ଦୀର୍ଘଦିନ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି**

ଅଭିଯୋଗର ଦୀର୍ଘ ଦିନ ପରେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ନେଇ ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷିକା(ଏସ୍‌ପି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ରିଆମାଳର ପୀଡିତ ଦମ୍ପତି। ରିଆମାଳର ମନୋଜ କୁମାର ଦେବ ଏବଂ ତାଙ୍କ ସ୍ତ୍ରୀ କଲ୍ୟାଣୀ ସିଂ ଜିଲା ଆରକ୍ଷୀ ଅଧୀକ୍ଷିକା ଅନୁପମା ଜେମ୍ସଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିବା ସହ ନ୍ୟାୟ ଭିକ୍ଷା କରିଥିବା ଜଣାପଡିଛି। ଦମ୍ପତିଙ୍କ ଅଭିଯୋଗ ଅନୁଯାୟୀ ରିଆମାଳ ଗ୍ରାମର ମନୋଜ କୁମାର ଦେବ ବଲାଙ୍ଗୀର ଜିଲା ପାଟଣାଗଡର କଲ୍ୟାଣୀ ସିଂଙ୍କୁ ବିବାହ କରିଥିଲେ। ବିବାହ ପରେ ତାଙ୍କ ନଣନ୍ଦ ରୀତାରାଣୀ ସିଂଦେଓ ଓ ନଣନ୍ଦ ଜ୍ୱାଇଁ ସୋମନାଥ ସିଂଦେଓ ବାରମ୍ବାର ନିର୍ଯାତନା ଦେଇ ଆସୁଥିଲେ। ଫଳରେ କଲ୍ୟାଣୀ ଶାଶୁଙ୍କ ଅନୁମତି କ୍ରମେ ପ୍ରାୟ ୨ ବର୍ଷ ହେଲା ବାପଘରେ ରହି ସେଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢାଉଛନ୍ତି। ଗତ କିଛି ଦିନ ତଳେ ଶାଶୁ ଓ ଶ୍ୱଶୁରଙ୍କ ଦେହ ଅସୁସ୍ଥ ଥିବା ଶୁଣି ଗତ ଜୁନ ୧୨ ତାରିଖରେ ସେ ରିଆମାଳସ୍ଥିତ ଶାଶୁ ଘରକୁ ଆସି ସ୍ୱାମୀଙ୍କ ସହିତ ରହୁଥିଲେ। ଗତ ଜୁନ ୨୭ ତାରିଖ ତାଙ୍କ ନଣନ୍ଦ ଏବଂ ନଣନ୍ଦ ଜ୍ୱାଇଁ କୌଣସି କାରଣକୁ କେନ୍ଦ୍ର କରି ତାଙ୍କ ସ୍ୱାମୀ ମନୋଜଙ୍କୁ ନିଘୁକ ମାଡ ମାରିବାରୁ ମନୋଜ ଆହତ ହୋଇଥିଲେ। ସ୍ତ୍ରୀ କଲ୍ୟାଣୀ ଏହାର ପ୍ରତିବାଦ କରିବାରୁ ନଣନ୍ଦ ଓ ନଣନ୍ଦ ଜ୍ୱାଇଁ ତାଙ୍କୁ ମଧ୍ୟ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏଥିସହ ସ୍ୱାମୀ ଓ ସ୍ତ୍ରୀଙ୍କୁ ଏକ ଘରେ ଭର୍ତ୍ତି କରି ତାଲା ପକାଇ ଦେଇଥିଲେ। ଘରେ ଅନ୍ୟ ୫ ନଣନ୍ଦ, ନଣନ୍ଦ ଜ୍ୱାଇଁ, ଶାଶୁ ଓ ଦିଅର ଥିଲେ ମଧ୍ୟ କେହି ଏହାର ପ୍ରତିବାଦ କରି ନ ଥିଲେ କିମ୍ବା ତାଲା ଖୋଲି ଉଦ୍ଧାର କରି ନ ଥିଲେ। ଫଳରେ କଲ୍ୟାଣୀ ୧୧୨କୁ ଫୋନ କରି ପୋଲିସର ସହାୟତା ଲୋଡିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବନ୍ଦ କୋଠରିରୁ ଉଦ୍ଧାର କରିଥିଲେ। ଏ ନେଇ କଲ୍ୟାଣୀ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୁହାରି କରିଥିଲେ। ଅଭିଯୋଗ ଆଧାରରେ ରିଆମାଳ ପୋଲିସ ଏକ ମାମଲା ରୁଜୁ କରି କାମ ସାରି ଦେଇଥିବା ବେଳେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ପତ୍ରରେ ଦର୍ଶାଇବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଆରକ୍ଷୀ ଅଧୀକ୍ଷିକାଙ୍କ ନିକଟରେ ଲିଖିତ ଗୁହାରି କରିଥିଲେ।

## ଝାରସୁଗୁଡ଼ା ଗସ୍ତରେ ମନ୍ତ୍ରୀ ରବି ନାରାୟଣ ନାୟକ



ଝାରସୁଗୁଡ଼ା,୯।୭(ସଞ୍ଜୟ ମାଳି)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମଙ୍ଗଳବାର ଝାରସୁଗୁଡା ଗସ୍ତ କରିଛନ୍ତି। ସ୍ଥାନୀୟ ସାର୍କିଟ ହାଉସରେ ବିଭିନ୍ନ ସରକାରୀ ଅଧିକାରୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ ଅବୋନି ସୁନୀଲ ନରୱଣେ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବିର ନାୟକଙ୍କ ସହିତ ବୈଠକ କରିଛନ୍ତି। ବୈଠକରେ ଝାରସୁଗୁଡ଼ାର ବିକାଶ ତଥା ତାଙ୍କ ବିଭାଗ ଅଧୀନରେ ଥିବା ପାନୀୟ ଜଳ ଯୋଗାଣକୁ ନେଇ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି ମନ୍ତ୍ରୀ ନାୟକ। ମନ୍ତ୍ରୀ ଭାବରେ ମୋର ମଧ୍ୟ ଦାୟିତ୍ୱ ରହିଛି ଝାରସୁଗୁଡା ପ୍ରତି ଆଗାମୀ ଦିନରେ ଝାରସୁଗୁଡାର ବିକାଶ ପାଇଁ ମୁଁ ବଦ୍ଧ ପରିକର ବୋଲି ମନ୍ତ୍ରୀ ନାୟକ କହିଛନ୍ତି । ଝାରସୁଗୁଡାରେ ମନ୍ତ୍ରୀ ନାଏକଙ୍କୁ ଦଳୀୟ କର୍ମୀମାନେ ସମ୍ବର୍ଦ୍ଧନା ଦେଇଥିଲେ। ମନ୍ତ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ ସମୟରେ ଟାଉନ ମଣ୍ଡଳ ସଭାପତି ଡିଲେଶ୍ୱର ରାଓ, କୋଲାବିରା ମଣ୍ଡଳ ସଭାପତି ରାଜେଶ ଦାଶ, ପାକେଲପଡାର ମୋତିଲାଲ ଦଣ୍ଡସେନା, କିର୍ମିରାର ବିଜୟ ଶର୍ମା, ଝାରସୁଗୁଡା ଗ୍ରାମୀଣର ଗଙ୍ଗାଧର କଣ୍ଡା, ବିମଲେନ୍ଦୁ ଭୋଳ, ବଳବିନ୍ଦର ସିଂ ସହିତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଦେବଗଡ଼ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଲେ ୩ ଠାକୁର

ଦେବଗଡ଼,୯।୭(ଶଶାଙ୍କ ଶେଖର ଝାଙ୍କର)



ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ରଥଯାତ୍ରା ଭାବେ ପରିଚିତ ଦେବଗଡ ରଥଯାତ୍ରାର ତୃତୀୟ ଦିବସରେ ମଙ୍ଗଳବାର ତିନିଠାକୁର ଶ୍ରୀ ଗୁଣ୍ଡଚା ମନ୍ଦିର ସମ୍ମୁଖରେ ପହଞ୍ଚିଛନ୍ତି। ସନ୍ଧ୍ୟାରେ ଦେବଗଡ(ପୂର୍ବତନ ବାମଣ୍ଡା ରାଜ୍ୟ)ର ରାଜ କୁମାର ନମନ ଗଙ୍ଗଦେବ ଓ ରାନେଶ ଗଙ୍ଗଦେବଙ୍କ ଉପସ୍ଥିତିରେ ବଡପଣ୍ଡା ସନ୍ତୋଷ ନାୟକ ଆଳତି କରିବା ପରେ ବଡଦାଣ୍ଡର ମଧ୍ୟସ୍ଥଳୀରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନର ତାଳେ ତାଳେ ରଥ ଟଣାଯାଇ ଶ୍ରୀ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ଆଳତି ଓ ରଥଟଣା କାର୍ଯ୍ୟରେ ଅର୍ଜୁନ ଆଚାର୍ଯ୍ୟ, ରମେଶ ଚନ୍ଦ୍ର ପାଢୀ, ପ୍ରଣୟ ପୁରୋହିତ, ଯତୀନ୍ଦ୍ର କୁମାର ଶତପଥି ଓ ପବିତ୍ର ପୂଜାରୀଙ୍କ ସମେତ ପଞ୍ଚମୁଖି ହନୁମାନ କ୍ଲବର ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ। ବୁଦବାର ପୂର୍ବାହ୍ନରେ ତିନି ଠାକୁରଙ୍କୁ ଶ୍ରଦ୍ଧାଳୁମାନଙ୍କ ଗହଣରେ ଗୋଟି ପହଣ୍ଡି କରାଯାଇ ଶ୍ରୀଗୁଣ୍ଡଚା ମନ୍ଦିରକୁ ପାଛୋଟି ନିଆଯିବ। ଅନୁକୂଳ ପାଗ ଯୋଗୁ ସୋମବାର ଭଳି ମଙ୍ଗଳବାର ମଧ୍ୟ ଏହି ଉତ୍ସବରେ ସହଶ୍ରାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଜିଲା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଏଥିରେ ଅଖିଳ ବାରତୀୟ ବିଦ୍ୟାର୍ଥୀ ପରିଷଦର କର୍ମକର୍ତ୍ତାମାନେ ମଧ୍ୟ ସହଯୋଗ କରିଥିଲେ। ଉପ ନଗରପାଳ ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଧର୍ମେନ୍ଦ୍ର ପ୍ରଧାନ ଫ୍ୟାନ୍ସ କ୍ଲବ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଥଣ୍ଡା ପାନୀୟ ଜଳ ବିତରଣ କରାଯାଇଥିଲା।

## ତ୍ରୈମାସିକ ବ୍ୟାଙ୍କର୍ସ ବୈଠକ

ଦେବଗଡ଼,୯।୭(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବ୍ୟାଙ୍କର୍ସ ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମିଶନ ଶକ୍ତି ଜରିଆରେ ଲୋକମାନଙ୍କ ସୁବିଧା ନିମନ୍ତେ ଯଥା ଛତୁ ଚାଷ, ମାଛ ଚାଷ ପାଇଁ ପୋଖରୀ ରୁଣର ସୁବିଧା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବିମା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟଗୀ ଯୋଜନା, ବଳରାମ ଯୋଜନା, ଏବଂ ଅଟଳ ପେନସନ ଯୋଜନା ମାଧ୍ୟମରେ ଲୋକମାନଙ୍କ ସୁବିଧା ନିମନ୍ତେ ବ୍ୟାଙ୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଏଲ.ଡି. ଏମ ଏସବିଆଇ ରବିନ୍ଦ୍ର କୁମାର ମହନ୍ତ, ଏଲ.ଡି. ଓ ଆର.ବି.ଆଇ ତନ୍ମୟ ଜୟସୱାଲ, ନାବାଡ଼ ଏ. ଜି.ଏମ ଧନୁଧର ଦାସ, ଡିପିଏମ ଓ ଏଲ ଏମ ସ୍ମରଣିକା ମହାପାତ୍ର, ଜେନେରାଲ ମ୍ୟାନେଜର ଡି.ଆଇ.ସି ରମେଶ କୁମାର ପଟେଲ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯାମୀ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ଓ ବ୍ୟାଙ୍କରସ ଅଧିକାରୀମାନେ ଯୋଗଦେଇଥିଲେ। ବ୍ୟାଙ୍କ ଅଧିକାରୀମାନଙ୍କୁ ତ୍ରୈମାସିକ କ୍ୱାଟର ୧୦୦% ଅଚିଭମେଣ୍ଟ କରିବାକୁ ଅନୁରୋଧ କରାଗଲା।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଦେବଗଡ଼,୯।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କୃଷି ବିଭାଗ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଆସିଥିବା ୧୦ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ୦୫ଟି ବ୍ୟକ୍ତିଗତ ସମସ୍ୟା ଏବଂ ୦୫ଟି ସାମୂହିକ ସମସ୍ୟା ରହିଥିଲା। ରାସ୍ତା ମରାମତି, ନଳକୂପ, ରାଶନ କାର୍ଡ ଓ ବିଦ୍ୟୁତ୍ ସମସ୍ୟା, ଉପରେ ଜନସାଧାରଣମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗଗୁଡ଼ିକ ଶୁଣିବା ପରେ ଏଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଉକ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ, ତହସିଲଦାର କର୍ଣ୍ଣ ମଲ୍ଲିକ ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**
Tender Notice No.: eTM-LM-GRIV-PUI-24-2024 ତା.02.07.2024 ରିଖ
କାର୍ଯ୍ୟର ନାମ : ଦୁଇ ବର୍ଷର ଅବଧି ନିମନ୍ତେ ପୁରୀ କୋଚିଙ୍ଗ ଡିପୋର ଟ୍ରେନ୍ ନଂ.୧୨୮୦୧/୧୨୮୦୨, ୧୨୮୧୫/୧୨୮୧୬, ୧୨୮୭୫/୧୨୮୭୬, ୨୦୮୧୩/୨୦୮୧୪, ୧୮୪୧୭/୧୮, ୧୮୪୨୧/୧୮୪୨୨, ୧୮୪୨୭/୧୮୪୨୮, ୧୨୮୨୧/୧୨୮୨୨ପାଇଁ ଏବଂ ଏସି କୋଚ୍ (PUI GROUP-IV)ଗୁଡିକର ବେଡ୍‌ରୋଲ ଲିନେନ୍‌ଗୁଡିକର ମେକାନାଇଜଡ୍ ୱାଶିଙ୍ଗ
ବିଜ୍ଞାପିତ ମୂଲ୍ୟ : ଟ.12,53,24,481.71, EMD: ଟ. 7,76,600/-
ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.11800/-
କାର୍ଯ୍ୟସମାପ୍ତିର ଅବଧି: 24 (ଚବିଶ) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା. 20.07.2024 ରିଖ 1100 ଘଟିକାରେ
ଟେଣ୍ଡର କାଗଜାତର ସମସ୍ତ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ।
ବରିଷ୍ଠ କୋଚିଂ ଡିପୋ ଅଧିକାରୀ ପୁରୀ
PR-285/P/24-25

# ଶିଶୁଙ୍କ ଓଜନ, ଉଚ୍ଚତା ନିରୀକ୍ଷଣ ସମ୍ପର୍କିତ ଜିଲାସ୍ତରୀୟ ତାଲିମ

ଝାରସୁଗୁଡ଼ା,୯।୭(ସଞ୍ଜୟ ମାଲି)



ଜିଲାସ୍ତରୀୟ ଶିଶୁଙ୍କ ଓଜନ ଏବଂ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି ବିଭାଗ ମିଳିତ ଆନୁକୂଲ୍ୟରେ ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଜିଲାରେ ମହିଳା ଓ ଶିଶୁଙ୍କ ପୁଷ୍ଟିସାଧନ ଏବଂ ସ୍ୱାସ୍ଥ୍ୟ ସ୍ଥିତିରେ ଉନ୍ନତି ଆଣିବା ଦିଗରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଆନ୍ତରିକତାର ସହ ଦାୟିତ୍ୱ ତୁଲାଇବାକୁ ଆହ୍ୱାନ ଦେଇଛନ୍ତି। ଶିଶୁମାନେ ଆଗାମୀ ଭବିଷ୍ୟତରେ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ବିଧାୟକ କହିଥିଲେ। ଜିଲାରେ କୌଣସି ଶିଶୁ ଯେପରି କୁ-ପୋଷଣର ଶିକାର ନ ହୁଅନ୍ତି ଏବଂ ଶାରିରିକ ଓ ମାନସିକସ୍ତରରେ ଶିଶୁମାନଙ୍କ ଅଭିବୃଦ୍ଧି ଦିଗରେ ସଜାଗ ରହିବାକୁ ପରାମର୍ଶ ଦେବା ସହ ପୋଷଣ କାର୍ଯ୍ୟକ୍ରମ ଠିକ ଢଙ୍ଗରେ ପରିଚାଳନା ପୂର୍ବକ ସୁସ୍ଥ ସମାଜ ଗଠନ ଦିଗରେ ଯତ୍ନବାନ ହେବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ନିୟମିତ ଅଭିବୃଦ୍ଧି ତଦାରଖ ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ୟବତୀ ହେଲେନ ଖେସ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଜିଲାରେ ପୋଷଣ କାର୍ଯ୍ୟକ୍ରମର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୟୁନିସେଫ ପରାମର୍ଶଦାତା ଅକ୍ଷୟ ଲିମାଲ ଓ ରାଉରକେଲା ଏନଆଇଟିର ସିନିୟର ରିସର୍ଚ୍ଚ ଆସୋସିଏଟ ତମାଲ ରେଜା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୋଷଣ ଜିଲା ସଂଯୋଜକ ରମାକାନ୍ତ ନାୟକ, ମମତା ଜିଲା ପ୍ରକଳ୍ପ ସଂଯୋଜକ ତୁଷାରକାନ୍ତ ନାୟକ, ଏନଓପି ମ୍ୟାନେଜର ରମେଶ ମିଶ୍ର ଓ ଅନିଲ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାଲ୍ୟ ବିବାହ ଜିଲା ସଂଯୋଜକ ପୀତବାସ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ବ୍ରଜରାଜନଗରରେ ଅଭିଯୋଗ ଶୁଣାଣି ଶିବିର

ବ୍ରଜରାଜନଗର,୯।୭(ବିଜୟ ବରାଡ଼)

ବ୍ରଜରଜନଗର ପୌର ପରିଷଦ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଜିଲାପାଳ ଅବୋନି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଆଇଏଏସ ପ୍ରବେଶନର ସର୍ବାନନ ସି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିମାଇଁ ଚରଣ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଡେପୁଟି କଲେକ୍ଟର ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୭ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୨ଟି ସାମୂହିକ ଓ ୨୫ଟି ବ୍ୟକ୍ତିଗତ। କାଣ୍ଡସାର ଗ୍ରାମର ହୀରାକୁଦ ବିସ୍ଥାପିତଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ, ଦଲଗାଁରୁ ଆର କୁଦପାଲିକୁ ରାସ୍ତା ନିର୍ମାଣ, ୱାର୍ଡ଼ ନଂ ୧୭ର ଭୂତବଙ୍ଗଳା ଅଞ୍ଚଳରେ ପାନୀୟ ଜଳ ଯୋଗାଣ, ଗଣ୍ଡଘୋରା ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ, ଲଜକୁରାରେ ଜମି ବିସ୍ଥାପିତଙ୍କୁ ଏମସିଏଲ ପକ୍ଷରୁ କ୍ଷତି ପୂରଣ, ଗାନ୍ଧୀ ଛକରୁ ଇବନଦୀ ପର୍ଯ୍ୟନ୍ତ ଯାଇଥିବା ନାଳର ପୁନରୁଦ୍ଧାର ଓ ଚାଷ ଜମି ନଷ୍ଟ ବାବଦକୁ ଏମସିଏଲ ପକ୍ଷରୁ କ୍ଷତିପୂରଣ ପ୍ରଦାନ, କାଳୀନଗର ଓଭର ବ୍ରିଜରେ ପାଚେରି ନିର୍ମାଣ, ସାନଜୋବ ମଧୁବନ ନଗର ଚୁଆକାନିରେ ପାନୀୟ ଜଳ ବ୍ୟବସ୍ଥା, ୱାର୍ଡ଼ ନଂ ୨୨ରେ କଲ୍ୟାଣ ମଣ୍ଡପ ନିର୍ମାଣ ଓ ସରକାରୀ ଜମି ଜବରଦଖଲ ମୁକ୍ତ କରାଯିବା, ବ୍ଲକ ଲେବଲ ଫେଡରେଶନର ବିଭିନ୍ନ ସମସ୍ୟା ସମାଧାନ ଓ ଟ୍ରକ ଆସୋସିଏଶନ ସମସ୍ୟା ଆଦି ସାମୂହିକ ଅଭିଯୋଗ ଓ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଶିବିରରେ ଜଣଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଭିଯୋଗଗୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଅଚାନକ ପରିଦର୍ଶନକରି ତଦନ୍ତ କଲେ ବିଧାୟକ

ଝାରସୁଗୁଡ଼ା,୯।୭(ସଞ୍ଜୟ ମାଲି)

ଝାରସୁଗୁଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁନ୍ଦ୍ରାଯୋରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ଅପରାହ୍ନରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଅଚାନକ ପରିଦର୍ଶନ କରିଛନ୍ତି। ରାତ୍ରି ୧୧ଟା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ବିଧାୟକ ପରିଦର୍ଶନରେ ଯାଇ ଡାକ୍ତର ତଥା କର୍ମଚାରୀଙ୍କ ଉପସ୍ଥିତରେ ତାଲା ପଡୁଥିବା ବିଷୟରେ ଲୋକଙ୍କୁ ପଚାରି ବୁଝିଥିଲେ ବିଧାୟକ। ରୋଗୀ ତଥା ତାଙ୍କ ସମ୍ପର୍କୀୟଙ୍କ ସହିତ ଭଲ ବ୍ୟବହାର ପ୍ରଦର୍ଶନ କରିବାକୁ କର୍ମଚାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ସାଧାରଣ ଭାବେ ବର୍ଷା ଋତୁରେ ସାପ କାମୁଡାରେ ଅଧିକ ଲୋକଙ୍କ ପ୍ରାଣ ଯାଇଥାଏ। ସମୟ ଅନୁସାରେ ଉପଯୁକ୍ତ ଚିକିତ୍ସାର ଅଭାବ ଅବା ଗୁଣି ଗାରେଡି ଉପରେ ଭରସା କରି ଅନେକ ଲୋକ ଆଖି ବୁଜୁଥାନ୍ତି। କିଛି ବର୍ଷ ପୂର୍ବେ ସାପ କାମୁଡା ଇଞ୍ଜେକସନ ଏହି ସ୍ୱାସ୍ଥ୍ୟ ଗୋଷ୍ଠୀକେନ୍ଦ୍ରରେ ନ ମିଳିବାରୁ ଜଣେ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେଥିପାଇଁ ମୁନ୍ଦ୍ରାଯୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡା ପାଇଁ



ବିଧାୟକ ଟଙ୍କଧର ତ୍ରିପାଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

**ମୁନ୍ଦ୍ରାଯୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ଇଞ୍ଜେକସନ ମହଜୁଦ ରଖିବା ପାଇଁ ବିଧାୟକ ପରାମର୍ଶ ଦେଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର କ'ଣସବୁ ଅସୁବିଧା ରହିଛି ତଥା ରୋଗୀଙ୍କ ପାଇଁ ମିଳୁଥିବା ସୁବିଧା ଉପରେ ପଚାରି ବୁଝିଥିଲେ ବିଧାୟକ। ବିଧାୟକଙ୍କ ଗସ୍ତ ସମୟରେ ମଣ୍ଡଳ ସଭାପତି ପଙ୍କଜ ବେହେରା, ମଣ୍ଡଳ ଯୁବ ସଭାପତି ମନମୋହନ କିଷାନ, ମଧୁ ରଣା, ବାଞ୍ଛାନିଧି ସାହୁ ପ୍ରମୁଖଙ୍କ ସହିତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ADVERTISEMENT FOR SUPPLY OF ORTHOPEDIC IMPLANTS TO BHIMA BHOI MEDICAL COLLEGE & DHH / HOSPITAL, BALANGIR FOR THE YEAR OF 2024-25**

No. E-110: Sealed tenders is invited from the Organization/ Firms/Agencies for supply of Orthopaedic Implants to BBMC &H/DHH Balangir. The tender paper completed in all respect should be submitted separately for the service to the undersigned on or before **Dt.12.08.2024 upto 5.00 P.M.** in the office of the superintendent BBMC&H, Balangir. The details and term & condition can be downloaded from **www.bbmchbalangir.nic.in & www.balangir.odisha.gov.in.**

Superintendent
Bhima Bhoi Medical College & Hospital, Balangir
OIPR-10141/11/0008/2425

**ZILLA SWASTHYA SAMITI, BALANGIR**
(Department of Health & FW, Govt.of Odisha)
**TENDER CALL NOTICE**
Advt.No. 2339 Date:06.07.2024
**No.E-109**:Sealed tenders in prescribed format are invited from the registered Travel Agencies/Tour Operators/ Individuals/ Private Organisations for providing vehicles on daily hiring basis for different official use of DPMU, NHM, O/o. CDM & PHO, Balangir. Sealed tender documents should reach to the undersigned on or before 25.07.2024 till 05.00 P.M. by registered post/ Speed Post/ Courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website (www.balangir.nic.in). The undersigned reserves the right to cancel any or all tenders without assigning any reason thereof.
OIPR-10019/11/0001/2425 Sd./- CDM & PHO, Balangir

**Bhubaneswar Municipal Corporation**
Notice No. 27672 Date: 06.07.2024
(File No. BMC/Mechanical/XXX-VI-62-2024/2024/54)
**CORRIGENDUM - 1**
**REVISED REQUEST FOR PROPOSAL FOR ANNUAL RATE CONTRACT FOR HIRING OF VARIOUS TYPE OF HEAVY VEHICLES, EARTH MOVING MACHINERIES, ENFORCEMENT VEHICLE AND OFFICIAL VEHICLE FOR BHUBANESWAR MUNICIPAL CORPORATION (BMC)**
(Notice No. 23657/BMC / Dt.07.06.2024)
No.C-175: Bhubaneswar Municipal Corporation (BMC) hereby issues this notice for the attention of all potential bidders that the last date for submission of proposals shall be till 04.00 P.M. on 16.07.2024. The technical proposal shall be opened at 05.00 P.M. on 16.07.2024. The detailed Revised Request for Proposal document with the response to Pre-Bid queries can be downloaded from BMC website i.e. **bmc.gov.in**. Bids shall be submitted through Registered/Speed Post or Courier service at the address mentioned in the revised RFP. Please refer to the revised RFP documents for further details.
BMC reserves the right to cancel this invitation and/or invite fresh RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.
Sd./- Deputy Commissioner (Vehicle & IT)
Bhubaneswar Municipal Corporation
OIPR-13002/11/0032/2425

## ସଂକ୍ଷେପରେ

### ଶ୍ରୀଜଗନ୍ନାଥଙ୍କ କଚ୍ଛପ ବେଶ



ରିଷିଡ଼ା,୯।୭(ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡା ମାଉସୀ ମା' ମନ୍ଦିରରେ ମଙ୍ଗଳବାର ଶ୍ରୀଜଗନ୍ନାଥଙ୍କ କଚ୍ଛପ ଅବତାର ବେଶ ହୋଇଥିଲା । ଏହି ବେଶରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା। ସନ୍ଧ୍ୟାରେ ମନୋରଞ୍ଜନ ଭଜନ ସମାରୋହ ଅନୁଷ୍ଠିତ ହୋଇଛି।

### ଜୁନାଗଡ଼ ତହସିଲରେ ମାତିଛନ୍ତି ଅଣଓଡ଼ିଆ ଜମିବେପାରୀ

**ଏସ୍‌ସିଏସ୍‌ଟି ଜମି କମ୍ ଦାମରେ କିଣି ଚଢ଼ା ଦରରେ ବିକୁଛନ୍ତି**

ଭବାନୀପାଟଣା,୯।୭(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୁନାଗଡ ତହସିଲ ଅଞ୍ଚଳରେ ଏବେ ଅଣଓଡିଆ ଜମି ବେପାରୀ ମାତିଛନ୍ତି। ଏଠାକାର ନିରୀହ ଗରିବ ଅନୁସୂଚିତ ଜାତି, ଜନଜାତିଙ୍କ ଜମିକୁ କମ୍ ଦାମରେ କିଣି ପରେ ଉପଜିଲାପାଳଙ୍କଠାରୁ ସରକାରୀ ସ୍ତରରେ ଅନୁମତି କରି ଚଢା ଦାମ୍‌ରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଯାହାଫଳରେ ଦିନକୁ ଦିନ ଜୁନାଗଡ ତହସିଲ ଅଞ୍ଚଳରେ ଜମି ଗୁଡିକର ମୂଲ୍ୟ ଆକାଶ ଛୁଆଁ ହେବାରେ ଲାଗିଛି। ସାଧାରଣ ଲୋକଙ୍କ ପକ୍ଷେ ଏବେ ଜମି କିମ୍ବା ପ୍ଲଟ କିଣିବା କଷ୍ଟକର ହୋଇପଡୁଛି। ବିଶେଷକରି ଜୁନାଗଡ ତହସିଲ ଅଞ୍ଚଳର କୁରୁଗୁଡା, ମାଟିଗାଁ, କଲେଇଗାଁ, ହିଙ୍ଗଲିବାହାଲି ଆଦି ଅଞ୍ଚଳରେ ଏପରି ହେଉଥିବା ଜଣାପଡିଛି। ଜୁନାଗଡ ସହର ମାରୱାଡିପଡାରେ ରହୁଥିବା ଜଣେ ଜନୈକ ବ୍ୟକ୍ତି ଏହାର ମୁଖ୍ୟ କାର୍ପଟଦାର ରହିଥିବା ଚର୍ଚ୍ଚା ହେଉଛି। ଗତ ୨ବର୍ଷ ମଧ୍ୟରେ ଜୁନାଗଡ ତହସିଲ ଅଞ୍ଚଳର କେତେଜଣ ଏସ୍‌ସି ଓ ଏସ୍‌ଟି ବ୍ୟକ୍ତିଙ୍କ ଜମି କେଉଁ କାମ ପାଇଁ କେତେ ସରକାରୀ ସ୍ତରରେ ଅନୁମତି ନିଆଯାଇ ବିକ୍ରି କରାଯାଇଛି ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ବଡବଡିଆଙ୍କ ନାମ ସାମ୍ନାକୁ ଆସିପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ନିଖୋଜ ଦାଦନ ପରିବାର ଜିଲାପାଳଙ୍କ ଦ୍ୱାରସ୍ଥ

**୨୨ରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ନିଷ୍ପତ୍ତି**

ନୂଆପଡ଼ା,୯।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ଲଖନା ଥାନା କୁସଦହନା ଗାଁର ଡୋଳାମଣି ମଲ୍ଲିକ (୫୨) ଦାଦନ ଖଟିବାକୁ ବାହାରକୁ ଯାଇ ନିଖୋଜ ହୋଇଯାଇଛନ୍ତି। ଦୀର୍ଘଦିନ ପରେ ମଧ୍ୟ ସେ ନ ଫେରିବାରୁ ପରିବାର ବେସାହାରା ହୋଇପଡ଼ିଛନ୍ତି। ଏ ନେଇ ପରିବାର ପୋଲିସ ଓ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଶେଷରେ ନିରାଶ ହୋଇ ଆସନ୍ତା ୨୨ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ପରିବାର ନିଷ୍ପତ୍ତି ନେଇଛନ୍ତି । ଏ ସଂକ୍ରାନ୍ତରେ ମଙ୍ଗଳବାର ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ସୂଚନା ମୁତାବକ ଜୋଙ୍କ୍ ଥାନା ଖରିଆର ରୋଡ୍‌ର ଜଣେ ଦାଦନ ସର୍ଦ୍ଦାରଙ୍କ ସହାୟତାରେ କୁରୁମପୁରି ପଞ୍ଚାୟତ କୁସଦହନା ଗାଁର ଡୋଳାମଣି ମଲ୍ଲିକ (୫୨) ସ୍ତ୍ରୀ ଝରମଣି, ପୁଅ ରୋହିତ (୨୦) ଓ ଝିଅ ସସ୍ମିତା (୧୮)ଙ୍କୁ ସାଙ୍ଗରେ ଧରି ହାଇଦ୍ରାବାଦକୁ ଇଟା ତିଆରି କରିବା ପାଇଁ ଯାଇଥିଲେ। ଝରମଣିଙ୍କ କହିବା କଥା ୨୦୨୧ ନଭେମ୍ବର ୭ରେ କାମ କରୁଥିବା ସମୟରେ ଡୋଳାମଣି ଶୌଚହେବାକୁ ଯାଉଛି କହି ଯାଇଥିଲେ। ହେଲେ ୨ରୁ ୩ ଘଣ୍ଟା ପରେ ମଧ୍ୟ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି କୌଣସି ଖବର ପାଇଲେ ନାହିଁ । ପରେ ହାଇଦ୍ରାବାଦ ଥାନାରେ ଡୋଳାମଣି ନିଖୋଜ ନେଇ ଲିଖିତ ଭାବେ ଜଣାଇଥିଲେ। ସ୍ୱାମୀ ନିଖୋଜ ହେବା ପରେ ଝରମଣିଙ୍କୁ ଇଟାଭାଟି ମାଲିକ ଓ ସର୍ଦ୍ଦାର ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରି କି ଆମଠାରୁ ଅଗ୍ରିମ ନେଇଥିବା ଟଙ୍କା ନ ଫେରାଇଲେ ପରିବାରକୁ ମାରିଦେବୁ ବୋଲି ଧମକ ଦେଇଥିଲେ। ଟଙ୍କା ଦେଲେ ସ୍ୱାମୀଙ୍କୁ ପାଇବୁ ଓ ପରିବାର ଘରକୁ ଚାଲିଯିବ ବୋଲି କହିବାରୁ ସ୍ତ୍ରୀ ଓ ପିଲାମାନେ ୨୦୨୨ ଜାନୁଆରୀ ୨୪ରେ ଘରକୁ ଫେରିଲେ। ସ୍ୱାମୀଙ୍କୁ ପାଇବା ଆଶାରେ ଘରେ ଥିବା ଛେଳି, ଗାଈ, ବାଛୁରି, ସୁନାଗହଣା ଓ ଜମି ବିକ୍ରିକରି ଦାଦନ ସର୍ଦ୍ଦାରଙ୍କୁ ୧ ଲକ୍ଷ ୭୦ ହଜାର ଟଙ୍କା ଦେଇଥିଲୁ। ଇତିମଧ୍ୟରେ ପାଖାପାଖି ୩ ବର୍ଷ ବିତିଯାଇଥିଲେ ମଧ୍ୟ ସ୍ୱାମୀ ଘରକୁ ଫେରିଲେ ନାହିଁ। ଆମେ ୩ କୁଟୁମ୍ବ ବହୁ କଷ୍ଟରେ ଚଳୁଛୁ। ଏ ନେଇ ଲଖନା ଥାନା, ଜିଲା ଶ୍ରମ ବିଭାଗ ଓ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅନେକ ଥର ଲେଖି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ସେଥିପାଇଁ ଆସନ୍ତା ୨୨ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ। ଏ ବିଷୟରେ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛୁ ବୋଲି ଝରମଣ ପ୍ରକାଶ କରିଛନ୍ତି ।



ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଝରମଣିଙ୍କ ପୁଅ ଓ ସାଥୀ।

# ଆକ୍ରମଣ ଘଟଣା: ଅଭିଯୁକ୍ତଙ୍କୁ ୬ ମାସ ଜେଲ ଦଣ୍ଡାଦେଶ

ଜୁନାଗଡ଼,୯।୭ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ପରିଆ ଗାଁରେ ଗତ ୨୦୨୧ ମସିହାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହୋଇଥିବା ଏକ ଆକ୍ରମଣ ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ଜୁନାଗଡ଼ ଗ୍ରାମ୍ୟ ନ୍ୟାୟାଳୟ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟର ବିଚାରପତି ସିଓନା ସିଦ୍ଧାର୍ଥ ମହାରଣା ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ବଳରାମ ପ୍ରଧାନୀଙ୍କୁ ଆଇପିସି ଧାରା ୩୨୩ରେ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ପୀଡ଼ିତଙ୍କୁ ୧୦୦୦ ଟଙ୍କା ଦେବାପାଇଁ ଆଦେଶ କରିଛନ୍ତି। ଯଦି ଆର୍ଥିକ ସହାୟତା ଦଣ୍ଡାଦେଶ ଅନାଦାୟ ହୁଏ ତା'ହେଲେ ଆହୁରି ୧୫ ଦିନ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି । ପ୍ରକାଶ ଯେ,୨୦୨୧ ମାର୍ଚ୍ଚ ୨୪ରେ ପରିଆ ଗାଁର ଦିଲୀପ କୁମାର ମିଶ୍ର ନିଜ ଘର ପାଖ ନଳକୂପରୁ ପାଣି ଆଣିବାକୁ ଯିବା ସମୟରେ ପୂର୍ବ ଶତ୍ରୁତା ଜମିବାଡ଼ିକୁ କେନ୍ଦ୍ର କରି ସେହି ଗ୍ରାମର ବଳରାମ ପ୍ରଧାନୀ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଦିଲୀପ ଆତ୍ମରକ୍ଷା ପାଇଁ ନିଜ ବାମ ହାତ ଦେଖାଇଦେବାରୁ ଠେଙ୍ଗା ବାଜି ଆଘାତପ୍ରାପ୍ତ ହୋଇଥିଲେ। ଏହି ଘଟଣାକୁ ନେଇ ପୀଡିତ ଦିଲୀପ ଜୁନାଗଡ଼ ଥାନାରେ ଏତଲା ଦେଇଥିଲେ। ମାମଲାଟିକୁ ସରକାରଙ୍କ ତରଫରୁ କ୍ୟାଡ଼ର ଏପିପି ଅଶୋକ କୁମାର ନାୟକ ଓ ଦିଗମ୍ବର ନାଏକ ପରିଚାଳନା କରିଥିଲେ।

# ମୈତ୍ରୀ କମ୍ପାନୀକୁ ପୁଣି ବିରୋଧ



ଥୁଆମୂଳ ରାମପୁର ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

**ବିଡିଓଙ୍କୁ ଦାବିପତ୍ର ଦେଲେ ଖଣି ଅଞ୍ଚଳବାସୀ**

ଭବାନୀପାଟଣା/ଥୁଆମୂଳ ରାମପୁର,୯।୭ (ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)

ମୈତ୍ରୀ କମ୍ପାନୀ ବିରୋଧରେ ପୁଣି ସ୍ୱର ଉଠିଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଖଣିଅଞ୍ଚଳ ଜନସାଧାରଣ ମଙ୍ଗଳବାର ସ୍ଥାନୀୟ ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଥୁଆମୂଳ ରାମପୁର ବ୍ଲକ ତଲମପଦର, ନାକରୁଣ୍ଡି, କେରପାଇ ଓ ସିଲେଟ ପଞ୍ଚାୟତର ଜନସାଧାରଣ ସାମିଲ ହୋଇଥିଲେ। ଏହିସବୁ ପଞ୍ଚାୟତରେ ମୈତ୍ରୀ କମ୍ପାନୀ ପକ୍ଷରୁ ଡାକ୍ତରଖାନା, ବିଦ୍ୟାଳୟ, ପାଣି, ରାସ୍ତା ଭଳି କାମ କରାଯାଉ ନ ଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାସହ କମ୍ପାନୀ ପକ୍ଷରୁ ପରିବାର ପିଛା ୧୫୦୦ ଟଙ୍କା ଯୋଗାଇ ଗଣ୍ଡଗୋଳ ସୃଷ୍ଟି କରାଯାଉଛି ବୋଲି ଅଭିଯୋଗ ଆଣିଛନ୍ତି। ରାସ୍ତା, ପାଣି ଓ ବିଦ୍ୟାଳୟ, ଡାକ୍ତରଖାନାର ଉନ୍ନତି କରିବାକୁ ହେଲେ ନିଜେ ସରକାର ଆସି କରନ୍ତୁ। ହେଲେ ଏହି ମୈତ୍ରୀ କମ୍ପାନୀ ଆମ ଅଞ୍ଚଳରେ କୌଣସି କାମ କରିବ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

### ଧର୍ମଗଡ଼ ବିଧାୟକଙ୍କୁ ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଭବାନୀପାଟଣା/କଲମପୁର, ୯।୭ (ଉତ୍ତମ କୁମାର ଦାଶ/ଗଣେଶ ରାମ ବାଗ)

କଳାହାଣ୍ଡି ଜିଲା କଲମପୁର ମଣ୍ଡିଠାରେ ମଙ୍ଗଳବାର ଭାଜପା ପକ୍ଷରୁ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟକ ପାଟଯୋଷୀ ପ୍ରଥମେ କଲମପୁର ବ୍ଲକ କାର୍ଯ୍ୟାଳୟକୁ ଯାଇ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। କଲମପୁର ଧାନ ମଣ୍ଡି ପରିସରରେ ଆୟୋଜିତ ସଭାରେ ବିଧାୟକ ପାଟଯୋଷୀ ଅଞ୍ଚଳର ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଆଦି ସମସ୍ୟାର ସୁଧାର ଆଣିବା ଦିଗରେ ଚେଷ୍ଟା କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ସଭାରେ କଲମପୁର ମଣ୍ଡଳ ସଭାପତି କମଳ ବାଗ, ବିଜମରା ମଣ୍ଡଳ ସଭାପତି ଅରୁଣ ପଣ୍ଡା, ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ଅନୁସୂଚିତ ଜିଲା ସମ୍ପାଦକ ମାଙ୍ଗେଲାଲ ବାଗ ଧନ୍ୟବାଦ ଦେଇଥିଲେ।

# ଶାନ୍ତିପୂର୍ଣ୍ଣ ଭାବେ ସରିଲା ସମିତି ବୈଠକ



ବୈଠକରେ ଲୋକପ୍ରତିନିଧିଙ୍କ ସହ ଅଧିକାରୀମାନେ।

କର୍ଲାମୁଣ୍ଡା,୯।୭(ପ୍ରଦୀପ କୁମାର ସାହୁ)

କଳାହାଣ୍ଡିଜିଲା କର୍ଲାମୁଣ୍ଡା ବ୍ଲକ୍‌ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ବ୍ଲକ୍ ଅଧ୍ୟକ୍ଷା କୁନି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ, ନର୍ଲା ବିଧାୟିକା ମନୋରମା ମହାନ୍ତି, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ବିଡିଓ ମଣ୍ଟୁ ଖମାରୀ, ଜୋନ୍ କ' ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ଖ' ଜୋନ୍ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସହକାରୀ କୃଷି ଅଧିକାରୀ କୁମାର ଚିରଞ୍ଜୀବୀ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ୱାଗତ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ତେବେ ବ୍ଲକ୍‌ରେ ସରକାରୀ ଯୁକ୍ତ ୨ ବିଜ୍ଞାନ ଶ୍ରେଣୀ ଖୋଲିବା, କେସିଙ୍ଗାଠାରୁ କର୍ଲାମୁଣ୍ଡା ଖୋର୍ଦ୍ଧା ରେଳପଥ, ଜମିକୁ ଜଳସେଚନ ପାଇଁ ତେଲ ନଦୀଠାରେ ଚେକ୍‌ଡ୍ୟାମ୍ ନିର୍ମାଣ ଆଦି ପ୍ରସ୍ତାବ ଉପରେ ଦୃଷ୍ଟିଦେବାକୁ ବିଧାୟିକା ଓ ଏମ୍‌ପିଙ୍କୁ ଅନୁରୋଧ କରାଯାଇଥିଲା। ଶେଷରେ ବ୍ଲକ୍ ଅଧ୍ୟକ୍ଷା ସାହୁ ବ୍ଲକ୍‌ର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ



ଦାବିପତ୍ର ଦେବା ପାଇଁ ଆସିଥିବା ଚାଷୀମାନେ।

**ଗଭୀର ନଳକୂପରେ ବିଦ୍ୟୁତ୍ ସଂଯୋଗ ପାଇଁ ଜିଲାପାଳଙ୍କୁ ଦାବିପତ୍ର**

ନୂଆପଡ଼ା,୯।୭ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ୍ ଆମାନାରା ଗାଁର ଗଭୀର ନଳକୂଅରେ ବିଦ୍ୟୁତ୍ ସଂଯୋଗ ପାଇଁ ମଙ୍ଗଳବାର ଚାଷୀମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ସରକାରଙ୍କ ଯୋଜନା ଅନୁସାରେ ଆମାନାରା ଗାଁର ୫ଟି ଗ୍ରୁପ୍ (ଗୋଟିଏ ଗ୍ରୁପ୍‌ରେ ୪ରୁ ୫ ଜଣ) ଚାଷୀ ଗଭୀର ନଳକୂପ ଖନନ ପାଇଁ ନୂଆପଡ଼ା ଉଠା ଜଳସେଚନ ପ୍ରକଳ୍ପ ପ୍ରଭାଗରେ ୨୦୨୧ରେ ଆବେଦନକରି ୨୦ ହଜାର ଟଙ୍କା ଲେଖାଏ ଜମା କରିଥିଲେ। ଉଠା ଜଳସେଚନ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବା ପରେ ୨୦୨୩ରେ ନଳକୂପ ଖନନ ହେଲା। ବିଦ୍ୟୁତ୍ ଖୁଣ୍ଟ ପୋତି ତାର ମଧ୍ୟ ଟଣାଯାଇଛି । ହେଲେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଚଳିତ ବର୍ଷ ପ୍ରଥମରୁ ବର୍ଷାଭାବ ଯୋଗୁ ଚାଷକାର୍ଯ୍ୟ ଆଗେଇପାରୁ ନାହିଁ। ସବୁଆଡୁ ନିରାଶ ହେବା ପରେ ଶେଷରେ ଗାଁ ଚାଷୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସପ୍ତାହ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏହି ସମୟରେ ଜିଲା ଆଦିବାସୀ କଲ୍ୟାଣ ସଂଘ ବ୍ଲକ୍ ସଭାପତି ଭକ୍ତବନ୍ଧୁ ଧରୁଆ, ଲୋକୁରାମ ମାଝି, ନକୁଳ କୁମାର ମାଝି, ମୀନ କରଣ ମାଝି, କରନସିଂ ମାଝି, ଜଗଦୀଶ ମାଝି, ବସନ୍ତ ମାଝି, ବିଜଲାଲ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ରାସ୍ତାକାମ ଅଧାପନ୍ତରିଆ, ଯାତାୟାତରେ ଅସୁବିଧା

କୋକସରା,୯।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକରୁ ଧର୍ମଗଡ ବ୍ଲକକୁ ସଂଯୋଗ କରୁଥିବା ଚିଟାମୁଣ୍ଡା ଭାୟା ଡାଲଗୁମାଠାରୁ ବାଙ୍କିମୁଣ୍ଡା ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାକାମ ଏକ ଠିକାସଂସ୍ଥା ହାତକୁ ନେଇଛି। ୫.୧୩୦ କିମି ରାସ୍ତା ବାଙ୍କିମୁଣ୍ଡାରେ ପୂର୍ତ୍ତ ବିଭାଗ ରାସ୍ତା ସହ ସଂଯୋଗ ହେବ। ତେବେ ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ ୧୩।୧୨।୨୩ ଓ କାର୍ଯ୍ୟ ଶେଷ ୧୨।୦୬।୨୪ ରହିଥିବା ବେଳେ ଅବଧି ଶେଷ ପରେ ମଧ୍ୟ ରାସ୍ତା ଅଧାପନ୍ତରିଆ ରହିଛି। ଠିକାସଂସ୍ଥା ମନ୍ଥର ଗତିରେ କାର୍ଯ୍ୟ କରୁଥିବା କାରଣରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ କୋକସରା ବ୍ଲକର କୋକସରା, ମୂଷାପାଲି, ଡାଲଗୁମା, ରେଙ୍ଗାଲପାଲି, ଡହଗାଁ, ମାଝିଗୁଡା, ଗମ୍ଭାରୀଗୁଡା, ଲଡୁଗାଁ ପଞ୍ଚାୟତର ଲୋକେ ଧର୍ମଗଡ ଉପଖଣ୍ଡକୁ ବିଭିନ୍ନ କାର୍ଯ୍ୟ ନେଇ ଯାତାୟାତ କରୁଛନ୍ତି। ହେଲେ ନିର୍ମାଣାଧୀନ ରାସ୍ତା ଅବସ୍ଥା ଶୋଚନୀୟ କାରଣରୁ ଅନ୍ୟ ରାସ୍ତାରେ ଦେଇ ୧୦/୧୫ କିମି ବୁଲି ଯିବାକୁ ପଡୁଥିବା କହିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବାରିହାଙ୍କୁ ପଚାରିବାରୁ ବର୍ଷା ଯୋଗୁ ରାସ୍ତାରେ କିଛି ସ୍ଥାନରେ କାଦୁଅ ହେଉଥିଲା। ଠିକାସଂସ୍ଥା ପକ୍ଷରୁ ରାସ୍ତାରେ କ୍ରଶର ଗୁଣ୍ଡ ପକାଯାଇ ଲୋକଙ୍କ ଯାତାୟାତ ପାଇଁ ସାମୟିକ ଭାବେ ବ୍ୟବସ୍ଥା କରାଯାଇଛି। ଆଉ ଅଳ୍ପ ଦିନ ମଧ୍ୟରେ ରାସ୍ତା କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି।

# ୧୭୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ



ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

ଲାଞ୍ଜିଗଡ,୯।୭(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପରିସର ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ, ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ, କେସିଙ୍ଗା ପୋଲିସ ଉପଖଣ୍ଡ ଅଧିକାରୀ ବିନୋଦ ପାଟିଲଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଡିଓ ଶଶାଙ୍କ ପାତ୍ର, ତହସିଲଦାର କିରଣ କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ବ୍ଲକର ୨୬ ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗଦେଇ ଅଭିଯୋଗ ଦାଖଲ କରିଥିଲେ। ଜିଲାପାଳଙ୍କ ଦ୍ୱାରା ୧୭୮ରୁ ଊର୍ଦ୍ଧ୍ୱ ଅଭିଯୋଗ ଗ୍ରହଣ ସହିତ ଶୁଣାଣି କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଜିଓ ଟ୍ୟାଗ୍ କର୍ମଚାରୀ ମହାସଂଘର ବୈଠକ

ଜୁନାଗଡ଼,୯।୭ (ସୁନୀଲ କୁମାର ସିଂହ)

**ନୂତନ କର୍ମକର୍ତ୍ତା ଚୟନ**

ଅଲ ଓଡ଼ିଶା ଜିଓ ଟ୍ୟାଗ କର୍ମଚାରୀ ମହାସଂଘ କଳାହାଣ୍ଡି ଜିଲା ଶାଖାର ସାଧାରଣ ପରିଷଦ ବୈଠକ ମଙ୍ଗଳବାର ଜୁନାଗଡ଼ ରେଣ୍ଡୋମାଝି ସାଂସ୍କୃତିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ଡମ୍ବରୁଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଓ ଟ୍ୟାଗ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ତଥା ସରକାରଙ୍କଠାରେ ଦିଆଯାଇଥିବା ୫ଦଫା ଦାବି ନେଇ ଆଲୋଚନା ହୋଇଥିଲା।ଏଥି ସହିତ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଜିଲା ସଭାପତି ଭାବେ ଡମ୍ବରୁଧର ବେହେରା, ଉପସଭାପତି ବିପିନ ବିହାରୀ ସାହୁ, ନିରାକାର ଗୋପାଳ, ସାଧାରଣ ସମ୍ପାଦକ ମହାଦେବ କାଣ୍ଡ, ସହସମ୍ପାଦକ ମନୋଜ ବାଗ, ବିକ୍ରମ ସାହୁ, କୋଷାଧ୍ୟକ୍ଷ କପିଳେଶ୍ୱର ମେହେର ତଥା ଆଇଟି ସେଲ୍ ମୁଖ୍ୟ ଆଲୋକ କୁମାର ବେହେରା ଓ ଅଭିରାମ ନାଏକ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଓ ନବରଙ୍ଗପୁର ଜିଲାର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ।



ବୈଠକରେ ଯୋଗଦେଇଥିବା କର୍ମଚାରୀମାନେ।

# ବନ୍ଦ ସ୍କୁଲ ଖୋଲିବାକୁ ଶିକ୍ଷାଧିକାରୀଙ୍କୁ ଦାବିପତ୍ର

କୋକସରା,୯।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)

**ଉପସ୍ଥାନ କମ୍ ଦର୍ଶାଇ ବନ୍ଦ କରି ଦିଆଯାଇଛି**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୂଷାପାଲି ଗ୍ରାମ ପଞ୍ଚାୟତ ଅଧୀନ ମାଲପଡା ଗ୍ରାମରେ ୨୦୦୯ରେ ନୂତନ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇ ପାଠପଢ଼ା ହେଉଥିଲା। ତେବେ ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ୨୦ରୁ କମ୍ ଉପସ୍ଥାନ ଥିବା ବିଦ୍ୟାଳୟକୁ ବନ୍ଦ କରାଯାଇ ନିକଟ ସ୍କୁଲରେ ମିଶ୍ରଣ ପାଇଁ ନିଷ୍ପତ୍ତି ହେଲା। ତଦନୁଯାୟୀ ୨୦୨୧ ଠାରୁ ମାଲପଡା ସ୍କୁଲ ବନ୍ଦ କରି ନିକଟସ୍ଥ ମୂଷାପାଲି ୟୁପି ସ୍କୁଲରେ ମିଶ୍ରଣ କରାଗଲା। ଏହାପରେ ମାଲପଡ଼ା ଗ୍ରାମରେ ଥିବା ଛାତ୍ରୀଛାତ୍ରଙ୍କୁ ଅଭିଭାବକ ନିକଟବର୍ତ୍ତୀ ସ୍କୁଲକୁ ଛାଡିବାକୁ ଅମଙ୍ଗ ହେଉଛନ୍ତି। କାରଣ ଗାଁରୁ ସ୍କୁଲ ୨/୩ କିମି ଦୂରରେ ରହିଥିବା ବେଳେ ପକ୍କା ରାସ୍ତା ନାହିଁ। ନିଛାଟିଆ ରାସ୍ତାରେ ଅନେକ ସମୟରେ ବନ୍ୟଜନ୍ତୁ, ବୁଲା କୁକୁରଙ୍କ ଭୟ ରହିଛି। ଏଣୁ ବନ୍ଦ ପଡିଥିବା ସ୍କୁଲକୁ ପୁଣିଥରେ ଖୋଲିବାକୁ ମାଲପଡା ଗ୍ରାମର ଦୁର୍ଯ୍ୟୋଧନ ରାଉତ, ରତ୍ନାକର ରାଉତ, ମାଧବ ରାଉତ, କୁନ୍ତୀ ରାଉତ, ଗୀତା ରାଉତ, ରୋଶନି ରାଉତ, ମମିତା ରାଉତ, ସୁମନୀ ରାଉତ, ଗଜିନ୍ଦ୍ର ରାଉତ, ହୀରାଲାଲ ରାଉତ ସମେତ ଶତାଧିକ ଗ୍ରାମବାସୀ ଦସ୍ତଖତ ସମ୍ବଳିତ ଦାବିପତ୍ର କୋକସରା ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝିଙ୍କ ଜରିଆରେ ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।



ଗ୍ରାମବାସୀ ଏବିଇଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ବିଶ୍ୱ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ

**ପାଇକମାଳ,୯।୭(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ ଅବସରରେ ମଙ୍ଗଳବାର ସଚେତନତା ରଥ ଆରମ୍ଭ ହୋଇଛି। ଏହାକୁ ବୁକୁରାମୁଣ୍ଡା ଗୋଷ୍ଠି ସ୍ୱାସ୍ଥକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଶୁଭ୍ର ପ୍ରକାଶ ସେନାପତି ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏଥିରେ ପାଇକମାଳ ଚିକିତ୍ସା ଅଧିକାରୀ ଡା. ଅଭିରାମ ମହାନ୍ତି, ଆୟୁଷ ଡା. ସଂଗୀତା ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ତୁଷକୁମାର ଚନ୍ଦ୍ରକାର ଓ ଅନ୍ୟ କର୍ମଚାରୀ ତଥା ଜନସାଧାରଣ ଉପସ୍ଥିତଥିଲେ। ଏହି ବିଶ୍ୱ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ ଆସନ୍ତା ୨୪ ତାରିଖ ଯାଏଁ ଚାଲିବା କାର୍ଯ୍ୟକ୍ରମ ଥିବାବେଳେ ଏହି ସମୟରେ ପରିବାର ନିୟୋଜନକୁ ମଧ୍ୟ ଏଥିରେ ସାମିଲ କରାଯାଇଛି ବୋଲି ପିଏଚଇଓ ଦୀପାଞ୍ଜଳି ସାହୁ ଜଣାଇଛନ୍ତି।

### ବନ ମହୋତ୍ସବ ପାଳିତ

**ପଦ୍ମପୁର,୯।୭(ପ୍ରଦୀପ୍ତ ଦାଶ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ପରିଷଦ ସଭାପତି ଡ଼ା ବାଞ୍ଛାନିଧି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବନପାଳ ସରୋଜ ସାହୁ ଓ ଦିବାକର ପ୍ରଧାନ, ସାମାଜିକ କର୍ମୀ ନିରୋଜ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ପୃଥ୍ୱିରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଦେଶ ପାଇଁ ଗଛଟିଏର ନାରା ନେଇ ବନବିଭାଗ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ, ପୂର୍ବତନ ଛାତ୍ର ସଂସଦରୁ ପ୍ରିତେଶ ବହିଦାର, ଶୁଭମ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମେହେର, ନରେଶ ସୁନ୍ଦର ସାହୁ, ପ୍ରତ୍ୟୁଷ ଦାଶ, ସତ୍ୟସାଇ ସେବା ସଂଗଠନ ପଦ୍ମପୁରରୁ କମଳାକାନ୍ତ ପାଣିଗ୍ରାହୀ, ପବିତ୍ର ମୋହନ ରଥ, ମମତା ଗଡତିଆଙ୍କ ସମେତ ଦଶମ ଶ୍ରେଣୀର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିଥିଲେ।

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ପଦ୍ମପୁର,୯।୭(ପ୍ରଦୀପ୍ତ ଦାଶ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଥମ ଶ୍ରେଣୀର ଅଭିଭାବକ ଅଭିଭାବିକାଙ୍କ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ପୃଥ୍ୱିରାଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁର ଭାଷା ଶିକ୍ଷାରେ ପିତାମାତାଙ୍କ ଭୂମିକା ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଞ୍ଜୀବ ସାହୁ ଗୁରୁଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମନ୍ଦାକିନୀ ତ୍ରିପାଠୀ ବିଷୟ ଉପସ୍ଥାପନ କରିଥିଲେ। ଦୁର୍ବାଦଳ ସାହୁ ଗୁରୁଜୀ ଶିଶୁଙ୍କ ଶୈକ୍ଷିକ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ସୁଜାତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୬୨ଜଣ ପିତାମାତା ସମେତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦ, ସୀମା ଚିହ୍ନଟ ଆରମ୍ଭ



ଜବରଦଖଲ ଅଂଶକୁ ଲାଲରଙ୍ଗରେ ଚିହ୍ନିତ କରାଯାଉଛି।



ରାସ୍ତାପାର୍ଶ୍ୱ ଜବରଦଖଲ ଅଂଶକୁ ମାପଚୁପ କରଯାଉଛି।

**ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାର ସରକାରୀ ଜମି ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ ଦେବା ପରେ ବରଗଡ଼ ଜିଲା ପ୍ରଶାସନ ତତ୍ପର ହୋଇ ପଡ଼ିଛି। ମଙ୍ଗଳବାର ଜିଲା ସଦର ମହକୁମା ବରଗଡ଼ ସହରରୁ ପ୍ରଶାସନ ଉଚ୍ଛେଦ ଅଭିଯାନ ଆରମ୍ଭ କରିଛି। ଏହି କ୍ରମରେ ସହର ରାସ୍ତାପାର୍ଶ୍ୱ ଜବରଦଖଲକୁ ଚିହ୍ନଟ କରାଯାଇଛି। ସୀମା ଚିହ୍ନଟ ସରିବା ପରେ ଉକ୍ତ ଜବରଦଖଲ ଅଂଶକୁ ହଟାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି।

ବରଗଡ଼ ଷ୍ଟାଡ଼ିୟମ ତଥା ତହସିଲ କାର୍ଯ୍ୟାଳୟ ରାସ୍ତାରୁ ସୀମା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାସ୍ତା ମଝିରୁ ଉଭୟ ପାର୍ଶ୍ୱକୁ ମାପଚୁପ୍ କରି ଜବରଦଖଲ ଅଂଶକୁ ଲାଲ ରଙ୍ଗରେ ଚିହ୍ନିତ କରାଯାଇଥିଲା। ଏଭଳି ଭାବେ ଏସପି ଅଫିସ ଛକରୁ ଗାନ୍ଧିଛକ, ଭିଏସଏସ ନଗର(ବାନ୍ଧୁଟିକ୍ରା) ଏବଂ ଭଟଲି ଛକ ପର୍ଯ୍ୟନ୍ତ ଜବରଦଖଲ ଅଂଶ ଚିହ୍ନଟ କରାଯାଇଛି। ସୀମା ଚିହ୍ନଟ ପ୍ରକ୍ରିୟା ଆଗକୁ ମଧ୍ୟ ସହରର ଅନ୍ୟ ଅଞ୍ଚଳ ତଥା ରାସ୍ତାପାର୍ଶ୍ୱରେ ଜାରି ରହିବ ଏବଂ ସୀମା ଚିହ୍ନଟ ପରେ ଜବରଦଖଲ ଅଂଶକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

### ରାସ୍ତା ପାର୍ଶ୍ୱରେ ଚା, ପାନ ଦୋକାନୀଙ୍କ ଚିନ୍ତା ବଢ଼ିଲା

ତେବେ ସୀମା ଚିହ୍ନଟରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଜାଗା, ଦୋକାନ ଜବରଦଖଲରେ ରହିଥିବା ପରିଲକ୍ଷିତ ହୋଇଛି। ଉଚ୍ଛେଦ ହେଲେ ସେମାନେ ଜୀବିକା ହରାଇବା ସ୍ପଷ୍ଟ ହୋଇ ପଡ଼ିଛି। ଏହାକୁ ନେଇ ସମ୍ପୃକ୍ତ ଦୋକାନୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ଏପରିକି ଉଚ୍ଛେଦ ପାଇଁ ସୀମା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଯାଇ ଥିବା ଜାଣି ସହରର ଅନ୍ୟରାସ୍ତା ପାର୍ଶ୍ୱରେ ଚା, ପାନ ଆଦି ଦୋକାନ ଦେଇଥିବା ଦୋକାନୀଙ୍କ ମଧ୍ୟ ଚିନ୍ତା ବଢ଼ି ଯାଇଛି। ଏଭଳି ସ୍ଥିତିରେ ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଥଇଥାନ କରିବାର ଆବଶ୍ୟକ ରହିଛି ବୋଲି ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି।

ଅନ୍ୟପଟେ ରାସ୍ତାପାର୍ଶ୍ୱ ଜବରଦଖଲ ଯୋଗୁ ସହରରେ ଟ୍ରାଫିକ ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏଥିପାଇଁ ଅନେକ ସମୟରେ ଲୋକେ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଥିବାବେଳେ ଯାତାୟାତରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ଦେକାନ ସମ୍ମୁଖରେ ପାର୍କିଂ ସୁବିଧା ନ ଥିବା ଯୋଗୁ ଟ୍ରାଫିକ ସମସ୍ୟା ଆହୁରି ବଢ଼ି ଯାଉଛି। ଫଳରେ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦକୁ ଅନେକ ଲୋକ ସ୍ୱାଗତ ମଧ୍ୟ କରୁଛନ୍ତି। ତେବେ ଏଭଳି ଉଚ୍ଛେଦ ଅଭିଯାନ ସହରରେ ଆଗରୁ ଅନେକଥର ଆରମ୍ଭ ହୋଇ ଅଧାରୁ ଅଟକି ଯାଇଛି। ସହରର ବ୍ୟସ୍ତବହୁଳ ଭଟଲି ଛକ, ଲମ୍ବା ବିଲଡ଼ିଂରୁ ଭଟଲି ଛକ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ସୀମା ଚିହ୍ନଟ ଦୀର୍ଘଦିନରୁ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେଠାରୁ ଜବରଦଖଲ ଉଚ୍ଛେଦ ହଟାଯାଇ ନ ଥିବାବେଳେ ସୀମା ଚିହ୍ନଟରେ ତାହା ସୀମିତ ରହି ଯାଇଛି। ସେହିପରି ସହରର ଦୀର୍ଘଦିନର ସମସ୍ୟା ବରଗଡ଼ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ଜବରଦଖଲ ପ୍ରସଙ୍ଗ ଜ୍ୱଳନ୍ତ ଦୃଷ୍ଟାନ୍ତ। ସହରବାସୀଙ୍କ ଚାପରେ ଗତବର୍ଷରୁ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। କିନ୍ତୁ ଘଟଣା ଉଚ୍ଚ ନ୍ୟାୟାଳୟକୁ ଯିବା ଏବଂ ରହିତାଦେଶ ଯୋଗୁ ଉଚ୍ଛେଦ ପ୍ରକ୍ରିୟା ଅଟକି ରହିଥିଲା। ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ରାୟ ଦେଇଥିଲେ। ତଥାପି ଏହି ଉଚ୍ଛେଦ ଅଭିଯାନ ଦିଗହରା ହୋଇ ପଡ଼ିଛି ଏବଂ ଉଚ୍ଛେଦ ଅଭିଯାନରେ ପ୍ରଭାବିତ ଲୋକେ ପୁଣି ନ୍ୟାୟାଳୟର ଆଶ୍ରୟ ନେଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ସ୍ଥିତିରେ ବର୍ତ୍ତମାନ ଚାଲିଥିବା ସୀମା ଚିହ୍ନଟ ପ୍ରକ୍ରିୟା ଆଗକୁ କେଉଁ ମୋଡ଼ ନେବ, ତାହା ସମୟ କହିବ।

# ଦିବଂଗତ ଶିକ୍ଷକ ପରିବାରକୁ ଭେଟିଲେ ବିଇଓ, ଏକ୍ସ କ୍ୟାଡର ଶିକ୍ଷକ ସଂଘ

**ପାଇକମାଳ,୯।୭(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ଜାମସେଠ ଗ୍ରାମର ଦିବଂଗତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଭାଗିରଥି ମାଝିଙ୍କ ଅକାଳ ବିୟୋଗ ଯୋଗୁ ପରିବାରବର୍ଗଙ୍କୁ ଭେଟି ସ୍ୱାନ୍ତନା ଓ ସମବେଦନା ଜଣାଇଛନ୍ତି ପାଇକମାଳ ବିଇଓ ଏବଂ ପାଇକମାଳ ଏକ୍ସକ୍ୟାଡର ଶିକ୍ଷକ ସଂଘ। ମଙ୍ଗଳବାର ଶିକ୍ଷକଙ୍କ ମାଝିଙ୍କ ତେଲ କାମରେ ପାଇକମାଳ ବିଇଓ ଓ ପାଇକମାଳ ଏକ୍ସ କ୍ୟାଡର ଶିକ୍ଷକ ସଂଘ ପହଞ୍ଚି ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପରିବାରକୁ ସରକାରୀ ନିୟମ ଅନୁଯାୟୀ ଯାହା ସୁବିଧା ଅଛି ଆମେ ଯୋଗାଇବୁ ବୋଲି ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି। ପାଇକମାଳ ବିଇଓ ଅଫିସ ୧୦,୦୦୦ ଟଙ୍କା ଓ ପାଇକମାଳ ଗଣଶିକ୍ଷକ (ଏକ୍ସ କ୍ୟାଡର ଶିକ୍ଷକ ସଂଘ) ପକ୍ଷରୁ ୧୦,୨୦୦ ଟଙ୍କା, ଖରାମାଳ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ବିଭୂତି ସାହୁ ୫୦୦୦ଟଙ୍କା, ଖରାମାଳ ବିଦ୍ୟାଳୟ ସଭ୍ୟ ଗୋବର୍ଦ୍ଧନ ବରିହା ୨୦୦୦ ଟଙ୍କା ଶୋକ ସନ୍ତପ୍ତ ପରିବାରକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ମାଝି ଖରାମାଲ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ। ସେ କିଛି ଦିନ ଜଣ୍ଡିସରେ ଆକ୍ରାନ୍ତ ହୋଇ ବୁର୍ଲା ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲେ। ମାଝି ଜଣେ ଶାନ୍ତ, ସରଳ, ମେଳାପୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଏହି ସମୟରେ ପାଇକମାଳ ବିଇଓ ଚୂଡ଼ାମଣି ବାରିକ, ଏବିଇଓ ଧଲେନ୍ଦ୍ରର କୁମାର ବାରିକ, ଏବିଓ ରାଧେଶ୍ୟାମ ମେହେର, ବରିଷ୍ଠ କିରାଣୀ ବିନୋଦ ମେହେର ଏକ୍ସ କେଡର ଶିକ୍ଷକ ସଂଘ ସଭାପତି ଲମ୍ବୋଦର ଦାଶ, ସିଆରସିସି ବ୍ରଜକିଶୋର ଜେନା, ସିଆରସିସି ଉଗ୍ରସେନ ପ୍ରଧାନ, ଶିକ୍ଷକ ବିଭୂତି ସାହୁ, ହରିହର ଡନସନାଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥାଇ ପରିବାରବର୍ଗଙ୍କୁ ସାନ୍ତନା ଓ ସମବେଦନା ଜଣାଇଛନ୍ତି।



ଦିବଙ୍ଗତ ଶିକ୍ଷକଙ୍କ ପରିବାର ବର୍ଗଙ୍କୁ ସୟାୟତ ପ୍ରଦାନ ରାଯାଉଛି।

# ବିକାଶ ଛାତ୍ରୀଛାତ୍ର ପାଳିଲେ ରଥଯାତ୍ରା

**ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ହାୟର ଏଜୁକ୍ୟାଶନାଲ କ୍ୟାମ୍ପସରେ ରଥଯାତ୍ରା ପାଳିତ ହୋଇଛି। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହି ସୁସଜ୍ଜିତ ରଥରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଛେରାପହରା କାର୍ଯ୍ୟ ସମ୍ପାଦନ କରିଥିଲେ। ବିଶାଳ ଶୋଭାଯାତ୍ରାରେ ଛାତ୍ରୀଛାତ୍ର ରଥ ଟାଣିଥିଲେ। ଶୋଭାଯାତ୍ରା ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିରୁ ବାହାରି ବିକାଶ ଡିଗ୍ରୀ କଲେଜ(ମାଉସୀ ମନ୍ଦିର) ପର୍ଯ୍ୟନ୍ତ ଯାଇଥିଲା। ଭବ୍ୟ ଆରତୀ ଏବଂ ଭଜନ ସମାରୋହ ପରେ ତିନି ଠାକୁରଙ୍କୁ ମାଉସୀ ମନ୍ଦିରରେ ଅବସ୍ଥାପିତ କରି ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।



ବିକାଶ ଛାତ୍ରୀଛାତ୍ର ରଥ ଟାଣୁଛନ୍ତି।

# ଶିଶୁଙ୍କ ଓଜନ, ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, କର୍ମଚାରୀବୃନ୍ଦ।

**ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ଶିଶୁ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଜିଲାପାଳ ଆଦିତ୍ୟ ଗୋୟଲ ଉଦଘାଟନ କରିଥିଲେ। ୟୁନିସେଫ୍‌ର ରାଜ୍ୟସ୍ତରୀୟ ପରାମର୍ଶଦାତା ସ୍ମୃତିରଞ୍ଜନ ସାମନ୍ତରାୟଙ୍କ ସମେତ ଜିଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ଏବଂ ଅନ୍ୟ ଅଧିକାରୀ, କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

ବୈଠକ ପ୍ରାରମ୍ଭରେ ୟୁନିସେଫ୍‌ର ରାଜ୍ୟସ୍ତରୀୟ ପରାମର୍ଶଦାତା ସାମନ୍ତରାୟ ଶିଶୁର ଅଭିବୃଦ୍ଧି ନିରୀକ୍ଷଣ(ଆନ୍ଥ୍ରୋପୋମାଟ୍ରିକ) ତଥା ଶରୀରର ମାପ ସମ୍ପର୍କରେ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରେ କାର୍ଯ୍ୟରତ ସୁପରଭାଇଜରଙ୍କ ସହିତ ଆଲୋଚନା କରିଥିଲେ। ଏହା ସହିତ ଶିଶୁ ମା' ଗର୍ଭରେ ଥିବାବେଳେ ମାକୁ ଉପଯୁକ୍ତ ଖାଦ୍ୟ ଓ ଶିଶୁ ଜନ୍ମହେବାର ଏକ ଘଣ୍ଟା ମଧ୍ୟରେ ମା' କ୍ଷୀର ଦେବା ପାଇଁ ପରାମର୍ଶ ଦେଇଥିଲେ। ଅଙ୍ଗନୱାଡ଼ି କର୍ମୀମାନେ ପ୍ରତିମାସ ୧ରୁ ୭ ତାରିଖ ମଧ୍ୟରେ ଶିଶୁର ଓଜନ ମାପ କରି ଶିଶୁର ମା',ବାପାଙ୍କୁ ଜଣାଇବେ ତଥା ବୟସ ଅନୁଯାୟୀ ଓଜନ କିପରି ବଢ଼ିବ, ସେଥିପାଇଁ ଉପଯୁକ୍ତ ଖାଦ୍ୟ ତାଲିକା ବିଷୟରେ ସେମାନଙ୍କୁ ଅବଗତ କରାଇବେ ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ ସାବିତ୍ରୀ କୁମୁରା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲା ସମାଜ ମଙ୍ଗଳ ଅଧିକାରୀ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀ ଦିନ ପାଳନ ପ୍ରସ୍ତୁତି

**ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)**

ସମ୍ବଲପୁରୀ ସାହିତ୍ୟର କାଳଜୟୀ କବି ଶ୍ରୀଧର ପ୍ରଧାନ ଏବଂ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ଅବସରରେ ଆସନ୍ତା ଅଗଷ୍ଟ ୧ ତାରିଖରେ ଭବ୍ୟ ଶୋଭାଯାତ୍ରା ସହିତ ବରଗଡ଼ ଜିଲାସ୍ତରୀୟ ସମ୍ବଲପୁରୀ ଦିନ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ଫଟାମୁଣ୍ଡାସ୍ଥିତ ବାବା ଷଣ୍ଢେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଉତ୍ପନ୍ନ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ଆମର୍ ଦମ୍ ଅନୁଷ୍ଠାନ ସମ୍ପାଦକ ସୁରେଶ ଚନ୍ଦ୍ର ଭୋଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବରଗଡ଼ର ସମ୍ବଲପୁରୀ ସାହିତ୍ୟ ପରିଷଦ, ଭେଡ଼େନର ମନୋହର ସାଂସ୍କୃତିକ ସାହିତ୍ୟ ସଂସଦ, ସୋହେଲାର ଶ୍ରୀଧର ସାହିତ୍ୟ ସଂସଦ, ବିଜେପୁରର ଖଗେଶ୍ୱର ସାହିତ୍ୟ କଳା ପରିଷଦ, ପଦ୍ମପୁରର ଲୁ ନାଟ୍ୟ ସଂସଦ, ବରପାଲିର ଅନ୍ୱେଷା ପରିବାରର ପ୍ରତିନିଧିବୃନ୍ଦ ଯୋଗଦାନ କରିଥିଲେ। ଚଳିତବର୍ଷ ବିଜେପୁରରେ ଜିଲାସ୍ତରୀୟ ସମ୍ବଲପୁରୀ ଦିନ୍ ପାଳନ ପାଇଁ ପ୍ରସ୍ତାବ ନିଆଯାଇଥିଲା। ଏହି ଅବସରରେ ବର୍ଷା କବିତା ଆସର ହୋଇଥିଲା। କବି ଲଳିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଆଲିରେ ଏକ୍ ପେଡ୍ ମା' କେ ନାମ

**ବିନିକା, ୯ । ୭ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ବ୍ଲକ ସିଆଲି ବନ ସୁରକ୍ଷା ସମିତି ଓ ମିଶନ ଶକ୍ତି ବିନିକା ମିଳିତ ଆନୁକୂଲ୍ୟରେ ରେଞ୍ଜର ଡମ୍ବରୁଧର ପଧାନଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର 'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୌଡ଼ିଆମୁଣ୍ଡା ରେଞ୍ଜ ଫରେଷ୍ଟର ମିତ୍ରଭାନୁ ସିଂହ ଦଳପତି, ଫରେଷ୍ଟଗାର୍ଡ ମୋନିକା ରାଣୀ ପେରା, ଓଏଫଏସଡିପିର ଟିମ ଲିଡର ପ୍ରଶାନ୍ତ କୁମାର ନାୟକ, କୋଡିନେଟର ବାସୁଦେବ ପ୍ରଧାନ, ଉପସଭାପତି ଚୌବର୍ଗ ଧାରୁଆ, କୋଷାଧ୍ୟକ୍ଷ ଖଗେଶ୍ୱର ସାହୁ, ଅନିମେଟର ନାରାୟଣ ଭୋଇ, ମେମ୍ବର ଭୁଲା ମଲ୍ଲିକ, ପ୍ରତିମା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରଜାତିର ପ୍ରାୟ ପାଞ୍ଚ ଶହରୁ ଅଧିକ ବୃକ୍ଷ ରୋପଣ କରିଥିଲେ।

# ନିଲେଇପାଲି ସ୍କୁଲରେ ହଠାତ୍ ପହଞ୍ଚିଲେ ବିଧାୟକ

**ସରଣ୍ଡା,୯।୭(ଯୁଧିଷ୍ଠିର ମହାପାତ୍ର)**

- ବିଭିନ୍ନ ସମସ୍ୟା ଶୁଣି ବିଧାୟକ ତାଜୁବ
- ତଦନ୍ତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ

ବରଗଡ଼ ଜିଲା ଅତାବିରା ବ୍ଲକ ନିଲେଇପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଙ୍ଗଳବାର ହଠାତ୍ ପହଞ୍ଚି ପରିଦର୍ଶନ କରିଛନ୍ତି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ। ୧୯୬୩ରେ ସ୍ଥାପିତ ୬୧ ବର୍ଷର ଏହି ପୁରୁଣା ବିଦ୍ୟାଳୟ ଏବେ ଅବ୍ୟବସ୍ଥା ମଧ୍ୟରେ ପଡ଼ି ରହିଛି। ସେହି ପୁରୁଣା ପାଚେରି କହି ଦେଉଛି ବିଦ୍ୟାଳୟର ଅବସ୍ଥା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପଢ଼ାଯାଉଛି। ୮ଶ୍ରେଣୀକୁ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକ। ୮୩ଜଣ ଛାତ୍ରୀଛାତ୍ର ଏଠାରେ ପାଠ ପଢୁଛନ୍ତି। ଅହେତୁକ ଜାଗା ରହିଛି ହେଲେ ଶ୍ରେଣୀ କୋଠରୀର ଅଭାବ। ଗୋଟିଏ କୋଠରୀକୁ ଦୁଇ ଭାଗ କରି ଚାଲିଛି ପାଠପଢା। ପକ୍କା ବିଲଡିଂ ଛାତ ଶ୍ରେଣୀ କୋଠରି ଛାତ୍ରୀଛାତ୍ରଙ୍କ ପାଇଁ ସାତ ସପନ। ଆଡ଼ବେଷ୍ଟର ଛାଉଣୀ ଥିବା ଶ୍ରେଣୀ କୋଠରୀରେ ଶୀତ ବର୍ଷା ଖରା କାକରରେ ଶିକ୍ଷୟିତ୍ରୀ ଶିକ୍ଷକ ଛତ୍ରାଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ଶୌଚାଳୟ ଅବସ୍ଥାରେ ସୁଧାର ନାହିଁ । ଗତ ବର୍ଷରେ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ଏକ ଅନୁଦାନ ଆସିଥିଲା। ମାତ୍ର ସେଠି କେବଳ ନିହ ପକାଇ ଠିକାଦାର ଚୁପ ହୋଇ ବସି ରହିଛନ୍ତି। ଏପରି ଅନେକ ଅଭିଯୋଗ ଗ୍ରାମବାସୀ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ବିଧାୟକ ଶୁଣି ତାଜୁବ ହୋଇଗଲେ। ଏତେ ବର୍ଷ ଧରି ସରକାର କ'ଣ କରୁଥିଲା ବୋଲି ନିଜକୁ ନିଜେ ପ୍ରଶ୍ନ କରୁଥିଲେ ବିଧାୟକ। ଏ ନେଇ ତଦନ୍ତ କରିବାକୁ ଅତାବିରା ବିଡ଼ିଓ ସୂର୍ଯ୍ୟ କୁମାର ନାୟକଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ସ୍କୁଲ ପରିଦର୍ଶନ ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦିନୀ ନାୟକ, ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ଡିଲେଶ୍ୱର ବଢେ, ଭାଜପା ଅତାବିରା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, ଲହଣ୍ଡା ସରପଞ୍ଚ ଅର୍ଜୁନ ନାଏକ ପ୍ରମୁଖଙ୍କ ସମେତ ନିଲେଇପାଲି ଗ୍ରାମବାସୀ ଉପସ୍ଥିତ ଥିଲେ। ନିଲେଇପାଲି ଗ୍ରାମରେ ଥିବା ଅନ୍ୟାନ୍ୟ ସାମୁହିକ ସମସ୍ୟା ସମ୍ପର୍କରେ ମଧ୍ୟ ଗ୍ରାମବାସୀ ବିଧାୟକ ମହାନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ବିଧାୟକ ନିହାର ରଞ୍ଜନ ମହାନନ୍ଦ ଅତାବିରା ବ୍ଲକ ନିଲେଇପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

# ହଜିବାକୁ ଯାଉଛି ମୁହୁରୀ କଳାକାରଙ୍କ ସ୍ୱର

### ଆଜି ପଦ୍ମପୁରରେ ମୁହୁରୀ ଉତ୍ସବ

**ପଦ୍ମପୁର,୯।୭(ପ୍ରଦୀପ୍ତ ଦାଶ)**

ଲୁପ୍ତ ହେଉଛି ଲୋକକଳା, ତାସହିତ ଲୁପ୍ତ ହୋଇଯାଉଛି ଆମ କଳା, ସଂସ୍କୃତି, ପରମ୍ପରା ଐତିହ୍ୟ। କିଛି କଳା ଏବେ ବି ରହିଛି ଓ କିଛି କଳା ସବୁଦିନ ପାଇଁ ହଜିବାକୁ ବସିଲାଣି । ପଶ୍ଚିମ ଓଡ଼ିଶାର ବାହା ଘରରେ ପଞ୍ଚବାଦ୍ୟ ବା ଗଣ୍ଡାବଜା (ଢୋଲ, ତାସା, ନିଶାନ, ମୁହୁରୀ, ଟିମିକିଡି)କ୍ରମଶଃ ଲୋପ ପାଇଯାଉଛି। ଗଣ୍ଡାବଜା ଆଜି ଦୁଲଦୁଲିର ସ୍ଥାନ ନେଇଥିବା ବେଳେ ମୁହୁରୀ ବଦଳରେ କେସିଓ ବାଜୁଛି। ମୁହୁରିଆମାନେ ଆଜି ତାଙ୍କ ରୋଜଗାର ହରାଇବା ସହିତ ନୂତନ ମୁହୁରିଆ ସୃଷ୍ଟି କରିପାରୁନାହାନ୍ତି। ଆଜି ଆମେ ହଜିଯାଉଥିବା ଏହି ଦୁଇ ମୁହୁରୀଆ କଳାକାରଙ୍କ କଥା କହିବାକୁ ଯାଉଁଛୁ ଯିଏ ମୌଳିକ ବାଦ୍ୟ ବଜାଇବାରେ ପାରଙ୍ଗମ। ମୁହୁରୀ ବଜାଇ ସାରାଜୀବନ କାଟିଛନ୍ତି। ସବୁଆଡେ ନାଁ କରିଛନ୍ତି।

### ଏମାନେ କ'ଣ କୁହନ୍ତି...

**ଅଚଳ ଶରୀର ସତ୍ତ୍ୱେ ମୁହୁରୀ ସ୍ୱରକୁ ବଞ୍ଚାଇବା ପାଇଁ ପ୍ରୟାସ ଭିକାରୀ**



"ପଦ୍ମପୁର ଅନ୍ତର୍ଗତ ଦେଉଳି ଗାଁର ଭିକାରୀ ସୁନା ବୟସ (୫୯)। ପରିବାର କହିଲେ ସ୍ତ୍ରୀ ସହିତ ୫ ସନ୍ତାନ। ବାହାଘରଠାରୁ ଆରମ୍ଭ କରି ଜାନିଯାତ୍ରା, ପର୍ବ ପର୍ବାଣୀ ତଥା ବିଭିନ୍ନ ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରେ ନାଁ ସାଉଁଟିଛନ୍ତି। ଗରିବ ପରିବାର ହୋଇଥିବାରୁ ମାତ୍ର ୭ମ ଶ୍ରେଣୀରେ ପାଠପଢ଼ାରେ ଡୋରି ବାନ୍ଧିବା ସହିତ ତାଙ୍କ ବଡଭାଇ ବିଦେଶୀଙ୍କ ପ୍ରେରଣାରେ ମାତ୍ର ୧୨ ବର୍ଷ ବୟସରୁ ମୁହୁରୀ ବଜାଉଛନ୍ତି। ମାତ୍ର ୪୪ବର୍ଷ ବେଳେ କ୍ୟାନସରରେ ଆକ୍ରାନ୍ତ ହୋଇ ତାଙ୍କ ବାମ ଗୋଡ ହରାଇବାକୁ ପଡିଥିଲା। ଏହା ସତ୍ତ୍ୱେ ମଧ୍ୟ ସେ ହାର ମାନିନାହାନ୍ତି। ଅଚଳ ଶରୀରକୁ ନେଇ ରାଜ୍ୟ ବାହାର ଦିଲ୍ଲୀ, ଆସାମ, ଉତ୍ତରପ୍ରଦେଶ, ଚେନ୍ନାଇକୁ ଯାଇ ମୁହୁରୀ ବଜାଇଛନ୍ତି। ତେବେ ସରକାରୀ ସହାୟତା ମିଳିଲେ ଏହି କଳାକାର ଆଗାମୀ ପିଢ଼ିର ପିଲାମାନଙ୍କୁ ଘରେ ମୁହୁରୀ ତଥା ପଞ୍ଚବାଦ୍ୟର ଶିକ୍ଷା ଦେବା ପାଇଁ ଆଗ୍ରହୀ ବୋଲି କହିଛନ୍ତି ଭିକାରୀ।

**ଅଭାବ ଅନାଟନରେ ରହି ମୁହୁରୀ ସ୍ୱରକୁ ବଞ୍ଚାଇଛନ୍ତି ରସୁଲ**



"ଦେଉଳି ଗ୍ରାମର ଆଉ ଏକ କଳାକାର ହେଲେ ରସୁଲ କୁମ୍ଭାର(୫୦)। ସବୁଠି ମୁହୂରୀଆ କହିଲେ ସମସ୍ତେ ଜାଣନ୍ତି। ଦୀର୍ଘ ୩୫ ବର୍ଷ ହେଲା ସେ ମୁହୁରୀ ବଜାଇ ନିଜର କଳା ଦେଖାଇଛନ୍ତି। ଗାଁ, ସହର ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଲୋକ ମହୋତ୍ସବରେ ମୁହୁରୀ ସ୍ୱରରେ ନିଜର ଯାଦୁ ଦେଖାଇ ଅନେକ ପ୍ରଶଂସା ସାଉଁଟିଛନ୍ତି। କଳା ସାଧନାରେ ତାଙ୍କର ସମସ୍ତ ଜୀବନ କାଟିଦେବି ବୋଲି କହୁଥିବା ଏହି କଳାକାରଙ୍କୁ ଏ ପର୍ଯ୍ୟନ୍ତ ସରକାରୀ ଯୋଜନା କିମ୍ବା କଳାକାର ଭତ୍ତାରେ ସାମିଲ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଏହି ସ୍ୱର ବାଦ୍ୟ ଶିଖିବା ପାଇଁ ଆଗାମୀ ପିଢ଼ି ଆଗ୍ରହ ଦେଖାଉ ନ ଥିବାରୁ ଚିନ୍ତା ପ୍ରକଟ କରନ୍ତି ରସୁଲ।



"ଆଧୁନିକ ବାଦ୍ୟର ବ୍ୟବହାର ଓ ପୁରାତନ ବାଦ୍ୟଶିଳ୍ପୀଙ୍କୁ ଉପେକ୍ଷା ଯୋଗୁ ସ୍ୱରବାଦ୍ୟ ମୁହୁରୀ ଆଦର ହରାଇ ବସୁଛି। ତେବେ ପଦ୍ମପୁର ଦେଉଳି ଗାଁର ମୁହୁରୀଆ ଭିକାରୀ ଓ ରସୁଲ ଅଭାବ ଅନାଟନ ସତ୍ତ୍ୱେ ଏହି କଳାକୁ ପେଶା ପରିବର୍ତ୍ତେ ନିଶାରେ ପରିଣତ କରି ପରମ୍ପରାକୁ ବଜାୟୀ ରଖିଛନ୍ତି। ଏହି ମୁହୁରୀର ସ୍ୱର ଥମିବା ପୂର୍ବରୁ ରାଜ୍ୟ ସଂସ୍କୃତି ବିଭାଗ ପଦକ୍ଷେପ ଗ୍ରହଣ କରୁ।

–ସୁରେନ୍ଦ୍ର ସାହୁ, ଗବେଷକ କଳାସଂସ୍କୃତି

## ସଂକ୍ଷେପରେ

### ପୃଥକ ଦୁର୍ଘଟଣା, ଜଣେ ମୃତ

**କୁତ୍ରା,୯।୭(ଦେବାଶିଷ ସାହୁ):** କୁତ୍ରା ଥାନା ଅନ୍ତର୍ଗତ ୨ ପୃଥକ ସ୍ଥାନରେ ମଙ୍ଗଳବାର ସଡକ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆଗାଁ ବ୍ଲକ ବୃଆଁବାହାର ଗ୍ରାମର ଉମେଶ ଟପ୍ପୋ(୨୫)। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ପଞ୍ଚରା ଗ୍ରାମ ନିକଟରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବା ଯୋଗୁ ଚାଳକ ଚାପି ହୋଇଯାଇଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି। ସେହିପରି ଅନ୍ୟ ଏକ ଦୁର୍ଘଟଣା କୁତ୍ରା ବସ ଷ୍ଟାଣ୍ଡ ନିକଟରେ ଘଟିଛି। ଘୋଘର ରୋଡ ଅଞ୍ଚଳର ଅଜିତ କେର୍କେଟା କୌଣସି କାମରେ ସନ୍ଧ୍ୟାରେ ସ୍କୁଟି ଯୋଗେ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ଡିଭାଇଡରକୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

### ସନ୍ଦେହଜନକ ସ୍ଥିତିରେ ଯୁବତୀଙ୍କ ପୋଷାକ, ରକ୍ତଲଗା ପେପର ଜବତ

**ବଡ଼ଗାଁ,୯।୭ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଭୋଇପାଲି ପଞ୍ଚାୟତ ଡେମୁପଡ଼ା ଛକରୁ ବଡ଼ଗାଁ ପୋଲିସ ସନ୍ଦେହଜନକ ସ୍ଥିତିରେ ପଡ଼ିଥିବା ଯୁବତୀଙ୍କ ପୋଷାକ ଓ ଭ୍ୟାନିଟି ବ୍ୟାଗ୍ ଜବତ କରିଛି। ସୂଚନା ଅନୁଯାୟୀ, ସୋମବାର ସକାଳେ ସ୍ଥାନୀୟ ଗ୍ରାମବାସୀ ଡେମୁପଡ଼ା ଛକରେ ଯୁବତୀଙ୍କ ପୋଷାକ ଏବଂ ଏକ ଭ୍ୟାନିଟି ବ୍ୟାଗ୍ ପଡ଼ିଥିବା ଦେଖିବାକୁ ପାଇଥିଲେ। ପୋଷାକ ନିକଟରେ କାରର ଭଙ୍ଗା କାଚ ଓ ରକ୍ତଲଗା ଟିସୁ ପେପର ଦେଖିଥିଲେ। ରବିବାର ବିଳମ୍ବିତ ରାତିରେ ସେଠାରେ କୌଣସି ଅଘଟଣ ଘଟିଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ବ୍ୟାଗରେ ନୂତନ ପୋଷାକ ମଧ୍ୟ ରହିଥିଲା। ଗ୍ରାମବାସୀ ଏନେଇ ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନାଙ୍କୁ ଜଣାଇଥିଲେ। ପୋଲିସ ବ୍ୟାଗ ଓ ପୋଷାକ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



କୋଏଲନଗର ଏ-ବ୍ଲକର ସେକ୍ଟର-୨୦ ଗୁଣ୍ଡିଚା ମନ୍ଦିରରେ ମଙ୍ଗଳବାର ମହାପ୍ରଭୁଙ୍କ କଚ୍ଛପ ବେଶ।



ସୁନ୍ଦରଗଡ଼ ରଙ୍ଗାଡିପା ମାଉସୀ ମା' ମଣ୍ଡପରେ ମଙ୍ଗଳବାର ଶ୍ରୀଜୀଉଙ୍କ ବରାହ ନୃସିଂହ ଅବତାର।

# ଅଶାନ୍ତ ହେଉଛି ଖଣି ଅଞ୍ଚଳ

**ସୁନ୍ଦରଗଡ,୯।୭(ଜୟ ନାରାୟଣ ମେଣ୍ଡୁଲି)**

**ଗର୍ଜବାହାଲ ଗୋଷ୍ଠୀ ସଂଘର୍ଷ ମାମଲା**

- ସ୍ଥାନୀୟ ବ୍ୟବସାୟୀଙ୍କ ନାମରେ ମିଥ୍ୟା ମାମଲା ରୁଜୁ
- ପୋଲିସର ଭୂମିକା ନେଇ ଉଠିଲା ପ୍ରଶ୍ନ

ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଥିବା କୋଇଲା ଖଣି ଅଞ୍ଚଳ ଏବେ ଅଶାନ୍ତ ହେବାରେ ଲାଗିଛି। କୋଇଲା ବ୍ୟବସାୟକୁ ନେଇ ଏହି ଅଞ୍ଚଳରେ ବିଭିନ୍ନ ସମୟରେ ଗଣ୍ଡଗୋଳ, ମାରପିଟ,ଗୋଷ୍ଠୀ ସଂଘର୍ଷ ହେଉଛି। ଗତ୪ତାରିଖ ରାତିରେ ଗର୍ଜବାହାଲ ଖଣି ନିକଟ ବରପାଲିଠାରେ ଏକ କୋଲ ୱାସରୀ ମାଲିକାନାକୁ ନେଇ ପଡୋଶୀ ଛତିଶଗଡ଼ ରାଜ୍ୟ ରାୟଗଡ ଓ ସୁନ୍ଦରଗଡର ବ୍ୟବସାୟୀଙ୍କ ମଧ୍ୟରେ ଘଟିଥିବା ଗୋଷ୍ଠୀ ସଂଘର୍ଷରେ ପୋଲିସର ଭୂମିକାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ଜଣେ ବ୍ୟବସାୟୀ ୱାସେରୀରେ ଯାଇ ହିଂସାକାଣ୍ଡ ଭିଆଇଥିବା ହେମଗିର ଥାନାରେ ଅଭିଯୋଗ ହୋଇଛି। ତେବେ ଉକ୍ତବ୍ୟବସାୟୀଙ୍କ ଏହି ୱାସେରୀ ସହ କିମ୍ବା ତାର ମାଲିକଙ୍କ ସହ କୌଣସି ସମ୍ପର୍କ ନାହିଁ, କି ତାଙ୍କ ବ୍ୟବସାୟରେ ଏହି ବ୍ୟବସାୟୀ କୌଣସି ପ୍ରତିବନ୍ଧକ ସାଜୁ ନାହାଁନ୍ତି । ତେଣୁ ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହା ପଛରେ ଭିନ୍ନ କାରଣ ଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ତେବେ ଉକ୍ତ ଘଟଣାରେ କେବଳ ଯେ ବ୍ୟବସାୟିକ ବିବାଦ ରହିଛି, ତା ନୁହେଁ ବରଂ ରାଜନୈତିକ ହସ୍ତକ୍ଷେପର ମଧ୍ୟ ଭୂମିକା ଥିବା କୁହାଯାଉଛି । କାରଣ ପ୍ରଥମ ଏଫଆଇଆର୍‌ରେ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ରାୟଗଡର ପୂର୍ବତନ ଭାଜପା ବିଧାୟକଙ୍କ ପୁଅ ବୋଲି ଜଣା ପଡିଛି । ମିଥ୍ୟା ମାମଲା ରୁଜୁ ହୋଇଥିବା ଗୋପାଳପୁରର ଉକ୍ତ ବ୍ୟବସାୟୀ ଏମସିଏଲର ଏକ ପ୍ରତିଷ୍ଠିତ କୋଇଲା ପରିବହନକାରୀ। ବ୍ୟବସାୟିକ ପ୍ରତିଦ୍ୱନ୍ଦିତା ଯୋଗୁ ଅନେକ ଥର ତାଙ୍କୁ ମିଥ୍ୟା ଅଭିଯୋଗରେ ଫସେଇବା ତାଙ୍କୁ ଭୟଭୀତ କରାଇବାର ଉଦ୍ୟମ କରାଯିବାର ନଜିର ରହିଛି । କିପରି ତାଙ୍କ ଠାରୁ କୋଇଲା ପରିବହନ ବ୍ୟବସାୟ ଛଡ଼ାଇ ନିଆଯିବ, ଏହି ଉଦ୍ଦେଶ୍ୟରେ କେତେକ ବ୍ୟବସାୟୀ ତାଙ୍କ ବିରୋଧରେ ଏପରି ଷଡ଼ଯନ୍ତ୍ର କରି ଆସୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ତେଣୁ ରାୟଗଡ଼ର କିଛି ବ୍ୟବସାୟୀ ନିଜ ରାଜନୈତିକ ପୃଷ୍ଠପୋଷକତାର ସହାୟତା ନେଇ ସୁନ୍ଦରଗଡର କୋଇଲା ପରିବହନ ବ୍ୟବସାୟ ଉପରେ ନିଜ ପତିଆରା ସାବ୍ୟସ୍ତ କରିବା ପାଇଁ ଏପରି ଷଡ଼ଯନ୍ତ୍ର କରୁଥିବା ସ୍ଥାନୀୟ ବ୍ୟବସାୟୀ ଆଶଙ୍କା କରିଛନ୍ତି। ନିକଟରେ ରାୟଗଡ଼ର କିଛି ବ୍ୟବସାୟୀ ତାଙ୍କ ଠାରୁ କୋଇଲା ପରିବହନ ବ୍ୟବସାୟ ଛଡ଼ାଇ ନେବାକୁ ଏବଂ ସେହି ବ୍ୟବସାୟରେ ନିଜ ଅକ୍ତିଆରକୁ ନେବା ପାଇଁ ଅନେକ ଥର ବୈଠକ କରିବା ଏବଂ ଯୋଜନା ପ୍ରସ୍ତୁତ କରିବାର ସୂଚନା ରହିଛି। ଜୁଲାଇ୪ରେ ଗର୍ଜବାହାଲ କୋଲ ୱାସେରୀ ଛତିଶଗଡ଼ ରାଜ୍ୟର ରାୟଗଡ଼ରୁ ପାଖାପାଖି ୪୦ ରୁ ୫୦ ଜଣ ଦୁର୍ବୃତ୍ତ ଆସି ୱାସେରୀରେ କାମ କରୁଥିବା କର୍ମଚାରୀଙ୍କ ଉପରେ ଖଣ୍ଡା, ଲୁହା ଛଡ଼ରେ ଆକ୍ରମଣ କରିବା ସହ ଫାଙ୍କା ଗୁଳି ଫୁଟାଇବା, କାରଖାନା ଓ ସେଠାରେ ଥିବା କାର୍ ଗୁଡ଼ିକୁ ଭଙ୍ଗାରୁଜା କରିଥିଲେ। ପୋଲିସ ମାମଲା ରୁଜୁ କରି ୧୭ ଜଣଙ୍କୁ ଗିରଫ କରିବା ଏବଂ କେଇ ଘଣ୍ଟାରେ ସେମାନଙ୍କୁ ଜାମିନରେ ଛାଡ଼ି ଦିଆଯାଇଥିଲା। ଘଟଣା ପଛରେ ୱାସେରୀର ମାଲିକାନାକୁ ନେଇ ରାୟଗଡ଼ ନିବାସୀ ୨ବ୍ୟବସାୟୀଙ୍କ ମଧ୍ୟରେ ଥିବା ବିବାଦ ମୁଖ୍ୟ କାରଣ ବୋଲି ଜଣା ପଡିଛି। ଜଣେ ୱାସେରୀକୁ ସମ୍ପୂର୍ଣ୍ଣ ଭାବେ ନିଜ କବଜାରେ ନେବା ପାଇଁ ପ୍ରୟାସ କରୁଥିବା ସହ ସେ ରାୟଗଡ଼ ନିବାସୀ ରାହୁଲ ଫର୍ମାନିଆଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦେଇଥିଲେ ।ରାହୁଲ କିଛି ସ୍ଥାନୀୟ ଠିକାଦାର ଓ କର୍ମଚାରୀଙ୍କୁ ୱାସେରୀ ପରିଚାଳନା ପାଇଁ ନିୟୋଜିତ କରିଥିଲେ। ତେବେ ୱାସେରୀରେ ନିଜ ଅକ୍ତିଆରକୁ ସାବ୍ୟସ୍ତ କରିବା ଜଣେ ବ୍ୟବସାୟୀ ନିଜ ଗୁଣ୍ଡା ପଠାଇ ଆକ୍ରମଣ କରାଇଥିବା କୁହାଯାଉଛି । ପରବର୍ତ୍ତୀ ସମୟରେ ଜୁଲାଇ ୬ ଦିନ ନିଜକୁ ଭାଟିଆ ଏନର୍ଜି ଆଣ୍ଡ ମିନେରାଲସ ବା ୱାସେରୀର ମ୍ୟାନେଜର ବୋଲି ପରିଚୟ ଦେଉଥିବା ରାୟଗଡ଼ ନିବାସୀ ରାକେଶ ଅଗ୍ରୱାଲ ହେମଗିର ଥାନାରେ ଏକ ଅନ୍ୟ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁସାରେ, ତାଙ୍କ ସହ ୱାସେରୀରେ ଆହୁରି ୨୦ରୁ୨୫ ଜଣ କର୍ମଚାରୀ କାମ କରୁଛନ୍ତି । ଗତ ୪ରେ ଗୋପାଳପୁରର ଉକ୍ତ ବ୍ୟବସାୟୀ ୪୦ ରୁ ୫୦ ଦୃର୍ବୃତ୍ତଙ୍କୁ ନେଇ ସନ୍ଧ୍ୟାରେ ୱାସେରୀକୁ ଆସିଥିଲେ ଏବଂ ମ୍ୟାନେଜର ସହ ଅନ୍ୟ କର୍ମଚାରୀଙ୍କୁ ଲୁହା ଛଡ଼, ଖଣ୍ଡା, ଲାଠିରେ ଆକ୍ରମଣ କରିଥିଲେ । ହେମଗିର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ତେବେ ଆଶ୍ଚର୍ଯ୍ୟର ବିଷୟ ହେଲା ଏଫଆଇଆର୍‌ରେ ଅଭିଯୁକ୍ତ ଭାବେ ନାଁ ଥିବା ସୁରେଶ ଗୁପ୍ତାଙ୍କ ୪ ବର୍ଷ ତଳେ ମୃତ୍ୟୁ ହୋଇସାରିଛି। ଘଟଣାକୁ ଅନୁଧ୍ୟାନ କଲେ ପୋଲିସ ପ୍ରଶାସନ କୌଣସି ଚାପର ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଥିବା ସନ୍ଦେହ ସୃଷ୍ଟି ହେଉଛି। ଅପରପକ୍ଷରେ ପୋଲିସ ନିରପେକ୍ଷ ଭାବେ ଘଟଣାର ତଦନ୍ତ କରୁଥିବା ପ୍ରକାଶ କରିଛି। ସଦର ଏସଡିପିଓ ହିମାନଂଶୁ ବେହେରାଙ୍କୁ ପଚାରିବାରୁ, ଏହି ଘଟଣାରେ ପୋଲିସର ଭୂମିକା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବାର କୌଣସି କାରଣ ନାହିଁ। ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନପର୍ଯ୍ୟନ୍ତ ଚାର୍ଜସିଟ ହୋଇନାହିଁ। ତଦନ୍ତ ଜାରି ରହିଛି ବୋଲି ଏସଡିପିଓ ବେହେରା କହିଛନ୍ତି।

### ଯୁବକଙ୍କୁ ହତ୍ୟା, ପୋଲିସର ତଦନ୍ତ

**କୁଆଁରମୁଣ୍ଡା,୯।୭(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା ରାଏବୋଗା ଥାନା କାଦୋବାହାଲ ହାଟ ନିକଟ କାଜୁ ବଗିଚାରୁ ମଙ୍ଗଳବାର ଏକ ମୃତଦେହ ଜବତ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ତୁଳା ମିଞ୍ଜ(୫୫)। ରାଏବୋଗା ଥାନା ପୋଲିସ ଏକ ମାମଲା (ନଂ.୧୧୦/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ଯୁବକଙ୍କ ମୁଣ୍ଡକୁ ପିଟି କେହି ହତ୍ୟା କରି ଉକ୍ତ କାଜୁ ବଗିଚାରେ ଫିଙ୍ଗି ଦେଇଥିବା ଆଇଆଇସି ଜ୍ୟୋତିରଞ୍ଜନ ପତି କହିଛନ୍ତି। ତେବେ ହତ୍ୟାର କାରଣ ଜଣାପଡିନାହିଁ। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଚଳାଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଚାଳକ, ହେଲ୍‌ପରକୁ ମାଡ଼: ଥାନାରେ ଅଭିଯୋଗ

**ବଡ଼ଗାଁ, ୯।୭(ଅଶୋକ ଷଡ଼ଙ୍ଗୀ):** ବାଲିଶଙ୍କରାରୁ ରାଉରକେଲା ଯାଉଥିବା ଶୁଭମ ବସର ଚାଳକ ସୁଲେମାନ ଡୁଙ୍ଗଡୁଙ୍ଗ ଓ ହେଲପର ଆକାଶ ନାଏକଙ୍କୁ ରେଙ୍ଗଲମାଲ ଗ୍ରାମର ଜଣେ ଯୁବକ ମାଡ଼ ମାରିଥିବା ବଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ରେଙ୍ଗାଲମାଲ ଗ୍ରାମର ଜଣେ ଯୁବକଙ୍କ ସହ ଉକ୍ତ ବସର ଚାଳକ ଓ ହେଲପରଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହାପରେ ଯୁବକ ଜଣକ ଉଭୟଙ୍କୁ ଗାଡ଼ିରୁ ଟାଣିଆଣି ଆକ୍ରମଣ କରିଛନ୍ତି। ବଡ଼ଗାଁ ପୋଲିସ ଘଟଣାର ତଦନ୍ତ କରୁଛି ।

### ଶଙ୍କରାବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ

**ବାଲିଶଙ୍କରା,୯।୭( ହୃଦାନନ୍ଦ ବାରି)**

ବାଲିଶଙ୍କରା ବ୍ଲକ ଶାଗବାହାଲ ପଞ୍ଚାୟତ ଶଙ୍କରାବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ କଲାଟିକା ଲାକ୍ରାଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାରତ ଦୀପ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପରିସରରେ ୧୦୦ଟି ଚାରା ରୋପଣ କରାଯାଇଥିଲା।

## ଆଜି ଆର୍‌ଜିଏଚ୍ ଆସିବେ ଜାତୀୟ ସ୍ୱାସ୍ଥ୍ୟ ମିଶନ ତଦନ୍ତ ଟିମ୍

**ରାଉରକେଲା,୯।୭(ଦିନେଶ ମିଶ୍ର)**

ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଲଣ୍ଡ୍ରି ସର୍ଭିସରେ ହୋଇଥିବା ବ୍ୟାପକ ଦୁର୍ନୀତିକୁ ନେଇ ୩ଜଣିଆ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦଳ ସ୍ଥିତି ସମୀକ୍ଷା ପାଇଁ ୨ ଦିନଆ ରାଉରକେଲା ଗସ୍ତରେ ଆସୁଛନ୍ତି। ଏହି ଦଳ ଭୁବନେଶ୍ୱରରୁ ଆସି ପୂର୍ବାହ୍ନ ସାଢେ ୧୦ଟାରେ ଆର୍‌ଜିଏଚ୍‌ରେ ପହଞ୍ଚିବାର ବ୍ୟବସ୍ଥା ରହିଛି। ରାଉରକେଲା ସରକାରୀ ଡାକ୍ତରଖାନାରେ ଗୋଟିଏ ପରେ ଗୋଟିଏ ଦୁର୍ନୀତି ଧରାପଡ଼ିବା ପରେ ଲଣ୍ଡ୍ରି ସର୍ଭିସରେ ମଧ୍ୟ ୪ଶହ ଶଯ୍ୟା ପାଇଁ ୮ଶହ ବେଡ୍‌ଶିଟ୍‌ର ନକଲି ବିଲ୍ କରି ଟଙ୍କା ହେରଫେର ହୋଇଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପାଖରେ ଅଭିଯୋଗ ହୋଇଥିଲା। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅନିୟମିତତାକୁ ଉପଲବ୍ଧି କରି ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଏହି ୩ଜଣିଆ ଟିମ୍ ବୁଧବାର ଓ ଗୁରୁବାର ୨ଦିନ ଲଣ୍ଡ୍ରି ସର୍ଭିସରେ ହୋଇଥିବା ଦୁର୍ନୀତି ଉପରେ ଯାଞ୍ଚ କରିବେ ବୋଲି ଆର୍‌ଜିଏଚ୍ ନିର୍ଦ୍ଦେଶକ ଡାକ୍ତର ଗଣେଶ ପ୍ରସାଦ ଦାଶ ସୂଚନା ଦେଇଛନ୍ତି।

## ଶିବିରରେ ୯୧ ଅଭିଯୋଗର ଶୁଣାଣି

**ଲହୁଣୀପଡା,୯।୭(ଦାଶରଥି ପଣ୍ଡା)**

ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷଠାରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିବା ସହିତ କେତେକ ସମସ୍ୟାର ସମାଧାନ କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ମୋଟ ୯୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଭାବେ ୫୪ ଓ ସାମୂହିକଭାବେ ୩୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଜଣକୁ ୧ଲକ୍ଷ ୨୫ହଜାର୍ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦୁଃଖବନ୍ଧୁ ନାୟକ, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ବଣେଇ ଉପ ଜିଲାପାଳ ସୁରଞ୍ଜନ କୁମାର ସାହୁ, ଲହୁଣୀପଡା ବିଡିଓ ଅନୁରାଗ ମିଶ୍ର, ଲହୁଣୀପଡ଼ା ତହସିଲଦାର ବାବୁଲ ପେରେଇ ଓ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ତଥା ଜନ ସାଧାରଣମାନେ ଉପସ୍ଥିତ ଥିଲେ। ଲୋକମାନେ ଆବାସ ଯୋଜନା, ରାସ୍ତା, ଡ୍ରେନ, ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା, ରାସନ କାର୍ଡ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ରାସ୍ତା, ଶୌଚାଳୟ, ପୋଖରୀ ପୁନରୁଦ୍ଧାର, ଅଙ୍ଗନୱାଡି, ବିଦ୍ୟାଳୟ ଆଦି ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗକୁ ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଜନଶୁଣାଣୀ ଜିଲା, ଉପଖଣ୍ଡ ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ମାନେ ଯୋଗ ଦେଇଥିଲେ।



ଶିବିରରେ ଅତିରିକ୍ତ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

## ଏବିଭିପିର ୭୬ତମ ପ୍ରତିଷ୍ଠା ଦିବସ

**ସୁନ୍ଦରଗଡ,୯।୭(ଜୟ ନାରାୟଣ ମେଣ୍ଡୁଲି)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୬ତମ ପ୍ରତିଷ୍ଠା ଦିବସ ତଥା ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ସୁନ୍ଦରଗଡ଼ରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗ ପ୍ରମୁଖ ପ୍ରଫୁଲ୍ଲ ଧାରୁଆ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ, ଆଦର୍ଶ ଓ କାର୍ଯ୍ୟ ପଦ୍ଧତି ଓ ବିଦ୍ୟାର୍ଥୀ ପରିଷଦର ଇତିହାସ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରିଥିଲେ। ପରିଷଦର ଶୁଭେଚ୍ଛୁ ଅରବିନ୍ଦ ପଟେଲ ବିଦ୍ୟାର୍ଥୀଙ୍କୁ ଆଗାମୀ ଦିନରେ ପରିଷଦର କାର୍ଯ୍ୟକର୍ମ ବିଷୟରେ ବକ୍ତବ୍ୟ ରଖିଥିଲେ ଓ ସଚେତନ ବାର୍ତ୍ତା ବିଦ୍ୟାର୍ଥୀଙ୍କୁ ଦେଇଥିଲେ। ବିଭାଗ ସଂଯୋଜକ ଗୋପାଳ ନାଏକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାର୍ଥୀ ପରିଷଦର ଏହି ସ୍ଥାପନ ଦିବସ କାର୍ଯ୍ୟକ୍ରମରେ ସୁରଜ ନାରାୟଣ, ସୁବ୍ରତ ଜେନା, ଉଷତ ମାଝି, କେଦାର କାଲୋ, ବେଣୁଧର ଉର୍ମାଲ, ମାନସ ନାଏକ, ରତ୍ନାକର କିଷାନ, ଆମ୍ଲେଶ କାଲୋ, କୁଶ ଖଡ଼ିଆ, ଆଦିତ୍ୟ କୁମାର, ତୋଷରାମ ପଧାନ, ରାଜୁ ମିର୍ଦ୍ଧା, କାର୍ତ୍ତିକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଭାଗ ସଂଯୋଜକ ଗୋପାଳ ନାଏକ ସମସ୍ତ କାର୍ଯ୍ୟକର୍ତ୍ତା ଭାଇମାନଙ୍କୁ, ବିଦ୍ୟାର୍ଥୀମାନଙ୍କୁ ଓ ଶୁଭେଚ୍ଛୁ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ଏବିଭିପିର କର୍ମକର୍ତ୍ତା।

## ସାହିତ୍ୟ ବିନା ସଂସ୍କୃତିର ବିକାଶ ଅସମ୍ଭବ

**ରାଉରକେଲା,୯।୭(ଦିନେଶ ମିଶ୍ର)**

ରାଉରକେଲା ସାହିତ୍ୟ ସଂସଦ ପକ୍ଷରୁ କଚାରୁ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ସୁଜନୀ କାର୍ଯ୍ୟକ୍ରମ ଓ ବନମହୋତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ପାଣିଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଛ ହିଁ ଜୀବନ ଓ ଗଛ ବିନା ପରିବେଶରେ ବଞ୍ଚିବା ଅସମ୍ଭବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ନିରଞ୍ଜନ କରଣ ଯୋଗଦେଇ କହିଥିଲେ, ସାହିତ୍ୟ ବିନା ସଂସ୍କୃତିର ବିକାଶ ଅସମ୍ଭବ। ସମ୍ମାନ ଅତିଥିଭାବେ କବି ସୁଶାନ୍ତ କୁମାର ସାହୁ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ମନରେ କିଭଳି ସାହିତ୍ୟ ଓ ସଂସ୍କୃତି ପ୍ରତି ଆଗ୍ରହ ବଢ଼ିବ ସେ ଦିଗରେ ପ୍ରେରଣା ଦେଇଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ପରିବେଶ ଆମ ହାତରେ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି ବିଜୟ କୁମାର ସାହୁ ରାଉରକେଲା ସାହିତ୍ୟ ସଂସଦ ଗଠନ ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ବନମହୋତ୍ସବ ପାଳନ ନେଇ ବିଦ୍ୟାଳୟ ପରିସରରେ ୨୫ଟି ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ରବୀନ୍ଦ୍ରନାଥ ବିଶ୍ୱାଳ, ଅନିତା ରାଣୀ ଗୁଡିଆ, ରଶ୍ମିତା ମୁର୍ମ, ନଳିମା ଭେଙ୍ଗ୍ରା, ହୃଷିକେଶ ଗଡତିଆଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

## ରଥଯାତ୍ରାରେ ବିବାଦୀୟ ପରିସ୍ଥିତି, ଥାନାରେ ଆପୋସ ମିଳାମିଶା

**ବଡ଼ଗାଁ, ୯।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ସାହାଜବାହାଲ ପଞ୍ଚାୟତ ଶଙ୍କରାପୋଷ ଗ୍ରାମରେ ରଥଯାତ୍ରା ସମୟରେ ଜାତିଆଣକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୋଟିଏ ଗୋଷ୍ଠୀ ବିରୋଧ କରିବା ପରେ ରଥଯାତ୍ରା ବନ୍ଦ ହୋଇଯାଇଥିଲା। ଘଟଣା ସ୍ଥଳକୁ ପୋଲିସ ଯାଇ ସମାଧାନ କରିବାକୁ ବିଫଳ ହୋଇଥିଲା। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଆଶଙ୍କାକୁ ଆଖିରେ ରଖି ବଡ଼ଗାଁ ପୋଲିସ ଉଭୟ ପକ୍ଷକୁ ଥାନାକୁ ଡକାଇ ବୈଠକ କରିଥିଲେ। ଏସଡିପିଓ ଅଭିଷେକ ପାଣିଗ୍ରାହୀ, ଆଇଆଇସି ଆଶିଷ କୁମାର ଜେନା, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗ ପ୍ରମୁଖଙ୍କ ଉପସ୍ଥିତରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥଲା। ଉଭୟ ପକ୍ଷ ନିଜର ମତ ପ୍ରକାଶ କରିବା ପରେ ଆପୋଷ ମିଳାମିଶା ହୋଇଛି। ଉଭୟ ପକ୍ଷ ଗାଁରେ ସଦଭାବନା ବଜାୟ ରଖିବା ପାଇଁ ସର୍ବଦା ଚେଷ୍ଟା କରିବା ସହ ଆସନ୍ତା ବାହୁଡା ଯାତ୍ରା ଗାଁରେ ଅନୁଷ୍ଠିତ ହେବ ବୋଲି ଉଭୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଘଟଣା ବିଷୟରେ ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନାଙ୍କୁ ପଚାରିବାରୁ, ବିବାଦୀୟ ପରିସ୍ଥିତିର ଆପୋଷ ସମାଧାନ ହୋଇଥିବା କହିଥିଲେ।

## ଫେରାର ଚୋର ଗିରଫ

**ଲହୁଣୀପଡା,୯।୭(ଦାଶରଥି ପଣ୍ଡା)**

ବିଳମ୍ବିତ ରାତିରେ ଘରେ ପଶି ଚୋରିକରି ଫେରାର ହୋଇଯାଇଥିବା ଯୁବକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଫଗୁ ଭୂମିଜ (୨୫)। ଲହୁଣୀପଡା ଥାନା ଖୁଣ୍ଟାଗାଁ ପଞ୍ଚାୟତ ସାଧୁ ବାହାଳ ଗ୍ରାମର ରେବତୀ ବେହେରା ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କ ଘରେ ପସି ସୁନା, ରୁପା ସହ ନଗଦ ୧୫ ଶହ ଟଙ୍କା ଏବଂ ମୋଇବାଲ ଫୋନ ଚୋରି କରି ନେଇଥିଲେ। ଏନେଇ ରେବତୀ ଲହୁଣୀପଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

## ଏନ୍‌ଆଇଟିଆର ଉନ୍ନତ ଭାରତ ଅଭିଯାନ ପକ୍ଷରୁ ବନ ମହୋତ୍ସବ

**ରାଉରକେଲା, ୯।୭(ସଙ୍ଗୀତା ଜେନା)**



ଏନ୍‌ଆଇଟି ରାଉରକେଲା ଉନ୍ନତ ଅଭିଯାନ ପକ୍ଷରୁ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପୋଷ୍ୟଗ୍ରାମ ଗ୍ରହଣ କରାଯାଇଥିବା ଝିରପାଣି ଗ୍ରାମ ଝିରପାଣି ହାଇସ୍କୁଲରେ ଏହି ବନମହୋତ୍ସବ ପାଳିତ ହୋଇଥିଲା। ଉନ୍ନତ ଭାରତ ଅଭିଯାନ ପକ୍ଷରୁ ସଭାପତି ପ୍ରଫେସର ବ୍ରଜ ଗୋପାଳ, କ୍ଷେତ୍ରୀୟ ସଂଯୋଜକ ରାମକୃଷ୍ଣ ବିଶ୍ୱାଳ, ପୂର୍ବତନ କ୍ଷେତ୍ରୀୟ ସଂଯୋଜକ ରାଜକିଶୋର ପଟେଲ, ସଦସ୍ୟ ଶେଷଦେବ ପ୍ରଧାନ, ସନ୍ଧ୍ୟାରାଣୀ ବିଶ୍ୱାସ, ରାଜେଶ ବେଉରିଆ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବନମହୋତ୍ସବ କାର୍ଯ୍ୟକ୍ରମରେ ଆମ୍ବ ଓ ଲିଚୁ ଚାରା ସ୍କୁଲ ପରିସରରେ ରୋପଣ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁରେଖା ପଟେଲ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରେମ ଦୀପକ ଖେସ୍, ବନିତା ମାହାଲି ସଭା ପରିଚାଳନା କରିଥିଲେ।

## ଶିବିରରେ ୯୯ ଅଭିଯୋଗ ଶୁଣାଣି

**ରାଉରକେଲା,୯।୭ (ଦିନେଶ ମିଶ୍ର/ଆଲୋକ ସ୍ୱାଇଁ)**

ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ ବେଦବ୍ୟାସ ସ୍ଥିତ ବୁରୁଟୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଗୁଡିକର ସମାଧାନ ମଙ୍ଗଳବାର ହୋଇଛି। ଏହି ଜନଶୁଣାଣିରେ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଯୋଗଦେଇ ଅଭିଯୋଗ ଶୁଣିଥିଲେ। ମୋଟ ୯୯ଟି ଅଭିଯୋଗ ହୋଇଥିଲା। ଏଥିରେ ୱାର୍ଡ ନମ୍ବର ୧ ଓ ୨ ଅଧୀନରେ ଥିବା ବ୍ରାହ୍ମଣୀତରଙ୍ଗ, ସାନ ବ୍ରାହ୍ମଣୀତରଙ୍ଗ, ବୁରୁଟୋଲା, ଗୋପପଲ୍ଲୀ, ସିଂହଟୋଲା, ନଦୀଟୋଲାର ଅଭିଯୋଗକାରୀମାନେ ବିଭିନ୍ନ ସମସ୍ୟାକୁ ଉପସ୍ଥାପନା କରିଥିଲେ। ସେଥି ମଧ୍ୟରୁ ମୁଖ୍ୟ ସମସ୍ୟା ଉକ୍ତ ଅଞ୍ଚଳରେ ଡ୍ରେନେଜ ସଫେଇ,ଷ୍ଟ୍ରିଟ ଲାଇଟ୍, ରାସ୍ତା ନିର୍ମାଣ ଓ ସଂଯୋଗୀକରଣ, ଅଙ୍ଗନୱାଡି ନିର୍ମାଣ, ପାନୀୟ ଜଳ ଯୋଗାଣ, ଖେଳ ପଡିଆ ନିର୍ମାଣ, ଜମି ସମସ୍ୟା, ରାସନ କାର୍ଡ, ଦିବ୍ୟାଙ୍ଗ କାର୍ଡ, ଉତ୍ତା ସମସ୍ୟା ପ୍ରମୁଖ ରହିଥିଲା। ଏହି ଜନଶୁଣାଣିରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଉପଆୟୁକ୍ତ ପଲ୍ଲବୀ ନାୟକଙ୍କ ସହ ନର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସହ ଅନ୍ୟାନ୍ୟ ଆରଏମ୍‌ସି କର୍ମଚାରୀ ଉପସ୍ଥିତ ଥିଲେ। ଜନଶୁଣାଣିରେ ବିଭିନ୍ନ ଅଭିଯୋଗ ଶୁଣିବା ପରେ କମିଶନର କୁଲକର୍ଣ୍ଣି ସ୍ଥିତି ପରଖିବା ପାଇଁ ଉକ୍ତ ଅଞ୍ଚଳରେ ଥିବା ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ପାଇଁ ଯାଇଥିଲେ। ଉକ୍ତ ଅଞ୍ଚଳରେ ଥିବା ବିଭିନ୍ନ ବସ୍ତି ପରିଭ୍ରମଣ କରି ସେଠାରେ ଥିବା ଡ୍ରେନେଜ ସମସ୍ୟାକୁ ସୁବ୍ୟବସ୍ଥା କରିବା ପାଇଁ ଉଚ୍ଚ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ସେ ବେଦବ୍ୟାସ ସ୍ଥିତ ଆହାରକେନ୍ଦ୍ର ପରିଦର୍ଶନ କରି ସେଠାରେ ଥିବା ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ।

# ଅବ୍ୟବସ୍ଥାରେ ସମ୍ବଲପୁର ପ୍ରାଣୀ ଚିକିତ୍ସାଳୟ



ଛାତରୁ ପାଣି ଝରି ଅପରିଷ୍କୃତ ଅବସ୍ଥାରେ ସମ୍ବଲପୁର ପ୍ରାଣୀ ଚିକିତ୍ସାଳୟ ପରିସର।




ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଗଦା ହୋଇଥିବା ଅଳିଆ ଅବର୍ଜନା।

ସମ୍ବଲପୁର,୯।୭(ପ୍ରମୋଦ ବହିଦାର)

ସମ୍ବଲପୁର ପ୍ରାଣୀ ଚିକିତ୍ସାଳୟ ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ୨୦୨୦ରେ ପ୍ରାୟ ୩ କୋଟି ୩୨ ଲକ୍ଷ ୫୩ ହଜାର ୧୪୫ ଟଙ୍କା ବ୍ୟୟ ଅଟକଳରେ ଏହାର ଭିତ୍ତିଭୂମିର ବିକାଶ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଠାରେ ଥିବା ପୁରୁଣାକୋଠାକୁ ଭାଙ୍ଗି ନୂତନ କୋଠା ନିର୍ମାଣ ହୋଇ ସାରିଛି। ମାତ୍ର ଆଭ୍ୟନ୍ତରିଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବା ବେଳେ ଆବଶ୍ୟକ ଆସବାବପତ୍ର ନାହିଁ। ଏପରିକି ନବ ନିର୍ମିତ କୋଠାକୁ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ମଧ୍ୟ କରାଯାଉନାହିଁ। ତେଣୁ ସ୍ଥାନାଭାବ ଯୋଗୁ ଉକ୍ତ କୋଠା ପରିସରରେ ପ୍ରାଣୀଙ୍କ ଚିକିତ୍ସା କରିବାକୁ ବାଧ୍ୟ ହେଉଛନ୍ତି ଚିକିତ୍ସାଳୟ କର୍ତ୍ତୃପକ୍ଷ। ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପ୍ରାଣୀ ଚିକିତ୍ସାଳୟ ବିକାଶ କାର୍ଯ୍ୟ ବନ୍ଦ ରହିଛି। ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ବର୍ତ୍ତମାନ କୋଠାର ଛାତରୁ ପାଣି ଝରି ସମଗ୍ର ଡାକ୍ତରଖାନାକୁ ଅପରିଷ୍କାର କରି ତୋଳିଛି। ସେହିପରି ଡାକ୍ତରମାନଙ୍କ ପାଇଁ ରହିଥିବା କକ୍ଷରେ ସାମାନ୍ୟ ଚୌକି ବା ଟେବୁଲ ମଧ୍ୟ ନାହିଁ। ଫଳରେ ଡାକ୍ତରମାନେ ଅନ୍ୟତ୍ର ବସି ପ୍ରାଣୀମାନଙ୍କ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ଏପରିକି ସହକାରୀ ନିର୍ଦ୍ଦେଶକଙ୍କ କକ୍ଷରେ ମଧ୍ୟ ବସିବା ବ୍ୟବସ୍ଥା ନାହିଁ। ଚିକିତ୍ସାଳୟକୁ ଯୋଗାଣ ହେଉଥିବା ଔଷଧ ଗଚ୍ଛିତ କରିବାକୁ ଆଲମାରୀଟିଏ ମଧ୍ୟ ନ ଥିବାରୁ ସେଗୁଡ଼ିକୁ ଏଣେତେଣେ ରଖାଯାଉଛି। ସେହିପରି ଏଠାରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ରହିଛି। ଏକ୍ସ-ରେ ପାଇଁ ସ୍ୱତନ୍ତ୍ର କକ୍ଷରେ ଏକ୍ସ-ରେ ମେସିନ ଲାଗିଛି ମାତ୍ର ବୈଷୟିକ କର୍ମଚାରୀ ବା ଟେକ୍ନିସିଆନଙ୍କ ଅଭାବରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏଠାରେ ଘନଘନ ଚୋରି ହେଉଛି। ନୂତନ କୋଠରେ ଲାଗିଥିବା ଝରକା ଗ୍ରୀଲ ଆଦୌ ସୁରକ୍ଷିତ ନୁହେଁ। ଏଥିରେ ଅତ୍ୟଧିକ ଫାଙ୍କ ଥିବାରୁ କୋଠା ମଧ୍ୟକୁ ପ୍ରବେଶ କରିବା ଅତି ସହଜ ହୋଇଥିବାରୁ ଏଠାରେ ଥିବା ଶୌଚାଳୟ ଗୁଡ଼ିକ ସମସ୍ତ ସାନିଟାରୀ ସାମଗ୍ର ଚୋରି ହେଉଛି। ଏସମ୍ପର୍କରେ ଏତଲା ଦିଆଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ।

■ ଟେକ୍ନିସିଆନ ଅଭାବରୁ କାର୍ଯ୍ୟକ୍ଷମ ହୋଇନାହିଁ ଏକ୍ସ-ରେ
■ ନୂତନ କୋଠା ଛାତରୁ ଝରୁଛି ପାଣି
■ ଡାକ୍ତରଙ୍କ କକ୍ଷରେ ବସିବାର ବ୍ୟବସ୍ଥା ନାହିଁ

ଏଠାରେ ଜଣେ ସହକାରୀ ନିର୍ଦ୍ଦେଶକ, ୬ ଜଣ ଡାକ୍ତର, ଦୁଇଜଣ ପିଅନ ଓ ଚୌକିଦାର, ୨ଜଣ ମେହେନ୍ତର, ୨ଜଣ ପ୍ରାଣୀଧନ ନିରୀକ୍ଷକ ପଦବୀ ରହିବା କଥା। ହେଲେ ଏଠାରେ ବର୍ତ୍ତମାନ ସହକାରୀ ନିର୍ଦ୍ଦେଶକଙ୍କ ସହିତ ୩ଜଣ ଡାକ୍ତର ରହିଛନ୍ତି। ୨ଜଣ ଡାକ୍ତରଙ୍କୁ ବୁର୍ଲା ଓ ହୀରାକୁଦ ପ୍ରାଣୀ ଚିକିତ୍ସାଳୟକୁ ଡେପୁଟେସନରେ ପଠାଯାଇଥିବାରୁ ବସ୍ତୁତଃ ଏଠାର ଜଣେ ଡାକ୍ତର ହିଁ ପ୍ରାଣୀ ଚିକିତ୍ସା କରୁଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ପ୍ରାଣୀ ଚିକିତ୍ସାଳୟ ସହକାରୀ ନିର୍ଦ୍ଦେଶକ ଡା. କ୍ଷିରୋଦ ଚନ୍ଦ୍ର ପଟେଲଙ୍କୁ ପଚରାରିବାରୁ କହିଛନ୍ତି ଯେ, ସୁରକ୍ଷା ଅଭାବରୁ ଚିକିତ୍ସାଳୟ ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଏହା ସହ ଏଠାରେ କର୍ମଚାରୀଙ୍କ ଅଭାବ ମଧ୍ୟ ଏକ ବଡ଼ ସମସ୍ୟା। ଚିକିତ୍ସାଳୟ ଭିତ୍ତିଭୂମି ବିକାଶ କାର୍ଯ୍ୟ ଅଧପନ୍ତରିଆ ହୋଇ ରହିଛି। ଏଠାରେ ସଫେଇ ପାଇଁ କୌଣସି ମେହେନ୍ତର ନଥିବାରୁ ଅପରିଷ୍କାର ସ୍ଥାନରେ ପ୍ରାଣୀଙ୍କ ଚିକତ୍ସା କରିବାକୁ ବାଧ୍ୟ ହେଉଛୁ। ଫଳରେ ଏଠାରେ ଚିକିତ୍ସିତ ହେଉଥିବା ପ୍ରାଣୀ ସଂକ୍ରମିତ ହେବାର ଭୟ ରହୁଛି। ଏପରିକି ଚିକିତ୍ସାଳୟ ପ୍ରବେଶ ଦ୍ୱାର ନିକଟରେ ଗଦା ହୋଇଥିବା ଅଳିଆ ସଫେଇ ପାଇଁ ମଧ୍ୟ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି ସହକାରୀ ନିର୍ଦ୍ଦେଶକ ପଟେଲ। ସେହିପରି ଏଠାରେ ସହକାରୀ ନିର୍ଦ୍ଦେଶକ, ଡାକ୍ତର ଓ ଅନ୍ୟାନ୍ୟ ଅଧିକାରୀଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ନିର୍ମାଣ ହୋଇଛି। ମାତ୍ର ବସିବାର ବ୍ୟବସ୍ଥା ନାହିଁ ଓ ଏଠାରେ ଲାଗିଥିବା ଏସିଗୁଡ଼ିକ ଅଚଳ ହୋଇପଡ଼ିଛି। ଶୌଚାଳୟରୁ ସମସ୍ତ ସାନିଟାରୀ ସାମଗ୍ରୀ ଚୋରି ହୋଇଯାଇଛି। ମାତ୍ର ଏଥିପ୍ରତି କେହି ଧ୍ୟାନ ମଧ୍ୟ ଦେଉ ନାହାନ୍ତି। ତେବେ ଏସମ୍ପର୍କରେ ସହକାରୀ ନିର୍ଦ୍ଦେଶକ ପଟେଲ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରିବା ପରେ ୩ମାସ ତଳେ ଏସ୍‌ଡିଭିଓ ଚିକିତ୍ସାଳୟ ପରିଦର୍ଶନ କରି ପରିସ୍ଥିତିର ଅନୁଧ୍ୟାନ କରି ରିପୋର୍ଟ ମଧ୍ୟ ପ୍ରଦାନ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ଯାଇନାହିଁ।

## ଜିଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ଶିବିର

ରେଢ଼ାଖୋଲ,୯।୭(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୬୦ଟି ବ୍ୟକ୍ତିଗତ ଏବଂ ୨ଟି ସାମୂହିକ ରହିଥିଲା। ୨୮ଟି ଅଭିଯୋଗର ଫଇସଲା ତୁରନ୍ତ ସମାଧାନ ହୋଇଥିଲା। ଅଭିଯୋଗ ମଧ୍ୟରେ ମୁଖ୍ୟତଃ ଜମି ଜମା ବିଭାଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱାସ୍ଥ୍ୟ କାର୍ଡ, ରାସ୍ତା ସମସ୍ୟା, ଲକ୍ଷ୍ମୀ ବସର ରୁଟ ବଢେଇବା ଇତ୍ୟାଦି। ଏହି ଅଭିଯୋଗ ଶୁଣାଣିରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ସମେତ ଅତିରିକ୍ତ ଏସ୍‌ପି ଆଲବିନିୟାସ କେରକେଟା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ, ରେଢ଼ାଖୋଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମେହେର, ଡିଏଫଓ ଅରବିନ୍ଦ ମହାନ୍ତି, ବିଡିଓ ମନୋଜ ମେହେର, ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବଲପୁର ରାମଦାସ ଟୁଡ୍ଡୁ, ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡ୍ଡୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲଙ୍କ ସମେତ ଅନ୍ୟ ଜିଲାସ୍ତରୀୟ, ଉପଖଣ୍ଡ ଏବଂ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଞ୍ଚିବାକୁ ସଂଘର୍ଷ କରୁଛନ୍ତି ଦିବ୍ୟାଙ୍ଗ ଯାଜ୍ଞସିନୀ

କୁଚିଣ୍ଡା,୯।୭(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁସମୀ ପଞ୍ଚାୟତ ଅନ୍ତର୍ଗତ ଅଁଳାପୋଷି ଗ୍ରାମର ଭିନ୍ନକ୍ଷମ ଯାଜ୍ଞସିନୀ ଡ଼ନସେନା(୩୮) ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଭଳି ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳିଛି। ଯାଜ୍ଞସିନୀ ବିଗତ ଦୁଇବର୍ଷ ହେବ କୁସମୀ ଗ୍ରାମରେ ଏଣେ ତେଣେ ବୁଲି ଯିଏ ଯାହା ଦେଲେ ଖାଇ ଜୀବନ ବିତାଉଛନ୍ତି। ହେଲେ ତାଙ୍କୁ ଦେଖାଶୁଣା ପାଇଁ ପାଖରେ କେହି ନାହାନ୍ତି। ଗତ କିଛି ବର୍ଷ ପୂର୍ବରୁ ତାଙ୍କ ମାତାପିତା ମୃତ୍ୟୁବରଣ କରିଛନ୍ତି। ସେ ମାନସିକ ବିକୃତ କାରଣରୁ ଠିକ ଭାବେ ଚଲାବୁଲା କରିପାରୁ ନାହାନ୍ତି କି ଭଲ ଭାବେ କଥା ବି କହିପାରୁ ନାହାନ୍ତି। ତାଙ୍କୁ ସରକାରୀ ଯୋଜନାରେ ମିଳିଥିବା ଆବାସ ଘର ମଧ୍ୟ ଅସମ୍ପୂର୍ଣ୍ଣ ଥିବାରୁ ସେ ଘରେ ରହିବା ସମ୍ଭବପର ହେଉନାହିଁ। ରାସନକାର୍ଡ ଅଛି ହେଲେ ତାଙ୍କ ପାଇଁ ତାହା ସତେ ଯେପରି ଅକାମୀ ହୋଇଯାଇଛି।



ଦିବ୍ୟାଙ୍ଗ ଯାଜ୍ଞସିନୀ ପଞ୍ଚାୟତ ଅଫିସ ବାରଣ୍ଡାରେ ବସିଛନ୍ତି।

ଭିନ୍ନକ୍ଷମ ଭତ୍ତା ପାଉଥିଲେ ହେଁ ଉକ୍ତ ଟଙ୍କା କିଏ ନେଉଛି କାହାରି ପାଖରେ ଖବର ନାହିଁ। ଭତ୍ତା ଓ ରାସନ ମିଳିଲେ କଣ ହେବ ତାଙ୍କୁ ସହାୟତା କରିବାକୁ ପାଖରେ କେହି ନାହିଁ। ତେଣୁ ପ୍ରଶାସନ ଯାଜ୍ଞସିନୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରି ସହଯୋଗ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରେ ତଦନ୍ତ କରି ସହଯୋଗ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

## ସମାଜରେ ସଚେତନତା ଦ୍ୱାରା ସାମାଜିକ, ଆର୍ଥିକ ଅସମାନତା ଦୂର ହୋଇପାରିବ

ସମ୍ବଲପୁର,୯।୭(ପ୍ରମୋଦ ବହିଦାର)

ସମ୍ପ୍ରତି ସମାଜରେ ବୃଦ୍ଧି ପାଉଥିବା ସାମାଜିକ ଓ ଆର୍ଥିକ ଅସମାନତାକୁ କେବଳ ସଚେତନତା ଦ୍ୱାରା ଦୂର କରାଯାଇପାରିବ। ଏଥିପାଇଁ ଲୋକକ୍ଷେତ୍ରରେ ସର୍ବଦା ସମର୍ପିତ ମାତ୍ର ଅନାଲୋଚିତ ହୋଇ ରହିଯାଇଥିବା ଅସ୍ପୃଶ୍ୟତା ବିରୋଧି ଓ ପ୍ରଜା ମଣ୍ଡଳ ଆନ୍ଦୋଳନ କର୍ଣ୍ଣଧାର ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥୀଙ୍କ ଆଦର୍ଶର ଆଲୋଚନା ଆବଶ୍ୟକ ବୋଲି କହିଛନ୍ତି ପ୍ରଫେସର ସୁଜିତ ପୃଷେଠ୍। ଆୟୋଜିତ ଦୟାନନ୍ଦ ଶତପଥୀ ଜୟନ୍ତୀ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ପ୍ରଫେସର ଆଦିତ୍ୟ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଦୟାନନ୍ଦ ଶତପଥୀ ସ୍ମୃତି ସମିତି ପକ୍ଷରୁ ଅନୁଷ୍ଠିତ ଜୟନ୍ତୀ ସଭା ପ୍ରାରମ୍ଭରେ ସମ୍ପାଦକ ପ୍ରଫୁଲ୍ଲ ହୋତା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ହୋତା ଯୁବ, ଛାତ୍ର, ଶ୍ରମିକ, କୃଷକଙ୍କ ମାର୍ଗଦର୍ଶକ ଭାବେ ସ୍ୱର୍ଗତ ଶତପଥୀଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ସ୍ୱର୍ଗତ ଶତପଥୀଙ୍କ ସଂଗ୍ରାମୀ ବିଚାରଧାରାର ପ୍ରାସଙ୍ଗିକତା ଅବତାରଣା କରିଥିଲେ। ଶିବ ଶଙ୍କର ନନ୍ଦ ଚଳିତ ବର୍ଷ ଦୟାନନ୍ଦ ସ୍ମୃତି ସମ୍ମାନରେ ସମ୍ମାନିତ ପ୍ରଫେସର ମୀନକେତନ ପୁରୋହିତଙ୍କ ବାର୍ତ୍ତା ପାଠ କରିଥିଲେ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭିସୁଟରେ ଦୁଇ ଦିନିଆ କର୍ମଶାଳା



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ଭିସୁଟ କର୍ମଚାରୀଙ୍କୁ ତାଲିମ ଦେବା ମୁହୂର୍ତ୍ତ।

ସମ୍ବଲପୁର,୯।୭(ଭବାନୀ ଶଙ୍କର ଭୋଇ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଭିସୁଟ)ରେ ଦୁଇ ଦିନିଆ ଏନବିଏ କର୍ମଶାଳା ଉଦଘାଟିତ ହୋଇଯାଇଛି। ଏହି କର୍ମଶାଳାରେ ଭିସୁଟର ୨୫୦ ଜଣ ଅଧ୍ୟାପକ ଏବଂ କର୍ମଚାରୀ ସାମଲ ହୋଇଥିଲେ। ଆଗାମୀ ଦିନରେ ଜାତୀୟ ଅଧିସ୍ୱୀକୃତୀ ପ୍ରତିଷ୍ଠାନ(ଏନବିଏ-ନେଶନାଲ ବୋର୍ଡ ଅଫ ଏକ୍ରେଡିଟେସନ)ର ଏକ ଟିମ୍ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟକୁ ପରିଦର୍ଶନରେ ଆସିବାର କାର୍ଯ୍ୟକ୍ରମ ରହିଛି। ଜାତୀୟ ଅଧିସ୍ୱୀକୃତୀ ପ୍ରତିଷ୍ଠାନ ଇଞ୍ଜିନିୟରିଂ ଶିକ୍ଷା ପ୍ରତିଷ୍ଠାନଗୁଡିକୁ ରେକିଂ ପ୍ରଦାନ କରିଥାଏ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ନିଜେ ଜାତୀୟ ଅଧିସ୍ୱୀକୃତୀ ପ୍ରତିଷ୍ଠାନ ଇଞ୍ଜିନିୟରିଂ ଶିକ୍ଷା ପ୍ରତିଷ୍ଠାନର ସଦସ୍ୟ ଭାବେ ବହୁବର୍ଷ ଧରି କାର୍ଯ୍ୟ କରିଛନ୍ତି। ବହୁ ଇଞ୍ଜିନିୟରିଂ ଶିକ୍ଷା ପ୍ରତିଷ୍ଠାନର ମାନ ପରୀକ୍ଷଣ ପାଇଁ ପରିଦର୍ଶନ କରିବାର ଅଭିଜ୍ଞତା ରହିଥିବାରୁ ତାକୁ ଆଧାର କରି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ଜାତୀୟ ମାନ୍ୟତା ହାସିଲ କରିବା ଦିଗରେ ଉପଯୋଗ କରିବାକୁ ଏହି ସହଯୋଗମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଜାତୀୟ ଅଧିସ୍ୱୀକୃତୀ ପ୍ରତିଷ୍ଠାନର ଟିମ୍ ପକ୍ଷରୁ ମଗାଯାଉଥିବା ବିଭିନ୍ନ ତଥ୍ୟ, ଭିତ୍ତିଭୂମିର ଆବଶ୍ୟକତା ଉପରେ ଭିସୁଟର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପ୍ରଫେସର ପଟ୍ଟନାୟକ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି। ଓଡିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ନିଜେ ଉପସ୍ଥିତ ରହି ଭିସୁଟର କର୍ମଚାରୀ ଏବଂ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି । ଆସନ୍ତା ବୁଧବାର ମଧ୍ୟ ଏହି ତାଲିମ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାପଡିଛି। ଅନ୍ୟ ପକ୍ଷରେ ଭିସୁଟର କୁଳପତି ପ୍ରଫେସର ବଂଶୀଧର ମାଝି କହିଛନ୍ତି, ଭିସୁଟକୁ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଏନବିଏର ଭଲ ରେକିଂ ପାଇବା ପାଇଁ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ନିଜେ ସହଯୋଗ କରିବାକୁ ଆଗେଇ ଆସିଛନ୍ତି । ତାଙ୍କର ଅଭିଜ୍ଞତାକୁ ଉପଯୋଗ କରି ଆମେ ଭିସୁଟର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିବୁ।

## ମୃତକଙ୍କ ପରିବାରକୁ ୪ ଲକ୍ଷ ଅନୁକମ୍ପା ରାଶି ପ୍ରଦାନ

### ରଥଟଣାରେ ରଥଚକ ଚଢ଼ି ଭକ୍ତଙ୍କ ମୃତ୍ୟୁ ଘଟଣା

ଝାରସୁଗୁଡ଼ା,୯।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ କୁକୁଝାଂଘା ଗ୍ରାମରେ ରଥଯାତ୍ରାରେ ରଥଟଣା ସମୟରେ ରଥଚକ ଚଢ଼ି ଯିବାରୁ ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ ଛତାବହାଲ ଗ୍ରାମର ଶ୍ୟାମ ସୁନ୍ଦର କିଷାନ (୪୫) ଜଣେ ଭକ୍ତଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତ କିଷାନଙ୍କ ପରିବାରର ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି। ପରଲୋକ ଗତ ଆତ୍ମାର ସଦଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପାଇଁ ସମବେଦନା ପ୍ରକାଶ କରିଛନ୍ତି ବିଧାୟକ ତ୍ରିପାଠୀ।

## ଏନ୍‌ଏସସିବି ମହାବିଦ୍ୟାଳୟ ସିଡ ବଲ ଫେଷ୍ଟିଭାଲ




ସମ୍ବଲପୁର ସହର ସ୍ଥିତ ଏନ୍‌ଏସ୍‌ସିବି ମହାବିଦ୍ୟାଳୟ ପରିସରରେ ସିଡ୍ ବଲ ଫେଷ୍ଟିଭାଲ କାର୍ଯ୍ୟକ୍ରମ।

ସମ୍ବଲପୁର,୯।୭(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍‌ଏସସିବି) ମହାବିଦ୍ୟାଳୟ ପରିସରରେ ୭୫ତମ ବନମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଶାଖା, ହୀରାକୁଦସ୍ଥିତ ହିଣ୍ଡାଲକୋ ଓ ସମ୍ବଲପୁର ବନ ବିଭାଗର ମିଳିତ ଆନୁକୂଲ୍ୟରେ ସିଡ୍ ବଲ ଫେଷ୍ଟିଭାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂତନ ଜଙ୍ଗଲ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ପ୍ରକାର ମଞ୍ଜି ସହିତ ବିଶୋଧିତ ମାଟିକୁ ନେଇ ମାଟିଗୋଳା ତିଆରି କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରିପାଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରି ଅନେକ ମାଟି ଗୋଳା ତିଆରି କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ସୁରେଶ ଏକ୍କା ଏବଂ ରୋଜାଲୀ ସେଠ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଆଲୋଚନା

ସମ୍ବଲପୁର,୯।୭(ବି.ଶଙ୍କର)

ପଶ୍ଚିମଓଡିଶା ଲୋକ କଳାକାର ମହାସଂଘ ପକ୍ଷରୁ ଆଲୋଚନାଚକ୍ର ମଙ୍ଗଳବାର ସମ୍ବଲପୁର ସ୍ଥିତ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଲୋକ କଳାକାର ମହାସଂଘ ସଭାପତି ଗୁରୁ ରଞ୍ଜିତ ନାଗଙ୍କ ପରିଚାଳରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ପାଦକ ଗୁରୁ ରଞ୍ଜନ ସାହୁ, ସଂଯୋଜକ ଡ. ମୋହିତ ସ୍ୱାଇଁ, ସହସମ୍ପାଦକ ଦୁର୍ଗା ଦାଶ ଯୋଗଦେଇ ଡାଲଖାଇ ଏକାଡେମୀ ମାଧ୍ୟମରେ ଏହାର ପାଠ୍ୟଖସଡା ପ୍ରସ୍ତୁତ କରିବାକୁ କଳାକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଲୋକ କଳା କ୍ଷେତ୍ରରେ କାର୍ଯ୍ୟ କରୁଥିବା ନୃତ୍ୟ ଗୁରୁ, ସଙ୍ଗୀତକାର, ଲୋକବାଦ୍ୟ ଗୁରୁ ତଥା ଅନୁଷ୍ଠାର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବିଶେଷ କରି ଓଡ଼ିଶା ତଥା ସାରା ବିଶ୍ୱରେ ନିଜ ସଙ୍ଗୀତ, ନୃତ୍ୟ ପାଇଁ ସାଧାରଣ ଜନମାନସରେ ଲୋକପ୍ରିୟତା ହୋଇଥିବା ଡାଲଖାଇ ନୃତ୍ୟର ଏକ ଏକାଡେମୀ ସମ୍ବଲପୁର ସହରର ଆରମ୍ଭ କରାଯିବ। ଏଥିପାଇଁ ଡ଼ାଲଖାଇ ପାଠ୍ୟଖସଡା ପ୍ରସ୍ତୁତିର ବିଭିନ୍ନ ଦିଗକୁ ନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୁରୁ ଶଙ୍କର ପ୍ରସାଦ ପ୍ରଧାନ, କୃଷ୍ଣଚନ୍ଦ୍ର ବାଗ, ରମେଶ କୁର୍ଲା, ମହେଶ ପଟେଲ, ଶଶାଙ୍କ ଶେଖର ଦୁବେ, ଆଲୋକ କୁମାର ପଣ୍ଡା, ସୂର୍ଯପ୍ରକାଶ ଗୁରୁ, ଦୀପକ ବାରିକ, ରତନ ପୂଜାରୀ, ରଞ୍ଜନ ପଟ୍ଟନାୟକ, ଧବଳେଶ୍ୱର କରାଲୀ, ରଞ୍ଜିତ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।




ସମ୍ବଲପୁରସ୍ଥିତ ସାମ୍ବାଦିକ ଭବନଠାରେ ପଶ୍ଚିମଓଡିଶା ଲୋକ କଳାକାର ମହାସଂଘ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ନୃତ୍ୟଗୁରୁମାନେ।

### ସମ୍ବଲପୁରରେ ଡାଲଖାଇ ନୃତ୍ୟର ଏକ ଏକାଡେମୀ ଆରମ୍ଭ ହେବ

## ଫ୍ଲାଏଓଭର ପାଇଁ ଏନ୍‌ଏଚ୍‌ଏଆଇକୁ ଦାବିପତ୍ର

ପଡ଼ିଆବାହାଲ,୯।୭(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର କଲିକତା ଜାତୀୟ ରାଜପଥ ୫୩ର ପଡିଆବାହାଲଠାରେ ଉଭୟ ପାର୍ଶ୍ୱ ନାଳ କାମ ତୁରନ୍ତ ଶେଷ କରିବା ସହିତ ପଡିଆବାହାଲ ବଜାର ଉପରେ ଫ୍ଲାଇଓଭର ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ନାଗରିକମାନଙ୍କ ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚଏଆଇ) ପିଡିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦିନକୁ ଦିନ ପଡିଆବାହାଲ ଜନଗହଳିରେ ପରିପୂର୍ଣ୍ଣ ହେଉଥିବାବେଳେ ଜାତୀୟ ରାଜପଥ ଲୋକଙ୍କ ପାଇଁ ବିପଦର କାରଣ ସାଜିଛି। ପଡିଆବାହାଲ ଛକଠାରୁ ବଡତୁରାଙ୍ଗ ଓ କଦଳୀମୁଣ୍ଡା ରାସ୍ତା ଉପରେ ସର୍ବାଧିକ ଲୋକ ଭରସା କରୁଥିବା ବେଳେ ଏହି ରାସ୍ତାକୁ ନେଇ ସମସ୍ୟା ଉପୁଜିଛି। ଏହି ରାସ୍ତାରେ ସ୍କୁଲ, କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ, ବନ ବିଭାଗ ଭଳି ବହୁ ଅନୁଷ୍ଠାନରେ ଲୋକ ନିର୍ଭର କରୁଥିବାବେଳେ ଉଭୟ ପାର୍ଶ୍ୱ ରାସ୍ତା ୨ଟି ଭିନ୍ନ ଦିଗ ମୁଣ୍ଡେନପାଲି, ମୁରା, ପରମାଣପୁର ଏପରିକି ଫାସିମାଲକୁ ସ୍ପର୍ଶ କରୁଥିବାବେଳେ ଅନ୍ୟ ରାସ୍ତାଟି ଡଙ୍ଗରପଡା, ଛାମୁଣ୍ଡା, ଯୁଯୋମୁରାକୁ ଲମ୍ବିଛି। ଅନ୍ୟପଟେ ମେଘପାଳ, କିସିଣ୍ଡା ଦେଇ ନାକଟିଦେଉଳ ଓ ରେଢାଖୋଲକୁ ଯାଇଥିବାରୁ ଏହି ରାସ୍ତାଟି ସବୁବେଳେ ଜନଗହଳିପୂର୍ଣ୍ଣ ରହୁଛି। ଏହି ଛକଟି ବିପଦପୂର୍ଣ୍ଣ ଥିବାରୁ ଜନସାଧାରଣଙ୍କ ଆପତ୍ତି ଅଭିଯୋଗକୁ ଆଧାରକରି ଏକ ପ୍ରତିନିଧି ଦଳ ଏନଏଚଏଆଇ ପିଡିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଖଲିଆପାଲି ଛକଠାରୁ ପଧାନପାଲି ଶିବ ମନ୍ଦିର ଯାଏ ଏକ ଫ୍ଲାଇଓଭର କରାଯିବାକୁ ଅନୁରୋଧ କରାଯାଇଥିବା ବେଳେ ଜାତୀୟ ରାଜପଥ ନିର୍ମାଣ ପରେ ଉଭୟ ପାର୍ଶ୍ୱର ନାଳ କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହା ବର୍ଷା ଯୋଗୁ ଲୋକଙ୍କ ପାଇଁ କାଳ ସାଜିଛି। ଅସମ୍ପୂର୍ଣ୍ଣ ନାଳ ଯୋଗୁ ବଜାରରେ ପାଣି ଜମି ରହୁଥିବା ଯୋଗୁ ପୁତି ଗନ୍ଧମୟ ପରିବେଶ ସୃଷ୍ଟି କରି ମଶା ମାଛିଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ନାଳ କାମ ସମ୍ପୂର୍ଣ୍ଣ କରିବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏପରିକି ଏହି ଉଭୟ ସମସ୍ୟା ନେଇ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଏକ ପ୍ରତିନିଧି ଦଳ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ଦୃଷ୍ଟି ଆକର୍ଷଣ କରିଛନ୍ତି।



ନାଗରିକମାନଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ସମ୍ପିତ



@ ସୌମିତ୍ରୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡିନାମାଇଟ୍ ବିସ୍ଫୋରଣରେ ମତ୍ସ୍ୟଜୀବୀ ମୃତ

## ରେଙ୍ଗାଲି ନଦୀବନ୍ଧ ଜଳଭଣ୍ଡାରରେ ମାଛ ମାରୁଥିବା ବେଳେ ଅଘଟଣ

ଦେବଗଡ଼,୯।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା-କୁଣ୍ଢେଇଗୋଳା ଥାନା ସୀମାବର୍ତ୍ତୀ ଭୁଲୁକାବାହାଲ ଗ୍ରାମ ନିକଟ ରେଙ୍ଗାଲି ନଦୀବନ୍ଧ ଜଳଭଣ୍ଡାରରେ ଡିନାମାଇଟ ଫୁଟାଇ ମାଛ ମାରୁଥିବା ବେଳେ ହଠାତ୍ ବିସ୍ଫୋରଣ ଘଟିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ସାଥୀ ମତ୍ସ୍ୟଜୀବୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ମୃତକ ହେଲେ ଦେବଗଡ଼ ଥାନା ଅନ୍ତର୍ଗତ ଅସନନାଳି ଗ୍ରାମର କ୍ଷମାନିଧି ଧୀବର। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଅସନନାଳି ଗ୍ରାମର କ୍ଷମାନିଧି ନିକଟସ୍ଥ କାଲକାଠ ଓ ଭାଲୁମୁଣ୍ଡା ଗ୍ରାମର ଅନ୍ୟ ୨ଜଣ ସାଥୀଙ୍କ ସହିତ ଏକ ବାଇକ୍ ଯୋଗେ ମାଛ ମାରିବାକୁ ରେଙ୍ଗାଲି ନଦୀବନ୍ଧ ଜଳଭଣ୍ଡାରକୁ ଯାଇଥିଲେ। ଅପରାହ୍ଣରେ ୩ଜଣ ଏକ ଦେଶୀ ଡଙ୍ଗାରେ ରେଙ୍ଗାଲି ନଦୀବନ୍ଧ ଜଳଭଣ୍ଡାର ଭିତରକୁ ଯାଇଥିଲେ। କ୍ଷମାନିଧି ମାଛ ମାରିବାକୁ ଡିନାମାଇଟ୍ ଫୁଟାଉଥିବା ବେଳେ ଅସାବଧାନତାବଶତଃ ତାଙ୍କ ହାତରେ ଫୁଟିଯାଇଥିଲା। ଫଳରେ ସେମାନେ ବସିଥିବା ଡଙ୍ଗା ପାଣିରେ ବୁଡ଼ିଯାଇଥିଲା। ୩ଜଣ ପାଣି ମଧ୍ୟକୁ ଛିଟିକି ପଡିଥିବା ବେଳେ ଡିନାମଇଟ୍ ବିସ୍ଫୋରଣରେ କ୍ଷମାନିଧିଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨ଜଣ ସାଥୀ ପହଁରି କୂଳକୁ ଆସିଥିଲେ। ସାଥୀ ମତ୍ସ୍ୟଜୀବୀ ଓ ଗ୍ରାମବାସୀଙ୍କଠାରୁ ଖବର ପାଇ ଦେବଗଡ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ କ୍ଷମାନିଧିଙ୍କ ମୃତଦେହ ପାଣିରୁ ଉଦ୍ଧାର କରିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ତେବେ ଘଟଣା ବାରକୋଟ ଥାନା ଓ କୁଣ୍ଢେଇଗୋଳା ଥାନା ସୀମାନ୍ତରେ ଥିବାରୁ ଏ ନେଇ କେଉଁ ଥାନାରେ ମାମଲା ରୁଜୁ ହେବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ଅନ୍ୟପକ୍ଷରେ ଖବର ଲେଖାଯିବା ବେଳକୁ ଉଭୟ ଥାନାର ଅଧିକାରୀଙ୍କ ଉପସ୍ଥିତିରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ସ୍ଥାନ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଘଟଣା କେଉଁ ଥାନା ଅଞ୍ଚଳରେ ଘଟିଛି ତାହା ସ୍ପଷ୍ଟ ହେବା ପରେ ମାମଲା ରୁଜୁ କରାଯିବା ସହ ଉକ୍ତ ଥାନା ପୋଲିସ ଘଟଣାର ତଦନ୍ତ କରିବ ବୋଲି ସୂଚନା ମିଳିଛି। ତେବେ ଡିନାମାଇଟ ବ୍ୟବହାର ନିଷିଦ୍ଧ ଥିବା ବେଳେ ମାଛ ମାରିବା ପାଇଁ ମତ୍ସ୍ୟଜୀବୀମାନେ କେଉଁଠୁ ଏହା ଆଣିଥିଲେ ଓ ପୋଲିସ କିଭଳି ଜାଣିପାରିଲା ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# କଳାହାଣ୍ଡିକୁ ୪ ସ୍ୱର୍ଣ୍ଣ, ୧ ରୌପ୍ୟ ପଦକ

## ଓଡ଼ିଶା ରାଜ୍ୟ ଉଷୁ ଚାମ୍ପିୟନଶିପ

ଭବାନୀପାଟଣା,୯।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡିରେ ଦିନକୁଦିନ ଉଷୁ ଖେଳ ଲୋକପ୍ରିୟ ହେବାକୁ ଯାଉଛି। ଗତ ୫ରୁ ୭ ତାରିଖ ୩ଦିନ ଧରି ରାଉରକେଲା ଛେଣ୍ଡ କଲୋନିସ୍ଥିତ ମଧୁସୂଦନ ଭବନରେ ୩୦ତମ ଓଡ଼ିଶା ରାଜ୍ୟ ଉଷୁ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲା ଉଷୁ ସଂଘ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏଥିରେ ଜିଲାର ଏକ ୯ ଜଣିଆ ଟିମ ଭାଗନେଇଥିଲ। ଏଥିରେ ୨୨ ଜିଲାରୁ ଉଭୟ ମହିଳା ଓ ପୁରୁଷ ବର୍ଗରେ ୩୦୦ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ଆର୍‌ଏମ୍‌ସି ଉପକମିଶନର ଅନୀତା ନାଏକ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଉଷୁ ସଂଘର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ଚାମ୍ପିୟନ ଟ୍ରଫି ଓ ପଦକ ପ୍ରଦାନ କରିଥିଲେ। ଓଡ଼ିଶା ସଂଘର ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଳାହାଣ୍ଡି ଜିଲାର ପ୍ରତିଯୋଗୀ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ଜିଲା ପାଇଁ ଗୌରବ ଆଣିଛନ୍ତି। ଇଚ୍ଛା ସିଂ ୭ବର୍ଷରୁ କମ୍ ଫାଇଟରେ -୨୦ କେଜି ସ୍ୱର୍ଣ୍ଣ, କିଷାନ ମାଝି ବରିଷ୍ଠ ବିଭାଗରେ -୭୦ କେଜି ସ୍ୱର୍ଣ୍ଣ, ବିକାଶ ବାଘ ବରିଷ୍ଠ ପାରମପାରିକ ତାଓଲୁ ଇଭେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ଓ ଭୁବନେ ମାଝି ବରିଷ୍ଠ ଫାଇଟିଂ -୬୦ କେଜି ବିଭାଗରେ ରୌପ୍ୟ ପଦକ ଜିତି ଜିଲା ପାଇଁ ସୁନାମ ଅଣିଛନ୍ତି। ଏହି ଖେଳାଳିମାନେ ଆଗକୁ ଥିବା ଜାତୀୟ ସ୍ତରୀୟ ଚାମ୍ପିୟନଶିପରେ ଭାଗନେବେ ବୋଲି କଳାହାଣ୍ଡି ଜିଲା ଉଷୁ ସଂଘ ସମ୍ପାଦକ ସାହୁ ସୂଚନା ଦେଇଛନ୍ତି। ପଦକ ବିଜେତାମାନଙ୍କୁ ବିଭିନ୍ନ କ୍ରୀଡ଼ା ସଙ୍ଘ ଓ କ୍ରୀଡ଼ା ପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।



ପଦକ ପାଇଥିବା ପ୍ରତିଯୋଗୀ।

# ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ବଲାଙ୍ଗୀରକୁ ୫ ପଦକ



ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ପଦକ ଜିତିଥିବା ବଲାଙ୍ଗୀରର ଖେଳାଳି।

ବଲାଙ୍ଗୀର,୯।୭(ବୀରେନ୍ଦ୍ର କୁମାର ଝାଙ୍କର)

ରାଉରକେଲାସ୍ଥିତ ମଧୁସୂଦନ ଭବନଠାରେ ଗତ ୫ରୁ ୭ ଜୁଲାଇ ମଧ୍ୟରେ ଅନୁଷ୍ଠିତ ୩୦ତମ ଉଷୁ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲାର ପ୍ରତିଯୋଗୀମାନେ କୃତିତ୍ୱ ହାସଲ କରିଛନ୍ତି। ଜିଲାର ପ୍ରତିଯୋଗୀମାନେ ୫ଟି ପଦକ ଜିତି ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଓଡିଶାର ୨୨ଟି ଜିଲାରୁ ପ୍ରାୟ ୩୦୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏଥିରେ ବଲାଙ୍ଗୀର ଜିଲାର ୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଜିଲାର ସୁହାନୀ ଗୁରହାଣ୍ଡି ଓ ଅଂଶୁମାନ ସାହୁ ଦୁଇଟି ସ୍ୱର୍ଣ୍ଣ ପଦକ, ଅନାମିକା ଗୁରହାଣ୍ଡି ଓ ଦୟା ସାଗର ଦୁଇଟି ରୌପ୍ୟ ପଦକ, ଆଲୋକ ନାୟକ କାଂସ୍ୟ ପଦକ ପାଇଥିବା ନେଇ ବଲାଙ୍ଗୀର ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି । ଏହି ଖେଳାଳିମାନେ ସଫଳତା ହାସଲ କରିଥିବାରୁ ବଲାଙ୍ଗୀର ଉଷୁ ସଂଘ ସଭାପତି ତପନ ପାଣିଗ୍ରାହୀ ଏବଂ ଓଡିଶା ଉଷୁ ସଂଘ ଚେୟାରମ୍ୟାନ ତଥା ପ୍ରତିଷ୍ଠାତା ସୁଧାଂଶୁ ଶେଖର ହରିଚନ୍ଦନ ଶୁଭେଚ୍ଛା ଜଣାଇଛନ୍ତି ।

# ଲାଞ୍ଜିଗଡ଼ଠାରେ ମାଣ୍ଡିଆ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

ଲାଞ୍ଜିଗଡ଼,୯।୭(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ସାପ୍ତାହିକ ବଜାର ପ୍ରାଙ୍ଗଣ ମିଶନଶକ୍ତି କାଫେ ପରିସରରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଦ୍ୱାରା ମାଣ୍ଡିଆ ପ୍ରକ୍ରିୟାକରଣ କେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଜିଲା ମୁଖ୍ୟ କୃଷି ଅଧିକାରୀ କମଳ ଲୋଚନ ନାୟକ, ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ର, କେକେଡିଏର ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ସମାଜ କଲ୍ୟାଣ ଅଧିକାରୀ ମୁଜିବଲ ନିଶା, ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଅବିନାଶ ମହାନ୍ତି, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବିଜୟଶ୍ରୀ ସିଙ୍ଗ, କେକେଡିଏ ପ୍ରକଳ୍ପ ଅଧିକାରୀ ଲମ୍ବୋଦର ପ୍ରଧାନଙ୍କ ସମେତ ବ୍ଲକସ୍ତରୀୟ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମିଲେଟ ମିଶନ ଜରିଆରେ ଏହି ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପିତ ହୋଇଥିବା ବେଳେ ବାନୀ ଗାଁର ୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମା' ଠାକୁରାଣୀ, ମା' ଜଗତ୍‌ଜନନୀ, ପ୍ରଗତି ସ୍ୱୟଂ ସହାୟକ ଗୋଷ୍ଠୀ ଏହାର ପରିଚାଳନା କରିବେ ବୋଲି ଜଣାପଡିଛି। ଏହା ଜରିଆରେ ମହିଳାମାନେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ତିଆରି କରି ବିକ୍ରୟ କରି ସ୍ୱାବଲମ୍ବୀ ହୋଇପାରିବେ।

## ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା

ଏତଦ୍ୱାରା ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ୨୦୨୩-୨୦୨୪ ବର୍ଷରୁ ଛାତ୍ରବୃତ୍ତି ପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ଯୋଜନାର ନିୟମାବଳୀ ମୁତାବକ ସମ୍ପୃକ୍ତ ଛାତ୍ରଛାତ୍ରୀ ପୁନର୍ବସତି କଲୋନୀ/ Reclamation Block / ଶିବିର ଏବଂ ପାର୍ଶ୍ୱାଞ୍ଚଳ ଗ୍ରାମବାସୀମାନଙ୍କର ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପରିବାର ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଶ୍ରେଣୀ ଏବଂ ସମ୍ପ୍ରତି ନିଜର ଶିକ୍ଷା ଚାଲୁ ରଖିଥିବା ଆବଶ୍ୟକ। ଏଥିନିମନ୍ତେ ରାଉରକେଲା ଇସ୍ପାତ କାରଖାନା ଏବଂ ମନ୍ଦିରା ଡ୍ୟାମ୍ ପ୍ରକଳ୍ପ ସ୍ଥାପନ ସମୟରେ ବାସଚ୍ୟୁତ ହୋଇଥିବା ପରିବାର ଅନ୍ତର୍ଭୁକ୍ତ ପିଲାମାନଙ୍କୁ ଚୟନ କରାଯିବ। ଆସନ୍ତା ତା୧୫।୦୭।୨୦୨୪ରୁ୧୫।୦୮।୨୦୨୪ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିବେ।

ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ୨୦୨୪-୨୦୨୫ ଆର୍ଥିକବର୍ଷ ପାଇଁ ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି।

ସ୍ୱା./- ଅତିରିକ୍ତ ଜିଲ୍ଲାପାଳ
ରାଉରକେଲା

idco ODISHA NEW OPPORTUNITIES No.CAD-503

OFFICE OF THE CHIEF GENERAL MANAGER (P&C), IDCO,
IDCO TOWERS, JANPATH, BHUBANESWAR- 751022

Tender Call Notice No. IDCO/H.O./P&C/EST/E-3517/01/2003/19802 Dated: 06.07.2024

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT

| | | | |
|---|---|---|---|
| 1. | Name of the work | : | Special Repair (Civil and PH work) to IDCO Inspection Bungalow at Pankapal, Jajpur. |
| 2. | Estimated cost | : | Rs.10.25 Lakh (Approx.) |
| 3. | Period of completion | : | 01 (One) calendar month. |
| 4. | Other details | : | |

| Procurement Officer | Bid ID/ Tender reference No. | Availability of tender online for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/ EST/E-08/2024-25 | 15.07.2024 at 17.00 hrs. | 30.07.2024 upto 17.00 hrs. |

Further details can be seen from the e-Procurement Portal, www.tendersodisha.gov.in and corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
OIPR-14003/11/0015/2425 IDCO, Bhubaneswar

Office of the Superintending Engineer, Potteru Irrigation Division, Balimela
At/Po-Balimela, Dist : Malkangiri (Odisha)
'e' mail id :- eepid78@gmail.com

QUOTATION CALL NOTICE NO.-01/2024-25

No.A-135:Sealed quotations are invited from interested reputed Travel Agencies/ Tour operators / Private individuals having valid GST / GEM registration number, PAN card, first track banking facility etc. for providing Non-AC/AC diesel driven vehicle or BS -IV compliant petrol vehicle (TUV300 /Bolero /Sumo Gold/ Ertiga) having sitting capacity not more than ten including driver, which shall confirm to the Terms & Conditions of the quotation call notice for the official use of different offices of Potteru Irrigation Division, Balimela on monthly rent basis for the period from 08/2024 to 03/2025 (for the financial year 2024-25)

1. Date and time of availability of quotation documents for sale:-From dtd.12/07/2024 to dtd.23/07/2024 (during office hours and on working days only).
2. Date and time of receipt of quotation documents: -From dtd.12/07/2024 to dtd.23/07/2024 (during office hours and on working days only).
3. Date and time of opening of quotation documents; - on 24/07/2024 at 11.00 A.M.in the office chamber of the Superintending Engineer, Potteru Irrigation Division, Balimela.
Please visit the office of the undersigned or website http.//www.odisha.gov.in./http.//www.dowrodisha.gov.in for details.

Sd./- Superintending Engineer
Potteru Irrigation Division, Balimela
OIPR-32052/11/0001/2425

## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୧୦ ତାରିଖ: ୦୮।୦୭।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ୍ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୦୨୪-୧୦ | ୨୩।୦୭।୨୦୨୪ | ୧୨.୦୦ ଘ. | ୧୩.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-357) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ୍ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଗବେଷଣା ପରିଷଦ

ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର
ଜେ.ଏଲ୍.ଏନ୍.ବି.ସି.ଇ.ଏଚ୍. ଅନୁସନ୍ଧାନ ଭବନ, ନଂ. ୬୧-୬୫, ଇନ୍‌ଷ୍ଟିଚ୍ୟୁଶନାଲ୍ ଏରିଆ, 'ଡି' ବ୍ଲକ୍ ସାମ୍ନା, ଜନକପୁରୀ, ନୂଆଦିଲ୍ଲୀ - ୧୧୦୦୫୮,
ଇମେଲ୍: dg-ccras@nic.in, ୱେବ୍‌ସାଇଟ୍: www.ccras.nic.in,
ଟେଲି: ୦୧୧-୨୮୫୨୫୮୫୨

ବିଜ୍ଞାପନ ୨୦୨୪

### ପଞ୍ଚକର୍ମ ଟେକ୍ନିସିଆନ୍ ପାଠ୍ୟକ୍ରମ

କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଗବେଷଣା ପରିଷଦ (ସିସିଆର୍‌ଏଏସ୍), ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର ହେଲ୍‌ଥକେୟାର୍ ସେକ୍ଟର ସ୍କିଲ୍ କାଉନସିଲ୍ (ଏଚ୍‌ଏସ୍‌ଏସ୍‌ସି) - ନ୍ୟାଶନାଲ ସ୍କିଲ୍ ଡେଭେଲପମେଣ୍ଟ କର୍ପୋରେଶନ୍ (ଏନ୍‌ଏସ୍‌ଡିସି) ସହିତ ଅଙ୍ଗୀକୃତ ନିମ୍ନଲିଖିତ ୪ଟି ପ୍ରଶିକ୍ଷଣ କେନ୍ଦ୍ର ଅର୍ଥାତ୍ (୧) ସିଏଆର୍‌ଆଇ, ନୂଆଦିଲ୍ଲୀ (୧୦ ସିଟ୍), (୨) ଏନ୍‌ଏଆର୍‌ଆଇପି, ଚେରୁଥୁରୁଥି (୩୦ ସିଟ୍), (୩) ଆର୍‌ଏଆର୍‌ଆଇ, କାମ୍ପୁ (୧୫ ସିଟ୍) ଏବଂ (୪) ସିଏଆର୍‌ଆଇ, ଗୁଆହାଟୀ (୧୦ ସିଟ୍)ଠାରେ ସିସିଆର୍‌ଏଏସ୍, ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀଙ୍କ ଦ୍ୱାରା ସଞ୍ଚାଳିତ ହେଉଥିବା ଏକବର୍ଷିଆ, ପୂର୍ଣ୍ଣକାଳୀନ ଏବଂ ସେଲ୍‌ଫ-ଫାଇନାନ୍ସଡ୍ ପଞ୍ଚକର୍ମ ଟେକ୍ନିସିଆନ୍ ପାଠ୍ୟକ୍ରମ ପାଇଁ ୧୨ଶ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି । ବିଜ୍ଞାପନ, ଦରଖାସ୍ତ ଫର୍ମ, ପାଠ୍ୟକ୍ରମ, କିପରି ଆବେଦନ କରାଯିବ, ପାଠ୍ୟକ୍ରମ ଦେୟ, ବୟସ ସୀମା, ସଂରକ୍ଷଣ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଇତ୍ୟାଦିର ବିବରଣୀ ପାଇଁ ଦୟାକରି ପରିଷଦର ୱେବ୍‌ସାଇଟ୍ www.ccras.nic.in ପରିଦର୍ଶନ କରନ୍ତୁ।

CBC 17216/11/0006/2425 ପ୍ରଶାସନିକ ଅଧିକାରୀ (ଇଏସ୍‌ଟିଟି)

OFFICE OF THE SUPERINTENDING ENGINEER MINOR IRRIGATION DIVISION, DHENKANAL
No. 2085 e-mail ID: eemidkl@yahoo.co.in Dt.07.07.2024

Corrigendum No. 01 of TCN No. 02 of 24 - 25

Cancellation of Tender

No. A-136: Tender had invited online percentage rate through "e" procurement for the works vide Bid Identification No. DMID/02/2024-25 of letter No. 2025 dated 30.06.2024 is hereby cancelled due to unavoidable reasons.

Sd./- Superintending Engineer
OIPR-32027/11/0006/2425 M.I. Division, Dhenkanal

## कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, राँची

अति अल्पकालीन ई-पुर्ननिविदा आमंत्रण सूचना
PR 327080 REO(24-25).D
पत्रांकः- दिनांक-
अति अल्पकालीन ई-पर्नुनिविदा संख्याः-24/RE/2023-24/RWD /EE/RANCHI

| क्रम सं0 | आइडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/RANCHI/ 45/ STPKG/13/ 2023-24 | गुलजारबाग से बलथोरा तक भाया-सुमुटोंगरी पथ का सुदृढ़ीकरण कार्य। (ल0-4.100 कि0मी0)<br>एस0एच0 खेलारी राँची से खेलारी रेलवे स्टेशन भाया-हुटाप बस्ती, मुण्डा धोरा, नारायण धोरा एवं खेलारी थाना पथ का सुदृढ़ीकरण कार्य। (ल0-5.685 कि0मी0)<br>ठाकुरगां0-काठीटांड़ एस0एच0 पथ से मदना बगीचा से माण्डर सीमाना भाया ठाकुरगांव थाना (गुरगाँई से खिजुरटोला भाया मुरूमगढ़ा एवं पतराटोली) पथ का सुदृढ़ीकरण कार्य। (ल0- 9.695 कि0मी0) | 14,87,18,500.00 | चौदह करोड़ सतासी लाख अठारह हजार पाँच सौ रूपये मात्र। | 15 माह | तृतीय |

1. वेबसाईट में निविदा प्रकाशन की तिथिः-12.07.2024
2. ई-निविदा प्राप्ति की अंतिम तिथि एवं समयः-20.07.2024 अपराह्न 5.00 बजे तक।
3. निविदा खोलने की तिथि एवं समयः-22.07.2024 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः- कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई-निविदा प्रकोष्ठ का दूरभाष सं0- 0651-2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग
PR 329092 (REO) 24 -25 (D) कार्य प्रमण्डल, राँची

## कार्यपालक अभियंता का कार्यालय
ग्रामीण विकास विशेष प्रमंडल, बोकारो

ई-निविदा आमंत्रण सूचना

ई- अल्पकालीन निविदा सूचना संख्या - RDD/SD/BOKARO/14/2024-25

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के चास प्रखण्ड अंतर्गत सियालगजरा से ब्राह्मण द्वारिका को जोड़ने वाले पथ पर जोरिया के उपर पुल निर्माण। (लम्बाई 52.48 मी०) | 30223700.00 | 604500.00 | 10000.00 | 18 माह |
| 2 | बोकारो जिला के चंदनकियारी प्रखण्ड अंतर्गत बरूवाडीह एवं घोषालडांगा के बीच ईजरी नदी पर पुल निर्माण। (लम्बाई 96.84 मी०) | 35485100.00 | 710000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि - 16.07.2024
3. ई-निविदा प्राप्ति की तिथि एवं समय - दिनांक 16.07.2024 से दिनांक 23.07.2024 को अपराह्न 5:00 बजे तक
4. ई-निविदा खोलने का स्थान - कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई-निविदा खोलने की तिथि एवं समय - 25.07.2024 अपराह्न 2:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई-निविदा प्रकोष्ठ का दूरभाष सं० - 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट-बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
PR 329078 Rural Development (24-25)_D ग्रामीण विकास विशेष प्रमंडल, बोकारो

## झारखण्ड सरकार, ग्रामीण कार्य विभाग
कार्यपालक अभियंता का कार्यालय
तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड - 815301

ई-निविदा आमंत्रण सूचना

ई-निविदा सं0 :-12/2024-25/RWD/EE/GIRIDIH दिनांक :- 08.07.2024 ग्रामीण कार्य विभाग, कार्य प्रमण्डल, गिरिडीह द्वारा निम्नविवरण के अनुसार e-procurment पद्धति से निविदा आमंत्रित की जाती है।

1. कार्य का नाम :-

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) अंक में | अक्षर में | कार्य समाप्ति की अवधि | टेंडर कॉल संख्या |
|---|---|---|---|---|---|---|
| 1. | RWD/GIRIDIH/S TPKG/35/2024-25 | (i) जी0टी0 रोड से डोरियो भाया सुमैनाटाँड़ तक पथ का सुदृढ़ीकरण कार्य। (लं0-4.300 कि0मी0)<br>(ii) L034 से पोचरी तक पथ का सुदृढ़ीकरण कार्य। (लं0-3.600 कि0मी0)<br>(iii) L051-T01 से खरखरो तक पथ का सुदृढ़ीकरण कार्य। (लं0-2.000 कि0मी0)<br>(iv) चिचाकी कोयरीडीह पथ से लोवाबार तक पथ का सुदृढ़ीकरण कार्य। (लं0-3.000 कि0मी0)<br>(v) L031-T01 से प्रतापपुर तक पथ का सुदृढ़ीकरण कार्य। (लं0-2.900 कि0मी0)<br>(vi) L059-T02 से करम्बा तक पथ का सुदृढ़ीकरण कार्य। (लं0-2.650 कि0मी0)<br>(vii) L033-T05 से करनाडीह रोड से कोराडीह तक पथ का सुदृढ़ीकरण कार्य। (लं0-2.600 कि0मी0)<br>(viii) L074-T02 से घाघरा तक पथ का सुदृढ़ीकरण कार्य। (लं0-5.700 कि0मी0) | 14,54,04,000.00 | चौदह करोड़ चौवन लाख चार हजार रू0 मात्र | 15 माह | प्रथम |
| 2. | RWD/GIRIDIH/S TPKG/36/2024-25 | (i) सुईयाडीह बजरंगबली मंदिर से चोंगाखार तक पथ का सुदृढ़ीकरण कार्य। (लं0-4.650 कि0मी0)<br>(ii) कोवार कोडरमा से डबरी तक पथ का सुदृढ़ीकरण कार्य। (लं0-4.285 कि0मी0)<br>(iii) खरगडीहा मंडरो रोड से बरवाडीह तक पथ का सुदृढ़ीकरण कार्य। (लं0-7.100 कि0मी0)<br>(iv) नेकपुरा पथ तपसीडीह से चितरोकुरहा तक पथ का सुदृढ़ीकरण कार्य। (लं0-2.900 कि0मी0) | 12,10,25,100.00 | बारह करोड़ दस लाख पच्चीस हजार एक सौ रू0 मात्र | 15 | प्रथम |

2. वेबसाईट में निविदा प्रकाशन की तिथिः- 18.07.2024
3. ई-निविदा प्राप्ति की अंतिम तिथि एवं समयः- 06.08.2024 अपराह्न 5.00 बजे तक।
4. निविदा खोलने की तिथि एवं समयः- 08.08.2024 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पताः- कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड - 815301
6. ई-निविदा प्रकोष्ठ का दूरभाष सं0- 06532-225381

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

ह0/-
कार्यपालक अभियंता,
ग्रामीण कार्य विभाग,
PR 329057 REO (24-25)_D कार्य प्रमण्डल, गिरिडीह

ZILLA SWASTHYA SAMITI, GAJAPATI
(Department of Health & FW, Govt. of Odisha)
Advertisement No. 4743/DPMUGJP Date: 06.07.24

NOTICE

No. E-106: Applications are invited from eligible candidates/Walk-in-Interview for filling up of different posts under National Health Mission, Gajapati on contractual basis for a period of 11 months subject to renewal on satisfactory performance or till the end of the project period, which ever is earlier. The details of category wise vacancies, required qualifications, age limit, format of application along with tentative schedule of the recruitment process is hoisted in the district website i.e. www.gajapati.odisha.gov.in. Interested candidates fulfilling the eligibility criteria for the posts can apply to Chief District Medical & Public Health Officer, AT/P.O.: Paralakhemundi, Gajapati-761200 on or before 20.07.2024 by 05.00 P.M. through Registered Post/Speed Post/Courier only and the envelope contatining the application should be superscribed with the name of the post applied for. Application for each individual post must be submitted separately and refer to district website www.gajapati.odisha.gov.in for detail Walk-in-Interview posts. Visit the district website gajapati.odisha.gov.in regularly for all updates.

Sd./- CDM&PHO-cum-District Mission Director, Gajapati
OIPR-10105/11/0001/2425

DISTRICT PROJECT OFFICE
SAMAGRA SHIKSHA, RAYAGADA DISTRICT
Old Revenue Colony, Behind Govt. Hospital
email: dpcrayagadassa.opepa@nic.in
No. 1536/XI/PED/49/2024 Dated: 05.07.2024

ADVERTISEMENT

INVITATION OF APPLICATIONS FOR THE ENGAGEMENT OF CLUSTER RESOURCE CENTRE COORDINATOR (CRCC) ON DEPLOYMENT BASIS

No. n-35: Applications duly filled in the prescribed format are invited from Level-IV/V Elementary Cadre Teachers (except Level-V Ex-Cadre Teachers) of Rayagada district for engagement as CRC Coordinators in the vacant Clusters under SS, Rayagada temporarily on deployment basis for a period of five years only as per prescribed terms and conditions. The details of the Terms and Conditions, eligibility criteria, documents to be submitted, vacancy position, application format and the undertaking format are uploaded in OSEPA website: www.osepa.odisha.gov.in and Rayagada district website: www.rayagada.nic.in and also made available in the Office of the District Project Coordinator, SS, Rayagada, District Education Officer, Rayagada. Interested teachers can submit their applications in prescribed format to the concerned Block Education Officer on or before 5.00 P.M. of 22nd July, 2024 through Registered/ Speed Post. Incomplete application and application received after the due date will be rejected. The authority reserves the right to cancel this advertisement at any time without assigning any reason thereof.

Sd./- District Project Coordinator, Samagra Shiksha, Rayagada
Sd./- Collector-cum-Chairman, Samagra Shiksha, Rayagada
OIPR-27030/11/0001/2425



ପରିବା ଦର ବୃଦ୍ଧିକୁ ବିରୋଧ କରି ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ରାଜମହଲ ଛକଠାରେ ଅଭିନବ ବିକ୍ଷୋଭ ପ୍ରଦର୍ଶନ। (ଫଟୋ- ମନୋରଞ୍ଜନ ମିଶ୍ର)

# ଦରଦାମ୍ ବୃଦ୍ଧି ପ୍ରତିବାଦରେ ସିପିଆଇ, ବିକେଏମ୍‌ୟୁର ବିକ୍ଷୋଭ

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)

ଦେଶରେ ସାଧାରଣ ନିର୍ବାଚନ ପରେ ଡାଲି, ଚାଉଳ, ଖାଇବାତେଲ ଠାରୁ ଆରମ୍ଭ କରି ପରିବା ଦର ପର୍ଯ୍ୟନ୍ତ ଅହେତୁକ ବୃଦ୍ଧି ହେବାରେ ଲାଗିଛି। ଦରଦାମ୍ ବୃଦ୍ଧିକୁ ନେଇ ଜନସାଧାରଣ ବିଶେଷକରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦରବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ସିପିଆଇ ଏବଂ ଭାରତୀୟ କ୍ଷେତ ମଜ୍‌ଦୁର ସଂଘ (ବିକେଏମ୍‌ୟୁ) ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ସିପିଆଇ ଏବଂ ବିକେଏମ୍‌ୟୁ କର୍ମୀମାନେ ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାକାରୀମାନେ ଦଳୀୟ ପତାକା ଓ ବ୍ୟାନର ସହ ହାତରେ ଦରଦାମ୍ ବୃଦ୍ଧି ବିରୋଧରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡ ଧରିଥିବା ଦେଖିବାକୁ ମିଳିଥିଲା। ସେହିପରି ଆଳୁ, ପିଆଜ ସହ ଅନ୍ୟାନ୍ୟ ପନିପରିବାରେ ତିଆରି ମାଳ ବେକରେ ପକାଇ ଅଭିନବ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରାକାରୀମାନେ ଅଶୋକନଗର ଅଞ୍ଚଳ ପରିକ୍ରମା କଲାପରେ ରାଜମହଲ ଛକଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସିପିଆଇର ଜୋନ୍ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ ଦରଦାମ୍ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକେଏମ୍‌ୟୁର ରାଜ୍ୟ ସହସମ୍ପାଦକ ଶଙ୍କର୍ଷଣ ବାରିକ, ସିପିଆଇ ଜୋନ ସହସମ୍ପାଦକ କୈଳାସ ପୁହାଣ, ସର୍ବେଶ୍ୱର ମାଥା, ନାରୀନେତ୍ରୀ ମିନତି ପ୍ରଧାନ, ଛେତମ୍ବର ଭୋଇ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ଶରତ ସ୍ୱାଇଁ, ପଞ୍ଚାନନ ସାହୁ ଓ ପ୍ରମୋଦ ମଲ୍ଲିକ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ସଫଳ ରଥଯାତ୍ରା ନୀତିକାନ୍ତି ଲାଗି ଧନ୍ୟବାଦ ଜଣାଇଲେ ଆଇନ ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

ପୁରୀଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଏବଂ ଏ ସମ୍ପର୍କିତ ସମସ୍ତ ନୀତିକାନ୍ତି ସୁଚାରୁଭାବେ ସମ୍ପନ୍ନ ହୋଇଯାଇଛି। ଏଥିପାଇଁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମସ୍ତ ସେବାୟତ, ସେବାୟତ ନିଯୋଗର ପ୍ରତିନିଧିଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି । ଏଥିସହ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ଜିଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀ, ରାଜ୍ୟ ଆରକ୍ଷୀ ବାହିନୀ, ସ୍ୱେଚ୍ଛାସେବୀ ସଙ୍ଗଠନ, ସଫେଇ କର୍ମଚାରୀ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ, ଗଣମାଧ୍ୟମର ପ୍ରତିନିଧିବୃନ୍ଦ, ଅଗଣିତ ଭକ୍ତ, ଶ୍ରଦ୍ଧାଳୁ ଏବଂ ସମସ୍ତ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ସେ ଜଣାଇଛନ୍ତି। ବହୁବର୍ଷ ପରେ ଚଳିତ ବର୍ଷ ରଥଯାତ୍ରା ୨ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳାଠାରୁ ଆରମ୍ଭକରି ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀଙ୍କ ସୁବିଧା ତଥା ବିଭିନ୍ନ ସେବା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ବ୍ୟାପକ ଆୟୋଜନ କରିଥିଲେ। ରଥଯାତ୍ରାକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ମନ୍ତ୍ରୀ ହରିଚନ୍ଦନ ଧନ୍ୟବାଦ ଜଣାଇଛନ୍ତି ।

# କେନ୍ଦ୍ର, ରାଜ୍ୟ ସରକାରଙ୍କ ଯୋଜନା ଓଡ଼ିଶାର ସବୁ ଘରେ ପହଞ୍ଚାଅ: ଅରୁଣ ସିଂ

ଭୁବନେଶ୍ୱର, ୯।୭ (ସୁନିତ୍ ମିଶ୍ର)

ଓଡ଼ିଶାରେ ନିର୍ବାଚନ ସରିଛି ଏବଂ ଭାଜପା ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଛି। ଭାଜପା କାର୍ଯ୍ୟକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇଛି। ଏବେ ଓଡ଼ିଶାରେ 'ଡବଲ ଇଞ୍ଜିନ' ସରକାର। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଓଡ଼ିଶା ଖୁବ୍‌ଶୀଘ୍ର ଦେଶର ୧ ନମ୍ବର ରାଜ୍ୟରେ ପରିଣତ ହେବ। ଓଡ଼ିଶାର ବିକାଶ ପାଇଁ ମୋଦି ସର୍ବଦା ବଦ୍ଧପରିକର ବୋଲି ଭାଜପାର ପୂର୍ବତନ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂ କହିଛନ୍ତି। ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟ ବୁଲିବାକୁ ଆସିଥିବା ଅବସରରେ ଅରୁଣ କହିଛନ୍ତି, ତୃଣମୂଳସ୍ତରରେ ଦଳକୁ ଅଧିକ ଦୃଢ଼ କରିବା ପାଇଁ ଉଦ୍ୟମ ଜାରି ରହିଛି। କାର୍ଯ୍ୟକର୍ତ୍ତା ଓ ନେତାମାନେ ଉତ୍ସାହର ସହ କାର୍ଯ୍ୟ କରୁଛନ୍ତି। ରାଜ୍ୟବାସୀଙ୍କ ସେବାରେ ମନ ନିବେଶ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ଓଡ଼ିଶାର ଘରେ ଘରେ ପହଞ୍ଚାଇବାକୁ ଅରୁଣ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି। ସୋମବାର ସେ ପୁରୀ ଯାଇ ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନେକ ବରିଷ୍ଠ ଓ ପୁରାତନ ନେତା, କର୍ମୀଙ୍କୁ ଭେଟି ସଙ୍ଗଠନ ବିଷୟରେ ଆଲୋଚନା କରିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କ ସହ ପୂର୍ବତନ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂ।

## ଗୋଦାମ ସ୍ଥିତି ବୁଲି ଦେଖିଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

ରାଜ୍ୟରେ ଆଳୁ, ପିଆଜ, ପନିପରିବା ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଦରକୁ ନିୟନ୍ତ୍ରଣ କରିବା, କଳାବଜାର ରୋକିବା ଏବଂ ଖାଉଟିମାନଙ୍କୁ ଉପଯୁକ୍ତ ମୂଲ୍ୟରେ ଦ୍ରବ୍ୟ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ମଙ୍ଗଳବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜଧାନୀର ବିଭିନ୍ନ ଗୋଦାମ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି କ୍ରମରେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କ ସହ ରାଜଧାନୀର ବିଭିନ୍ନ ଆଳୁ, ପିଆଜ ଓ ପରିବା ଗୋଦାମ ଯାଇ ମହଜୁଦ ସାମଗ୍ରୀ ତାଲିକା, ପାଇକାରୀ ଦର ଏବଂ କାଗଜପତ୍ର ତନଖି କରିଛନ୍ତି। ଗୋଦାମକୁ ଦ୍ରବ୍ୟ ଆମଦାନୀଠାରୁ ଆରମ୍ଭକରି ଖୁଚୁରା ବ୍ୟବସାୟୀ ପର୍ଯ୍ୟନ୍ତ ଠିକ୍ ବିତରଣ ବ୍ୟବସ୍ଥା ଏବଂ ଦର ନିୟନ୍ତ୍ରଣକୁ ସୁନିଶ୍ଚିତ କରିବା ଏହି ଯାଞ୍ଚର ମୂଳ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ କହିଛନ୍ତି । ଆଗକୁ ଏଭଳି ଯାଞ୍ଚକୁ ଅଧିକ ବ୍ୟାପକ କରାଯିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଖାଉଟି ଯେପରି ଉପଯୁକ୍ତ ଦରରେ ସାମଗ୍ରୀ ପାଇପାରିବେ ତାହା ନିଶ୍ଚିତ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀକୁ ଅହେତୁକ ଭାବେ ଠୁଳକରି କଳାବଜାର କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପାତ୍ର ସୂଚନା ଦେଇଛନ୍ତି।

# ଏତଲା ଦେଲା ଛାତ୍ର ଓ ଯୁବ କଂଗ୍ରେସ

### ଆଇଗିଣିଆ ଫ୍ଲାଏଓଭର ଦବିଯିବା ଘଟଣା

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

ଆଇଗିଣିଆ ଫ୍ଲାଏଓଭର ବ୍ରିଜ୍ ଦବିବା ଘଟଣାକୁ ନେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଓ ଯୁବ ସଭାପତି ରଣଜିତ ପାତ୍ରଙ୍କ ମିଳିତ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ଆଇଗିଣିଆ ଓଭରବ୍ରିଜ୍ ନିର୍ମାଣକାରୀ ସଂସ୍ଥା ବିରୋଧରେ ମଙ୍ଗଳବାର ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ଏନେଇ ୟାସିର କହିଛନ୍ତି, ଭୁବନେଶ୍ୱର ସହର ମଝିରେ ଯାଇଥିବା ଜାତୀୟ ରାଜପଥ-୧୬ରେ ହୋଇଥିବା ଆଇଗିଣିଆ ଓଭରବ୍ରିଜ୍ ନିର୍ମାଣ ଅତି ନିମ୍ନମାନର ବୋଲି ପ୍ରମାଣିତ ହୋଇଛି। ଏହି ରାସ୍ତାରେ ଦୈନିକ ବହୁ ଗାଡ଼ି ଯିବା ଆସିବା କରିଥାଏ। ମାତ୍ର ଜାତୀୟ ରାଜପଥ ପ୍ରାଧିକରଣ ନିମ୍ନମାନର କାର୍ଯ୍ୟକରି ଲକ୍ଷାଧିକ ଯାତ୍ରୀଙ୍କ ଜୀବନକୁ ବିପଦ ଭିତରକୁ ଠେଲିଦେଇଛି। ଏହି ଫ୍ଲାଏଓଭର ମାତ୍ର ୬ ମାସ ହେଲା ଯାତାୟାତ ପାଇଁ ଖୋଲାଯାଇଥିଲା। ଗତ ଜୁଲାଇ ୮ ତାରିଖ ସେଠାରେ ଗୋଟିଏ ଅଂଶ ଦବିଯାଇ ଏକ ଗର୍ତ୍ତ ସୃଷ୍ଟି ହୋଇଥିଲା। ସେହି ଗର୍ତ୍ତରେ ଏକ ମିନିଟ୍ରକ୍ ଫସିଯାଇଥିଲା। ଫଳରେ ପଛରୁ ଆସୁଥିବା ବହୁ ଗାଡ଼ି ହଠାତ୍ ବ୍ରେକ୍ ମାରିବା କାରଣରୁ ଦୁର୍ଘଟଣା ମଧ୍ୟ ଘଟିଥିଲା। ଏହି ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରି ସାଧାରଣ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଜାତୀୟ ରାଜପଥ ପ୍ରାଧିକରଣ ଏବଂ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାରଙ୍କୁ ତୁରନ୍ତ ଗିରଫ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।


କଂଗ୍ରେସ କର୍ମକର୍ତ୍ତାମାନେ ଆଇଗିଣିଆ ଓଭର ବ୍ରିଜ୍ ଦବିବା ଘଟଣାରେ ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି।

## ଲକ୍ଷ୍ମୀ ବସ୍‌ରେ ଲାଗି ନ ଥିଲା ରଙ୍ଗ: ମନ୍ତ୍ରୀ ବିଭୂତି

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

'ଲକ୍ଷ୍ମୀ' ବସ୍‌ରେ ଲାଗି ନ ଥିଲା ରଙ୍ଗ। କେବଳ ଷ୍ଟିକର ଲଗାଯାଇଥିଲା। ନିର୍ବାଚନ ପରେ ଷ୍ଟିକର ବାହାରି କରିଦେଇଥାଆନ୍ତେ। ସେହି ଯୋଜନାକୁ ବନ୍ଦ କରିଦେଇଥାନ୍ତେ। ଯଦି ଲକ୍ଷ୍ମୀ ବସ୍ ଚଲାଇଥାଆନ୍ତେ, ତେବେ ରଙ୍ଗ ଲଗାଇ ଥାଆନ୍ତେ। ଲକ୍ଷ୍ମୀ ବସ୍‌ର ରଙ୍ଗ ପରିବର୍ତ୍ତନ ପ୍ରସଙ୍ଗରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଙ୍ଗଳବାର ଏଭଳି ମନ୍ତବ୍ୟ ରଖିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ସେ କହିଛନ୍ତି, ଲକ୍ଷ୍ମୀ ବସ୍‌ରେ ଗୋଟିଏ ଦଳର ସିମ୍ବଲ ଲାଗିଥିଲା। ଷ୍ଟିକର ବାହାରକଲା ପରେ ବସ୍ ଅସୁନ୍ଦର ଦେଖାଗଲା। ତେଣୁ ପୁରୁଣା ଓଡ଼ିଶା ଷ୍ଟେଟ୍ ଟ୍ରାନ୍ସପୋର୍ଟର ବସ୍ ସେବା ବେଳର ରଙ୍ଗ ଅରେଞ୍ଜ ଲଗାଯାଇଛି। ତାକୁ ଯଦି ଭାଜପା ରଙ୍ଗ କୁହାଯିବ, ଆମେ ସ୍ୱାଗତ କରିବୁ ବୋଲି କହିଛନ୍ତି। ଆମେ କୌଣସି ଦଳୀୟ ଗନ୍ଧ ଆସିଲା ଭଳି ରଙ୍ଗ ଦେଇନାହୁଁ। ଯାହା ପୂର୍ବରୁ ପ୍ରଚଳିତ ହୋଇ ଆସୁଥିଲା, ସେହି ରଙ୍ଗ ଦେଉଛୁ। ଯେଉଁଠି ଷ୍ଟିକର ଲାଗିଥିଲା, ସେହି ସ୍ଥାନରେ ସେହି ରଙ୍ଗ ମରାଯାଉଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ସେହିଭଳି ଦିଲ୍ଲୀ ନିର୍ଭୟା କାଣ୍ଡ ପରେ ବସ୍‌ରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ରହିଛି। ଆମେ ଆଲୋଚନା କରୁଛୁ, ସବୁ ବସ୍‌ରେ ସିସିଟିଭି ଲଗାଇବୁ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବ ସରକାର ସମୟରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍ ଯୋଜନା ଅନୁଯାୟୀ କିଣାଯାଇଥିବା ବସ୍‌ଗୁଡିକର ରଙ୍ଗ ବଦଳ କରାଯାଇଛି। ଢେଙ୍କାନାଳ ଜିଲାରେ ପ୍ରଥମେ ଏହା ଲକ୍ଷ୍ୟ କରାଯିବା ପରେ ଏହାକୁ ନେଇ ପ୍ରଶ୍ନ ଉଠିଥିଲା।

**ଅନ୍ୟାନ୍ୟ ଖବର**



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମଣିଷର ବୋଲି**
**ପିତା ଗହମାର ମୂଳି ।**

ଯେଉଁମାନେ ଅମଣିଷ ସେମାନଙ୍କଠାରେ ମଣିଷପଣିଆ ନ ଥାଏ। ତାଙ୍କ ଆଚାର, ବ୍ୟବହାର ତଥା କଥାବାର୍ତ୍ତା ଅତ୍ୟନ୍ତ ରୁକ୍ଷ ହୋଇଥାଏ। ଅମଣିଷର କଥା ପିତା ଶାଗ ପରି ଅରୁଚିକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଖାଇ ଖାଇ ମନ କଲା**
**ରାତି ଘରେ ନାହିଁ ଚୁଡା,**
**ଅଶୋଇ ଶୋଇ ମନ କଲା**
**ଷାଠିଏ ବର୍ଷର ବୁଢ଼ା ।**

ଖୋଜିବା ସମୟରେ ଉପଯୁକ୍ତ ପଦାର୍ଥ ନ ପାଇବାର ଅନୁଶୋଚନା। ମଣିଷ ଯେତେବେଳେ ଯାହା ଆଶାକରେ, ସେତେବେଳେ ତାହା ପାଇପାରି ନ ଥାଏ। ପରିସ୍ଥିତି ଦାଉ ସାଧିବା ପରି ସେସବୁ ଦୁଷ୍ପ୍ରାପ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୨ ଦିନ ହେଲା ଉପାସରେ ଚନ୍ଦ୍ରଶେଖର ଜୀଉ

### କପିଳାସ ପୀଠରେ ନୀତି ବିଭ୍ରାଟକୁ ନେଇ ଅସନ୍ତୋଷ

ଢେଙ୍କାନାଳ,୯।୭(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସସ୍ଥିତ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ପୀଠରେ ୨ଦିନ ହେବ ନୀତି ବିଭ୍ରାଟ ଯୋଗୁ ଠାକୁର ଉପାସରେ ରହିଛନ୍ତି। ଏ ସମ୍ପର୍କରେ ଅବଗତ ଥାଇ ମଧ୍ୟ ଦେବୋତ୍ତର ବିଭାଗ ସମସ୍ୟାର ସମାଧାନ କରିପାରୁ ନ ଥିବାରୁ ବହୁ ଶ୍ରଦ୍ଧାଳୁ ସୋସିଆଲ ମିଡିଆରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୂର୍ବତନ ବିଧାୟକ ନବୀନ ନନ୍ଦ ମଧ୍ୟ ସୋସିଆଲ ମିଡିଆରେ ଏହା ପୋଷ୍ଟ କରିଥିବା ଦେଖାଯାଇଛି। କେତେଜଣ ଶ୍ରଦ୍ଧାଳୁ କପିଳାସ ପୀଠ ରୋଷଘରେ ତାଲା ପଡିଥିବା ଫଟୋକୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଏମ୍‌ପି, ଜିଲାପାଳ ପ୍ରମୁଖଙ୍କୁ ଏକ୍ସମାଧ୍ୟମରେ ପଠାଇଥିବା ଜଣାପଡିଛି। ଆବଶ୍ୟକ ମୁତାବକ ସୂଆର ନ ଥିବାରୁ ଠାକୁରଙ୍କ ନୀତିକାନ୍ତି ବିଭ୍ରାଟ ହୋଇଥିବା ଜଣାପଡିଛି।

ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ସକାଳ ଧୂପ ପ୍ରତ୍ୟେହ ପୂର୍ବାହ୍ନ ସାଢେ ୧୦ଟା, ଦ୍ୱିପ୍ରହର ଧୂପ ଅପରାହ୍ନ ସାଢେ ୨ଟା ଓ ରାତ୍ର ଧୂପ ୯ଟା ମଧ୍ୟରେ ହୋଇଥାଏ। କିନ୍ତୁ ଗତ ୨ଦିନ ହେବ ଠାକୁରଙ୍କ ସକାଳ ଧୂପ ଦିନ ୨ଟା ପରେ ହେଉଥିବା ଦେଖାଯାଇଥିଲା। ଫଳରେ ସକାଳୁ ଦିନ ୨ଟା ପର୍ଯ୍ୟନ୍ତ ଠାକୁର ଉପାସରେ ରହୁଥିଲେ। ପୀଠରେ ଥିବା ଠାକୁରଙ୍କ ରୋଷଘରେ ତାଲା ଝୁଲୁଛି। ଦେବୋତ୍ତର ବିଭାଗର ସୂଚନା ଅନୁଯାୟୀ, ବର୍ତ୍ତମାନ କପିଳାସ ପୀଠରେ ୩ଜଣ ପୂଜା ପଣ୍ଡା, ୬ଜଣ ସୁଆର ଓ ସେବାୟତ ପ୍ରାୟ ୭୦ ଜଣ ରହିଛନ୍ତି। ପ୍ରାପ୍ୟ ବୃଦ୍ଧିକୁ ନେଇ ସୁଆର ଓ ସେବାୟତମାନଙ୍କ ମଧ୍ୟରେ ଅସନ୍ତୋଷ ଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ପ୍ରାୟ ଦୁଇବର୍ଷ ତଳେ ତତ୍କାଳୀନ ଜିଲାପାଳଙ୍କ ସହ ମଧ୍ୟ ସୁଆର, ସେବାୟତମାନଙ୍କ ଆଲୋଚନା ହୋଇଥିଲା। ସେହି ସମୟରେ କୌଣସି ନିଷ୍ପତ୍ତି ନ ହେବାରୁ ୯ଜଣ ସେବାୟତ ଇସ୍ତଫା ଦେଇଥିଲେ। ଏହାପରେ ମଧ୍ୟ ସ୍ଥାୟୀ ଭାବରେ ପ୍ରାପ୍ୟ ଚୂଡ଼ାନ୍ତ କରି ସୁଆର ଓ ସେବାୟତ ରଖାଯାଉ ନ ଥିବାରୁ ଏଭଳି ସମସ୍ୟା ହେଉଛି ବୋଲି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଆଲୋଚନା ହେଉଛି। ଅନ୍ୟପଟରେ ବାରମ୍ବାର ଦାବି ପରେ ମଧ୍ୟ କପିଳାସ ପୀଠ ପାଇଁ ଜଣେ ସ୍ୱତନ୍ତ୍ର ସହକାରୀ ଦେବୋତ୍ତର ଅଧିକାରୀ ନିଯୁକ୍ତି ପ୍ରତି ଜିଲା ପ୍ରଶାସନ, ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁନାହାନ୍ତି। ଫଳରେ କପିଳାସ ପୀଠରେ ଦେବୋତ୍ତର ବିଭାଗର ଅଣଦେଖା ଓ ଦାୟିତ୍ୱହୀନତା ଯୋଗୁ ନୀତିକାନ୍ତି ବିଭ୍ରାଟ, ଠାକୁର ଉପାସ ରହିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି। ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ନବୀନ ନନ୍ଦ ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଠାକୁରଙ୍କ ନୀତିକାନ୍ତି ଠିକ୍ ଭାବରେ ପରିଚାଳନା କରିବା ପାଇଁ ସ୍ଥାନୀୟ ପୂଜା ପଣ୍ଡାମାନଙ୍କୁ ପୂର୍ବଭଳି ନିଯୁକ୍ତି ଦେବା ପାଇଁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଦେବୋତ୍ତର ଅଧିକାର ତଥା ଉପଜିଲାପାଳ ସପନ କୁମାର ନନ୍ଦ କହିଛନ୍ତି, ନୀତିକାନ୍ତି ବିଳମ୍ବ ହେବା ସତ। ଅନ୍ୟ ଯାହା ପ୍ରଚାର ହେଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। କପିଳାସ ଯାଇ ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିବା ସହିତ ଆଲୋଚନା କରିଛି। ସୁଆରମାନଙ୍କ ଅସୁସ୍ଥତା ଯୋଗୁ ୨ଦିନ ନୀତିକାନ୍ତି ବିଳମ୍ବ ହୋଇଛି। ବୁଧବାର ଠାରୁ ଠାକୁରଙ୍କ ସମସ୍ତ ନୀତିକାନ୍ତି ଠିକ୍ ଭାବରେ ଚାଲିବା ପାଇଁ ପଦକ୍ଷେପ ନିଆଯାଇଛି।


କପିଳାସ ପୀଠ।


ପୀଠରେ ଥିବା ରୋଷଘର।

# ଡେଙ୍ଗୁ ହଟ୍‌ସ୍ପଟ୍ ଅଞ୍ଚଳରେ ହେବ ସର୍ବେକ୍ଷଣ

**ଭୁବନେଶ୍ୱର, ୯।୭(ଅସମାପିକା ସାହୁ):** ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଉଠିଛି। ଗତ ୫ ବର୍ଷ ଭିତରେ ରାଜ୍ୟର ଯେଉଁ ଅଞ୍ଚଳ ଡେଙ୍ଗୁ ହଟ୍‌ସ୍ପଟ୍ ରହିଆସିଛି, ସେସବୁ ଅଞ୍ଚଳକୁ ମ୍ୟାପିଂ କରିବା ସହ ସେଠାରେ ସର୍ବେକ୍ଷଣ ଆରମ୍ଭ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସମସ୍ତ ଜିଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ମୌସୁମୀ ଓ ଏହାର ପରବର୍ତ୍ତୀ ସମୟରେ ଡେଙ୍ଗୁ ଏବଂ ମ୍ୟାଲେରିଆ ସଂକ୍ରମଣ ବଢୁଥିବାରୁ ଆଗୁଆ ସତର୍କତା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସଂଖ୍ୟକ ଫ୍ରଣ୍ଟଲାଇନ ୱାର୍କର, ଡାଏଗ୍ନୋଷ୍ଟିକ କିଟ୍, ଔଷଧ ମହଜୁଦ ରଖିବା ପାଇଁ କୁହାଯାଇଛି। ଜିଲା ଓ ମହାନଗର ନିଗମସ୍ତରରେ ସବୁ ଅଂଶୀଦାରଙ୍କ ସହ ମିଶି ମିଳିତ ଆକ୍ସନ ପ୍ଲାନ ସମୀକ୍ଷା ପାଇଁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜନସଚେତନତା ସହ ଅନ୍ୟ ସହଯୋଗୀ ବିଭାଗ ସହିତ ସମନ୍ୱୟ ରକ୍ଷା, ଟେଷ୍ଟିଂ, ଚିକିତ୍ସା ଓ ଠିକ୍ ସମୟରେ ରେଫରାଲ ଉପରେ ଗୁରୁତ୍ୱାରୋପ କରାଯାଇଛି। ଡେଙ୍ଗୁ-ମ୍ୟାଲେରିଆ ସଂକ୍ରମଣକୁ ରୋକିବା ଲାଗି ଏହାର ଉତ୍ସକୁ ନଷ୍ଟ କରିବା ସହ ରକ୍ତଭଣ୍ଡାରରେ ରକ୍ତ ସଂରକ୍ଷିତ ରଖିବା ପାଇଁ କୁହାଯାଇଛି। ହସ୍ପିଟାଲଗୁଡ଼ିକରେ ସ୍ୱତନ୍ତ୍ର ଭାବେ ଡେଙ୍ଗୁ ୱାର୍ଡ ଖୋଲିବା ଓ ସାପ୍ତାହିକ ଡ୍ରାଏ ଡେ' ପାଳନ କରିବା ଲାଗି ଜିଲାପାଳଙ୍କୁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ବହୁବାର ଧୋକା ଖାଇଛନ୍ତି ଶ୍ୱେତା

**ମୁମ୍ବାଇ:** ଟିଭି ଅଭିନେତ୍ରୀ ଶ୍ୱେତା ତିୱାରୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ସମୟରେ ଆଲୋଚନା ହୋଇଥାଏ। ମଙ୍ଗଳବାର ଏକ ସାକ୍ଷାତ୍‌କାର ଦେଇ ଜୀବନରେ ସେ ଅନେକବାର ଧୋକା ଖାଇଛନ୍ତି ବୋଲି ଶ୍ୱେତା କହିଛନ୍ତି। ୧୯୯୮ରେ ସେ ପ୍ରଥମେ ରାଜା ଚୌଧୁରୀଙ୍କ ସହ ପ୍ରେମ ବିବାହ କରିଥିଲେ। ପରିବାର ବିରୋଧରେ ଯାଇ ସେ ରାଜାଙ୍କ ସହ ଇଣ୍ଟର୍ କାଷ୍ଟ ମ୍ୟାରେଜ୍ କରିଥିଲେ। ଏହା ସତ୍ତ୍ୱେ ମଧ୍ୟ ରାଜା ତାଙ୍କୁ ଧୋକା ଦେଇଥିବା ଶ୍ୱେତା କହିଛନ୍ତି। ଏହି ସାକ୍ଷାତ୍‌କାରରେ ଶ୍ୱେତା କହିଛନ୍ତି, ରାଜା ତାଙ୍କ ସିରିଏଲ ସେଟ୍‌କୁ ଆସି ହଙ୍ଗାମା କରିବା ସହ ତାଙ୍କୁ ବହୁ ଗାଳିଗୁଲଜ କରୁଥିଲେ। ରାଜାଙ୍କ ଅତ୍ୟାଚାରକୁ ସେ ଦୀର୍ଘ ୯ ବର୍ଷ ହେଲା ସହ୍ୟ କରିଥିଲେ। ଯଦିଓ ସେତେବେଳେ ସେ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ଥିଲେ, ତେବେ ମଧ୍ୟ ନିଜ ପରିବାରର ସମ୍ମାନ ଓ ଝିଅର ଭବିଷ୍ୟତ ପାଇଁ ସେ ରାଜାଙ୍କୁ ଛାଡ଼ପତ୍ର ଦେବାକୁ ଦୀର୍ଘଦିନ ଧରି ଚାହୁଁ ନଥିଲେ ବୋଲି ଶ୍ୱେତା କହିଛନ୍ତି। କିନ୍ତୁ ପରେ ସ୍ଥିତି ଅସମ୍ଭାଳ ହେବାରୁ ୨୦୦୭ରେ ସେ ରାଜାଙ୍କୁ ଛାଡ଼ପତ୍ର ଆବେଦନ କରିଥିଲେ। ଉଭୟଙ୍କର ପଲକ ତିୱାରୀ ନାମ୍ନୀ ଜଣେ ଝିଅ ଅଛନ୍ତି। ପଲକ୍ ୨୦୨୩ରେ ରିଲିଜ୍ ହୋଇଥିବା ସଲମାନ ଖାନ୍‌ଙ୍କ ଫିଲ୍ମ 'କିସି କା ଭାଇ କିସି କି ଜାନ୍' ଯୋଗେ ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି।

ରାଜାଙ୍କ ପରେ ଶ୍ୱେତା ଅଭିନେତା ଅଭିନବ କୋହଲିଙ୍କୁ ୩ ବର୍ଷ ଧରି ଡେଟ୍ କରିବା ପରେ ୨୦୧୩ରେ ବିବାହ କରିଥିଲେ। ଉଭୟଙ୍କର ରିୟାନଶ କୋହଲି ନାମକ ଜଣେ ପୁଅ ମଧ୍ୟ ଅଛନ୍ତି। ତେବେ ଅଭିନବ ମଧ୍ୟ ତାଙ୍କୁ ଧୋକା ଦେଇଥିବା ଶ୍ୱେତା କହିଛନ୍ତି। ଅଭିନବ ତାଙ୍କ ସହ ଘରୋଇ ହିଂସା କରିବା ସହ ଝିଅ ପଲକ୍‌ଙ୍କୁ ନିର୍ଯାତନା ଦେଉଥିଲେ ବୋଲି ଶ୍ୱେତା ୨୦୧୯ରେ ଅଭିଯୋଗ କରିଥିଲେ। ଏହାପରଠାରୁ ଉଭୟ ଅଭିନବ ଓ ଶ୍ୱେତା ପରସ୍ପରଠାରୁ ଅଲଗା ରହୁଛନ୍ତି।



**ସିଏମ୍ଏଫ୍‌ର ନୂତନ ଉତ୍ପାଦ**

ନୂଆଦିଲ୍ଲୀ: ଦେଶର ପ୍ରମୁଖ ସ୍ମାର୍ଟଫୋନ ତଥା ଅନ୍ତଃରାଷ୍ଟ୍ରୀୟ ମୋବାଇଲ ବ୍ରାଣ୍ଡ (ଲଣ୍ଡନଭିତ୍ତିକ ଟେକ୍ନୋଲୋଜି କମ୍ପାନୀ ନଥିଂର ଏକ ସବ୍‌ବ୍ରାଣ୍ଡ୍ ସିଏମ୍‌ଏଫ୍) ସିଏମ୍‌ଏଫ୍‌ର ନୂତନ ଉତ୍ପାଦ 'ସିଏମ୍‌ଏଫ୍ ଫୋନ୍୧, ସିଏମ୍‌ଏଫ୍ ୱାଚ୍ ପ୍ରୋ ୨ ଓ ସିଏମ୍‌ଏଫ୍ ବଡ୍ସ ପ୍ରୋ ୨'ର ସର୍ବଭାରତୀୟ ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ନଥିଂର ସିଇଓ କାର୍ଲେ ପିଇ କହିଥିଲେ, ଆମେ ଆମର ସବ୍‌ବ୍ରାଣ୍ଡ୍ ଜରିଆରେ ୩ଟି ନୂତନ ଉତ୍ପାଦ (ଫୋନ୍) ର ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଫୋନ୍‌ଗୁଡିକରେ ଅନେକ ଆଧୁନିକ ବୈଶିଷ୍ଟ୍ୟ ସହ ଫିଚର ମଧ୍ୟ ସାମିଲ ରହିଛି।

# ଅନୁଗୋଳରେ ହେବ ସର୍ବବୃହତ୍ ଇସ୍ପାତ କାରଖାନା: ଜେଏସ୍‌ପି

ଭୁବନେଶ୍ୱର,୯।୭ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଇସ୍ପାତ ଉତ୍ପାଦକ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) ଓଡ଼ିଶାର ଅନୁଗୋଳଠାରେ ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା ନିର୍ମାଣ କରିବ ବୋଲି ଲୋକ ସଭା ସଦସ୍ୟ ତଥା ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏଭଳି କିଛି କହିଛନ୍ତି। ଏପରିକି ଜେଏସ୍‌ପି ଆସନ୍ତା ୬ବର୍ଷ ମଧ୍ୟରେ ବାର୍ଷିକ ୨୫.୨ ନିୟୁତ ଟନ୍ ଉତ୍ପାଦନ ସହ ବିଶ୍ୱର ସର୍ବବୃହତ୍ ଉତ୍ପାଦକ ଭାବେ ମଧ୍ୟ ପରିଗଣିତ ହେବ ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ସେହିଭଳି କମ୍ପାନୀ ଓଡ଼ିଶାରେ ବର୍ତ୍ତମାନ ବାର୍ଷିକ ୬ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ବିଶିଷ୍ଟ କାରଖାନା ଅନୁଗୋଳଠାରେ ପ୍ରତିଷ୍ଠା କରିଛି। ଏପରିକି କମ୍ପାନୀ ଅନୁଗୋଳ ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ଆବଶ୍ୟକ କାର୍ଯ୍ୟ କରୁଛି ଏବଂ ଆସନ୍ତା ବର୍ଷକ ମଧ୍ୟରେ ଏହି କାରଖାନା ବାର୍ଷିକ ୧୨ନିୟୁତ ଟନ୍ ଇସ୍ପାତ ନିର୍ମାଣ କ୍ଷମତା ହାସଲ କରିବ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଜେଏସ୍‌ପି ଅଧ୍ୟକ୍ଷ ନବୀନଙ୍କ ନେତୃତ୍ୱରେ ଭାରତୀୟ ଇସ୍ପାତ ସଂଘ (ଇଣ୍ଡିଆନ ଷ୍ଟିଲ୍ ଆସୋସିଏଶନ ବା ଆଇଏସ୍‌ଏ)ର ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ଅତିଥି ଭବନଠାରେ ଓଡ଼ିଶାର ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏପରିକି ଇସ୍ପାତ ନିର୍ମାତାମାନଙ୍କୁ ନେଇ ଗଠିତ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ନୂଆ ସରକାରଙ୍କ ଅଧୀନରେ ଓଡ଼ିଶା ଇସ୍ପାତ ଶିଳ୍ପର ଭବିଷ୍ୟତ ଉନ୍ନତ ହେବ ବୋଲି ଆଶା ପ୍ରକଟ କରିଥିଲେ।

ସେହିଭଳି ଭାରତୀୟ ଇସ୍ପାତ ଶିଳ୍ପରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଜିନ୍ଦଲ ବିସ୍ତୃତ ଭାବେ ଆଲୋଚନା କରିବା ସହ ଇସ୍ପାତ ଶିଳ୍ପରେ ସବୁଜ ଶକ୍ତି ଏବଂ ସଷ୍ଟେନେବିଲିଟି ଅଭ୍ୟାସର ବ୍ୟବହାର ଉପରେ ସେ ଆଲୋକପାତ କରିଥିଲେ। ଏପରିକି ରାଜ୍ୟର ଅର୍ଥନୈତିକ ବିକାଶରେ ଉନ୍ନତି ଆଣିବା ପାଇଁ ଇସ୍ପାତ ଶିଳ୍ପର ଅଧିକ ସମ୍ପ୍ରସାରଣ ପାଇଁ ସମ୍ଭାବ୍ୟ ସୁଯୋଗ ସମ୍ପର୍କରେ ମଧ୍ୟ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ।

ସେହିପରି ରାଜ୍ୟରେ ଇସ୍ପାତ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଭିତ୍ତିଭୂମି ଅଭିବୃଦ୍ଧି ଏବଂ ସ୍ଲରି ପାଇପଲାଇନ ଭଳି ସଷ୍ଟେନେବିଲିଟି ପ୍ରକଳ୍ପର ଆବଶ୍ୟକତା ଉପରେ ଏହି ପ୍ରତିନିଧି ଦଳ ବିଶେଷ ଭାବେ ଗୁରୁତ୍ୱାରୋପ କରିଥିଲେ।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ଗଣମାଧ୍ୟମକୁ ସମ୍ବୋଧିତ କରି ନବୀନ ଜିନ୍ଦଲ କହିଥିଲେ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଓଡ଼ିଶାରେ ସର୍ବବୃହତ୍ ଇସ୍ପାତ କାରଖାନା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣକରିବା ସହ କମ୍ପାନୀର ଅନୁଗୋଳ ଇସ୍ପାତ କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ସହିତ ଏବଂ ଆସନ୍ତା ବର୍ଷ ମଧ୍ୟରେ ଏହି କାରଖାନା ବାର୍ଷିକ ୧୨ ନିୟୁତ ଟନ୍ ଇସ୍ପାତ ନିର୍ମାଣ କ୍ଷମତା ହାସଲ କରିବ।

ସୂଚନାଯୋଗ୍ୟ, ନବୀନ ଜିନ୍ଦଲ ଏହି ଗସ୍ତ ସମୟରେ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଗ୍ରାମ ତରଙ୍ଗ ପ୍ରକଳ୍ପ ଏବଂ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଆଦି ପରିଦର୍ଶନ କରିବା ସହ ଏହି ଶିକ୍ଷାନୁଷ୍ଠାନଗୁଡିକ ଦ୍ୱାରା ପରିଚାଳିତ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ। ଏପରିକି ଉକ୍ତ ଅନୁଷ୍ଠାନଗୁଡିକର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ଭିତ୍ତିଭୂମିକୁ ନବୀନ ଉଚ୍ଚ ପ୍ରଶଂସା କରିଥିଲେ।

# ପିପିଏଫ୍‌ଏଲ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୯।୭ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ପ୍ରିନ୍ସ ପାଇପ୍ସ ଆଣ୍ଡ ଫିଟିଂସ ଲିମିଟେଡ୍ (ପିପିଏଫ୍‌ଏଲ୍)ର ନୂତନ ଅଭିଯାନ 'ଅଭିନବ ରଥ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ତା'ର ଉଚ୍ଚମାନର ପାଇପ୍ ଓ ଫିଟିଂ ବ୍ୟବହାରକରି ଏକ ଅଭିନବ ରଥ ଢାଞ୍ଚା ନିର୍ମାଣ ସହ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଏହି ରଥ ୨୦୨୪ ଜୁଲାଇ ୭ରୁ ୧୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ପୁରୀଠାରେ ପ୍ରଦର୍ଶିତ ହେବ।

ବିଶେଷକରି ଏହି ରଥର ଉଚ୍ଚତା ୧୫ଫୁଟ ହୋଇଥିଲାବେଳେ ଏଥିରେ ତିନୋଟି ସ୍ତର ରହିଛି। ଏହି ରଥକୁ ପାଇପ୍ ବହୁମୁଖିତାର କଳାତ୍ମକ ପ୍ରତିନିଧିତ୍ୱ ଭାବେ ଡିଜାଇନ କରାଯାଇଥିବା ଏହା ସୃଜନଶୀଳତା ଏବଂ ଇଞ୍ଜିନିୟରିଂ ଉତ୍କର୍ଷ ପ୍ରଦର୍ଶନକରି ଭାରତରେ ଏକ ଅଗ୍ରଣୀ ଉପଲବ୍ଧି। ପ୍ରିନ୍ସ ପାଇପ୍ସ ଆଣ୍ଡ ଫିଟିଂସ ଲିମିଟେଡ୍‌ର ଭିପି ଷ୍ଟ୍ରାଟେଜି ନିହାର ଛେଡ଼ା କହିଛନ୍ତି, ଆମ ଡିଏନ୍‌ଏରେ ଅଭିନବତା ଅନ୍ତର୍ଭୁକ୍ତ ରହିଥିଲାବେଳେ ସରଳ ଦିଗ ପ୍ରତି ଆମର ଅନନ୍ୟ ଆଭିମୁଖ୍ୟ ହେଉଛି ଆମର ଦୁର୍ଗ ଏବଂ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହି ରଥ ପ୍ରତିଷ୍ଠା ନବସୃଜନ ପ୍ରତି ଆମର ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଆମେ ଆଶା କରୁଛୁ ଯେ ପୁରୀବାସୀ ଏହି ସୃଷ୍ଟିରେ ଆଶ୍ଚର୍ଯ୍ୟ ହେବେ ଏବଂ ପ୍ରିନ୍ସ ପାଇପ୍ସଙ୍କ ଉଦ୍ଭାବନ, ବିଶ୍ୱାସ ଏବଂ ଗୁଣବତ୍ତା ପ୍ରତି ସମର୍ପଣକୁ ଅନୁଭବ କରିବେ।

# ରିଅଲ୍‌ମି ୧୩ପ୍ରୋ ସିରିଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୯।୭ (ଅଭୟ ଦାଶ)

ରିଅଲ୍‌ମିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ୧୩ ପ୍ରୋ ସିରିଜର ଅନାବରଣ ନିକଟରେ ହୋଇଯାଇଛି। ଚଳିତ ମାସରେ କମ୍ପାନୀର ପ୍ରଥମ ଏଆଇ ପ୍ରଫେସନାଲ କ୍ୟାମେରା ସ୍ମାର୍ଟଫୋନ୍ 'ରିଅଲ୍‌ମି ୧୩ ପ୍ରୋ ସିରିଜ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ୨୦୨୪ରେ କମ୍ପାନୀର ଏହା ୨ୟ ନମ୍ବର ସିରିଜର ଶୁଭାରମ୍ଭ ଭାରତୀୟ ବଜାରରେ ହୋଇଯାଇଛି। ଏପରିକି ରିଅଲ୍‌ମି ୧୩ ପ୍ରୋ ସିରିଜ ପ୍ରଥମ ଏଆଇ ପ୍ରଫେସନାଲ କ୍ୟାମେରା ଫୋନ୍ ହେବାର ପ୍ରତିଶ୍ରୁତି ଆଣିଛି, ଯାହା ଡିଏସ୍‌ଏଲ୍‌ଆର୍-ଲେଭେଲ ଫିଚରଗୁଡିକରେ ସୁସଜ୍ଜିତ ରହିଛି। ଏହି ଇମେଜିଂ ପାୱାର ହାଉସ୍‌ର କେନ୍ଦ୍ରରେ ଡୁଆଲ ସୋନି ସେନ୍ସର ରହିଛି, ଯାହା ମୋବାଇଲ ଫଟୋଗ୍ରାଫିକୁ ନୂଆ ଉଚ୍ଚତାକୁ ନେଉଛି।

ସେହିଭଳି ୪-ଇନ୍-୧ ପିକ୍ସେଲ ଫ୍ୟୁଜନ ଟେକ୍ନୋଲୋଜି, ହାଇ-ଟ୍ରାନ୍ସପରେନ୍ସି ଗ୍ଲାସ୍ ଲେନ୍ସ ଓ ଏକ ହାଲୁକା ପେରିସ୍କୋପ ଡିଜାଇନ ଭଳି ଫିଚରଗୁଡ଼ିକ ସହ ଏହାର କ୍ୟାମେରା ବିଭିନ୍ନ ସୁଟିଂ ପରିଦୃଶ୍ୟରେ ୱାଇଡ୍-ଆଙ୍ଗେଲ ଲ୍ୟାଣ୍ଡସ୍କେପଠାରୁ ଆରମ୍ଭ କରି ଲଙ୍ଗ୍-ଡିଷ୍ଟାନ୍ସ କ୍ୟାପ୍‌ଚରଗୁଡିକ ପର୍ଯ୍ୟନ୍ତ ଚମତ୍କାର ଫଟୋକ୍ୱାଲିଟି ପ୍ରଦାନ କରିବା ପାଇଁ ଆଗପଛ ହୋଇ କାର୍ଯ୍ୟ କରିଥାଏ।

ସେହିପରି ୧୦ଗୁଣରୁ ୩୦ଗୁଣ ଜୁମ୍ ରେଞ୍ଜରେ ଇମେଜ୍ ଡିଗ୍ରେଡେଶନର ସାଧାରଣ ସମସ୍ୟା ଦୂରକରିଥାଏ। ଏହା ଲୋ-ରିଜୋଲ୍ୟୁଶନ ଫଟୋଗୁଡିକୁ ଉନ୍ନତ କରିବାରେ ଦକ୍ଷ, ଯାହା ଏହାକୁ ପୁରୁଣା ଫଟୋ, ସୋସିଆଲ ମିଡିଆ ଇମେଜ କିମ୍ବା ଲୋ-ରିଜୋଲ୍ୟୁଶନ ଭିଡିଓଗୁଡିକର ଫ୍ରେମ୍‌ଗୁଡିକୁ ଅପ୍‌ଗ୍ରେଡ୍ କରିବା ପାଇଁ ଉପଯୁକ୍ତ ଡିଭାଇସ୍‌ରେ ପରିଣତ କରୁଛି।

# ୱାକାଥନ ଜରିଆରେ କ୍ୟାନ୍‌ସର ସଚେତନତା

ଭୁବନେଶ୍ୱର,୯।୭ (ଅଭୟ ଦାଶ)




ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା କଟକ ତେଲଙ୍ଗାପେଣ୍ଠସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ବାଲେଶ୍ୱରଠାରେ ରୋଟାରି କ୍ଲବ୍ ସହଭାଗିତାରେ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ମେଗା ୱାକାଥନ (କ୍ୱିଟ୍ ଟୋବାକୋ)ର ଆୟୋଜନ ସହ ୱାକାଥନ ଜରିଆରେ କ୍ୟାନ୍‌ସର ସଚେତନତା ରାଲି ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନଠାରୁ ବାହାରି ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଯାଇଥିଲା।

କ୍ୟାନ୍‌ସରର ଭୟବହତାକୁ ନେଇ ସମଗ୍ର ବିଶ୍ୱ ବର୍ତ୍ତମାନ ଚିନ୍ତିତ ଥିଲାବେଳେ ଏହାର ନିରାକରଣ ଦିଗରେ ବିଶ୍ୱର ବହୁ ବୈଜ୍ଞାନିକ କାର୍ଯ୍ୟରତ ଅଛନ୍ତି। ସେମାନେ ତାଙ୍କର ଚେଷ୍ଟା ଜାରି ରଖିଥିବାବେଳେ ସଚେତନତା ହିଁ ବର୍ତ୍ତମାନର ସମୟ ପାଇଁ ସର୍ବୋଷଧୀ। କାର୍ଯ୍ୟକ୍ରମର ୨ୟ ଅଧିବେଶନରେ ଏକ ସଚେତନତା ସଭା ଜିଲା ଅତିଥି ଭବନଠାରେ ଆୟୋଜନ କରାଯାଇଥିଲା। ଏହି ସଭାରେ ବାଲେଶ୍ୱର ଜିଲାର ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ସହଦେବ ଖୁଣ୍ଟା ଥାନା ଅଧିକାରୀ ଜୟନ୍ତ ବେହେରା, ରୋଟାରି କ୍ଲବ୍‌ର ସଭାପତି ରୋଟାରିଆନ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସମ୍ପାଦକ ରୋଟାରିଆନ ପ୍ରବଳ ସିହ୍ନା ଏବଂ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ଡା.ରଞ୍ଜିତ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ୟାନ୍‌ସରଠାରୁ ଦୂରେଇରହିବା ପାଇଁ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ପ୍ରଦାନ ସହ ଏକ ସଚେତନମୂଳକ କାର୍ଯ୍ୟକ୍ରମ 'ହାଭ ମୋର ଟି, ନୋ ମୋର ପଫ୍' ମାଧ୍ୟମରେ ଚା ସେବନ କର ହେଲେ, ଚା ସେବନ ପରେ ଧୂମପାନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରିବା ପାଇଁ ଅତିଥିମାନେ ବିସ୍ତୃତ ଭାବେ ମତବ୍ୟକ୍ତ କରିବା ସହିତ ପରାମର୍ଶ ମଧ୍ୟ ଦେଇଥିଲେ।

# ମ୍ୟୁଚୁଆଲ ଫଣ୍ଡରେ ବିନିଯୋଗ ବୃଦ୍ଧି

ଭୁବନେଶ୍ୱର,୯।୭
(ଅନୁରାଧା ମହାରଣା)

ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ବିନିଯୋଗ ଜୁନ୍ ମାସରେ ଏକ ନୂତନ ରେକର୍ଡରେ ପହଞ୍ଚିଛି। ଏହି ମାସରେ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ବିନିଯୋଗ ୧୭% ବୃଦ୍ଧି ପାଇଛି। ମେ ମାସରେ ୩୪,୬୯୭ କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ଜୁନ୍‌ରେ ପ୍ରବାହ ୪୦,୬୦୮.୧୯ କୋଟି ରହିଛି। ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡସ ଅଫ୍ ଇଣ୍ଡିଆ (ଏମ୍‌ଏଫ୍‌ଆଇ) ଏହି ପରିସଂଖ୍ୟାନ ପ୍ରକାଶ କରିଛି। ଏମ୍‌ଏଫ୍‌ଆଇ ଚେୟାରମ୍ୟାନ ନବନିତ ମୁନୋଟ କହିଛନ୍ତି, ଜୁନ୍‌ରେ ମୋଟ ଏସ୍‌ଆଇପି ପ୍ରବାହ ସର୍ବକାଳୀନ ରେକର୍ଡ ଛୁଇଁଛି। ମେ ମାସରେ ୨୦,୯୦୪ କୋଟି ଟଙ୍କା ଥିବାବେଳେ ଜୁନ୍‌ରେ ୨୧,୨୬୨ କୋଟି ଟଙ୍କା ରହିଛି। ଜୁନ୍‌ରେ ଏସ୍‌ଆଇପି ମାଧ୍ୟମରେ ୫୫.୧ ଲକ୍ଷ ନୂତନ ଫୋଲିଓ ଯୋଗ କରାଯାଇଛି। ସେହିପରି ଏସ୍‌ଆଇପି ଏୟୁଏମ୍ ୧୨.୪୩ ଲକ୍ଷ କୋଟି ଟଙ୍କା ହୋଇଛି। ତେବେ ଜୁନ୍‌ରେ ମ୍ୟୁଚୁଆଲ ଫଣ୍ଡରେ ୪୩,୬୩୬ କୋଟି ଟଙ୍କା ପ୍ରବାହ ହୋଇଛି ଯାହାକି, ମେ ମାସରେ ୧.୧ ଲକ୍ଷ କୋଟି ଟଙ୍କା ବିନିଯୋଗ ହୋଇଛି। ନିଟ୍ ଏୟୁମ୍ ଜୁନ୍‌ରେ ୬୧.୨ ଲକ୍ଷ କୋଟିରେ ପହଞ୍ଚିଥିଲା, ଯାହା ମେ ମାସରେ ୫୮.୯ ଲକ୍ଷ କୋଟି ଥିଲା।

ମେ ମାସରେ ୩୪,୬୯୭ କୋଟି ଟଙ୍କା ଆସିଥିବାବେଳେ ୪୦,୬୦୮ କୋଟି ଟଙ୍କାର ନିବେଶ ଇକ୍ୱିଟି ଫଣ୍ଡରେ ଆସିଥିଲା। ମିଡ୍‌କ୍ୟାପ୍ ପାଣ୍ଠିର ପ୍ରବାହ ମେ ମାସରେ (ଏମ୍‌ଓଏମ୍) ୨,୬୦୬ କୋଟି ଟଙ୍କା ଥିବାବେଳେ ଜୁନ୍‌ରେ ୨,୫୨୮ କୋଟି ଟଙ୍କା ରହିଛି। ମେ ମାସରେ (ଏମ୍‌ଓଏମ୍) ୨,୭୨୫ କୋଟି ତୁଳନାରେ ସ୍ମଲ୍ କ୍ୟାପ୍ ପାଣ୍ଠିର ପ୍ରବାହ ୨,୨୬୩ କୋଟି ଟଙ୍କା ରହିଛି। ସେହିପରି ୯୭୦ କୋଟି ଟଙ୍କା ବିନିଯୋଗ ଲାର୍ଜ କ୍ୟାପ ପାଣ୍ଠିରେ ବିନିଯୋଗ ହୋଇଛି ଯାହାକି, ମେ ମାସରେ ୬୬୩ କୋଟି ଟଙ୍କା ରହିଥିଲା। ଫ୍ଲେକ୍ସି କ୍ୟାପ୍ ଫଣ୍ଡରେ ୩,୦୫୯ କୋଟି ଟଙ୍କା ରହିଥିବାବେଳେ ମେ ମାସରେ ୩,୧୫୫ କୋଟି ଟଙ୍କା ବିନିଯୋଗ କରାଯାଇଥିଲା।

**ରାଜ୍ୟ ଖବର**

# ସାଙ୍ଗକୁ ବଞ୍ଚାଇବାକୁ ଯାଇ ଚାଲିଗଲା ଜୀବନ

**୨ଜଣଙ୍କ ଉପରେ ମାଡ଼ିଗଲା ଟ୍ରେନ**

ବାହାନଗା, ୯।୭ (ଅରୂପ୍ କୁମାର ଦାସ)

ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରୁଥିବା ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ଚାଲିଗଲା ଅନ୍ୟ ଜଣେ ସାଙ୍ଗଙ୍କ ଜୀବନ। ଉଭୟଙ୍କ ଉପରେ ଟ୍ରେନ ମାଡ଼ିଯିବାରୁ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାହାନଗା ରେଳଷ୍ଟେଶନ ଅଧୀନ ଦାଣ୍ଡହରିପୁର ରେଳଫାଟକ ନିକଟରେ। ସୋମବାର ରାତି ପ୍ରାୟ ୨ଟା ବେଳେ ସାଉଦୁ ଆଡୁ ଦୁଇଜଣ ସାଙ୍ଗ ଏକ ମୋଟର ସାଇକେଲ ଯୋଗେ ଦାଣ୍ଡହରିପୁର ରେଳଫାଟକ ନିକଟରେ ପହଞ୍ଚିଥିଲେ। ସେତେବେଳେ ଫାଟକ ପଡିଥିଲା। ଦୁଇଜଣ ମଧ୍ୟରେ ଜୋରରେ ଯୁକ୍ତିତର୍କ ହେବା ସହିତ ଟଣାଓଟରା ଲାଗିଥିଲେ। ଏହି ସମୟରେ ପୁରୀ-ହାୱଡା ଏକ୍ସପ୍ରେସ ଫାଟକ ପାଖାପାଖି ପହଞ୍ଚିବା ସମୟରେ ଦୁଇଜଣଙ୍କ ମଧ୍ୟରୁ ଜଣେ ଟ୍ରେନ୍ ଆଗକୁ ଦୌଡିଯାଇଥିଲେ। ଅନ୍ୟଜଣେ ତାଙ୍କ ପଛରେ ଦୌଡି ଉଦ୍ଧାର କରିବା ବେଳକୁ ଟ୍ରେନ ଉଭୟଙ୍କୁ ଧକ୍କା ଦେଇଥିଲା। ଉଭୟ ମଦ୍ୟପାନ କରିଥିବା ନିକଟସ୍ଥ ଫାଟକ ଜଗୁଆଳି କହିଛନ୍ତି। ସେମାନେ ହେଲେ ଆରୁହାବାଡ ଗ୍ରାମର ରମାକାନ୍ତ ପାଢୀଙ୍କ ପୁଅ ରାକେଶ କୁମାର ପାଢୀ(୩୨) ଓ ଅନ୍ୟଜଣେ ବରିପଦା ଗ୍ରାମର ହେମନ୍ତ ସାହୁଙ୍କ ପୁଅ ରତିକାନ୍ତ ସାହୁ(୨୫)। ଖବର ପାଇ ବାଲେଶ୍ୱର ଜିଆରପିଏଫ ପୋଲିସ୍ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ଉଭୟ ଯୁବକଙ୍କ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତେବେ ଦୁର୍ଘଟଣା ପରେ ଫାଟକ ପାଖରେ ଛିଡା ହୋଇଥିବା ବାଇକ୍‌କୁ ସେଠାରୁ କେହି ନେଇଯାଇଥିବା ଜଣାପଡିଛି।



ମୃତ ରାକେଶ, ରତିକାନ୍ତ।

# ଗୁଳି ଫୁଟାଇ ବ୍ୟାଙ୍କ ଆଗରୁ ଲୁଟି ନେଲେ ୧୨ଲକ୍ଷ

▪ ଜଣେ ଆହତ
▪ ପୋଲିସ, ସାଇବର ଏକ୍ସପର୍ଟ ଟିମ୍‌ର ତନାଘନା

ଖଇରା, ୯।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବର୍ତ୍ତନାସ୍ଥିତ ଇଣ୍ଡିଆନ ବ୍ୟାଙ୍କକୁ ଜମା କରିବାକୁ ଆସିଥିବା ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଗୁଳି ମାରି ୬ଜଣ ଦୁର୍ବୃତ୍ତ ୧୨ଲକ୍ଷ ନେଇ ଫେରାର ହୋଇଯାଇଛନ୍ତି। ବ୍ୟାଙ୍କ ସମ୍ମୁଖରେ ଏହି ଘଟଣା ଘଟିଛି। ଗୋଡରେ ଗୁଳି ବାଜିଥିବା ପମ୍ପ କର୍ମଚାରୀ ବିଷ୍ଣୁ ପ୍ରସାଦ ମହାପାତ୍ର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଇରା ଓ ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ନୀଳଗିରି ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ସାଇବର ଏକ୍ସପର୍ଟ ଟିମ୍, ଖଇରା ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଚଳାଇଛନ୍ତି। ୨ ମାସ ମଧ୍ୟରେ ୭ରୁ ଅଧିକ ଡାକୟତି, ଲୁଟ୍ ଓ ଚୋରି ଖଇରାବାସୀଙ୍କ ନିଦ ହଜାଇ ଦେଇଛି। ମଙ୍ଗଳବାର ଅପରାହ୍ନରେ କୁପାରୀ କୁପେଶ୍ୱର ପେଟ୍ରୋଲ ପମ୍ପର ୨ କର୍ମଚାରୀ ଅଜୟ ମହାପାତ୍ର ଓ ବିଷ୍ଣୁପ୍ରସାଦ ମହାପାତ୍ର ଆନୁମାନିକ ୧୨ଲକ୍ଷ ଟଙ୍କା ଧରି ବର୍ତ୍ତନାସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ଜମା କରିବାକୁ ଯାଇଥିଲେ। ଟଙ୍କା ଲୁଟ୍‌ର ଯୋଜନା କରି ୨ଟି ବାଇକରେ ୬ଜଣ ଦୁର୍ବୃତ୍ତ କର୍ମଚାରୀଙ୍କ ପଛେ ପଛେ ଆସିଥିଲେ। ପମ୍ପ କର୍ମଚାରୀମାନେ ଶାଖା କାର୍ଯ୍ୟାଳୟକୁ ଯାଉଥିବା ବେଳେ ବ୍ୟାଙ୍କ କାର୍ଯ୍ୟାଳୟ ଗେଟ ନିକଟରେ ଲୁଟେରାଙ୍କ ମଧ୍ୟରୁ ୨ଜଣ ବିଷ୍ଣୁ ଧରିଥିବା ଟଙ୍କା ବ୍ୟାଗକୁ ଟାଣିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ହୋଇଥିଲା। ଜଣେ ଯୁବକ ବିଷ୍ଣୁଙ୍କ କାନ୍ଧକୁ ପ୍ରଥମେ ଗୁଳି ମାରିଥିଲେ। ତାହା ନ ବାଜିବାରୁ ପୁନଶ୍ଚ ଗୋଡକୁ ଗୁଳି ମାରିଥିଲେ। ଆହତ ପରେ ବିଷ୍ଣୁ ଟଙ୍କା ବ୍ୟାଗଟିକୁ ଛାଡିବାକୁ ବାଧ୍ୟ ହୋଇଥିଲେ। ସେତେବେଳକୁ ବ୍ୟାଙ୍କରେ ଥିବା ଅନ୍ୟ ଗ୍ରାହକମାନେ ଭୟରେ ଦୌଡାଦୌଡି ଆରମ୍ଭ କରିଥିଲେ। ପରେ ଲୁଟେରାମାନେ ଆଗରପଡା-କୁପାରୀ ରାସ୍ତାରେ ଆସିଥିବା ବାଇକରେ କୁପାରୀ ଆଡକୁ ପଳାଇଥିଲେ। ଲୁଟ୍ ସମ୍ପର୍କରେ ଏସ୍‌ପି ସାଗରିକା ନାଥଙ୍କ ସହ ଯୋଗାଯୋଗ କରିବାରେ ଅପରାଧୀମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା କହିଛନ୍ତି।



ବ୍ୟାଙ୍କ ଗେଟ୍ ସମ୍ମୁଖରେ ଟଙ୍କା ବ୍ୟାଗ୍ ଧରି ପମ୍ପ କର୍ମଚାରୀ ଓ ଲୁଟେରାଙ୍କ ମଧ୍ୟରେ ଧସ୍ତାଧସ୍ତି ଦୃଶ୍ୟ।

# ଜଙ୍ଗଲ ଜମିରେ ଚାରାରୋପଣ ନେଇ ଗୋଷ୍ଠୀ ସଂଘର୍ଷ

**ଉଭୟ ପକ୍ଷରୁ ୨୩ ଆହତ**

ଝରିଗାଁ, ୯।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ଅଧୀନ ଧୋହଡ଼ାକୋଟ ସଂରକ୍ଷିତ ଜଙ୍ଗଲରେ ଚାରାରୋପଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଉଭୟ ପକ୍ଷରୁ ପ୍ରାୟ ୨୩ ଜଣ ଆହତ ହୋଇ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସେମାନେ ହେଲେ ଧୋହଡ଼ାକୋଟ ଗ୍ରାମର ଗୁରୁବାରୁ ଜାନୀ, ମଙ୍ଗୁଲୁ ଜାନୀ, କମଲୋଚନ ଜାନୀ, ରଇବାରୀ ଜାନୀ, ବଳରାମ ଜାନୀ, ନୀଳ ଜାନୀ, ନାଷ୍ଟି ଜାନୀ, ଖମ୍ବାରୁ ଜାନୀ, ରଇବାରୀ ଜାନୀ, ସମାୟୀ ଜାନୀ, ସାବେ ଜାନୀ, ନବ ଜାନୀ, କୃଷ୍ଣ ଜାନୀ, ରବି ଜାନୀ, ଅନନ୍ତ ଜାନୀ, ମଳୟ ଜାନୀ ଏବଂ ନକ୍ସାପଦର ଗ୍ରାମର ମନୋଧର ଜାନୀ, କବି ଜାନୀ, ଚଉବନ ଜାନୀ, ଶୁଦ୍ର ଜାନୀ, ମକରମ ଜାନୀ, ଘାସିରାମ ଜାନୀ, ଭଦ୍ର ଜାନୀ ଆହତ ହୋଇଛନ୍ତି। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ଝରିଗାଁ ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି। ଧୋହଡାକୋଟ ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଦୀର୍ଘ ବର୍ଷ ଧରି ସେମାନେ ନିକଟସ୍ଥ ବାଙ୍କଣି ଜଙ୍ଗଲକୁ ସଫା କରି ଚାଷ କରି ଆସୁଛନ୍ତି। ତେବେ ନକ୍ସାପଦର ଗ୍ରାମବାସୀ ଧୋହଡାକୋଟ ଗ୍ରାମର ସଂରକ୍ଷିତ ଜଙ୍ଗଲରେ ଥିବା ନୀଳ ଜାନୀଙ୍କ ଜମିରେ ଚାରାରୋପଣ ପାଇଁ ଜୁନ୍ ମାସରେ ଗାତ ଖୋଳିଥିଲେ। ଏହାକୁ ନେଇ ୨ଗ୍ରାମ ମଧ୍ୟରେ ମନାନ୍ତର ରହିଥିଲା। ତେବେ ସୋମବାର ବିଳମ୍ବିତ ରାତିରେ ନକ୍ସାପଦର ଗ୍ରାମବାସୀ ଟ୍ରାକ୍ଟର ଏବଂ ବାଇକରେ ଧୋହଡ଼ାକୋଟ ଆସି ଗ୍ରାମବାସୀଙ୍କ ଘରେ ଘରେ ପଶି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ନକ୍ସାପଦର ଗ୍ରାମର ମନଧର ଜାନୀଙ୍କ ଅଭିଯୋଗ ପ୍ରକାରେ ସୋମବାର ଧୋହଡାକୋଟ ଗ୍ରାମର କେତେଜଣ ସଂରକ୍ଷିତ ଜଙ୍ଗଲରେ ଚାରାରୋପଣକୁ ନେଇ କଂଗ୍ରା ନିକଟରେ ତାଙ୍କ ସହ ଗଣ୍ଡଗୋଳ କରିଥିଲେ। ଏପରି କି ମାଡ଼ ମାରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ନକ୍ସାପଦରବାସୀ ଧୋହଡ଼ାକୋଟ ଗ୍ରାମବାସୀଙ୍କୁ ଝଗଡା ନ କରିବା ସହ ବୁଝାଇବାକୁ ସେଠାକୁ ଯାଇଥିଲେ। ଏହି ସମୟରେ ଧୋହଡ଼ାକୋଟ ଗ୍ରାମବାସୀ ନକ୍ସାପଦରବାସୀଙ୍କୁ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଏଥିରେ ଉଭୟ ପକ୍ଷରୁ ୨୩ ଜଣ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସୂଚନା ମିଳିଛି।

# ୧ କେଜି ସୁନା ଅଳଙ୍କାର ଜବତ, ବଙ୍ଗୀୟ ଯୁବକ ଗିରଫ

**ଜିଏସ୍‌ଟି ଫାଙ୍କି କାରବାର**

କଟକ,୯।୭ (କାର୍ତ୍ତିକ ସାହୁ)

କଟକ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ମଙ୍ଗଳବାର ରେଳଷ୍ଟେଶନରୁ ୧ କେଜି ସୁନା ଅଳଙ୍କାର ଜବତ କରିବା ସହ ଜଣେ ବଙ୍ଗୀୟ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ଜିଲା ଅନ୍ତର୍ଗତ ଘଣ୍ଟାଳ ଅଞ୍ଚଳର ପଳାଶ ପାତ୍ର(୩୭)। ଜବତ ସୁନା ଅଳଙ୍କାରର ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଜିଏସ୍‌ଟି ଫାଙ୍କିବା ପାଇଁ ଏଭଳି ଚୋରା କାରବାର କରାଯାଉଥିବା ତଦନ୍ତବେଳେ ଜଣାପଡ଼ିଛି। ସୂଚନା ଅନୁସାରେ, ବିଶ୍ୱସ୍ତସୂତ୍ରରୁ ଖବରପାଇ କଟକ ଆର୍‌ପିଏଫ୍ ଅଧିକାରୀ ଓ କର୍ମଚାରୀମାନେ ପୁରୀ-ହାଓଡ଼ା ଧଉଳି ଏକ୍ସପ୍ରେସ୍ (ଟ୍ରେନ୍ ନଂ- ୧୨୮୨୨)ରେ ଚଢ଼ାଉ କରିଥିଲେ। ଟ୍ରେନ୍‌ଟି ମଧ୍ୟାହ୍ନ ୧୨ଟା ୧୫ରେ ଆସିବାକୁ ଥିଲା, ମାତ୍ର ତାହା ବିଳମ୍ବ କାରଣରୁ ଅପରାହ୍ନ ୧ଟାରେ କଟକ ରେଳଷ୍ଟେଶନରେ ପହଞ୍ଚିଥିଲା। ଉକ୍ତ ଟ୍ରେନ୍‌ର ଏସି କୋଚ୍‌ରେ ଯାତ୍ରା କରୁଥିବା ପଳାଶଙ୍କୁ ସନ୍ଦେହରେ ପଚରାଉଚୁରା କରାଯାଇଥିଲା। ଏଥିସହ ତାଙ୍କ ନିକଟରୁ ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଜବତ କରାଯାଇଥିଲା। ପଚରାଉଚରାବେଳେ ସେ ଅଳଙ୍କାରଗୁଡ଼ିକୁ ଭୁବନେଶ୍ୱରରୁ ନେଇ କୋଲକାତାର ଜଣେ ଅଳଙ୍କାର ବ୍ୟବସାୟୀଙ୍କୁ ବିକ୍ରି ପାଇଁ ଯୋଗାଣ କରିବାକୁ ଯାଉଥିବା କହିଥିଲେ। ମାତ୍ର ଏନେଇ ସେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ଯୁବକଙ୍କ ନିକଟରୁ ସମସ୍ତ ସୁନା ଅଳଙ୍କାର ଜବତ କରାଯାଇଥିଲା। ଏନେଇ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ତେବେ ସୁନା ବ୍ୟବସାୟରେ ସରକାରୀ ଟିକସ ଫାଙ୍କିବା ପାଇଁ ଏପରି ଚୋରା କାରକାର କରାଯାଉଥିବା ଆର୍‌ପିଏଫ୍ ତଦନ୍ତବେଳେ ଜାଣିବାକୁ ପାଇଛି। ତେଣୁ ଜିଏସ୍‌ଟି ଅଧିକାରୀଙ୍କୁ ଏନେଇ ଅବଗତ କରାଯିବା ସହ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଟକ ଆର୍‌ପିଏଫ୍ ଆଇଆଇସି ଅନିଲ ସିଂହ ସୂଚନା ଦେଇଛନ୍ତି।



ଜବତ ସୁନା

# ବିଷାକ୍ତ କୀଟ ଦଂଶନରେ ବ୍ୟବସାୟୀ ମୃତ

କଣ୍ଟାପଡା, ୯।୭(ସୂରନାରାୟଣ ସାହୁ)

ବିଷାକ୍ତ କୀଟ ଦଂଶନରେ ମଙ୍ଗଳବାର ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଓଲଟପୁର ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ଭଜନାନନ୍ଦ ପୃଷ୍ଟି(୫୨)। ଦାମୋଦରପୁର ବଜାରରେ ଭଜନାନନ୍ଦଙ୍କ ପାନ ଦୋକାନ ରହିଛି। ସକାଳେ ସେ ଦୋକାନକୁ ଆସି ଡାଲାରୁ ପାନ ଆଣୁଥିବାବେଳେ ଏକ ବିଷାକ୍ତ କୀଟ ତାଙ୍କୁ କାମୁଡି ଦେଇଥିଲା। ଫଳରେ ସେ ଅସୁସ୍ଥ ହେବାରୁ ତାଙ୍କୁ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ବଜାର ବନ୍ଦ ରହିଥିଲା।

# କଲରାପତରିଆ ଛାଲ ଜବତ, ୩ ଗିରଫ

ଖଡ଼ିଆଲ,୯।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଲ ବନ ବିଭାଗକୁ ବଡ ସଫଳତା ମିଳିଛି। ଜିଲାର ସିନାପାଲି ରେଞ୍ଜ ଛତିଶଗଡ଼ ସୀମାନ୍ତରେ କର୍ମଚାରୀମାନେ ଚଢାଉ କରି ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିଛନ୍ତି। ଏହାସହ ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସୀମାନ୍ତରେ ବାଘ ଛାଲ ସମ୍ପର୍କରେ ସୋମବାର ଛତିଶଗଡ଼ ବନ ବିଭାଗ ଖବର ପାଇ ଖଡିଆଲ ଡିଏଫ୍‌ଓଙ୍କୁ ଜଣାଇଥିଲା। ଏହା ପରେ ଖଡିଆଲ ଡିଏଫ୍‌ଓ ଅଜିଜ୍ ଖାନ୍‌ଙ୍କ ନେତୃତ୍ୱରେ ସିନାପାଲି ରେଞ୍ଜର କର୍ମଚାରୀମାନେ ସୀମାନ୍ତରେ ଚଢାଉ କରିଥିଲେ। ମଙ୍ଗଳବାର ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତଦନ୍ତରେ ବ୍ୟାଘାତ ସୃଷ୍ଟିହେବା ଦର୍ଶାଇ ଡିଏଫ୍‌ଓ ଅଭିଯୁକ୍ତଙ୍କ ନାମ ଦେବାକୁ ମନା କରିଥିଲେ। ହେଲେ ସେମାନଙ୍କ ବିରୋଧରେ ୧୨୪ ଓ ୧୨୫ନଂ.ରେ ମାମଲା ରୁଜୁ ହୋଇଛି ବୋଲି ଡିଏଫ୍‌ଓ ଖାନ୍ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଜବତ ବାଘଛାଲ ଓ ଗିରଫ ଅଭିଯୁକ୍ତମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ......................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମ୍ୟାନ୍‌ମାରଠାରୁ ଭାରତ ପରାସ୍ତ


ଭାରତ ଓ ମ୍ୟାନମାର ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ୟାଙ୍ଗୁନ (ମ୍ୟାନମାର), ୯।୭ (ପି.ଟି.)**

### ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟବଲ

ବିଳମ୍ବିତ ଗୋଲ ବରଣ ମ୍ୟାନ୍‌ମାର ବିପକ୍ଷରେ ଭାରତକୁ ପରାଜୟ ସ୍ୱାଦ ଚଖାଇଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟ୍‌ବଲ ମ୍ୟାଚରେ ଭାରତୀୟ ଦଳ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ୧-୨ ଗୋଲରେ ଘରୋଇ ଦଳ ନିକଟରୁ ହାରି ଯାଇଛି। ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଖେଳୁଥିବା ୱିନ୍ ଥିଙ୍ଗ ଟୁନ୍ ୧୪ଶ ମିନିଟରେ ଏକ ଗୋଲ ଦେଇ ମ୍ୟାନ୍‌ମାରକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ମ୍ୟାନ୍‌ମାରର ଏହି ଅଗ୍ରଣୀ ବଳବତ୍ତର ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଟୁନ୍‌ଙ୍କ କ୍ଲବ ଟିମ୍‌ମେଟ୍ ଓଡ଼ିଶାର ପ୍ୟାରୀ ଖାଖା ୫୮ତମ ମିନିଟରେ ଗୋଲଟିକୁ ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ମାତ୍ର ୭୪ତମ ମିନିଟରେ ମେ ଥେଟ ମୋନ୍ ମିଣ୍ଟଙ୍କ ଫ୍ରି-କିକ୍‌କୁ ଗୋଲରେ ପରିଣତ କରି ସାନ୍ ଥାଓ ମ୍ୟାନ୍‌ମାରକୁ ପୁଣି ଅଗ୍ରଣୀ କରିଥିଲେ। ଶେଷରେ ଏହି ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଦୀର୍ଘ ୫ ବର୍ଷ ବ୍ୟବଧାନରେ ମ୍ୟାନ୍‌ମାରକୁ ଭାରତ ଭେଟିଥିଲା। ଏହା ହେଉଛି ମ୍ୟାନ୍‌ମାର ବିପକ୍ଷରେ ଭାରତର ୬ ମ୍ୟାଚରୁ ୫ମ ପରାଜୟ। ଏହା ପୂର୍ବରୁ ୨୦୧୯ରେ ମାଣ୍ଡାଲେଠାରେ ଏଏଫ୍‌ସି ଓମେନ୍ସ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଦୁଇ ଦଳ ମଧ୍ୟରେ ହୋଇଥିବା ମୁକାବିଲା ୩-୩ ଗୋଲରେ ଡ୍ର ରହିଥିଲା। ଭାରତୀୟ ଦଳ ଏହାର ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଆସନ୍ତା ଶୁକ୍ରବାର ଖେଳିବ।

# ଜୟସ୍ୱାଲଙ୍କ ଉପରେ ନଜର

**ହରାରେ, ୯।୭ (ପି.ଟି.)**

ଭାରତ ଓ ଜିମ୍ବାୱେ ମଧ୍ୟରେ ଚଳିତ ସିରିଜର ତୃତୀୟ ଟି୨୦ କ୍ରିକେଟ ମ୍ୟାଚ ବୁଧବାର ହରାରେ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ପ୍ରଥମ ୨ଟି ମ୍ୟାଚ ପରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ୧-୧ ସ୍ଥିତିରେ ରହିଛି। ପ୍ରଥମ ଟି୨୦ରେ ଜିମ୍ବାୱେ ଜିତିଥିବାବେଳେ ଦ୍ୱିତୀୟ ମ୍ୟାଚ ଜିତି ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଗତ ମାସରେ ଟି୨୦ ବିଶ୍ୱକପ୍ ଜିତିଥିବା ଦଳର ସଦସ୍ୟ ଯଶସ୍ୱୀ ଜୟସ୍ୱାଲ, ସଞ୍ଜୁ ସାମସନ ଓ ଶିବମ୍ ଦୁବେ ଆସି ଦଳ ସହ ଯୋଗ ଦେଇଛନ୍ତି। ଫଳରେ ଟିମ୍ କମ୍ବିନେଶନକୁ ନେଇ ଉତ୍କଣ୍ଠା ବଢ଼ିଛି। ବିଶେଷ କରି ଜୟସ୍ୱାଲଙ୍କ ବ୍ୟାଟିଂ ପୋଜିଶନ ଉପରେ ନଜର ରହିଛି। ପ୍ରଥମ ୨ଟି ମ୍ୟାଚରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ସହ ଇନିଂସ ଓପନ କରିଛନ୍ତି ଅଭିଷେକ ଶର୍ମା। ସେ ପ୍ରଥମ ମ୍ୟାଚରେ ଫେଲ୍ ମାରିଥିଲେ ହେଁ ଦ୍ୱିତୀୟ ମ୍ୟାଚରେ ବିସ୍ଫୋରକ ଶତକ ହାସଲ କରି ନିଜ ଦକ୍ଷତା ଦେଖାଇଛନ୍ତି। ମାତ୍ର ଜୟସ୍ୱାଲ ୧୭ଟି ଟି୨୦ ଅନ୍ତର୍ଜାତୀୟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସହ ୧୬୧ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ୍ ହାର ରଖିଥିବାରୁ ତାଙ୍କୁ ଅଣଦେଖା କରାଯାଇ ପାରିବନାହିଁ। ସେ ବିଶ୍ୱକପ୍ ବିଜୟୀ ଦଳର ରିଜର୍ଭ ଓପନର ମଧ୍ୟ ଥିଲେ। ସେ ଗିଲ୍‌ଙ୍କ ସହ ଇନିଂସ ଓପନ କଲେ ଅଭିଷେକଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ ହେବ ନଚେତ୍ ବାହାରେ ବସିବାକୁ ପଡ଼ିବ।

ବିରଳ ହେଲେ ମଧ୍ୟ ମାଇଲଖୁଣ୍ଟ ଇନିଂସ ଖେଳିବା ପରେ ଖେଳାଳି ଦଳରୁ ଡ୍ରପ୍ ହେବାର ନଜିର ପୂର୍ବରୁ ରହିଛି। ୨୦୧୧ରେ ମନୋଜ ତିୱାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିବା ପରେ ଏବଂ ୨୦୧୬ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ କରୁଣ ନାୟାର ତ୍ରିଶତକ ହାସଲ କରିବା ପରେ ଦଳରୁ ବାହାରେ ରହିଥିଲେ। ମାତ୍ର ଅଧିନାୟକ ଗିଲ୍ ୧୪ ବର୍ଷରୁ କମ୍ ବେଳରୁ ଖେଳି ଆସୁଥିବା ତାଙ୍କ ପ୍ରିୟ ବନ୍ଧୁଙ୍କ ପ୍ରତି ଏପରି ସମ୍ଭବତଃ କରିବେ ନାହିଁ। ଏହା ହେଲେ ଜୟସ୍ୱାଲ କିମ୍ବା ଅଭିଷେକଙ୍କ ମଧ୍ୟରୁ ଜଣେ ତୃତୀୟ ସ୍ଥାନରେ ଆସିବେ। ରାଜସ୍ଥାନ ରୟାଲ୍ସ ପକ୍ଷରୁ ସ୍ୱାଭାବିକ ଭାବେ ୩ ନମ୍ବରରେ ଖେଳୁଥିବା ସାମସନ ୫ ନମ୍ବରରେ ଆସିବେ ଏବଂ ପୂର୍ବ ୨ ମ୍ୟାଚରେ ୩ ନମ୍ବରରେ ଖେଳିଥିବା ଋତୁରାଜ ଗାଏକ୍ୱାଡ୍‌ଙ୍କୁ ୪ ନମ୍ବରରେ ଆସିବାକୁ ପଡ଼ିବ। ପ୍ରଥମ ୨ଟି ମ୍ୟାଚ ପାଇଁ ଦଳରେ ସାମିଲ ହୋଇଥିବା ବି. ସାଇ ସୁଦର୍ଶନଙ୍କ ସ୍ଥାନରେ ଜୟସ୍ୱାଲ ପ୍ଲେଇଂ ଇଲେଭେନରେ ରହିବେ। ଉଇକେଟକିପର ଧ୍ରୁବ ଜୁରେଲଙ୍କ ସ୍ଥାନରେ ସାମସନ ଏବଂ ଗତ ବିଶ୍ୱକପ୍‌ରେ ଖେଳିଥିବା ଦୁବେ ସମ୍ଭବତଃ ରିୟାନ ପରାଗଙ୍କୁ ରିପ୍ଲେସ କରିବେ। ଜିମ୍ବାୱେ ସ୍ପିନରଙ୍କ ବିପକ୍ଷରେ ଦୁବେ ପ୍ରଭାବୀ ହେବା ଆଶା କରାଯାଉଛି। ଅଧିନାୟକ ଗିଲ୍ ପ୍ରଥମ ୨ଟି ମ୍ୟାଚରେ ବିଫଳ ହୋଇଛନ୍ତି। ତେଣୁ ତାଙ୍କ ବ୍ୟାଟ୍‌ରୁ ଏକ ବଡ଼ ସ୍କୋର ଆଶା କରାଯାଉଛି।

ଜିମ୍ବାୱେ ପାଇଁ ବ୍ୟାଟିଂ ବିଭାଗ ଚିନ୍ତାର କାରଣ ରହିଛି। ପ୍ରଥମ ମ୍ୟାଚରେ ଆଗେ ବ୍ୟାଟିଂକରି ଏହି ଦଳ ମାତ୍ର ୧୧୫ ରନ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ୨୩୫ ରନ ଚେଜ୍‌କରି ୧୩୪ରେ ସୀମିତ ରହିଥିଲା। ହରାରେ ସ୍ପୋର୍ଟ୍ସ କ୍ଲବ ଟ୍ରାକ୍‌ରେ ସ୍ପିନରଙ୍କୁ ଅତିରିକ୍ତ ବାଉନ୍ସ ମିଳୁଥିବାରୁ ରବି ବିଷ୍ଣୋଇ (୮ ଓଭରରେ ୬/୨୪) ଏବଂ ୱାଶିଂଟନ ସୁନ୍ଦର (୮ ଓଭରରେ ୩/୩୯)ଙ୍କୁ ଖେଳିବାରେ ଜିମ୍ବାୱେ ବ୍ୟାଟରମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପ୍ରଥମ ଟି୨୦ରେ ୧୩ ରନରେ ହାରିବା ପରେ ଭାରତ ଦ୍ୱିତୀୟ ମ୍ୟାଚରେ ୫ ବଦଳରେ ୪ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ଖେଳିଥିଲା। ଏହା କାମ ଦେଇଥିଲା। ପ୍ରଥମେ ବ୍ୟାଟିଂ କରିବା ମଧ୍ୟ ଦଳକୁ ଆଡ୍‌ଭାଣ୍ଟେଜ୍ ଦେଇଥିଲା।


ହରାରେଠାରେ ବିସିସିଆଇ, ଜିମ୍ବାୱେ କ୍ରିକେଟ ଓ ଜିମ୍ବାୱେ ଟୁରିଜମ୍ ପକ୍ଷରୁ ଭାରତୀୟ କ୍ରିକେଟ ଦଳ ଏବଂ ସେମାନଙ୍କ ପରିବାରପାଇଁ ଆୟୋଜିତ ୱାଇଲ୍ଡ ଲାଇଫ୍ ଟୁର୍ କାର୍ଯ୍ୟକ୍ରମ।

### ଭାରତ-ଜିମ୍ବାୱେ ତୃତୀୟ ଟି୨୦ ଆଜି

**ମ୍ୟାଚ ଆରମ୍ଭ: ଅପରାହ୍ଣ ୪ଟା ୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ**

# ଫ୍ଲାଇଙ୍ଗ୍ ଫିନ୍ ପାଭୋ ନୁର୍ମି

ଅଲିମ୍ପିକ୍ସର ଅଷ୍ଟମ ସଂସ୍କରଣ ୧୯୨୪ରେ ଫ୍ରାନ୍ସର ପ୍ୟାରିସ୍‌ରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବରେ ପ୍ୟାରିସ୍‌ରେ ଦ୍ୱିତୀୟ ଥର ପାଇଁ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜିତ ହୋଇଥିଲା। ଏହି ଅଲିମ୍ପିକ୍ସରେ ୪୪ ଦେଶ ଅଂଶଗ୍ରହଣ କରିଥିବା ବେଳେ ମୋଟ ୩୦୮୯ ଆଥଲେଟ ସାମିଲ ଥିଲେ। ଏହା ମଧ୍ୟରେ ୨୯୫୪ ପୁରୁଷ ଓ ୧୩୫ ମହିଳା ଖେଳାଳି ଥିଲେ। ଫ୍ରାନ୍ସର ସର୍ବାଧିକ ୪୦୧ ଆଥଲେଟ ଭାଗ ନେଇଥିବା ବେଳେ ଆମେରିକା ୨୨୯ ଆଥଲେଟ ପଠାଇଥିଲା। ତେବେ ଆମେରିକା ୪୫ ସ୍ୱର୍ଣ୍ଣ ସହିତ ୨୭ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇ ପ୍ରଥମ ସ୍ଥାନ ହାତେଇବାରେ ସଫଳ ହୋଇଥିଲା। ୧୪ ସ୍ୱର୍ଣ୍ଣ ସହ ଫିନଲାଣ୍ଡ ଦ୍ୱିତୀୟ ଓ ଫ୍ରାନ୍ସ ୧୩ ସ୍ୱର୍ଣ୍ଣ ସହ ତୃତୀୟ ସ୍ଥାନ ଅର୍ଜନ କରିଥିଲା। ଫିନଲାଣ୍ଡ ଆଥଲେଟିକ୍ସ ଦଳକୁ ଫ୍ଲାଇଙ୍ଗ୍ ଫିନ୍ କୁହାଯାଉଥିବା ବେଳେ କିମ୍ବଦନ୍ତୀ ଆଥଲେଟ ପାଭୋ ନୁର୍ମି ଏକାକୀ ୫ଟି ପଦକ ଜିତିଥିଲେ। ଭାରତ ଏହି ଅଲିମ୍ପିକ୍ସରେ ଇଂଲଣ୍ଡ ଜାତୀୟ ପତାକା ଅଧୀନରେ ଅଂଶଗ୍ରହଣ କରିଥିଲା। ଭାରତ ୭ ଜଣିଆ ଦଳ ପଠାଇଥିବା ବେଳେ ଗୋଟିଏ ବି ପଦକ ହାସଲ କରି ପାରି ନ ଥିଲା। ୧୭ଟି କ୍ରୀଡ଼ା ଇଭେଣ୍ଟ ଏହି ଅଲିମ୍ପିକ୍ସର ଅଂଶ ରହିଥିବା ବେଳେ ୭ଟି ଡେମୋନଷ୍ଟ୍ରେଶନ ସ୍ପୋର୍ଟ୍ସ ସାମିଲ ରହିଥିଲା। ବାସ୍କ ପେଲୋଟା, କ୍ୟାନୋଇଂ, ଲା କାନେ, ସଭାଟେ, ବେସ୍ ବଲ୍, ବାସ୍କେଟବଲ୍ ଓ ଭଲିବଲକୁ ଡେମୋନଷ୍ଟ୍ରେଶନ ସ୍ପୋର୍ଟ୍ସ ଭାବରେ ରଖାଯାଇଥିଲା। ୧୯୨୪ରେ ପ୍ୟାରିସ୍‌ର ମୋଟ ୧୭ଟି ଷ୍ଟାଡିୟମ ବ୍ୟବହାର କରାଯାଇଥିଲା। ଏହି ଅଲିମ୍ପିକ୍ସରେ ମୋଟ ୧ କୋଟି ଫ୍ରାଙ୍କ ଖର୍ଚ୍ଚ ହୋଇଥିବା ବେଳେ ୫୪ ଲକ୍ଷ ୯୬ ହଜାର ୬୧୦ ଫ୍ରାଙ୍କ ଅର୍ଥ ରାଜକୋଷକୁ ଆସିଥିଲା।

୧୯୨୪ରେ ଉରୁଗୁଏ ଫୁଟବଲ ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ଫିନଲାଣ୍ଡ ଟ୍ରାକ୍ ଆଣ୍ଡ ଫିଲ୍ଡ ଦଳ ପାଭୋ ନୁର୍ମିଙ୍କ ଅଧୀନରେ ଚମତ୍କାର ପ୍ରଦର୍ଶନ କରିଥିଲା। ପାଭୋ ନୁର୍ମି ୧୯୨୦ରେ ୪ଟି ପଦକ ଜିତିଥିବା ବେଳେ ପ୍ୟାରିସ୍‌ରେ ମଧ୍ୟ ସମାନ ସଫଳତା ଦୋହରାଇଥିଲେ। ଫିନ୍‌ଲାଣ୍ଡ ଟ୍ରାକ୍ ଆଣ୍ଡ ଫିଲ୍ଡରେ ମୋଟ ୧୩ ପଦକ ଜିତିଥିଲେ। ସେ ୧୫୦୦, ୫୦୦୦ ମିଟର, ୩୦୦୦ ମିଟର ଟିମ୍ ରେସ୍, ବ୍ୟକ୍ତିଗତ କ୍ରସ୍ କଣ୍ଟ୍ରି ଓ ଟିମ୍ କ୍ରସ୍ କଣ୍ଟ୍ରି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୂର୍ବରୁ ଅଲିମ୍ପିକ୍ସ ଭିଲେଜର ପ୍ରଚଳନ ନ ଥିବା ବେଳେ ୧୯୨୪ରେ ପ୍ରଥମ ଥର ପାଇଁ ଏହା ଆରମ୍ଭ ହୋଇଥିଲା।



**ପ୍ୟାରିସ୍ ଅଲିମ୍ପିକ୍ସ**
PARiS 2024
ଆଉ ୧୬ ଦିନ

# ଓସିଏଲ୍-୨୦୨୪

## ଓଡ଼ିଶା ପୁମାସ୍, ଜାଗୁଆର୍ସ ବିଜୟୀ

**ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ୨ଟି ମ୍ୟାଚରେ ଓଡ଼ିଶା ପୁମାସ୍ ଓ ଜାଗୁଆର୍ସ ବିଜୟ ହାସଲ କରିଛି। ଦିବସର ବର୍ଷାବାଧାପ୍ରାପ୍ତ ପ୍ରଥମ ମ୍ୟାଚରେ ପୁମାସ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୧୭ ରନରେ ଓଡ଼ିଶା ଟାଇଗର୍ସକୁ ପରାସ୍ତ କରିଛି। କାର୍ତ୍ତିକ ବିଶ୍ୱାଳ (୫୦)ଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ପୁମାସ ୨୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରିଥିଲା। ସ୍ୱସ୍ତିକ ସାମଲ ୩୧ ରନ କରିଥିଲେ। ବିପକ୍ଷ ଦଳର ସୁମିତ ଶର୍ମା ଓ ତାରିଣୀ ସ' ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଟାଇଗର୍ସ ୧୫ ଓଭରରେ ୫ ଉଇକେଟ ହରାଇ ୯୧ ରନ କରିଥିବାବେଳେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଡିଏଲ୍‌ଏସ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଜାଗୁଆର୍ସ ୫ ଉଇକେଟରେ ଓଡ଼ିଶା ପାନ୍ଥର୍ସକୁ ହରାଇ ଦେଇଛି। ପାନ୍ଥର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୨୭ ରନ କରିଥିଲା। ସତ୍ୟକାମ ଭରଦ୍ୱାଜ ମାତ୍ର ୧୭ ବଲ୍‌ରୁ ୪୩ ରନକରି ଅପରାଜିତ ରହିଥିଲେ। ବିପକ୍ଷ ଦଳର କ୍ରିଷ୍ଣା ପଲାଇ ୩ଟି ଉଇକେଟ ନେଇଥିଲେ। ୧୨୮ ରନର ବିଜୟ ଲକ୍ଷ୍ୟକୁ ଜାଗୁଆର୍ସ ୧୯.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଭେଙ୍କଟେଶ୍ ଭଦ୍ରେ ସର୍ବାଧିକ ୭୩ ରନ କରିଥିଲେ। ୨ଟି ମ୍ୟାଚରେ ଯଥାକ୍ରମେ କାର୍ତ୍ତିକ ବିଶ୍ୱାଳ ଓ ଭେଙ୍କଟେଶ ଭଦ୍ରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ହରି ନାରାୟଣ ପୂଜାରି ଓ ରାଜଶ୍ରୀ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ନାଗାଲ ୨ୟ ରାଉଣ୍ଡରେ

**ବ୍ରାଉନ୍‌ସ୍ୱିଗ୍, ୯।୭ (ପି.ଟି.):** ଭାରତର ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଟେନିସ ଖେଳାଳି ସୁମିତ ନାଗାଲ ଏଠାରେ ଚାଲିଥିବା ବ୍ରାଉନ୍‌ସ୍ୱିଗ୍ ଏଟିପି ଚ୍ୟାଲେଞ୍ଜର ପୁରୁ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଲିମ୍ପିକ୍ସରେ ଭାଗନେବାକୁ ଥିବା ନାଗାଲ ଏହି କ୍ଲେ-କୋର୍ଟ ଇଭେଣ୍ଟରେ ବ୍ରାଜିଲର ଫିଲିପ୍ ମେଲିଜେନି ଆଲ୍‌ଭେସଙ୍କ ବିପକ୍ଷରେ ୬-୧, ୬-୪ ସେଟ୍‌ରେ ବିଜୟ ଲାଭ କରିଛନ୍ତି।


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

Khandayat boy 32+/ B.Tech/MBA/SBI Manager/ "SUHAG"- 9938199964, 9090486408. D-674


REAL ESTATE

**SALE**

Plot for sale Balasore 40 dismil near Hotel Zaika International, both side road, Owner. 8763066010. D-586

**Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445.** D-75971

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.-3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-679


CONSTRUCTION

**Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-680


FOR RENT

ତମାଣ୍ଡୋ ବଜାର ନିକଟରେ ଦୋତାଲା ୩ଟା ରୁମ୍ (13'x26'), ଚଉଡ଼ା ବାରଣ୍ଡା, କମ୍ପ୍ୟୁଟର, ଟ୍ୟୁଟୋରିଆଲ୍, ଜିମ୍, ଗୋଦାମ ପାଇଁ ବ୍ୟବହାର ଉପଯୋଗୀ। ଯୋଗାଯୋଗ- 9337415674, 9437607869 ୧୨୦୦ବର୍ଗଫୁଟ। ଧ-୭୦୯୧




**Relax, Refresh your body, Mind at Saikrupa Spa with best therapies. 8984068077.** D-678

Relax, refresh your body, mind by expert therapist. Contact: 9938843929. D-76132

Newly open health benefits spa special offer @999 Bapujinagar, 8018429809. D-76131

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Monalisa massage Club: All types Body massage with hiprofile smart lady rooms service available. 9708545108. D-694

Fully relaxed body massage trained therapist. Central SPA. 9556483961. D-75759

Newly open Jyoti SPA positively health benefits (Expert therapist). 8458067955. D-76130

Kerala body massage best Therapist, Bhubaneswar. 9337672475. D-696

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Odisha, India dated 9th July, 2024 having affidavit No.- 35, I, Pabitra Kumar Rath, resident of A-101, Shantivaan, Belgachhia, Trishulia, Cuttack, Odisha, India, 754005 declare that I have changed my son's name from 'Swati Aarav Rath' or 'S. Aarav Rath' (Old name) to Aarav Rath (New name) having the birthdate of 25th July, 2010. Henceforth, he shall be known as Aarav Rath for all purposes.
Pabitra Kumar Rath
D-699

As per affidavit before Executive Magistrate, I, Sabitri Pradhan and Prakanti Pradhan is one and same person in our locality. My name is in LIC document bearing Policy No.-589332377 Prakanti Pradhan Henceforth, I shall be known as Sabitri Pradhan for all purposes in future. D-698

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit before the Executive Magistrate, Saintala on dt.05.07.2024, I, Golekha Bhoi, S/o- Late Jogeswar Bhoi, resident of Village At- Phapsi (Badmal), P.O.- Gandapatrapali, P.S.- Saintala, Dist.- Balangir have changed my son name Rohan Kumar Bhoi to Kushumesh Kumar Bhoi. Henceforth, my son shall be known as Kushumesh Kumar Bhoi for all purpose. D-701

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**୯ମ ଶ୍ରାଦ୍ଧବାର୍ଷିକୀ**



**✓ବିନୋଦିନୀ ରାଉତରାୟ**
ନିରାକାରପୁର, ରସୁଲଗଡ଼, ଭୁବନେଶ୍ୱର
ସ୍ୱା- ଅନାମ ଚରଣ ରାଉତରାୟ
ଆବିର୍ଭାବ: ୩୦।୦୬।୧୯୪୪
ତିରୋଧାନ: ୧୦।୦୭।୨୦୧୫
ତୁ ଛାଡ଼ି ଚାଲିଯିବାର ଆଜକୁ ୯ବର୍ଷ ହେଲାଣି। ମାତ୍ର ଏହା ମୋ ପାଇଁ ୯ ଯୁଗ ପରି ଲାଗୁଛି। ତୁ ଛାଡ଼ି ଚାଲି ଯିବା ପରେ ଏତେ ଦୁଃଖ, କଷ୍ଟରେ ସମୟ କାଟିବାକୁ ହେବ ବୋଲି ଧାରଣା ନଥିଲା। ତେବେ ସେ ବିଷୟ ଭାବି ଲାଭ କ'ଣ? ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ସ୍ୱାମୀ ଅନାମ ଓ ସପରିବାର ନିବେଦନ କରୁଛୁ।
ଧ-୭୦୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ଜୁରିଆ ମୁଦୁଲି**
ସ୍ଥାନ- ବ୍ରହ୍ମନଗର ୩ୟ ଲାଇନ୍, ହନୁମାନ ମନ୍ଦିର ନିକଟ, ବ୍ରହ୍ମପୁର, ଗଞ୍ଜାମ
ତିରୋଧାନ : ୨୯.୦୬.୨୦୨୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀକୃତ ଜୀବନାଦର୍ଶକୁ ପାଥେୟ କରି ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
(ଶ୍ରଦ୍ଧାଞ୍ଜଳି ସହ)
ପୁତ୍ର- କୃପାସିନ୍ଧୁ ମୁଦୁଲି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୯୭

# ଫସଲ ଉତ୍ପାଦନରେ ଫସ୍‌ଫରସ୍‌ର ଭୂମିକା


ପ୍ର. ସୁବୋଧ କୁମାର ସାହୁ

ଫସଲରୁ ଶତପ୍ରତିଶତ ଅମଳ ପାଇବା ପାଇଁ ୧୭ ଗୋଟି ଖାଦ୍ୟ ଉପାଦାନ ଆବଶ୍ୟକ ହୋଇଥାଏ । ସେଥିମଧ୍ୟରୁ ଫସ୍‌ଫରସ୍ ଅନ୍ୟତମ । ଫସଲରେ ମାଟି ଓ ପ୍ରୟୋଗ ହେଉଥିବା ଖତ ଓ ସାରରୁ ପାଉଥିବା ୩ ଗୋଟି ମୁଖ୍ୟ ଖାଦ୍ୟ ଉପାଦାନ ମଧ୍ୟରୁ ଫସ୍‌ଫରସ୍‌ର ସ୍ଥାନ ଦ୍ୱିତୀୟ । ଫସଲ ଫସ୍‌ଫରସ୍‌କୁ ଫସ୍‌ଫରିକ୍ ଅମ୍ଳ ଭାବେ ଚେ଼ର ଦ୍ୱାରା ଗ୍ରହଣକରେ । ଫସ୍‌ଫରସ୍ ଫସଲର ଚେ଼ର ବୃଦ୍ଧି ଘଟାଇ ମାଟିରୁ ଜଳ ଏବଂ ସମସ୍ତ ଖାଦ୍ୟ ଉପାଦାନକୁ ସଂଗ୍ରହ କରାଏ। ଏହା ବ୍ୟତୀତ ଚେ଼ର ଫସଲକୁ ମାଟିରେ ଦୃଢ଼ଭାବେ ଧରି ରଖେ।

ଫସ୍‌ଫରସ୍ ଫସଲରେ ଆଶାନୁରୂପ ଫୁଲ ଓ ଫଳ ଆଣେ । ଉକ୍ତ ଉପାଦାନ ଫସଲର କୋଷ ବୃଦ୍ଧି ଘଟାଇ ଶସ୍ୟର ପ୍ରୋଟିନ୍ ବା ପୁଷ୍ଟିସାର ଭାଗ ବଢ଼ାଏ । ଫସ୍‌ଫରସ୍ ଅଭାବରେ ଫସଲର ଚେ଼ର ଏବଂ ଶାଖା ପ୍ରଶାଖା ସଂଖ୍ୟା କମି ଗଛର ଅଭିବୃଦ୍ଧିରେ ବାଧା ସୃଷ୍ଟିହୁଏ । ଗଛର ଶ୍ୱେତସାର ଖାଦ୍ୟ ପ୍ରସ୍ତୁତି ପରିମାଣ କମେ । କମ୍ ସଂଖ୍ୟାରେ ଫୁଲ ଓ ଫଳ ଆସି ବିଳମ୍ବରେ ପରିପକ୍ୱ ହୁଏ । ସର୍ବୋପରି ଶସ୍ୟ ଅମଳ ଆଶାନୁରୂପ ହୁଏ ନାହିଁ । ଫସ୍‌ଫରସ୍‌ର ଅଭାବ ମୁଖ୍ୟତଃ ଅମ୍ଳ ମାଟିରେ ଦେଖାଯାଏ । ଅମ୍ଳ ମାଟିରେ ଥିବା ଦ୍ରବଣୀୟ ଆଲୁମିନିୟମ ଏବଂ ଲୁହା ମାଟିରେ ଥିବା ସୁଲଭ ଫସ୍‌ଫରସ୍‌କୁ ବାନ୍ଧି ରଖି ଉକ୍ତ ଉପାଦାନକୁ ଗଛର ଚେ଼ର ଦ୍ୱାରା ଶୋଷଣ କରିବାକୁ ଦିଏ ନାହିଁ । ତେଣୁ ଫସଲରେ ଫସ୍‌ଫରସ୍‌ର ଅଭାବ ଦେଖାଯାଏ । ଏହାର ପ୍ରତିକାର ପାଇଁ ମାଟିରେ ଚୂନ ଜାତୀୟ ପଦାର୍ଥ ପ୍ରୟୋଗ କରିବାକୁ ପଡ଼େ । ମାଟି ପରୀକ୍ଷାରୁ ଫସ୍‌ଫରସ୍‌ର ସ୍ଥିତି ଏବଂ କେତେ ଚୂନ ପ୍ରୟୋଗ କରିବାକୁ ପଡ଼ିବ ଜଣାପଡ଼େ । ମାଟି ପରୀକ୍ଷା ହୋଇ ନ ଥିଲେ ମାଟିର ବୟନରୁ କେତେ ପରିମାଣର ଚୂନ ପ୍ରୟୋଗ କରିବାକୁ ପଡ଼ିବ ଆନୁମାନିକ ଜାଣିହେବ । ମାଟିର ବୟନ ବାଲିଆ ହୋଇଥିଲେ ହେକ୍ଟର ପ୍ରତି ୧ ଟନ୍, ଦୋରସା ବାଲିଆ ହୋଇଥିଲେ ୧ ଟନ୍ ୩୦୦ କି.ଗ୍ରା. , ଦୋରସା ହୋଇଥିଲେ ୧ ଟନ୍ ୬୭୫ କି.ଗ୍ରା. ଏବଂ କର୍ଦ୍ଦମ ଦୋରସା ହୋଇଥିଲେ ୨ ଟନ୍ ୧୭୫ କି.ଗ୍ରା. କାଗଜକଳ ମଇଳା ଦେବାକୁ ପଡ଼ିବ । କାଗଜକଳ ମଇଳା ସବୁ ସ୍ଥାନରେ ସହଜରେ ମିଳିପାରୁ ନ ଥିବାରୁ ରାଜ୍ୟର କୃଷି ବିଭାଗ ବର୍ତ୍ତମାନ ଡୋଲମାଇଟ୍ ନାମକ ଚୂନ ଜାତୀୟ ଖଣିଜ ପଦାର୍ଥ ଅମ୍ଳମାଟିରେ ପ୍ରୟୋଗ କରିବା ପାଇଁ ପ୍ରୟାସ କରୁଛନ୍ତି। ଡୋଲମାଇଟ୍‌ରେ ଚୂନର ତତ୍ତ୍ୱ ଯଥା କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଅଛି । ଏହା ଅମ୍ଳ ମାଟିରେ ଫସ୍‌ଫରସ୍‌କୁ ଅଧିକ ସକ୍ରିୟକରି ଫସଲକୁ ଯୋଗାଇପାରିବ । ମାଟିରେ ଚୂନ ପ୍ରୟୋଗକରି ଫସ୍‌ଫରସ୍ ଜାତୀୟ ସାର ଫସଲ ପାଇଁ ପ୍ରୟୋଗକଲେ ଫସ୍‌ଫରସ୍‌ର ଗ୍ରହଣୀୟତା ଅଧିକ ବଢ଼ିଥାଏ । ଫସ୍‌ଫରସ୍‌କୁ ଫସଲ ପାଇଁ ଫସ୍‌ଫେଟ୍‌ଆକାରରେ ପ୍ରୟୋଗ କରାଯାଏ । ସବୁ ଫସଲର ଫସ୍‌ଫେଟ୍ ଆବଶ୍ୟକତା ସମାନ ନୁହେଁ। ଧାନ ଫସଲରେ ହେକ୍ଟର ପ୍ରତି ୨୦ ରୁ ୪୦ କିଲୋ ପର୍ଯ୍ୟନ୍ତ ଫସ୍‌ଫେଟ୍ ପ୍ରୟୋଗ କରାଯାଏ ।

ହେକ୍ଟର ପ୍ରତି ଲଘୁ ଧାନରେ ୨୦ କିଲୋ, ମଧ୍ୟମ ଧାନରେ ୩୦ କିଲୋ ଏବଂ ବଡ଼ ଧାନରେ ୪୦ କିଲୋ ପ୍ରୟୋଗ କରାଯାଏ । ଗହମ ଏବଂ ମକାରେ ହେକ୍ଟରକୁ ୪୦ କିଲୋ ଫସ୍‌ଫେଟ୍ ଆବଶ୍ୟକ ହୋଇଥାଏ । ମାଣ୍ଡିଆ ପାଇଁ ୩୦ କିଲୋ ଫସ୍‌ଫେଟ୍ ଏବଂ ମିଲେଟ୍ ପାଇଁ ୧୦ କି.ଗ୍ରା. ଫସ୍‌ଫେଟ୍ ଆବଶ୍ୟକ ହୁଏ । ଡାଲିଜାତୀୟ ଫସଲ ଏବଂ ଚିନାବାଦାମ ପାଇଁ ହେକ୍ଟରକୁ ୪୦ କିଲୋ ଫସ୍‌ଫେଟ୍ ଆବଶ୍ୟକ ହୁଏ । ତୈଳବୀଜ ଜାତୀୟ ଫସଲ ୨୫ ରୁ ୪୦ କିଲୋ ପର୍ଯ୍ୟନ୍ତ ଫସ୍‌ଫେଟ୍ ଆବଶ୍ୟକ କରିଥାନ୍ତି । ତନ୍ତୁଜାତୀୟ ଫସଲ ହେକ୍ଟର ୨୫ ରୁ ୩୦ କିଲୋ ଫସ୍‌ଫେଟ୍ ଆବଶ୍ୟକ କରନ୍ତି । ଆଖୁ ଏବଂ ଆଳୁ ଫସଲ ହେକ୍ଟରକୁ ୬୦ କିଲୋ ଫସ୍‌ଫେଟ୍ ଦରକାର । ସବୁ ପ୍ରକାର ପରିବା ଫସଲ ହେକ୍ଟରକୁ ୫୦ ରୁ ୬୦ କିଲୋ ଫସ୍‌ଫେଟ୍ ଆବଶ୍ୟକ କରନ୍ତି।।ବଜାରରେ ବିଭିନ୍ନ ପ୍ରକାରର ଫସ୍‌ଫେଟ୍ ସାର ମିଳୁଛି । ସେଥିମଧ୍ୟରୁ ସିଙ୍ଗଲ ସୁପର ଫସ୍‌ଫେଟ୍, ମିଶ୍ରିତ ଡାଇ ଆମୋନିୟମ ଫସ୍‌ଫେଟ୍ , ଗ୍ରୋମୋର, ଇଫ୍‌କୋ ଆଦି ମୁଖ୍ୟ। ଫସ୍‌ଫେଟ୍ ଜାତୀୟ ସାରକୁ ଥରକରେ ମଞ୍ଜି ବୁଣା ଏବଂ ଚାରା ରୁଆ ସମୟରେ ପ୍ରୟୋଗ ହୁଏ । ସବୁ ପ୍ରକାର ଫସଲର ମଞ୍ଜି ବୁଣାବେଳେ ଫସ୍‌ଫେଟ୍ ସାରକୁ ବିଞ୍ଛିକରି ପ୍ରୟୋଗ ନ କରି ଧାଡ଼ିରେ କିମ୍ବା ଲଙ୍ଗଳ ସିଆରରେ ପ୍ରୟୋଗ କରିବା ଉଚିତ । କେବଳ ରୁଆ ଧାନରେ କାଦୁଅ ଜମିରେ ଫସ୍‌ଫେଟ୍‌କୁ ବିଞ୍ଛିକରି ପ୍ରୟୋଗ କରାଯାଏ । ପନିପରିବା ଫସଲର ଚାରା ରୋପଣ ବେଳେ ମନ୍ଦାରେ ଚାରାର ଚେ଼ରଠାରୁ ୩ ରୁ ୫ ସେ.ମି. ଦୂରରେ ପ୍ରୟୋଗ କରାଯାଏ । ଫସ୍‌ଫେଟ୍‌କୁ ମାଟିର ସ୍ୱଳ୍ପ ଗଭୀର ଅର୍ଥାତ୍ ୪ ରୁ ୫ ସେ.ମି. ଗଭୀରରେ ପ୍ରୟୋଗ ହୁଏ। ଫସ୍‌ଫେଟ୍ ଉପାଦାନ ମାଟିରେ ଗତିଶୀଳ ନୁହେଁ । ତେଣୁ ଉକ୍ତ ସାରକୁ ଫସଲର ଚେ଼ର ପାଖରେ ପହଞ୍ଚିବା ପରି ସ୍ଥାନରେ ପ୍ରୟୋଗ କରାଯାଏ । ଫସ୍‌ଫେଟ୍ ଉପାଦାନ ମାଟିରେ ପ୍ରୟୋଗ ପରେ ପ୍ରଥମ ଫସଲ ଏଥିରୁ ପ୍ରାୟ ଶତକଡ଼ା ୧୫ ରୁ ୨୦ ଭାଗ ପାଇଥାଏ । ଅବଶିଷ୍ଟ ମାଟିରେ ବାନ୍ଧ ହୋଇ ରହିଥାଏ । ଦ୍ୱିତୀୟ ଫସଲ ଅବଶିଷ୍ଟ ଫସ୍‌ଫେଟ୍‌ର ଶତକଡ଼ା ୬୦ରୁ ୬୫ ଭାଗ ଗ୍ରହଣ କରେ। ବିଶେଷତଃ ଦ୍ୱିତୀୟ ଫସଲ ମାଟିର କିସମ ନେଇ ଫସ୍‌ଫେଟ୍‌ରୁ ଫସ୍‌ଫରସ ଗ୍ରହଣଯୋଗ୍ୟ ହୁଏ । ଲାଲ ଏବଂ ମାଙ୍କଡ଼ା ପଥର ମାଟିରୁ ଦ୍ୱିତୀୟ ଫସଲ ୩୦ ରୁ ୩୫ ଶତକଡା ଫସ୍‌ଫେଟ୍ ପାଇଥାଏ । ପ୍ରଥମ ଏବଂ ଦ୍ୱିତୀୟ ଫସଲ ମାଟିରୁ ଫସ୍‌ଫେଟ୍ ଗ୍ରହଣ କରିବା ମୁଖ୍ୟତଃ ମାଟିର ଫସ୍‌ଫେଟ୍, ବାନ୍ଧି ରଖିବା କ୍ଷମତା ଉପରେ ନିର୍ଭରକରେ, ଯାହାକି ଲାଲ ଏବଂ ମାଙ୍ଗଡ଼ା ପଥର ମାଟିରେ ଅଧିକ ଥାଏ । ମାଟିର ଫସ୍‌ଫେଟ୍ ବାନ୍ଧିରଖିବା କ୍ଷମତା ପୂର୍ଣ୍ଣହେବା ପର୍ଯ୍ୟନ୍ତ ଚାଷୀକୁ ଫସଲରେ ଫସ୍‌ଫେଟ୍ ସାର ଦେବାକୁ ପଡ଼ିବ । ମାଟି ପରୀକ୍ଷାରୁ ଏହା ଜଣାପଡ଼ିଥାଏ । ଚାଷୀ ଫସଲ କରିବା ପୂର୍ବରୁ ମାଟିର ଫସ୍‌ଫେଟ୍‌ର ସ୍ଥିତି ଜାଣିନେବା ଜରୁରୀ । ମାଟିରେ ସୁଲଭ ଫସ୍‌ଫେଟ୍ ପରିମାଣ ହେକ୍ଟର ପିଛା ୨୦ କିଲୋରୁ କମ୍ ଥିଲେ ଫସଲ ପାଇଁ ସୁପାରିସ ଚାହୁଁଥିବା ଫସ୍‌ଫେଟ୍‌ର ୨୫ ଶତକଡା ଅଧିକ ଦେବାକୁ ପଡେ। ସୁଲଭ ଫସ୍‌ଫେଟ୍ ପରିମାଣ ହେକ୍ଟର ପ୍ରତି ୨୧ରୁ ୫୦ କିଲୋ ମଧ୍ୟରେ ରହିଲେ ଫସଲ ପାଇଁ ସୁପାରିସ ଫସ୍‌ଫେଟ୍ ପରିମାଣ ପ୍ରୟୋଗ ଆବଶ୍ୟକ ଥାଏ। ମାଟିରେ ସୁଲଭ ଫସ୍‌ଫେଟ୍ ପରିମାଣ ହେକ୍ଟର ପ୍ରତି ୫୦ କିଲୋରୁ ଅଧିକ ହେଲେ, ଫସଲ ପାଇଁ ସୁପାରିସ ଫସ୍‌ଫେଟ୍‌ର ୨୫ ଶତକଡା କମ୍ ଦେବାକୁ ପଡିବ । ଏହାଦ୍ୱାରା ଫସଲର ଫସ୍‌ଫେଟ୍ ପରିଚାଳନା ସୁକ୍ଷମ ହୁଏ । ଆବଶ୍ୟକ ପରିମାଣର ଫସ୍‌ଫେଟ୍ ସାରକୁ ଯଦି ଏହାର ୫ଗୁଣ ଖତ ସହ ମିଶାଇ ପ୍ରୟୋଗ କରାଯାଏ ତେବେ ଫସ୍‌ଫରସ୍ ଉପାଦାନର କାର୍ଯ୍ୟଦକ୍ଷତା ୨ଗୁଣ ବଢ଼ିଯାଏ। ତେଣୁ ପ୍ରୟୋଗ ଫସ୍‌ଫେଟ୍ ସାରକୁ କିଛି ଶୁଖିଲା ଗୁଣ୍ଡ ଖତ ସହ ମିଶାଇ ପ୍ରୟୋଗ କରିବା ଉଚିତ୍ ।

–ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

''ବଜାରରେ ବିଭିନ୍ନ ପ୍ରକାର ଫସ୍‌ଫେଟ୍ ସାର ମିଳୁଛି । ସେଥିମଧ୍ୟରୁ ସିଙ୍ଗଲ ସୁପର ଫସ୍‌ଫେଟ୍, ମିଶ୍ରିତ ଡାଇଆମୋନିୟମ ଫସ୍‌ଫେଟ୍, ଗ୍ରୋମୋର, ଇଫ୍‌କୋ ଆଦି ମୁଖ୍ୟ। ଫସ୍‌ଫେଟ୍ ଜାତୀୟ ସାରକୁ ଥରକରେ ମଞ୍ଜି ବୁଣା ଏବଂ ଚାରା ରୁଆ ସମୟରେ ପ୍ରୟୋଗ ହୁଏ । ସବୁ ପ୍ରକାର ଫସଲର ମଞ୍ଜି ବୁଣାବେଳେ ଫସ୍‌ଫେଟ୍ ସାରକୁ ବିଞ୍ଛିକରି ପ୍ରୟୋଗ ନ କରି ଧାଡ଼ିରେ କିମ୍ବା ଲଙ୍ଗଳ ସିଆରରେ ପ୍ରୟୋଗ କରିବା ଉଚିତ । କେବଳ ରୁଆଧାନରେ କାଦୁଅ ଜମିରେ ଫସ୍‌ଫେଟ୍‌କୁ ବିଞ୍ଛିକରି ପ୍ରୟୋଗ କରାଯାଏ । ପନିପରିବା ଫସଲର ଚାରା ରୋପଣ ବେଳେ ମନ୍ଦାରେ ଚାରାର ଚେ଼ରଠାରୁ ୩ ରୁ ୫ ସେ.ମି. ଦୂରରେ ପ୍ରୟୋଗ କରାଯାଏ । ଫସ୍‌ଫେଟ୍‌କୁ ମାଟିର ସ୍ୱଳ୍ପ ଗଭୀର ଅର୍ଥାତ୍ ୪ ରୁ ୫ ସେ.ମି. ଗଭୀରରେ ପ୍ରୟୋଗ ହୁଏ ।''



## ଫଳଚାଷ



ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

## ମାଛ ଯାଆଁଳ ଛାଡ଼ିବା ପରେ...



ମାଛ ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନ ପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ। ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ। ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ ।

## ଅଧିକ ଅମଳକ୍ଷମ କାଜୁ



କାଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ ବି.ପି.ପି, ଭୁବନେଶ୍ୱର –୧, ଭି.ଆର.ଇ–୨, ହାଇବ୍ରିଡ୍–୨–୧୭ କିସମ ବ୍ୟବହାର କରନ୍ତୁ। ଜୁଲାଇ ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମିପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ।

# ଧାନତଳି ବୁଡ଼ା ହୋଇଯାଇଥିଲେ



ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହକରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ନୂଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା, ଖଣ୍ଡଗିରି, ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ ୧୩୦ଦିନିଆ କିସମ ଯଥା–ଲଲାଟ, ସୁରେନ୍ଦ୍ର ଆଦି କିସମ ସଂଗ୍ରହକରି କାଦୁଆ ତଳି ଘରାରେ ଧାନ ଗଜାକରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ଅନ୍ୟପକ୍ଷରେ ମଧ୍ୟମ କିସମ ଧାନର ୫୦–୬୦ଦିନିଆ ତଳି ରୁଆଯାଇପାରିବ। ବୁଦା ପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡ଼ିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦–୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡ଼ିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

## ହରଡ଼ରେ ଫୁଲ ଧରୁଥିଲେ...



ବର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡର ପାଣିରେ ବୁଡ଼ାଇ ମାରି ଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶଁବାଳୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି। ତେଣୁ ଏକର ପ୍ରତି ୧୦ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ବିଳମ୍ବରେ ଲଗାଯାଇଥିବା ମୁଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ଲାଗି ଏକର ପ୍ରତି ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।

## ଟମାଟୋ ଚାରା ପାଇଁ ପଟାଳି ପ୍ରସ୍ତୁତି

ଟମାଟୋ ତଳି ଲଗାଉଥିଲେ ୧ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦–୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫–୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବରଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।



## ମଲ୍ଲୀ ଗଛ ଲଗାଉଥିଲେ...



ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା.ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ସେରାଡେକସ୍–ବି ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।

# ବର୍ଷାଦିନେ ପ୍ରାଣୀଙ୍କ ଯତ୍ନ



ବର୍ଷାଦିନେ ପ୍ରାଣୀଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ହୋଇଥାଏ। ସେଥିମଧ୍ୟରୁ ସାହାଣା ଓ ଫାଟୁଆ ଚଉଆ ପ୍ରଧାନ । ସାହାଣା ରୋଗ ପ୍ରାପ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ । ଏହି ରୋଗ ହେଲେ ଗୋରୁଙ୍କ ଶାରୀରିକ ଉତ୍ତାପ ବୃଦ୍ଧି ପାଇ ୧୦୪ରୁ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଙ୍ଘାଣି ବାହାରେ। ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍ସନ୍ ଯଥା ସଲ୍‌ଫାମିଡିନ୍, ଆମ୍ପିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ୩–୫ ଦିନ ପର୍ଯ୍ୟନ୍ତ ଦିଆଗଲେ ସୁଫଳ ମିଳେ। ୨ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗୋରୁଙ୍କୁ ବର୍ଷାଦିନ ଆରମ୍ଭରୁ ଏଚ୍.ଏସ୍. ଟିକା ଦେଇଦେବା ଦରକାର। ଫାଟୁଆ ଚଉଆ ରୋଗରେ ଶାରୀରିକ ଉତ୍ତାପ ୧୦୪ ରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ହଠାତ୍ ଗାଈ ଦୁଗ୍ଧ ଦେବା ବନ୍ଦ କରିଦିଏ। ଖୁରା, ପାଟି, ପହ୍ନା ବା ଚିରରେ ଫୋଟକା ହୋଇ ୨ ରୁ ୩ ଦିନ ମଧ୍ୟରେ ଫାଟି ଘା ସୃଷ୍ଟି ହୁଏ। ଆକ୍ରାନ୍ତ ଗୋରୁର ଖୁରାକୁ ନଖ ଉଷୁମ ପାଣିରେ ୨ ରୁ ୫ ପ୍ରତିଶତ ଖାଇବା ସୋଡ଼ା ସହ ମିଶାଇ ଭଲ ଭାବେ ଧୋଇଦିଅନ୍ତୁ ଓ ସେଥିରେ ହିମ୍‌କ୍ସ ମଲମ ଲଗାନ୍ତୁ। ପାଟିରେ ଘା ହୋଇଥିଲେ ଖାଇବା ସୋଡ଼ା ନଖ ଉଷୁମ ପାଣିରେ ଭଲ ଭାବରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଲଗାନ୍ତୁ। ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଅନ୍ତୁ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁଲାଇ ୧୦/୨୦୨୪ Bhubaneswar, Wednesday, July 10/ 2024

# ସେମିଫାଇନାଲରେ ଭେକିକ୍



ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ କ୍ୱାର୍ଟରଫାଇନାଲ୍‌ରେ ରିଟର୍ନ ଶଟ୍ ଖେଳିବା ଅବସରରେ କ୍ରୋଏସିଆର ଡୋନା ଭେକିକ୍।

## ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ

**ଲଣ୍ଡନ, ୯।୭**

କ୍ରୋଏସିଆର ଡୋନା ଭେକିକ୍ ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ ନ୍ୟୁଜିଲାଣ୍ଡ ଜନ୍ମିତ ସୁଇସ୍ ପ୍ରଫେଶନାଲ ଲୁଲୁ ରାଡୋଭକିକ୍‌ଙ୍କୁ ୫-୭, ୬-୪, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପରାଜୟ ସତ୍ତ୍ୱେ ଚାପର ବଶବର୍ତ୍ତୀ ନ ହୋଇ ଭେକିକ୍ ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୨ଟି ସେଟ୍ ଜିତିଥିଲେ। କୌଣସି ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିବା ଭେକିକ୍‌ଙ୍କ ପାଇଁ ଏହା ପ୍ରଥମ। ୨୦୧୯ ୟୁଏସ୍ ଓପନ ଏବଂ ୨୦୨୩ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟରଫାଇନାଲ ଖେଳିବା ଏହା ପୂର୍ବରୁ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ତେବେ ଏହି ୨ଟି ଯାକ ଟୁର୍ନାମେଣ୍ଟରେ ସେ କ୍ୱାର୍ଟର ଫାଇନାଲରୁ ହାରି ବିଦାୟ ନେଇଥିଲେ।

# ସିରିଜ୍ ବରାବର କଲା ଭାରତ

**ଚେନ୍ନାଇ, ୯।୭:** ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ମହିଳା ଟି୨୦ ସିରିଜକୁ ଅମୀମାଂସିତ ରଖିଛି ଭାରତ। ଚେନ୍ନାଇରେ ଖେଳା ଯାଇଥିବା ଅନ୍ତିମ ମ୍ୟାଚ୍‌କୁ ଭାରତ ୧୦ ଉଇକେଟରେ ଜିତିଥିବା ବେଳେ ସିରିଜ୍ ୧-୧ରେ ରହିଥିଲା। ପ୍ରଥମ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ବର୍ଷାରେ ଧୋଇ ଯାଇଥିଲା। ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୮୪ ରନ୍ କରିଥିଲା। ଜବାବରେ ଭାରତ ୧୦.୫ ଓଭରରେ ବିନା କ୍ଷତିରେ ୮୮ ରନ୍ କରିଥିଲା। ମଙ୍ଗଳବାର ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ବିଗତ ୨ ମ୍ୟାଚ୍ ଧରି ବିଫଳ ହୋଇଥିବା ଭାରତୀୟ ବୋଲିଂ ଲାଇନଅପ୍ ଚମତ୍କାର ପ୍ରଦର୍ଶନ କରିଥିଲା। ପୂଜା ବସ୍ତ୍ରକାର ଚମତ୍କାର ବୋଲିଂ ସହ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ବଳରେ ୧୩ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଓପନର ଟାଜମିନ୍ ବ୍ରିଟ୍ସ ସର୍ବାଧିକ ୨୦ ରନ୍ କରିଥିବା ବେଳେ ୭ ଜଣ ଖେଳାଳି ୨ ଅଙ୍କ ଛୁଇଁ ପାରି ନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆନେକେ ବୋଶ୍ଚ ୧୭ ଓ ମାରିଜେନ୍ କାପ୍ ୧୭ ରନ୍ କରିଥିଲେ। ଏକଦା ୬୧ ରନ୍‌ରେ ୩ ଉଇକେଟ ହରାଇଥିବା ଦକ୍ଷିଣ ଆଫ୍ରିକା ଅନ୍ତିମ ୭ ଉଇକେଟ ମାତ୍ର ୨୩ ରନ୍‌ରେ ହରାଇଥିଲା। ଡ୍ରିଙ୍କ୍ସ ପରବର୍ତ୍ତୀ ଓଭରରେ ମାତ୍ର ୪ ବଲ୍ ବ୍ୟବଧାନରେ ଆନେକେ ବୋଶ୍ଚ ଓ ନାଡିନ୍ ଡି କ୍ଲର୍କଙ୍କୁ ଆଉଟ କରି ପୂଜା ଦକ୍ଷିଣ ଆଫ୍ରିକାର ବିପର୍ଯ୍ୟୟ ଘଟାଇଥିଲେ। ପୂଜା ବସ୍ତ୍ରକାରଙ୍କ ବ୍ୟତୀତ ରାଧା ଯାଦବ ୩, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟାଙ୍କା ପାଟିଲ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୮୫ ରନ୍‌ର ପିଛା କରୁଥିବା ଭାରତ ପକ୍ଷରୁ ଦୁଇ ଓପନର ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ପାୱାର ପ୍ଲେରେ ବିନା କ୍ଷତିରେ ଉଭୟ ୪୦ ରନ୍ ଯୋଡିଥିଲେ। ସ୍ମୃତି ମନ୍ଧାନା ଅପରାଜିତ ୫୪ ରନ୍ କରିଥିବା ବେଳେ ଶେଫାଳି ବର୍ମା ୨୭ ରନ୍‌ରେ ଅପରାଜିତ ରହିଥିଲେ। ମନ୍ଧାନା ୪୦ ବଲ୍ ଖେଳି ୮ ଚୌକା ଓଟ ୨ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଶେଫାଳି ୨୫ ବଲ୍ ଖେଳି ୩ ଚୌକା ମାରିଥିଲେ। **ସଂକ୍ଷିପ୍ତ ସ୍କୋର:** ଦକ୍ଷିଣ ଆଫ୍ରିକା ୧୭.୧ ଓଭରରେ ୮୪/୧୦(ଟାଜମିନ୍ ବ୍ରିଟ୍ସ-୨୦, ଆନେକେ ବୋଶ୍ଚ-୧୭, ମାରିଜେନ୍ କାପ୍-୧୭, ପୂଜା ବସ୍ତ୍ରକାର-୪/୧୩, ରାଧା ଯାଦବ-୩/୬, ଅରୁନ୍ଧତୀ ରେଡ୍ଡୀ-୧/୧୪)। ଭାରତ ୧୦.୫ ଓଭରରେ ୮୮/୦ (ସ୍ମୃତି ମନ୍ଧାନା -୫୪*, ଶେଫାଳି ବର୍ମା-୨୭*)।

# ପାରାଗୁଏ ଫୁଟ୍‌ବଲ୍ କୋଚ୍ ବହିଷ୍କୃତ

**ଆସୁନସିଅନ, ୯।୭ (ଏପି)**

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ପାରାଗୁଏର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଦଳର କୋଚ୍ ଡାନିଏଲ ଗାର୍ନେରୋ ତାଙ୍କ ପଦବୀରୁ ବହିଷ୍କୃତ ହୋଇଛନ୍ତି। ପାରାଗୁଏ କୋପା ଆମେରିକାରେ ଏହାର ସମସ୍ତ ଗ୍ରୁପ୍ ମ୍ୟାଚରେ ପରାଜିତ ହୋଇଛି। ଆମେରିକାରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଦଳ କଲମ୍ବିଆ ନିକଟରୁ ୨-୧, ବ୍ରାଜିଲ ନିଟକରୁ ୪-୧ ଏବଂ କୋଷ୍ଟାରିକା ନିକଟରୁ ୨-୧ରେ ହାରିଯାଇଛି। ଆର୍ଜେଣ୍ଟିନାର ୫୪ ବର୍ଷୀୟ ଗାର୍ନେରୋ ସେପ୍ଟେମ୍ବରରେ ଗୁଇଲରମୋ ବାରୋସ ସ୍କିଲୋଟୋଙ୍କ ସ୍ଥାନ କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ